# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୮/୨୦୧୯ (୨୦ ପୃଷ୍ଠା) | Bhubaneswar, Thursday, August 8/2019 | ★★★★★★

୪୫ଶ ଭାଗ ୨୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ସର୍ବାଧିକ ଆୟକାରୀ ଭାରତୀୟ ମହିଳା ଆଥଲେଟ୍** ୧୯

ଫୋର୍ବସ ପକ୍ଷରୁ ପ୍ରକାଶିତ ବିଶ୍ୱର ସର୍ବାଧିକ ଆୟକାରୀ ମହିଳା ଆଥ୍ଲେଟ୍ ତାଲିକାରେ ବ୍ୟାଡ୍‌ମିଣ୍ଟନ ତାରକା ପି.ଭି. ସିନ୍ଧୁ ଏକମାତ୍ର ଭାରତୀୟ ଭାବେ ସ୍ଥାନ ପାଇଛନ୍ତି।

୧୬ **ଅମିତାଭ ଶ୍ରଦ୍ଧା କପୁରଙ୍କ ପ୍ରିୟ ଅଭିନେତା**

ଶ୍ରଦ୍ଧା କପୁରଙ୍କ ପ୍ରିୟ ଅଭିନେତା ଅମିତାଭ ବଚ୍ଚନ। ହେଲେ ବାପା ଶକ୍ତି କପୁରଙ୍କ ଫିଲ୍ମଗୁଡ଼ିକୁ ସେ ବାରମ୍ବାର ଦେଖିବାକୁ ଭଲପାଆନ୍ତି।



## ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷାଫଳ ପ୍ରକାଶିତ

କଟକ ଅଫିସ,୭।୮: ବୁଧବାର ପ୍ରକାଶ ପାଇଛି ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷାଫଳ। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ନିଜସ୍ୱ ୱେବ୍‌ସାଇଟ www.bseodisha.ac.inରେ ପରୀକ୍ଷାର୍ଥୀ ନିଜ ପରୀକ୍ଷାଫଳ ଜାଣିପାରିବେ। ଚଳିତବର୍ଷର ପାସ୍ ହାର ୪୩.୬୨ ପ୍ରତିଶତ ରହିଛି।

**(ସବିଶେଷ ରିପୋର୍ଟ: ପୃଷ୍ଠା-୩)**

## ରାଜ୍ୟ ପ୍ରଶାସନରେ ବଡ଼ଧରଣର ଅଦଳବଦଳ

ଭୁବନେଶ୍ୱର,୭।୮(ବ୍ୟୁରୋ): ରାଜ୍ୟରେ ବୁଧବାର ଆଇଏଏସ୍ ଅଫିସର ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ସେଥିମଧ୍ୟରୁ ଉନ୍ନୟନ କମିଶନର ଅସିତ୍ କୁମାର ତ୍ରିପାଠୀଙ୍କୁ କେବିକେ ପ୍ରଶାସନର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏ ସମ୍ପର୍କିତ ଏକ ବିଜ୍ଞପ୍ତି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶ ପାଇଛି।

**(ସବିଶେଷ ରିପୋର୍ଟ: ପୃଷ୍ଠା-୩)**

## ରେପୋ ରେଟ୍ ୦.୩୫% ହ୍ରାସ

ମୁମ୍ବାଇ,୭।୮: ଅର୍ଥନୀତିକୁ ପ୍ରୋତ୍ସାହିତ କରିବାକୁ ଯାଇ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବୁଧବାର ରେପୋ ରେଟ୍ ୦.୩୫% ହ୍ରାସ କରିଛି। ମୁଦ୍ରାନୀତି କମିଟି(ଏମ୍‌ପିସି)ର ତିନିଦିନିଆ ବୈଠକ ଶେଷରେ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ସୁଧ ହାର ହ୍ରାସ ସମ୍ପର୍କରେ ଘୋଷଣା କରାଯାଇଛି। ଫଳରେ ରେପୋ ରେଟ ୫.୭୫ରୁ ୫.୪୦ ପ୍ରତିଶତକୁ ଖସି ଆସିଛି, ଯାହା କି ୯ ବର୍ଷ ପରେ ସର୍ବନିମ୍ନ ସ୍ତର କୁହାଯାଉଛି। ଏଥିପୂର୍ବରୁ ୨୦୧୦ ଏପ୍ରିଲରେ ରେପୋ ରେଟ ୫.୨୫%ର ସର୍ବନିମ୍ନ ସ୍ତର ଛୁଇଁଥିଲା। ଏମ୍‌ପିସିର ୬ ସଦସ୍ୟଙ୍କ ମଧ୍ୟରୁ ୪ ଜଣ ରବୀନ୍ଦ୍ର ଢ଼ୋଲକିଆ,ଦେବବ୍ରତ ପାତ୍ର, ବିଭୁ ପ୍ରସାଦ ଏବଂ ଗଭର୍ନର ଶକ୍ତିକାନ୍ତ ଦାସ ୦.୩୫% ରେପୋ ରେଟ ହ୍ରାସକୁ ସମର୍ଥନ କରିଥିବା ବେଳେ ଅନ୍ୟ ଦୁଇଜଣ ଚେତନ ଘଟେ ଏବଂ ପାମୀ ଦୁଆ ୦.୨୫% କମାଇବାକୁ ଯୁକ୍ତି ଦର୍ଶାଇଥିଲେ। ଆର୍‌ବିଆଇ ପକ୍ଷରୁ ରିଭର୍ସ ରେପୋ ରେଟକୁ ୫.୧୫%କୁ ହ୍ରାସ କରାଯାଇଛି। ପୂର୍ବରୁ ଏହା ୫.୫୦ ପ୍ରତିଶତ ରହିଥିଲା। ସୂଚନାଥାଉ କି, ରିଜର୍ଭ ବ୍ୟାଙ୍କ ଚଳିତ ବର୍ଷ ଫେବୃୟାରୀ ୭, ଏପ୍ରିଲ ୪, ଜୁନ୍ ୬ରେ ତିନି ଥରରେ ୦.୨୫% ଲେଖାଏ ମୋଟ ୦.୭୫% ରେପୋ ରେଟ ହ୍ରାସ କରିସାରିଛି। କ୍ରମାଗତ ଚତୁର୍ଥଥର ଆର୍‌ବିଆଇ ରେପୋ ରେଟ୍ ହ୍ରାସ କରି ଇତିହାସ ରଚିଛି। ଗଭର୍ନର ଦାସ କହିଛନ୍ତି ଯେ, ରେପୋ ରେଟ୍ ୩୫ ବେସିସ୍ ପଏଣ୍ଟ ହ୍ରାସ ସନ୍ତୁଳିତ ଥିବା ମନେ ହେଉଛି। ବର୍ତ୍ତମାନ ପରିସ୍ଥିତିରେ ୨୫ ବେସିସ୍ ପଏଣ୍ଟ ହ୍ରାସ ଆବଶ୍ୟକତା ଠାରୁ କମ୍ ହେବ ବୋଲି ଅନୁଭବ ହୋଇଥିଲା।



## ପଞ୍ଚଭୂତରେ ଲୀନ ସୁଷମା

- ଝିଅ ବାଂଶୁରୀ ଦେଲେ ମୁଖାଗ୍ନି
- ଦିଆଗଲା ରାଷ୍ଟ୍ରୀୟ ମର୍ଯ୍ୟାଦା
- ଦିଲ୍ଲୀ ଓ ହରିୟାଣାରେ ଦୁଇଦିନିଆ ଶୋକ

ନୂଆଦିଲ୍ଲୀ, ୭।୮(ପି.ଟି.)

ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଦିଲ୍ଲୀର ଲୋଧିରୋଡ୍‌ସ୍ଥିତ ଶ୍ମଶାନ ଘାଟରେ ବୁଧବାର ଅପରାହ୍ନରେ ସମ୍ପନ୍ନ କରାଯାଇଛି। ସ୍ୱାମୀ ସ୍ୱରାଜ କୌଶଲଙ୍କ ଉପସ୍ଥିତିରେ ଝିଅ ବାଂଶୁରୀ ମୁଖାଗ୍ନି ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, ଦଳର ବରିଷ୍ଠ ନେତା ଏଲ୍.କେ. ଆଡଭାନୀ, ଉପରାଷ୍ଟ୍ରପତି ଏମ. ଭେଙ୍କାୟା ନାଇଡୁ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଭାଜପା କାର୍ଯ୍ୟକାରୀ ଅଧ୍ୟକ୍ଷ ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡ଼କରୀଙ୍କ ସମେତ ଏନ୍‌ଡିଏର ଅନେକ ନେତା, ଭୁଟାନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ସେରିଙ୍ଗ୍ ତୋବ୍‌ଗେଙ୍କ ସୁଷମାଙ୍କୁ ଶେଷସମ୍ମାନ ଜଣାଇଥିଲେ। ହଜାର ହଜାର ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହି ସୁଷମାଙ୍କୁ ଅଶ୍ରୁଳ ବିଦାୟ ଦେଇଥିଲେ। ଅନ୍ୟ ନେତାଙ୍କ ମଧ୍ୟରେ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ, କଂଗ୍ରେସ ନେତା ଆନନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ପୂର୍ବାହ୍ନରେ ମଥାରେ ବଡ଼ ବିନ୍ଦି, ଲାଲ୍ ଓଢଣୀ ସହ ବଧୂବେଶରେ ସଜ୍ଜିତ ସୁଷମାଙ୍କ ପାର୍ଥିବ ଶରୀରକୁ ଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟକୁ ଜନସାଧାରଣଙ୍କ ଦର୍ଶନ ଲାଗି ଅଣାଯାଇଥିଲା। ଏହାପରେ ପାର୍ଥିବ ଶରୀରକୁ ଏକ ସୁସଜ୍ଜିତ ଯାନରେ ଲୋଧିରୋଡ୍‌ସ୍ଥିତ ଶ୍ମଶାନ ଘାଟକୁ ଅଣାଯାଇଥିଲା। ପ୍ରକାଶଥାଉ କି, ହରିୟାଣାର ଅମ୍ବାଲାରେ ଜନ୍ମିତ ଏହି ମହାନ୍ ନେତ୍ରୀ ଦିଲ୍ଲୀର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହେବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀର ଅଧିକାରିଣୀ ଥିଲେ। ତାଙ୍କ ଦେହାନ୍ତ ପରେ ବୁଧବାର ହରିୟାଣା ସରକାରଙ୍କ ପକ୍ଷରୁ ତାଙ୍କ ସମ୍ମାନାର୍ଥେ ଦୁଇଦିନିଆ ଶୋକ ପାଳନ ଲାଗି ଘୋଷଣା କରାଯାଇଛି। ଦିଲ୍ଲୀରେ ମଧ୍ୟ ଅନୁରୂପ ଭାବେ ଦୁଇଦିନିଆ ଶୋକ ପାଳନ କରାଯିବ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଦିଆ ଏନେଇ ଟୁଇଟ୍ କରିଛନ୍ତି। ବହୁ ବଡ ପ୍ରତିଷ୍ଠାନରେ ଉଡୁଥିବା ଜାତୀୟ ପତାକାକୁ ବୁଧବାର ଓ ଗୁରୁବାର ଏଥିଲାଗି ଅର୍ଦ୍ଧନମିତ ରଖାଯିବ। ଉଲ୍ଲେଖଯୋଗ୍ୟ, ଦିଲ୍ଲୀର ଏମ୍ସରେ ମଙ୍ଗଳବାର ରାତିରେ ମାତ୍ର ୬୭ ବର୍ଷ ବୟସରେ ସୁଷମା ହୃଦଘାତରେ ପ୍ରାଣ ହରାଇଥିଲେ।

■ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ପାକିସ୍ତାନର ଦୃଢ଼ ବିରୋଧ

# କୂଟନୈତିକ ସମ୍ପର୍କ ଛିନ୍ନ କଲା

ଇସ୍‌ଲାମାବାଦ,୭।୮

ଭାରତ ସହ ସମସ୍ତ ପ୍ରକାର କୂଟନୈତିକ ଓ ବାଣିଜ୍ୟିକ ସମ୍ପର୍କ ଛିନ୍ନ କରିବାକୁ ପାକିସ୍ତାନ ନିଷ୍ପତ୍ତି ନେଇଛି। ଏଥିସହ ଇସ୍‌ଲାମାବାଦରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ଅଜୟ ବିସାରିଆଙ୍କୁ ବହିଷ୍କାର କରିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଇସ୍‌ଲାମାବାଦସ୍ଥିତ ଅଫିସ୍‌ରେ ବୁଧବାର ଅନୁଷ୍ଠିତ ଜାତୀୟ ସୁରକ୍ଷା କମିଟି (ଏନ୍‌ଏସ୍‌ସି) ବୈଠକ ପରେ ଏହି ପଦକ୍ଷେପ ନିଆଯାଇଛି। ଭାରତ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରି ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପ୍ରତିବାଦରେ ପାକିସ୍ତାନ ଏପରି କରିଥିବା ଏକ ବିବୃତିରେ କୁହାଯାଇଛି।

ଜମ୍ମୁ-କଶ୍ମୀରକୁ ନେଇ ଭାରତର ସଦ୍ୟ ପଦକ୍ଷେପ ପରେ ପାକିସ୍ତାନ ଛାନିଆ ହୋଇଯାଇଛି। ଏଥିଯୋଗୁ ଭାରତରେ ପୁଣି ପୁଲୱାମା ଭଳି ଆକ୍ରମଣ ହେବ ବୋଲି ପ୍ରଧାନମନ୍ତ୍ରୀ ଇମ୍ରାନ୍ ମଙ୍ଗଳବାର ଧମକ ଦେଇ ଯୁଦ୍ଧଭୟ ଦେଖାଇଥିଲେ। ଏହାର ଦିନକ ପରେ ଏନ୍‌ଏସ୍‌ସି ବୈଠକରେ ସେ ଅଧ୍ୟକ୍ଷତା କରିଛନ୍ତି। ଏଥିରେ ସେଠାକାର ବହିର୍ବ୍ୟାପାର ମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ, ପ୍ରତିରକ୍ଷାମନ୍ତ୍ରୀ, କଶ୍ମୀର ବ୍ୟାପାରର ପରାମର୍ଶଦାତା, ତିନି ସେନା ମୁଖ୍ୟ, ଆଇଏସ୍‌ଆଇ ମୁଖ୍ୟଙ୍କ ସମେତ ଅନେକ ପ୍ରଶାସନିକ ଓ ସାମରିକ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ କଶ୍ମୀର ସମ୍ପର୍କରେ ଭାରତର ନିଷ୍ପତ୍ତିକୁ ଏକତରଫା ଓ ବେଆଇନ ବୋଲି ସେମାନେ ଅଭିହିତ କରିଥିଲେ। କଶ୍ମୀରୀଙ୍କ ସମର୍ଥନରେ ପାକିସ୍ତାନ ଅଗଷ୍ଟ ୧୪ରେ ସ୍ୱାଧୀନତା ଦିବସ ପାଳନ କରିବ। ସେହିପରି ଭାରତର ସ୍ୱାଧୀନତା ଦିବସ ଅଗଷ୍ଟ ୧୫କୁ କଳାଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ନୂଆଦିଲ୍ଲୀ ସହ ଦ୍ୱିପାକ୍ଷିକ ସମ୍ପର୍କ ସମୀକ୍ଷା କରିବା ଏବଂ ଭାରତର ପଦକ୍ଷେପ ନେଇ ଜାତିସଂଘ ସୁରକ୍ଷା ପରିଷଦରେ ଆପତ୍ତି ଉଠାଇବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଥିବା କୁହାଯାଉଛି। ସୀମାରେ ସେନାକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଏନ୍‌ଏସ୍‌ସି ବୈଠକରେ ନିଷ୍ପତ୍ତି



- ଭାରତୀୟ ଉଚ୍ଚାୟୁକ୍ତଙ୍କୁ ବହିଷ୍କାର କଲା
- ପାକ୍ ଉଚ୍ଚାୟୁକ୍ତ ପ୍ରତ୍ୟାହୃତ
- ଅଗଷ୍ଟ ୧୫କୁ କଳାଦିବସ ପାଳନ କରିବ
- ସମସ୍ତ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା ହେବ

ଏହା ପୂର୍ବରୁ ପାକିସ୍ତାନ ପାର୍ଲାମେଣ୍ଟର ଜରୁରିକାଳୀନ ମିଳିତ ଅଧିବେଶନରେ ଇମ୍ରାନ୍‌ଙ୍କ ଘନିଷ୍ଠ ସହଯୋଗୀ ତଥା ମନ୍ତ୍ରୀ ଫୱାଦ୍ ଚୌଧୁରୀ କହିଥିଲେ, ଭାରତୀୟ ରାଷ୍ଟ୍ରଦୂତ ଏଠାରେ କାହିଁକି ଅଛନ୍ତି ଏବଂ ଆମ ରାଷ୍ଟ୍ରଦୂତ ସେଠାରେ କ'ଣ କରୁଛନ୍ତି। ଆମେ କାହିଁକି ଦୁଇଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଛିନ୍ନ ନ କରିବା। ଯଦି କୌଣସି କୂଟନୀତି ନାହିଁ ତେବେ କୂଟନୀତିଜ୍ଞଙ୍କ ଉପରେ କାହିଁକି ଅର୍ଥ ବ୍ୟୟ କରିବା ବୋଲି ପ୍ରଶ୍ନ କରିଥିଲେ। ସେ ଭାରତୀୟ ଉଚ୍ଚାୟୁକ୍ତ ଅଜୟ ବିସାରିଆଙ୍କୁ ଜଣେ ଭଲବ୍ୟକ୍ତି ଭାବେ ପ୍ରଶଂସା କରିଥିବାବେଳେ ଭାରତ ସରକାରଙ୍କ ପଦକ୍ଷେପକୁ ସମାଲୋଚନା କରିଥିଲେ। ଏହାର କିଛି ସମୟ ପରେ ପାକିସ୍ତାନ ଉଚ୍ଚାୟୁକ୍ତ ଅଜୟଙ୍କୁ ବହିଷ୍କାର କରିଥିବା ନେଇ ସେଠାକାର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ଘୋଷଣା କରିଛନ୍ତି। ଭାରତରେ ଅବସ୍ଥାପିତ ପାକିସ୍ତାନ ଉଚ୍ଚାୟୁକ୍ତ ମୋଇନ୍-ଉଲ୍-ହକ୍‌ଙ୍କୁ ନୂଆଦିଲ୍ଲୀରୁ ପ୍ରତ୍ୟାହାର କରିନେଇଛି ଇସ୍‌ଲାମାବାଦ।

## ୩୭୦ ଉଚ୍ଛେଦକୁ ରାଷ୍ଟ୍ରପତିଙ୍କ ମୋହର

ନୂଆଦିଲ୍ଲୀ,୭।୮(ପି.ଟି./ଆଇଏଏନ୍‌ଏସ୍)

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ନେଇ ପାର୍ଲାମେଣ୍ଟରେ ସଂକଳ୍ପନାମା ଗୃହୀତ ହେବା ପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହା ଉପରେ ମୋହର ମାରିଛନ୍ତି। ଏଥିସହ ଜମ୍ମୁ-କଶ୍ମୀର ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ହରାଇବା ସହ ଭାରତୀୟ ସମ୍ବିଧାନ ଅଧୀନକୁ ଚାଲିଆସିଛି। ଏଣିକି ଏହି କେନ୍ଦ୍ରଶାସିତ ଅଞ୍ଚଳରେ ସମ୍ବିଧାନର ସମସ୍ତ ନିୟମ ଲାଗୁ ହେବ।



ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ହଟାଇବା ଏବଂ ଜମ୍ମୁ-କଶ୍ମୀରକୁ ଦୁଇଭାଗ କରି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପାଇଁ ଉଦ୍ଦିଷ୍ଟ ବିଲ୍‌ରେ ମଙ୍ଗଳବାର ବିଳମ୍ବିତ ରାତିରେ ରାଷ୍ଟ୍ରପତି ସ୍ୱାକ୍ଷର କରିଥିବା ରାଷ୍ଟ୍ରପତି ଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ପାର୍ଲାମେଣ୍ଟର ସୁପାରିସ କ୍ରମେ ସମ୍ବିଧାନ ଅନୁଚ୍ଛେଦ ୩୭୦ ଧାରା (୩)ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ରାଷ୍ଟ୍ରପତି ୨୦୧୯ ଅଗଷ୍ଟ ୬ରେ ଅନୁଚ୍ଛେଦ ୩୭୦ରେ ଥିବା ସମସ୍ତ ନିୟମକୁ ହଟାଇଦେଇଛନ୍ତି। ପ୍ରକାଶ ଯେ, ଏ ସମ୍ପର୍କିତ ସଂକଳ୍ପନାମା ଓ ବିଲ୍ ସୋମବାର ରାଜ୍ୟ ସଭାରେ ଗୃହୀତ ହୋଇଥିବାବେଳେ ମଙ୍ଗଳବାର ଲୋକ ସଭାରେ ଏହାକୁ ମଞ୍ଜୁରୀ ମିଳିଥିଲା। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏବେ ଏହା ଆଇନରେ ପରିଣତ ହୋଇଛି।

**ଆଜିର ସମ୍ପାଦକୀୟ**

କିଏ ପ୍ରାଣୀ କିଏ ଉଦ୍ଭିଦ

**ଆଜିର ମନ୍ତବ୍ୟ**

"ଭାରତର ଏକତା ଲାଗି ଆଞ୍ଚଳିକ ଭାଷାକୁ କେନ୍ଦ୍ର ଗୁରୁତ୍ୱ ଦେବା ଜରୁରୀ।"

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE 07.08.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 57 | 102 | 112 |
| DKL | 55 | 100 | 110 |
| BDK | 57 | 102 | 112 |
| BLS | 58 | 103 | 113 |
| ANG | 56 | 101 | 111 |
| BHM | 54 | 98 | 108 |

*Conditions Apply

Eggs Retail Price- 43/-Dozen
Issued in the Interest of Consumers


## ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲା | ହାଫିଜ୍ ସଇଦ ଦୋଷୀ

ଲାହୋର,୭।୮(ପି.ଟି.)



ଆମେରିକାର ତାଗିଦ ପରେ ଚାର୍ଜଶିଟ୍ ଦାଖଲ

୨୦୦୮ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜମାତ୍-ଉଦ୍ ଦାୱା ସଂଗଠନର ମୁଖ୍ୟ ହାଫିଜ୍ ସଇଦଙ୍କୁ ବୁଧବାର ପାକିସ୍ତାନର ଏକ ଅଦାଲତରେ ଆତଙ୍କବାଦ ନିରୋଧୀ ବିଭାଗ(ସିଟିଡି) ଦୋଷୀ ଘୋଷଣା କରିଛି। ଜାତିସଂଘ ଦ୍ୱାରା ଆତଙ୍କବାଦୀ ଘୋଷିତ ହାଫିଜ୍‌ଙ୍କୁ ବୁଧବାର କଡ଼ା ସୁରକ୍ଷା ମଧ୍ୟରେ ଗୁଜରାନ୍‌ୱାଲାସ୍ଥିତ ଆତଙ୍କବାଦ ନିରୋଧୀ କୋର୍ଟରେ ହାଜର କରାଯାଇଥିଲା। ତାଙ୍କ ବିରୋଧରେ ପଞ୍ଜାବ ପୋଲିସ୍‌ର ସିଟିଡି ପକ୍ଷରୁ ଚାର୍ଜଶିଟ୍ ଦାଖଲ କରାଯାଇଛି। ଏହି ମାମଲା ପଞ୍ଜାବର ମଣ୍ଡି ଭାଉଦ୍ଦିନ ଜିଲାର ହୋଇଥିବାରୁ ଏହାକୁ ଗୁଜରାଟ୍ ଜିଲା ଏଟିସି କୋର୍ଟକୁ ସ୍ଥାନାନ୍ତର କରିବାକୁ ସରକାରୀ ଓକିଲ ଦାବି କରିଥିଲେ। ତାଙ୍କ ଅନୁରୋଧକ୍ରମେ ମାମଲାକୁ ଗୁଜରାନ୍‌ୱାଲାସ୍ଥିତ ଏଟିସି କୋର୍ଟରୁ ଗୁଜରାଟ୍ ଏଟିସିକୁ ସ୍ଥାନାନ୍ତର ହୋଇଛି। ତେଣୁ ପରବର୍ତ୍ତୀ ଶୁଣାଣି ଉକ୍ତ କୋର୍ଟରେ ହେବ।

ନିଷିଦ୍ଧ ଆତଙ୍କବାଦୀ ସଂଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନରେ କେତେ ଆଖିଦୃଶିଆ ଅଗ୍ରଗତି ହୋଇଛି ଦେଖାଇବା ପାଇଁ ଆମେରିକା ପାକିସ୍ତାନକୁ କହିବା ପରେ ହାଫିଜ୍‌ଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ହୋଇଥିବା କୁହାଯାଉଛି। ଇସ୍‌ଲାମାବାଦକୁ ଆର୍ଥିକ କାର୍ଯ୍ୟାନୁଷ୍ଠାନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ଧୂସର ତାଲିକାରୁ ବାଦ୍ ପଡିବାକୁ ହେଲେ ଆତଙ୍କବାଦୀ ସଂଗଠନଗୁଡ଼ିକ ବିରୋଧରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେବାକୁ ହେବ ବୋଲି ଆମେରିକା ସ୍ପଷ୍ଟ କରିଦେଇଥିଲା। ଗତ ଜୁନ୍ ମାସରେ ଆମେରିକା ପ୍ରତିନିଧି ଦଳ ଇସ୍‌ଲାମାବାଦ ଆସି ସରକାରଙ୍କ ଆତଙ୍କବାଦୀ ନିରୋଧୀ କାର୍ଯ୍ୟାନୁଷ୍ଠାନର ସମୀକ୍ଷା କରିଥିଲେ।

## ସାରା ରାଜ୍ୟରେ ଲଗାଣ ବର୍ଷା | ୫ ଜିଲାରେ ବନ୍ୟା ପରିସ୍ଥିତି

ଭୁବନେଶ୍ୱର, ୭।୮(ବ୍ୟୁରୋ)

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଗଭୀର ଅବପାତରେ ପରିଣତ ହୋଇଛି। ବାଲେଶ୍ୱର ଉପକୂଳଠାରୁ ୭୦ କିଲୋମିଟର ଦୂର ଦକ୍ଷିଣ-ପୂର୍ବ ଦିଗରେ ଏହା କେନ୍ଦ୍ରୀଭୂତ ହୋଇଛି। ଏହା କ୍ରମଶଃ ଘନୀଭୂତ ହୋଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗ ଆଡ଼କୁ ଗତି କରୁଛି। ଧୀରେ ଧୀରେ ଏହା ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳ ଅତିକ୍ରମ କରିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏହା ପ୍ରଭାବରେ ସାରା ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି। ଲଗାଣ ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ଜିଲାରେ ଥିବା ନଦୀରେ ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ କନ୍ଧମାଳ ଆଦି ୫ ଜିଲାରେ ବନ୍ୟା ଯୋଗୁ ସାଧାରଣ ଜୀବନଯାତ୍ରା ଗୁରୁତର ପ୍ରଭାବିତ ହୋଇଛି। ବିଶେଷକରି ବଂଶଧାରା ନଦୀ ବନ୍ୟାଜଳରେ ରାୟଗଡ଼ା ଜିଲାର ଗୁଡ଼ାରୀ, ବିଷମକଟକ ଏବଂ କନ୍ଧମାଳ ଜିଲାର କେତେକ ସ୍ଥାନରେ ବ୍ରିଜ୍ ଓ ରାସ୍ତା ବୁଡ଼ିଯାଇଥିବା ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ବିଷ୍ଣୁପଦ ସେଠୀ ସୂଚନା ଦେଇଛନ୍ତି।

ତାଙ୍କ ସୂଚନାନୁସାରେ, ରାୟଗଡ଼ାର କାଶୀପୁର ଓ ଗୁଣପୁରରେ ବଂଶଧାରା ଜଳସ୍ତର ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି। କାଶୀପୁରଠାରେ ୫୪.୬ ମିଟର ବିପଦ ସଙ୍କେତ ଥିବାବେଳେ ସନ୍ଧ୍ୟା ସୁଦ୍ଧା ୫୫.୭୫ ମିଟର ଉପରେ ବନ୍ୟାଜଳ ରହିଥିଲା। ସେହିପରି ଗୁଣପୁରରେ ୮୪ ମିଟର ବିପଦ ସଙ୍କେତ ଥିବାବେଳେ ୮୫.୧୦ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଥିଲା। ବଂଶଧାରା ଫୁଲୁଥିବାରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଉଦ୍ଧାର କାର୍ଯ୍ୟରେ ଓଡ୍ରାଫ ଟିମ୍ ଓ ଅଗ୍ନିଶମ ବିଭାଗ ସାମିଲ ହୋଇଛି। ମାଲକାନଗିରି ଜିଲାରେ ପ୍ରାୟ ସମସ୍ତ ବ୍ରିଜ୍ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ମାଲକାନଗିରିରୁ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଓ ଜୟପୁରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲାପାଳଙ୍କ ସହ ଯୋଗାଯୋଗ କରାଯାଇଥିବା ନେଇ ଏସ୍‌ଆର୍‌ସି ସେଠୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବୁଧବାର ରାଜ୍ୟରେ ୩ ବ୍ଲକ୍‌ରେ ୩୦୦ ମିମି ଉପରେ ବର୍ଷା ହୋଇଥିବାବେଳେ ୭ ବ୍ଲକ୍‌ରେ ୨୦୦ରୁ ୩୦୦ମିମି ଏବଂ ୬୭ ବ୍ଲକରେ ୧୦୦ରୁ ୨୦୦ମିମି ବର୍ଷା ରେକର୍ଡ କରାଯାଇଛି। ଏଥିମଧ୍ୟରୁ କଳାହାଣ୍ଡି ଲାଞ୍ଜିଗଡ଼ରେ ସର୍ବାଧିକ ୩୮୨.୬ ମିମି ବର୍ଷା ହୋଇଛି। ଏହାଛଡ଼ା ରାୟଗଡ଼ା କାଶୀପୁରରେ ୩୧୭.୪ ମିମି, କନ୍ଧମାଳ କୋଟଗାଡ଼ରେ ୩୦୮ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ସେପଟେ ବନ୍ୟା ସମୟରେ ସ୍ୱାସ୍ଥ୍ୟ ସେବା ପ୍ରତି ଗୁରୁତ୍ୱ ଦେବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିପାଇଁ ମାଲକାନଗିରି, ରାୟଗଡ଼ା, ଗଞ୍ଜାମ, କନ୍ଧମାଳ, କୋରାପୁଟ, ନବରଙ୍ଗପୁର ଓ ଗଜପତି ଆଦି ୭ ଜିଲାରେ ୨ଜଣ ଲେଖାଏ ମୋଟ ୧୪ଜଣ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ସ୍ଥିତି ଅନୁଧ୍ୟାନ କରି ସିଡିଏମ୍‌ଓ ଓ ପିଏଚ୍‌ଓଙ୍କୁ ରିପୋର୍ଟ ଦେବା ପାଇଁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ଗୁରୁବାର ଦିନସାରା ମଧ୍ୟ ବର୍ଷା ଲାଗି ରହିବ। ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ଅତି ପ୍ରବଳ ବର୍ଷା ହେବ। ଏଥିପାଇଁ ୧୩ ଜିଲାକୁ ରେଡ୍ ୱାର୍ନିଂ ଜାରି କରାଯାଇଥିବାବେଳେ ୧୦ ଜିଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ସେହିଭଳି ୯ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ବରଗଡ଼, ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର ଓ ସୁନ୍ଦରଗଡ଼ ଆଦି ୬ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।



ରାୟଗଡ଼ା ଜିଲା ଅମ୍ବାଦଳା ରେଳଷ୍ଟେସନ ନିକଟରେ ବୁଧବାର ପାଣିକୁ ଖସିପଡ଼ିଥିବା ମାଲବାହୀ ଟ୍ରେନ୍ ବଗି

**ଧୋଇଗଲା ଟ୍ରାକ୍, ପାଣିକୁ ଖସିଲା ମାଲବାହୀ ଟ୍ରେନ୍ ବଗି** ପୃଷ୍ଠା-୪

## ପୋଲିସ ଡିଜି ହେଲେ ବି.କେ. ଶର୍ମା

**ଆଜି ନେବେ ଅତିରିକ୍ତ ଦାୟିତ୍ୱ**



ଭୁବନେଶ୍ୱର, ୭।୮(ବ୍ୟୁରୋ)

ବିଜୟ କୁମାର ଶର୍ମା ହେଲେ ନୂଆ ପୋଲିସ ମହାନିର୍ଦ୍ଦେଶକ (ଡିଜି)। ଗୃହ ବିଭାଗ ପକ୍ଷରୁ ଶର୍ମାଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ନେଇ ବୁଧବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସେ ଅଗ୍ନିଶମ ଡିଜି ସହ ଏହି ଦାୟିତ୍ୱ ସମ୍ଭାଳିବେ। ଗୁରୁବାର ରାଜ୍ୟ ପୋଲିସ ମୁଖ୍ୟାଳୟରେ ଶର୍ମା ଦାୟିତ୍ୱ ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ପୋଲିସ ଡିଜି ଥିବା ଡା. ଆର୍.ପି. ଶର୍ମା ଲୋକାୟୁକ୍ତ ସଦସ୍ୟ ଭାବେ ମନୋନୀତ ହେବାପରେ ଏହି ପଦକୁ ନେଇ ଏକାଧିକ ନାମ ଚର୍ଚ୍ଚାକୁ ଆସିଥିଲା। ଶେଷରେ ୧୯୮୬ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ତଥା ରାଜ୍ୟ ଅଗ୍ନିଶମ ଡିଜି ଶର୍ମାଙ୍କୁ ଏହି ନୂଆ ଅତିରିକ୍ତ ଦାୟିତ୍ୱ ମିଳିଛି। ଶର୍ମା ୩୩ ବର୍ଷ ଧରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧୀନରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଆସିଛନ୍ତି। ୨୦୦୮ରୁ ୨୦୧୨ ପର୍ଯ୍ୟନ୍ତ କଟକ-ଭୁବନେଶ୍ୱର ପୋଲିସ କମିଶନର ଦାୟିତ୍ୱ ସମ୍ଭାଳିଛନ୍ତି।

# ସୁଷମାଙ୍କୁ ଅଶ୍ରୁଳ ବିଦାୟ

ଭାରତର ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ, ଦିଲ୍ଲୀର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିଥିବା ଭାଜପା ନେତ୍ରୀ ସୁଷମା ସ୍ୱରାଜଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ବୁଧବାର ନୂଆଦିଲ୍ଲୀର ଲୋଧିରୋଡ଼ସ୍ଥିତ ଶ୍ମଶାନ ଘାଟରେ ସମ୍ପନ୍ନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ସହ ବହୁ ବରିଷ୍ଠ ନେତା ଏହି ଅବସରରେ ଯୋଗ ଦେଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଜଣେ ସଚ୍ଚୋଟ, ନିର୍ଭୀକ ଜନସେବକଭାବେ ସେ ଚିରକାଳ ସ୍ମରଣୀୟ ହୋଇ ରହିବେ। ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ଆଲେଖ୍ୟ।



## ଶେଷକୃତ୍ୟ ପୂର୍ବରୁ ବଧୂ ବେଶ

ଅନ୍ତିମ ଯାତ୍ରାରେ ବାହାରିବା ପୂର୍ବରୁ ବଧୂ ବେଶରେ ସଜେଇ ହୋଇଛନ୍ତି ଭାଜପାର ବରିଷ୍ଠ ନେତ୍ରୀ ସୁଷମା ସ୍ୱରାଜ୍। ମଥାରେ ବଡ ବିନ୍ଦି, ଲାଲ ଓଢଣୀରେ ତାଙ୍କୁ ସଜେଇ ଦେଇଛନ୍ତି ଏକମାତ୍ର ଝିଅ ବାଂଶୁରୀ। ସୁଷମା ସବୁବେଳେ ଭାରତୀୟ ନାରୀର ଭୂଷଣ ଶାଢି ଏବଂ ବଡ ବିନ୍ଦି ଲଗାଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଏପରିକି ସେ ବହିର୍ବ୍ୟାପାର ମନ୍ତ୍ରୀ ଥିବାବେଳେ ବିଦେଶ ଗସ୍ତରେ ମଧ ସେ ନିଜ ପରିଚୟ ଭୁଲି ନ ଥିଲେ। ସବୁଠି ଶାଢି ଏବଂ ବିନ୍ଦି ଲଗାଇ ବିଶ୍ୱର ବଡ ବଡ ନେତାଙ୍କୁ ଭେଟୁଥିଲେ। ମୃତ୍ୟୁ ପରେ ବି ତାଙ୍କୁ ବଡ ବିନ୍ଦିରେ ସଜେଇ ବିଦାୟ ଦିଆଯାଇଛି।



ସୁଷମାଙ୍କ ଶେଷକୃତ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି,ଲାଲକୃଷ୍ଣ ଆଡଭାନୀ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ।

## କାନ୍ଧ ଦେଲେ ରାଜନାଥ-ନଡ୍ଡା

ଭାଜପାର ବରିଷ୍ଠ ନେତ୍ରୀ ସୁଷମା ସ୍ୱରାଜଙ୍କର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ଚାରିଆଡେ ଶୋକର ଛାୟା ଖେଳିଯାଇଛି। ଭାଜପା କାର୍ଯ୍ୟାଳୟରୁ ତାଙ୍କ ମୃତ୍ୟୁ ଶରୀରକୁ ଅନ୍ତିମ ଯାତ୍ରାରେ ନିଆଯାଇଛି। ତାଙ୍କ ମୃତଦେହକୁ କାନ୍ଧ ଦେଇଛନ୍ତି ଭାଜପା ନେତା ରାଜନାଥ ସିଂ ଏବଂ ଜେପି ନଡ୍ଡା। ଲକ୍ଷାଧିକ ଲୋକ ତାଙ୍କ ଅନ୍ତିମ ଯାତ୍ରାରେ ସାମିଲ ହୋଇଛନ୍ତି। ଲୋଧି ରୋଡରେ ଥିବା ଶବଦାହ ଗୃହରେ ତାଙ୍କ ଶେଷକୃତ ସମ୍ପନ୍ନ ହେବ। ସୂଚନାଯୋଗ୍ୟ,ମଙ୍ଗଳବାର ରାତିରେ ସୁଷମା ସ୍ୱରାଜଙ୍କ ୬୭ବର୍ଷରେ ଦିଲ୍ଲୀ ଏମ୍ସଠାରେ ପରଲୋକ ଘଟିଥିଲା। ସୁଷମାଙ୍କ ମରଶରୀର ପ୍ରଥମେ ତାଙ୍କ ଦିଲ୍ଲୀସ୍ଥିତ ବାସଭବନକୁ ନିଆଯାଇଥିଲା। ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସମେତ ଦେଶର ବିଭିନ୍ନ ନେତା ସୁଷମାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ତାଙ୍କ ମରଶରୀର ଭାଜପା କାର୍ଯ୍ୟାଳୟକୁ ଅଣାଯାଇଥିଲା।

## ଭାବୁକ ହେଲେ ପ୍ରଧାନମନ୍ତ୍ରୀ

ପୂର୍ବତନ ବର୍ହିବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ପାର୍ଥିବ ଶରୀର ଦେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାବୁକ ହୋଇପଡିଛନ୍ତି। ତାଙ୍କ ଆଖି ଲୁହରେ ଜକେଇ ଆସିଥିବାବେଳେ ନିଜକୁ ସେ ନିୟନ୍ତ୍ରଣ କରିଥିଲେ। ଭାଜପାର ବରିଷ୍ଠ ନେତାମାନେ ସୁଷମାଙ୍କ ବାସଭବନରେ ଶେଷ ଦର୍ଶନ କରିଛନ୍ତି। ଭାଜପାର ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀ, ଅମିତ ଶାହ ପ୍ରମୁଖ ବୁଧବାର ସକାଳୁ ସେଠାରେ ପହଞ୍ଚିଛନ୍ତି।

## ଭାଜପା ଅଫିସ୍‌କୁ ଅଣାଯାଇଥିଲା ମରଶରୀର

ଦିଲ୍ଲୀ ଏମ୍ସଠାରେ ପରଲୋକ ହେବା ପରେ ସୁଷମାଙ୍କ ମରଶରୀର ପ୍ରଥମେ ତାଙ୍କ ଦିଲ୍ଲୀସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସମେତ ଦେଶର ବିଭିନ୍ନ ନେତା ସୁଷମାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ୧୧ଟା ପରେ ସୁଷମାଙ୍କ ମରଶରୀର ଭାଜପା ମୁଖ୍ୟାଳୟକୁ ଅଣାଯାଇଛି। ସେଠାରେ ଦଳର ନେତା ଏବଂ କର୍ମୀମାନେ ସୁଷମାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ଏହାପରେ ଅପରାହ୍ଣ ୩ଟାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡିଛି।

## ଗୀତାଙ୍କ ଆଖିରେ ଲୁହ



ଭୁଲରେ ପାକିସ୍ତାନ ପଳାଇଥିବା ମୂକ ଓ ବଧିର ଝିଅ ଗୀତା ପାଇଁ ସୁଷମା ସାଜିଥିଲେ ମା'। ଗୀତା ଦୀର୍ଘ ୧୪ ବର୍ଷ ପାକିସ୍ତାନରେ ରହିବା ପରେ ୨୦୧୫ରେ ଭାରତକୁ ଫେରିବାରେ ଥିଲା ସୁଷମାଙ୍କ ବଡ ହାତ। ଏବେ ତାଙ୍କ ମୃତ୍ୟୁରେ ସମ୍ପୂର୍ଣ୍ଣ ଭାଙ୍ଗିପଡିଛନ୍ତି ଗୀତା। ସେ ଖାଲି କାନ୍ଦୁଛନ୍ତି। ମୁଁ ମୋ ଅଭିଭାବକଙ୍କୁ ହରାଇଦେଲି ବୋଲି ସେ କହିଛନ୍ତି। ସେ ସବୁବେଳେ ମୋତେ ଝିଅ ପରି ଦେଖୁଥିଲେ। ମା' ପରି ସେ ମୋର ଯତ୍ନ ନେଉଥିଲେ ବୋଲି ଗୀତା କହିଛନ୍ତି। ଗୀତା ପିଲାବେଳୁ ଭାରତରୁ କୌଣସି ଟ୍ରେନରେ ପାକିସ୍ତାନର ଲାହୋର ପହଞ୍ଚିଥିଲେ। ସାଙ୍ଗରେ କେହି ନ ଥିବାରୁ ପୋଲିସ ତାଙ୍କୁ ପାଇ ଏକ ଆଶ୍ରୟସ୍ଥଳକୁ ପଠାଇଥିଲା। କିନ୍ତୁ ସେଠାରୁ ଖସି ପଳାଇବାକୁ ଉଦ୍ୟମ କରିବା ଏବଂ କର୍ମଚାରୀମାନଙ୍କ ସହ କଳହ କରିବାରୁ ତାଙ୍କୁ ଭିନ୍ନ ଭିନ୍ନ ଆଶ୍ରୟସ୍ଥଳରେ ନେଇ ରଖାଯାଉଥିଲା। କରାଚୀସ୍ଥିତ ଏଧି ସ୍ୱେଚ୍ଛାସେବୀ ଫାଉଣ୍ଡେଶନରେ ରହୁଥିବା ଗୀତାଙ୍କୁ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସରାଜ ସହଯୋଗ କରିଥିଲେ । ଫଳରେ ୨୦୧୫ରେ ଗୀତା ଭାରତ ଫେରିଥିଲେ।

## ମୋଦିଙ୍କୁ ଧନ୍ୟବାଦ ଦେଇ ନୀରବିଗଲେ

ପୂର୍ବତନ ବୈଦେଶିକ ମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତ୍ରୀ ସୁଷମା ସ୍ୱରାଜ ମୃତ୍ୟୁର ୩ ଘଣ୍ଟା ପୂର୍ବରୁ ଏକ ଟୁଇଟ୍ କରି ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେଇଥିଲେ। ସୁଷମା ଟୁଇଟ୍‌ରେ ହିନ୍ଦୀରେ ଲେଖିଥିଲେ, ପ୍ରଧାନମନ୍ତ୍ରୀ ଜୀ, ଆପଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ମୁଁ ମୋ ଜୀବନରେ ଏହି ଦିନଟିକୁ ଦେଖିବାକୁ ପ୍ରତୀକ୍ଷା କରିଥିଲି। ସୂଚନାଯୋଗ୍ୟ, ସୁଷମା ରାତି ୧୦ଟାରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ।

### କାନ୍ଦିଲେ ୯୬ ବର୍ଷୀୟ ଧର୍ମପାଳ

ସୁଷମା ସ୍ୱରାଜଙ୍କ ପାର୍ଥିବ ଶରୀର ଦେଖି କାନ୍ଦି ପକାଇଛନ୍ତି ଏମଡିଏଚ୍ କମ୍ପାନୀର ମାଲିକ ଧର୍ମପାଲ ଗୁଲାଟୀ। ୯୬ବର୍ଷୀୟ ଗୁଲଟୀ ସୁଷମାଙ୍କ ଶେଷ ଦର୍ଶନ ପାଇଁ ଭାଜପା କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ତାଙ୍କୁ ଦେଖିବା ପରେ ତଳେ ବସି କାନ୍ଦିବାକୁ ଲାଗିଥିଲେ। ଉପସ୍ଥିତ କିଛି ଲୋକ ତାଙ୍କୁ ସମ୍ଭାଳିଥିଲେ। ସୁଷମାଙ୍କ ମରଶରୀର ପ୍ରଥମେ ତାଙ୍କ ଦିଲ୍ଲୀସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସମେତ ଦେଶର ବିଭିନ୍ନ ନେତା ସୁଷମାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ସାଲଭେଙ୍କୁ ବକେୟା ଟଙ୍କାଏ ନେବାକୁ ଡାକିଥିଲେ



ସୁଷମା ମୃତ୍ୟୁର ଏକ ଘଣ୍ଟା ପୂର୍ବରୁ ଖ୍ୟାତନାମା ଆଇନଜୀବୀ ହରିଶ୍ ସାଲଭେଙ୍କୁ ତାଙ୍କର ଏକଟଙ୍କା ବକେୟା ନେବା ପାଇଁ ଫୋନ୍ କରି ଡାକିଥିଲେ। ରାତି ୮ଟା ୫୦ରେ ହରିଶ୍‌ଙ୍କୁ ଫୋନ୍ କରି ବୁଧବାର ସନ୍ଧ୍ୟା ୬ଟାରେ ତାଙ୍କର ବକେୟା ଏକ ଟଙ୍କା ନେବାକୁ ଆସିବା ଲାଗି ଅନୁରୋଧ କରିଥିଲେ। ହରିଶ୍ ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ଅଦାଲତ(ଆଇସିଜେ)ରେ କୁଲଭୂଷଣ ଯାଦବଙ୍କ ପାଇଁ ଲଢୁଥିଲେ। ମାତ୍ର ସୁଷମା ହରିଶ୍‌ଙ୍କ ବକେୟା ଦେବା ପୂର୍ବରୁ ପାର୍ଥିବ ଦୁନିଆ ଛାଡି ଚାଲିଯାଇଥିଲେ ବୋଲି ଏକ ସାକ୍ଷାତ୍‌କାରରେ ହରିଶ୍ କହିଛନ୍ତି।

### ଭାଙ୍ଗିପଡିଛନ୍ତି ସ୍ୱାମୀ କୌଶଳ, ଝିଅ ବାଂଶୁରୀ

ସବୁଦିନ ପାଇଁ ଆଖି ବୁଜିଛନ୍ତି ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ। ଏ ଘଟଣା ଅନେକଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛି। ଦଳମତ ନିର୍ବିଶେଷରେ ସମସ୍ତ ନେତା ତାଙ୍କ ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ସବୁଠୁ ଅଧିକ ଭାଙ୍ଗି ପଡିଛନ୍ତି ସୁଷମାଙ୍କ ସ୍ୱାମୀ ସ୍ୱରାଜ କୌଶଳ ଏବଂ ଏକମାତ୍ର ଝିଅ ବାଂଶୁରୀ। ସ୍ତ୍ରୀଙ୍କ ମୃତ ଶରୀର ପାଖରେ ସକାଳୁ ସ୍ୱରାଜଙ୍କୁ କାନ୍ଦୁଥିବାର ଲକ୍ଷ୍ୟ କରାଯାଇଛି। ମୋଦିଙ୍କୁ ଧରି ସେ ଭୋ ଭୋ ହୋଇ କାନ୍ଦି ପକାଇଥିଲେ। ଅନ୍ତିମ ଯାତ୍ରା ମଧ ବାପ ଝିଅଙ୍କୁ କାନ୍ଦୁଥିବାର ଦେଖାଯାଇଛି। ଝିଅ ଲୁହ ଛଳଛଳ ଆଖିରେ ମା'ଙ୍କ ଶେଷ ବିଦାୟ ପାଇଁ ପ୍ରସ୍ତୁତି ଚଳାଇଛନ୍ତି।

# କଶ୍ମୀରରେ ନୀରବତାର ରାଜୁତି

ଶ୍ରୀନଗର,୭।୮(ପି.ଟି.)

ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରୀ ରାସ୍ତାଘାଟ ଶୂନଶାନ। ସବୁଠି ଅଖଣ୍ଡ ନୀରବତା ରାଜୁତି କରୁଛି। ଶ୍ରୀନଗର ସମେତ ବିଭିନ୍ନ ସହରରେ ପୋଲିସ ଓ ସଶସ୍ତ୍ର ବଳର କଡ଼ା ପ୍ରହରା। ଏଥିସହ ସହ ଚିକିନିଖି ଯାଞ୍ଚ ଚାଲିଥିବାରୁ ଅଧିକାଂଶ ଲୋକ ଘରୁ ବାହାରୁନାହାନ୍ତି। କୌଣସି ପ୍ରକାର ଗୁଜବଜନିତ ବିଭ୍ରାଟକୁ ଏଡାଇବା ଲାଗି ମୋବାଇଲ୍ ଇଣ୍ଟରନେଟ ସେବାକୁ ବନ୍ଦ କରାଯାଇଥିବାରୁ କଶ୍ମୀରବାସୀ ନିଜ ନିଜ ମଧ୍ୟରେ ଯୋଗସୂତ୍ର ରକ୍ଷାକରି ପାରୁନାହାନ୍ତି। କେବଳ ଜରୁରୀ କାର୍ଯ୍ୟରେ ବାହାରକୁ ଯିବା ପାଇଁ ଲୋକଙ୍କୁ ଅନୁମତି ଦିଆଯାଉଛି। ସେହିପରି ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ମଧ ଗୁଳିଗୋଳାର ଶବ୍ଦ ଆଉ ଶୁଣିବାକୁ ମିଳୁନାହିଁ। ଜମ୍ମୁ-କଶ୍ମୀରରେ ଅଘୋଷିତ କର୍ଫ୍ୟୁକୁ ନେଇ ବହୁ ଲୋକ ଆଶଙ୍କା ଓ ଆତଙ୍କ ମଧ୍ୟରେ ରହିଛନ୍ତି। ପୁଞ୍ଛ ଜିଲାରେ ମଙ୍ଗଳବାର ହିଂସା ଦେଖିବାକୁ ମିଳିଥିଲା। ୩୭୦ ଉଚ୍ଛେଦ ପ୍ରତିବାଦରେ ସୁରାନକୋଟ ଓ ବୁଫାଲିଆଜ୍ ଅଞ୍ଚଳରେ ଲୋକେ ରାସ୍ତାକୁ ଓହ୍ଲାଇ ଭାରତ ବିରୋଧୀ ସ୍ଲୋଗାନ ଦେଇଥିଲେ। ଲୋକଙ୍କ ଆକ୍ରମଣରେ ଜଣେ ଡିଏସ୍‌ପିଙ୍କ ସମେତ ୩ ପୋଲିସ ଅଧିକାରୀ ଆହତ ହୋଇଥିଲେ। ଏହାକୁ ନେଇ ରାଜ୍ୟପାଳ ସତ୍ୟପାଲ ମଲିକ ବୁଧବାର ଆଇନଶୃଙ୍ଖଳା ସ୍ଥିତି ସମୀକ୍ଷା କରିଛନ୍ତି। କାଁ ଭାଁ କେଉଁଠି ହିଂସାକୁ ଛାଡ଼ିଦେଲେ ଉପତ୍ୟକା ପ୍ରାୟ ଶାନ୍ତିପୂର୍ଣ୍ଣ ରହିଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟ, ବିଦ୍ୟୁତ୍ ଓ ଜଳଯୋଗାଣ ଭଳି ଜରୁରିକାଳୀନ ସେବା ସ୍ୱାଭାବିକ ରହିଥିବା ରାଜ୍ୟପାଳ ସୂଚନା ଦେଇଛନ୍ତି। ଏହାସହ ଲୋକଙ୍କ ଆବଶ୍ୟକତା ପୂରଣ ପାଇଁ ସେମାନଙ୍କୁ ସୁବିଧା ଯୋଗାଇଦେବାକୁ ରାଜ୍ୟପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ବୁଧବାର ସୁରକ୍ଷା ସ୍ଥିତି ସମୀକ୍ଷା କରିଛନ୍ତି। ସେ ଶୋପିଆନ୍ ଜିଲାର କେତେଜଣ ଲୋକଙ୍କ ସହ ମିଶି ମଧ୍ୟାହ୍ନଭୋଜନ କରୁଥିବା ଭିଡିଓ ଭାଇରାଲ ହୋଇଛି।





ଜମ୍ମୁର ଶୂନଶାନ୍ ରାଜରାସ୍ତା।



ଶ୍ରୀନଗର ଲାଲ୍‌ଚୌକ୍‌ର ଦୃଶ୍ୟ

## ଜେଇଏମ୍ ଟାର୍ଗେଟରେ ମୁମ୍ବାଇ

ନୂଆଦିଲ୍ଲୀ,୭।୮

ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ମୁମ୍ବାଇକୁ ଟାର୍ଗେଟ କରିପାରେ ବୋଲି ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ସରକାରଙ୍କୁ ଜଣାଇଛନ୍ତି। ଏହା ବ୍ୟତୀତ ଜମ୍ମୁ-କଶ୍ମୀରର ସୁରକ୍ଷା ବଳ ଉପରେ ଆକ୍ରମଣ ବଢ଼ାଇବା ପାଇଁ ଜେଇଏମ୍ ଯୋଜନା କରିଛି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ପୁଲଓ୍ୱାମା ଭଳି ସ୍ଥିତି ସୃଷ୍ଟି ହୋଇପାରେ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ କହିବା ସହ ଏହା ଦୁଇ ଦେଶ ମଧ୍ୟରେ ପାରମ୍ପରିକ ଯୁଦ୍ଧ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ମଙ୍ଗଳବାର କହିଥିଲେ। ତାଙ୍କ ବିବୃତିରୁ ଇସ୍‌ଲାମାବାଦ ଆତଙ୍କବାଦୀ ସଂଗଠନଗୁଡିକୁ ସମର୍ଥନ ବଢ଼ାଇବା ପାଇଁ ଉଦ୍ୟମ କରୁଥିବା ସ୍ପଷ୍ଟ ହୋଇଛି। ଇମ୍ରାନଙ୍କ ମନ୍ତବ୍ୟ ପରେ ଜେଇଏମ୍ ନେତା ମୌଲାନା ମାସୁଦ୍ ଆଜାରଙ୍କ ସାନଭାଇ ରୌଫ୍ ଅସ୍‌ଗର ପିଓକେ ଆସିଥିବା ଜଣେ ବରିଷ୍ଠ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ପଞ୍ଜାବରେ ଥିବା ଜେଇଏମ୍ ଆତଙ୍କବାଦୀମାନେ ସେମାନଙ୍କ ଶିବିର ସୀମାନ୍ତକୁ ଉଠାଇ ଆଣିଥିବା ଜଣାପଡିଛି। ସେମାନେ ଭାରତର ଆର୍ଥିକ ରାଜଧାନୀ ମୁମ୍ବାଇକୁ ଟାର୍ଗେଟ କରିପାରନ୍ତି। ମୁମ୍ବାଇରେ ଆକ୍ରମଣ ପାଇଁ ଜେଇଏମ୍‌ର ଏକ ୩ ଜଣିଆ ଟିମ୍‌କୁ ଦାୟିତ୍ୱ ଦିଆଯାଇଛି।

## ଆଲୋଚନା ଲାଗି ଆମେରିକାର ପରାମର୍ଶ

ୱାଶିଂଟନ, ୭।୮(ପି.ଟି.)

ଜମ୍ମୁ-କଶ୍ମୀରକୁ ନେଇ ଦେଖାଦେଇଥିବା ଅଶାନ୍ତି ଦୂର କରିବା ଲାଗି ଶୀଘ୍ର ଆଲୋଚନା ଆରମ୍ଭ କରିବାକୁ ଆମେରିକା ପରାମର୍ଶ ଦେଇଛି। ପାକିସ୍ତାନ ଭାରତ ସହ ବୁଧବାର କୂଟନୈତିକ ସମ୍ପର୍କ ଛିନ୍ନ କରିବା ଓ ଭାରତର ଉଚ୍ଚାୟୁକ୍ତ ଅଜୟ ବିସାରିଆଙ୍କୁ ହଟାଇବାର ଘଣ୍ଟାକ ପରେ ଆମେରିକାର ଦକ୍ଷିଣ-କେନ୍ଦ୍ରୀୟ ବ୍ୟାପାରର କାର୍ଯ୍ୟକାରୀ ସଚିବ ଏ.ଜି. ୱେଲ୍ସ ଏଭଳି ମତ ରଖିଛନ୍ତି। ଦକ୍ଷିଣ ଏସିଆରେ ଅଶାନ୍ତି ଓ ସାମରିକ ଉତ୍ତେଜନା କମାଇବା ଲାଗି ଆଲୋଚନାକୁ ଆମେରିକା ଗୁରୁତ୍ୱ ଦେଇଛି। ଜମ୍ମୁ-କଶ୍ମୀର ଉପରେ ସାମ୍ବିଧାନିକ ପଦକ୍ଷେପ ଗ୍ରହଣ କରିବା ପୂର୍ବରୁ ଆମେରିକାକୁ ଭାରତ ଏ ସମ୍ପର୍କରେ କିଛି ଜଣାଇ ନ ଥିଲା ବୋଲି ହ୍ୱାଇଟ୍ ହାଉସ୍‌ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ଆକାଶମାର୍ଗରେ ବି କଟକଣା ଜାରି କଲା ପାକ୍

ନୂଆଦିଲ୍ଲୀ,୭।୮

ଜମ୍ମୁ-କଶ୍ମୀର ସମ୍ପର୍କିତ ନୂଆଦିଲ୍ଲୀର ପଦକ୍ଷେପକୁ ନେଇ କ୍ଷୁବ୍ଧ ପାକିସ୍ତାନ ନିଜ ଆକାଶମାର୍ଗରେ ଭାରତ ପାଇଁ ଆଂଶିକ କଟକଣା ଜାରି କରିଛି। ଭାରତ-ପାକିସ୍ତାନ ମଧ୍ୟରେ ଥିବା ୧୧ ରୁଟ୍ ମଧ୍ୟରୁ ୩ଟିକୁ ପଡ଼ୋଶୀ ଦେଶ ବନ୍ଦ କରିଦେଇଛି। ଫଳରେ ଏହି ରୁଟ୍ ଦେଇ ଭାରତର କୌଣସି ବିମାନ ଉଡ଼ାଣ କରିପାରିବ ନାହିଁ। ତେବେ ଏହାଦ୍ୱାରା ଭାରତର ବିମାନ ଚଳାଚଳ ପ୍ରଭାବିତ ହେବନାହିଁ ବୋଲି ଏୟାର ଇଣ୍ଡିଆ ପକ୍ଷରୁ ବୁଧବାର ଏକ ବିବୃତିରେ କୁହାଯାଇଛି। ଆତଙ୍କବାଦୀ ଆକ୍ରମଣର ଆଶଙ୍କା ଥିବାରୁ ସମସ୍ତ ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ବ୍ୟୁରୋ ଅଫ୍ ସିଭିଲ୍ ଆଭିଏଶନ୍ ସିକ୍ୟୁରିଟି (ବିଏସିଏସ) ପକ୍ଷରୁ ସମସ୍ତ ରାଜ୍ୟ ସରକାର ଓ ଘରୋଇ ବିମାନବନ୍ଦର ଅପରେଟରମାନଙ୍କୁ ଏକ ଆଡ୍‌ଭାଇଜୋରି ଜାରି କରି ସତର୍କ କରାଯାଇଛି।

## ଚାଇନାକୁ ଗୁହାରି କରିବ ପାକିସ୍ତାନ

ଇସ୍‌ଲାମାବାଦ,୭।୮

ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ବୁଧବାର ରାତିରେ ଚାଇନା ଗସ୍ତ କରିଛନ୍ତି। ଜମ୍ମୁ-କଶ୍ମୀର ପ୍ରସଙ୍ଗରେ ଭାରତର ନିଷ୍ପତ୍ତି ନେଇ ସେ ସେଠାରେ ଆଲୋଚନା କରିବେ। ପାକିସ୍ତାନ ପାର୍ଲାମେଣ୍ଟର ମିଳିତ ଅଧିବେଶନରେ ସେ ଏନେଇ ସୂଚନା ଦେଇଛନ୍ତି। ନରେନ୍ଦ୍ର ମୋଦି ସରକାରଙ୍କ ନିଷ୍ପତ୍ତିକୁ ଖୋଦ୍ ଭାରତୀୟମାନେ ନିନ୍ଦା କରୁଥିବା କୁରେଶୀ କହିଛନ୍ତି।



ଶାହ ମେହମୁଦ୍ କୁରେଶୀ

## ୫୬୦ ନେତା, କର୍ମୀ ଗିରଫ

ଜମ୍ମୁ,୭।୮(ପି.ଟି.)

ଜମ୍ମୁ-କଶ୍ମୀରରେ ସୁରକ୍ଷା ସଂସ୍ଥାଗୁଡ଼ିକ ବିଭିନ୍ନ ରାଜନୈତିକ ଦଳର ୫୬୦ ନେତା ଓ କର୍ମୀଙ୍କୁ ଗିରଫ କରିଛନ୍ତି। ଉପତ୍ୟକାରେ ଶାନ୍ତିଭଙ୍ଗ କରିବା ଆଶଙ୍କା ଥିବାରୁ ସେମାନଙ୍କୁ ଗିରଫ କରାଯାଇଥିବା ଜଣେ ବରିଷ୍ଠ ଅଧିକାରୀ ବୁଧବାର ସୂଚନା ଦେଇଛନ୍ତି। ଗିରଫ ନେତାଙ୍କ ମଧ୍ୟରେ ରହିଛନ୍ତି ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ଓ ମେହବୁବା ମୁଫ୍‌ତି ଉଭୟଙ୍କୁ ରବିବାର ରାତିରେ ଗୃହବନ୍ଦୀ କରାଯାଇଥିବାବେଳେ ପରେ ଗିରଫ କରି ଶ୍ରୀନଗରର ହରି ନିବାସରେ ରଖାଯାଇଛି। ସେହିପରି ପିପୁଲ୍ସ କନ୍‌ଫରେନ୍ସ ନେତା ସଜାଦ୍ ଲୋନ୍ ଏବଂ ଇମ୍ରାନ୍ ଅନ୍‌ସାରୀଙ୍କୁ ମଧ ଗିରଫ କରାଯାଇଛି। ଗିରଫ ଓ ଅଟକ ନେତାଙ୍କୁ ଶ୍ରୀନଗରସ୍ଥିତ ଶେର-ଏ-କଶ୍ମୀର ଇଣ୍ଟରନ୍ୟାଶନାଲ କନ୍‌ଭେନ୍‌ଶନ୍ ସେଣ୍ଟର ଓ ବାରାମୂଲା ଏବଂ ଗୁରେଜ୍‌ର କେତେକ ସ୍ଥାନରେ ରଖାଯାଇଛି।



ଶୋପିଆନ୍‌ରେ ସ୍ଥାନୀୟ ଲୋକଙ୍କ ସହ ଭାବବିନିମୟ କରୁଛନ୍ତି ଏନ୍‌ଏସ୍‌ଏ ଅଜିତ୍ ଡୋଭାଲ।




# ରାଜ୍ୟ ପ୍ରଶାସନରେ ବଡ଼ଧରଣର ଅଦଳବଦଳ

- ଅସିତଙ୍କୁ କେବିକେ ପ୍ରଶାସନ ଅତିରିକ୍ତ ଦାୟିତ୍ୱ
- ଭେନୁ ଗୋପାଳ ରାଜସ୍ୱ ପର୍ଷଦ ସଦସ୍ୟ

ଭୁବନେଶ୍ୱର,୭।୮(ବ୍ୟୁରୋ)

ରାଜ୍ୟ ସରକାର ବୁଧବାର ରାଜ୍ୟ ପ୍ରଶାସନ ସ୍ତରରେ ବ୍ୟାପକ ଅଦଳବଦଳ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ)ର ଅନୁମୋଦନ କ୍ରମେ ସାଧାରଣ ପ୍ରଶାସନ (ଜିଏ) ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଏସିଏସ୍) ପାହ୍ୟା ଅଫିସର ଅସିତ କୁମାର ତ୍ରିପାଠୀଙ୍କୁ କୋରାପୁଟସ୍ଥିତ କେବିକେ ପ୍ରଶାସନର ମୁଖ୍ୟଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଅସିତ ପୂର୍ବଭଳି ଗୁରୁତ୍ୱପୂର୍ଣ୍ଣ ଗୃହ ଏବଂ ଯୋଜନା ଓ ସଂଯୋଜନା ବିଭାଗ ଏସିଏସ୍ ଭାବେ କାର୍ଯ୍ୟ କରିବେ। ସେହିପରି କେବିକେ ମୁଖ୍ୟ ପ୍ରଶାସକ ଥିବା ସୁଦର୍ଶନ ପାଲଠାକୁରଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ନିର୍ଦ୍ଦେଶିକାଥିବା ରଞ୍ଜନା ଚୋପ୍ରାଙ୍କୁ ଏସ୍‌ସି, ଏସ୍‌ଟି, ଓବିସି ଏବଂ ସଂଖ୍ୟାଲଘୁ ବିକାଶ ବିଭାଗ ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଇଲେକ୍ଟ୍ରୋନିକ୍ସ ଏବଂ ବୈଷୟିକ ଶିକ୍ଷା ବିଭାଗର ଏଏସିଏସ୍ ଥିବା ସି.ଜେ. ଭେନୁଗୋପାଳଙ୍କୁ କଟକସ୍ଥିତ ରାଜସ୍ୱ ପର୍ଷଦ ସଦସ୍ୟ ଭାବେ ମନୋନୀତ କରାଯାଇଛି।

ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ନୀତେନ ଚନ୍ଦ୍ରାଙ୍କୁ ସାଧାରଣ ପ୍ରଶାସନ ଓ ପେନସନ୍, ଅଭିଯୋଗ ବିଭାଗର ସ୍ୱତନ୍ତ୍ର ଦାୟିତ୍ୱ (ଓଏସ୍‌ଡି) ପ୍ରଦାନ କରାଯାଇଛି। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପ୍ରମୁଖ ଶାସନ ସଚିବ ଥିବା ଡି.କେ. ସିଂଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଅବକାରୀ କମିଶନର ତଥା ସଚିବ ସୁଶୀଲ କୁମାର ଲୋହାନୀଙ୍କୁ କଟକସ୍ଥିତି ବାଣିଜ୍ୟିକ କର କାର୍ଯ୍ୟାଳୟର କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଲୋହାନୀ ପୂର୍ବରୁ ରାଜ୍ୟ ପାନୀୟ ନିଗମ ଲିଃର ପ୍ରଶାସନିକ ମୁଖ୍ୟ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସଚିବ ବୀର ବିକ୍ରମ ଯାଦବଙ୍କୁ ସମବାୟ ବିଭାଗ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଆଇଜି ପୋଲିସ ଅରୁଣ ବୋଥ୍ରାଙ୍କୁ ସେତୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ଦାୟିତ୍ୱ ଦିଆଯାଇଛି। ଏସ୍‌ସି, ଏସ୍‌ଟି, ଓବିସି ଓ ସଂଖ୍ୟାଲଘୁ ବିକାଶ ଭାରପ୍ରାପ୍ତ ସଚିବ ଆର୍. ରଘୁ ପ୍ରସାଦଙ୍କୁ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ସଚିବ ସହ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଅପରପକ୍ଷରେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ସଚିବ ସହ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଥିବା ବିଶାଳ ଗଗନଙ୍କୁ ପୂର୍ଣ୍ଣଭାବେ ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବଭାବେ ନିଯୁକ୍ତି ଦିଆଯାଇଛି। ସେ ପୂର୍ବରୁ ଅତିରିକ୍ତଭାବେ ଏହି ଦାୟିତ୍ୱ ତୁଲାଉଥିଲେ।

ବିଜ୍ଞାନ ଓ ବୈଷୟିକ ବିଦ୍ୟା କମିଶନର ତଥା ସଚିବଥିବା ଭାସ୍କର ଜ୍ୟୋତି ଶର୍ମାଙ୍କୁ ସମାନ ପାହ୍ୟାରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗକୁ ବଦଳି କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ସମବାୟ ବିଭାଗ ସହ ପୂର୍ତ୍ତ ବିଭାଗ ସଚିବ ଦାୟିତ୍ୱ ତୁଲାଉଥିବା କ୍ରିଷ୍ଣନ କୁମାରଙ୍କୁ କେବଳ ପୂର୍ତ୍ତ ସଚିବ ଦାୟିତ୍ୱ ଦିଆଯାଇଛି। ସାଧାରଣତଃ ଅଭିଜ୍ଞ ଯନ୍ତ୍ରୀଙ୍କୁ ପୂର୍ତ୍ତ ବିଭାଗ ସଚିବ ଦାୟିତ୍ୱ ଦିଆଯାଇଥାଏ। ହେଲେ ରାଜ୍ୟ ସରକାର ଜଣେ ଆଇଏଏସ୍‌ଙ୍କୁ ଏହି ପଦରେ ଜାରି ରଖିବାକୁ ସମ୍ଭବତଃ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା ଉଠା ଜଳସେଚନ ନିଗମ ଲିଃ ପରିଚାଳନା ନିର୍ଦ୍ଦେଶକ ଥିବା ଅର୍ଚ୍ଚନା ପଟ୍ଟନାୟକଙ୍କୁ ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି କରାଯାଇଛି। ଏଥିସହିତ ସେ ଅତିରିକ୍ତ ଦାୟିତ୍ୱ ଭାବେ ଉଠା ଜଳସେଚନ ବିଭାଗର ଏମ୍‌ଡି ଭାବେ କାର୍ଯ୍ୟ କରିବେ। ରାଜ୍ୟର ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟରତ ଥିବା ସଚିନ ରାମଚନ୍ଦ୍ର ଯାଦବଙ୍କୁ ଆଦିବାସୀ ଉନ୍ନୟନ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି। ସେହିପରି ସେତୁ ସିଇଓ ଥିବା ସିଦ୍ଦିକ୍ ଆଲାମଙ୍କୁ ଭୁବନେଶ୍ୱରସ୍ଥିତ ସିଏମ୍‌ଜିଆଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇଛି। ରାଜସ୍ୱ ପର୍ଷଦ ସଦସ୍ୟଥିବା ସୁରେନ୍ଦ୍ର କୁମାର ମୀନାଙ୍କୁ ପୂର୍ତ୍ତ ବିଭାଗର ଉପସଚିବ ଭାବେ ଦାୟିତ୍ୱ ଦିଆଯାଇଛି।

# ଦେଶର ୧୦ ଶ୍ରେଷ୍ଠ ଥାନା ତାଲିକାରେ ଓଡ଼ିଶାର ତରଭା

- ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ମିଳିଲା ପ୍ରମାଣପତ୍ର

ସୋନପୁର/ତରଭା,୭।୮(ନି.ପ୍ର./ଡି.ଏନ୍.ଏ.)


ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ସୁବର୍ଣ୍ଣପୁର ଏସ୍‌ପି ଓ ତରଭା ଆଇଆଇସିଙ୍କୁ ମୋମେଣ୍ଟୋ ଓ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି ।

୨୦୧୮ ସର୍ଭେ ଅନୁଯାୟୀ ଭାରତର ୧୦ ଶ୍ରେଷ୍ଠ ଥାନା ତାଲିକାରେ ସୁବର୍ଣ୍ଣପୁର ଜିଲାର ତରଭା ଥାନା ସ୍ଥାନ ପାଇଛି। ଏଥିପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଓ କେନ୍ଦ୍ର ଗୃହ ସଚିବଙ୍କ ଦସ୍ତଖତ ସମ୍ବଳିତ ଏକ ପ୍ରମାଣପତ୍ର ସୁବର୍ଣ୍ଣପୁର ଏସ୍‌ପି ଦେବୀପ୍ରସାଦ ଦାଶ ଓ ତରଭା ଆଇଆଇସି ଡୋଲାମଣି ଭୋଇଙ୍କୁ ପ୍ରଦାନ କରାଯାଇଛି। ପୋଲିସ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା କଟକସ୍ଥିତ ପୋଲିସ ମୁଖ୍ୟାଳୟରେ ବୁଧବାର ଏକ ସ୍ୱତନ୍ତ୍ର ଉତ୍ସବରେ ମୋମେଣ୍ଟୋ ଓ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏହି ସଫଳତା ପାଇଁ ଡିଜିପି ଶର୍ମା ସୁବର୍ଣ୍ଣପୁର ଏସ୍‌ପି, ତରଭା ଆଇଆଇସି ଓ ତରଭା ଥାନାର କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉତ୍ସବରେ ବରିଷ୍ଠ ପୋଲିସ ଅଧିକାରୀ ସନ୍ତୋଷ ଉପାଧ୍ୟାୟ, ବିନୟତୋଷ ମିଶ୍ର, ସଞ୍ଜୀବ୍ ପଣ୍ଡା, ପି.ଏସ୍. ରଣପିସେ, ଅସିତ ପାଣିଗ୍ରାହୀ, ସିଫେନ ଅହମ୍ମଦ, ସନ୍ଦୀପ ମଦକାର ଓ ବିବେକାନନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ସ୍ମାର୍ଟ ପୋଲିସିଂ, ଅପରାଧ ନିୟନ୍ତ୍ରଣ, ସାମାଜିକ କାର୍ଯ୍ୟ, ଆମ ପୋଲିସ ସମିତ କାର୍ଯ୍ୟ, ପୋଲିସର ଜନସାଧାରଣଙ୍କ ପ୍ରତି ବ୍ୟବହାର, ଅଭିଯୋଗର ସମାଧାନ ଏବଂ କ୍ରାଇମ୍‌କ୍ରିମିନାଲ ଟ୍ରାକିଂ ନେଟୱାର୍କିଂ ସିଷ୍ଟମ ଭଳି ମାପଦଣ୍ଡକୁ ନେଇ ପୂର୍ବରୁ ସର୍ଭେ ହୋଇଥିଲା। କ୍ୱାଲିଟି କାଉନସିଲ ଅଫ୍ ଇଣ୍ଡିଆ(କ୍ୟୁସିଆଇ) ପକ୍ଷରୁ ଦେଶର ସବୁ ଥାନାରେ ଏଭଳି ସର୍ଭେ କରାଯାଇଥିଲା। ପୋଲିସର କାର୍ଯ୍ୟ ସମ୍ପର୍କରେ ସାଧାରଣ ଲୋକ, ମହିଳା, ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ମତ ନିଆ ଯାଇଥିଲା। ଏହି ସମୟରେ ସୁରୁବାବୁ ଛତ୍ରିଆ ତରଭା ଥାନାର ଅଧିକାରୀ ଥିଲେ।

# ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷାଫଳ ପ୍ରକାଶିତ

## ପାସ୍ ହାର ୪୩.୬୨ ପ୍ରତିଶତ

କଟକ ଅଫିସ,୭।୮

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଚଳିତବର୍ଷର ପାସ୍ ହାର ୪୩.୬୨ ପ୍ରତିଶତ ରହିଛି। ଏହାଛଡ଼ା ଏକ ସଙ୍ଗରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା(୨ୟ) ଫଳ ମଧ ଘୋଷଣା ହୋଇଥିଲା। ଏହି ପରୀକ୍ଷାରେ ପାସ ହାର ୬୩.୪୪ ପ୍ରତିଶତ ରହିଛି। ବୋର୍ଡର ନିଜସ୍ୱ ୱେବ୍‌ସାଇଟ www.bseodisha.ac.inରେ ପରୀକ୍ଷାର୍ଥୀ ନିଜ ପରୀକ୍ଷାଫଳ ଜାଣିପାରିବେ। ଗୁରୁବାରଠାରୁ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ପୁନଃ ମୂଲ୍ୟାୟନ ନିମନ୍ତେ ଦିନଧାର୍ଯ୍ୟ ହୋଇଛି। ଯେଉଁ ବିଦ୍ୟାର୍ଥୀ ପୁନଃ ମୂଲ୍ୟାୟନ କରିବାକୁ ଚାହିଁବେ ସେମାନେ ଧାର୍ଯ୍ୟ ତାରିଖ ମଧ୍ୟରେ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟ କିମ୍ବା ଜୋନାଲ କାର୍ଯ୍ୟାଳୟରେ ନିବେଦନ କରିପାରିବେ। ଏ ନେଇ ବୋର୍ଡ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ଡ. ଜହାଁଆରା ବେଗମ କହିଛନ୍ତି। ଏଥିରେ ବୋର୍ଡ ସମ୍ପାଦକ ରାମାଶିଷ ହାଜରା ଓ ପରୀକ୍ଷା ନିୟନ୍ତ୍ରକ ଡ. ନୀହାର ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ।

୧୨୨ଟି ପରୀକ୍ଷା କେନ୍ଦ୍ରରେ ୨୩,୫୨୮ଜଣ ପରୀକ୍ଷାର୍ଥୀ ସପ୍ଲିମେଣ୍ଟାରୀ ରେଗୁଲାର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୦,୪୬୭ଜଣ ପାସ କରିଥିବାବେଳେ ପାସ ହାର ରହିଛି ୪୪.୫୪ ପ୍ରତିଶତ। ସେହିପରି ୧୨୦ ପରୀକ୍ଷା କେନ୍ଦ୍ରରେ ୨୫୨୫ଜଣ ପରୀକ୍ଷାର୍ଥୀ ସପ୍ଲିମେଣ୍ଟାରି ଏକ୍ସରେଗୁଲାର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୮୮୮ଜଣ ପାସ ହୋଇଛନ୍ତି। ଏହି ପରୀକ୍ଷାର ପାସ ହାର ୩୫.୨୪ ପ୍ରତିଶତ ରହିଛି। ପତ୍ରବିନିମୟ ରେଗୁଲାର ପରୀକ୍ଷାରେ ୧୮୫ଜଣ ଓ ପତ୍ରବିନିମୟ ଏକ୍ସରେଗୁଲାର ପରୀକ୍ଷାରେ ୫୮ଜଣ ପରୀକ୍ଷା ଦେଇଥିବାବେଳେ ଯଥାକ୍ରମେ ୬୯ଜଣ ଓ ୨୧ଜଣ କୃତକାର୍ଯ୍ୟ ହୋଇଛନ୍ତି। ମୋଟାମୋଟି ଭାବେ ପାସ ହାର ୪୩.୬୨ ପ୍ରତିଶତ ରହିଛି। ଏ-୧ ଗ୍ରେଡ କେହି ହାସଲ କରି ପାରି ନ ଥିବା ବେଳେ ଜଣେ ଏ-୨ ଗ୍ରେଡ ପାଇଛନ୍ତି। ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା(୨ୟ) ୫୫ଟି ପରୀକ୍ଷା କେନ୍ଦ୍ରରେ ହୋଇଥିଲା। ମୋଟ୍ ୮୫୬୧ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୪୦୩ଜଣ ପାସ କରିଛନ୍ତି। ସୂଚନାଥାଉ କି, ଗତ ଜୁଲାଇ ୮ରୁ ଦୁଇଟି ଯାକ ପରୀକ୍ଷା ଆରମ୍ଭ ହୋଇଥିବାବେଳେ ସପ୍ଲିମେଣ୍ଟାରୀ ପରୀକ୍ଷା ୧୪ରେ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା(୨ୟ) ୧୬ରେ ଶେଷ ହୋଇଥିଲା।



# ଜିଲା ଚିଠି
## ବଲାଙ୍ଗୀର

# ମରୁଡ଼ି ବିଳାପ

ଅର୍ଥନୈତିକ ଦିଗରୁ ବଲାଙ୍ଗୀର ଏକ ପଛୁଆ ଜିଲା ଭାବେ ପରିଗଣିତ। ଶିଳ୍ପବିହୀନ ଜିଲା ହୋଇଥିବାରୁ ଜିଲାବାସୀଙ୍କ ଅର୍ଥନୀତି ବହୁ ମାତ୍ରାରେ କୃଷି ଉପରେ ନିର୍ଭରଶୀଳ। ଜିଲାରେ ସଂଖ୍ୟାଧିକ ଲୋକଙ୍କ ପ୍ରଧାନ ଅବଲମ୍ବନ କୃଷି ହୋଇଥିଲେ ମଧ ଜଳସେଚନ ସୁବିଧା ନ ଥିବାରୁ ଚାଷକ୍ଷେତ୍ର ସବୁବେଳେ ସଙ୍କଟର ସମ୍ମୁଖୀନ ହୋଇଆସିଛି। ବଲାଙ୍ଗୀର ମରୁଡି ପ୍ରବଣ ଜିଲା ଭାବେ ଚିହ୍ନଟ ହୋଇଛି। କ୍ରମାଗତ ମରୁଡ଼ି ଜିଲାର ଚାଷ ଓ ଚାଷୀଙ୍କୁ ବହୁଳ ମାତ୍ରାରେ ପ୍ରଭାବିତ କରିଆସିଛି। ସରକାରୀ ରିପୋର୍ଟ ଅନୁସାରେ ୧୯୭୪ରୁ ୨୦୧୭ ମସିହା ମଧରେ ଜିଲାରେ ୧୬ ଥର ମରୁଡି ଓ ୪ ଥର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ୨୦୧୮ରେ ମଧ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିଲା। ବେସରକାରୀ ରିପୋର୍ଟ ଅନୁସାରେ ପ୍ରତି ଦୁଇବର୍ଷରେ ଜିଲାରେ ମରୁଡି ଓ ବନ୍ୟା ପରିସ୍ଥିତି ଉପୁଜିଛି। ମରୁଡି, ବନ୍ୟା ଛଡା ରୋଗପୋକ ଉପଦ୍ରବ ଓ ଅଦିନିଆ ବର୍ଷାଜନିତ ଫସଲହାନି ଚାଷୀଙ୍କୁ ବିଭିନ୍ନ ସମୟରେ ଅଡୁଆରେ ପକାଇଛି। ଫାଇଲିନ୍, ହୁଦହୁଦ୍, ଫନୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ଚାଷ ଉଜାଡି ଦେଇଛି। ତେବେ ଜିଲାରେ ମରୁଡ଼ି ମୁକାବିଲା ପାଇଁ ସରକାର ଠୋସ୍ କିଛି ପଦକ୍ଷେପ ନେଉନାହାନ୍ତି। ବହୁବର୍ଷ ପୂର୍ବରୁ ରାଜ୍ୟ ସରକାର ପ୍ରତି ବ୍ଲକ୍‌ରେ ୩୫ ପ୍ରତିଶତ ଜଳସେଚନ କଥା କହିଥିଲେ। ମାତ୍ର ଏହା କେବଳ ପ୍ରତିଶ୍ରୁତି ହୋଇ ରହିଗଲା। ବଲାଙ୍ଗୀର ଜିଲାର ୧୪ ବ୍ଲକ୍‌ରୁ ଗୋଟିଏ ବି ବ୍ଲକ୍‌ରେ ୩୫ ପ୍ରତିଶତ ନିଶ୍ଚିତ ଜଳସେଚନ ସୁବିଧା ନାହିଁ। ଜିଲାରେ ମାତ୍ର ୩ ପ୍ରତିଶତ ଜଳସେଚନ ସୁବିଧା ରହିଛି। ଜିଲାର ମରୁଡ଼ି ଓ ଜଳସେଚନ କଥା ଉଠିଲେ ତତ୍‌କ୍ଷଣାତ୍ ଲୋୟର ସୁକ୍‌ତେଲ ବୃହତ୍ ଜଳସେଚନ ପ୍ରକଳ୍ପ କଥା ଉଠାଯାଏ। ୨୦୦୧ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋୟର ସୁକ୍‌ତେଲ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ବିଗତ ୧୮ ବର୍ଷ ପରେ ବି ଏହି ପ୍ରକଳ୍ପକୁ କାର୍ଯ୍ୟକ୍ଷମ ହୋଇନାହିଁ। ୨୧୭ କୋଟି ଟଙ୍କାର ମୂଳ ପ୍ରକଳ୍ପ ଏବେ ୩ହଜାର କୋଟି ଟଙ୍କାକୁ ଡେଇଁଲାଣି। ଏବେବି ଏହି ପ୍ରକଳ୍ପ କାମ ବନ୍ଦ ପଡିଛି। ଜିଲାର ଲାଣ୍ଟ ପ୍ରକଳ୍ପ, ଟିଟିଲାଗଡ଼ ଫେଜ୍-୨ ପ୍ରକଳ୍ପ ବି ସରିନାହିଁ। ଜିଲାରେ ତେଲନଦୀ, ଲାଣ୍ଟ, ସୋନଗଡ଼ ନଦୀରେ ବ୍ୟାରେଜ/ଆଡିବନ୍ଧ ନିର୍ମାଣ କରି ଜଳସେଚନ କରିବାର ପ୍ରଭୁତ ଭିତ୍ତିଭୂମି ରହିଥିଲେ ମଧ ଏନେଇ ସରକାରଙ୍କ କିଛି ବି ଆନ୍ତରିକତା ଦେଖାଯାଉନାହିଁ। ତେଲନଦୀର ଗୌଡତଲାଠାରେ ପ୍ରସ୍ତାବିତ ବ୍ୟାରେଜ୍ ନିର୍ମାଣ ହେଲେ ବିନା ବିସ୍ଥାପନରେ ବଲାଙ୍ଗୀର, କଳାହାଣ୍ଡି ଓ ସୁବର୍ଣ୍ଣପୁର ଜିଲାରେ ବ୍ୟାପକ ଅଞ୍ଚଳରେ ଜଳସେଚନ ସୁବିଧା ହୋଇପାରିବା କଥା ଯନ୍ତ୍ରୀ ପ୍ରେମରାଜ ସାଏ କେବେଠୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ଏହାବାଦ୍ ତେଲନଦୀର କୁକେଡମାଲ, ସୋନଗଡ ଓ ଲାଣ୍ଟନଦୀରେ ବିନା ବିସ୍ଥାପନରେ ଆଡିବନ୍ଧ ଓ ବ୍ୟାରେଜ୍ ପାଇଁ ଉତ୍ତମ ଭିତ୍ତିଭୂମି ରହିଥିବା ଶତାଧିକ ଥର ଆଲୋଚିତ ହୋଇଛି। ମାତ୍ର ଏହା ଉପରେ ସରକାର ନୀରବ ରହିଛନ୍ତି। ବିସ୍ଥାପନ ସମସ୍ୟା ଥିବା ସୁକ୍‌ତେଲ ପ୍ରକଳ୍ପର ସମାଧାନ ପନ୍ଥା ବାହାର କରୁନାହାନ୍ତି। ଜଳସେଚନ ନାଁରେ ଜିଲାରେ ଜଳସେଚନ ବିଭାଗ, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ବିଭାଗ, ଉଠା ଜଳସେଚନ ବିଭାଗ ଓ ବ୍ଲକ୍ ପ୍ରଶାସନ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଶତାଧିକ ଚେକ୍‌ଡ୍ୟାମ ନିର୍ମାଣ କରିଥିଲେ ବି ସେଥିରୁ ଅଧିକାଂଶ କୌଣସି କାର୍ଯ୍ୟରେ ଆସୁନାହିଁ। ମେଗା ଉଠା ଜଳସେଚନ ପ୍ରକଳ୍ପ ପ୍ରହସନରେ ପରିଣତ ହୋଇଛି। ଉପରୋକ୍ତ ପ୍ରକଳ୍ପଗୁଡିକରେ ଯନ୍ତ୍ରୀ-ଠିକାଦାରଙ୍କ ଦୁର୍ନୀତି ଜଳଜଳ ଦେଖାଯାଉଛି। ପ୍ରଶାସନିକ ଅଧିକାରୀ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଭଳି ଦୁର୍ନୀତିକୁ ରୋକି ପାରିନାହାନ୍ତି। ଚଳିତବର୍ଷ ପୁଣି ଥରେ ଜିଲାରେ ମରୁଡ଼ି ପରିସ୍ଥିତି ଉପୁଜିଛି। ସ୍ୱଳ୍ପବୃଷ୍ଟି, ଅନିୟମିତ ବୃଷ୍ଟି ଜାରି ରହିଛି। ଜିଲାର ଚାଷୀ ପୁଣି ଥରେ ଫସଲହାନି ଆଶଙ୍କାରେ ରହିଲେଣି। ଆଉ ଏଭଳି ପରିସ୍ଥିତିରେ ଜିଲାର ମରୁଡ଼ି ପ୍ରସଙ୍ଗକୁ ନେଇ ବିଧାନସଭାରୁ ପାର୍ଲାମେଣ୍ଟ, ରାଜରାସ୍ତାରୁ କିଲଟରୀ ସବୁଠି ପୁଣି ଥରେ ଫମ୍ପା ମରୁଡ଼ି-ବିଳାପ ଶୁଭିବା ଏକପ୍ରକାର ସ୍ପଷ୍ଟ ହୋଇଗଲାଣି।

– ବୀରେନ୍ଦ୍ର କୁମାର ଝାଙ୍କର

# ପୁରୀ ପାଇଁ ୫ ପ୍ରକଳ୍ପକୁ ଅନୁମୋଦନ

- ପୁରୁଣା ଜେଲ ଏବଂ ଯାତ୍ରୀକାରେ ପାର୍କିଂ ବ୍ୟବସ୍ଥା
- ଗୋଟିଏ ସ୍ଥାନରେ ରହିବ ସବୁ ସରକାରୀ କାର୍ଯ୍ୟାଳୟ
- ଆଚାର୍ଯ୍ୟ ହରିହର ଛକ ନିକଟ ରାସ୍ତା ସମ୍ପ୍ରସାରଣ କରାଯିବ
- ପୁରୁଣା ଜେଲ୍, ଯାତ୍ରୀକା ଏବଂ ମ୍ୟୁନିସିପାଲିଟି ମାର୍କେଟ୍‌ରେ ନିର୍ମାଣ ହେବ ୧୨୫୦ ଦୋକାନ ଗୃହ

ଭୁବନେଶ୍ୱର, ୭।୮(ବ୍ୟୁରୋ)

ପୁରୀ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ବଡ଼ ଘୋଷଣା କରିଛନ୍ତି। ସଚିବାଳୟଠାରେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ପୁରୀ ପାଇଁ ୨୬୫ କୋଟି ଟଙ୍କା ବିନିଯୋଗରେ ୫ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଜଗନ୍ନାଥ ଧାମକୁ ପ୍ରତ୍ୟେକ ଦିନ ଲକ୍ଷଲକ୍ଷ ଭକ୍ତ ଆସୁଥିବା ଯୋଗୁ ସେମାନଙ୍କୁ ଉନ୍ନତମାନର ସେବା ଓ ସୁବିଧା ଯୋଗାଇ ଦେବା ଲାଗି ୫ଟି ଭିତ୍ତିଭୂମି ବିକାଶ ପ୍ରକଳ୍ପ ପ୍ରତିଷ୍ଠା କରାଯିବ। ପୁରୀର ପୁରୁଣା ଜେଲ୍ ପରିସର, ଯାତ୍ରୀକା ଏବଂ ମ୍ୟୁନିସିପାଲିଟି ମାର୍କେଟ୍‌ର ବିକାଶ କରାଯିବ। ଏହିସବୁ ସ୍ଥାନରେ ୧୨୫୦ଟି ଦୋକାନ ଗୃହ ନିର୍ମାଣ କରାଯିବା ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ପୁରୁଣା ଜେଲ୍ ପରିସରରେ ବହୁତଳ ବିଶିଷ୍ଟ ପାର୍କିଂ ବ୍ୟବସ୍ଥାର ବିକାଶ କରାଯିବ। ଏଠାରେ ୪୦୦ କାର୍ ରଖିବା ପାଇଁ ପାର୍କିଂ ସୁବିଧା ରହିବ। ସେହିପରି ଯାତ୍ରୀକାରେ ମଧ ବହୁତଳ କାର୍ ପାର୍କିଂ ବ୍ୟବସ୍ଥା କରାଯିବ। ସେଠାରେ ମଧ ୪୦୦ କାର୍ ପାର୍କିଂ ପାଇଁ ବ୍ୟବସ୍ଥା ହେବ। ଏହାଦ୍ୱାରା ପୁରୀକୁ ଆସୁଥିବା ଯାତ୍ରୀମାନଙ୍କ ଗାଡି ପାର୍କିଂ ସମସ୍ୟା ଦୂର ହୋଇପାରିବ ବୋଲି ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ପୁରୀରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ ଗୋଟିଏ ଛାତ ତଳେ ରଖାଯିବ। ଗୋଟିଏ ସ୍ଥାନରେ ସରକାରୀ କାର୍ଯ୍ୟାଳୟ ରହିଲେ ସାଧାରଣ ଲୋକଙ୍କ ପାଇଁ ସୁବିଧା ହେବ। ସମସ୍ତ କାର୍ଯ୍ୟାଳୟ ଗୋଟିଏ ସ୍ଥାନରେ ରହିବା ପରେ ସ୍ଥାନାନ୍ତରିତ ହେବା କାର୍ଯ୍ୟାଳୟ ପରିସରଗୁଡ଼ିକୁ ପାର୍କିଂ ଏବଂ ବିଭିନ୍ନ ନାଗରିକ ସୁବିଧା କେନ୍ଦ୍ର ଭାବେ ବ୍ୟବହାର କରାଯିବ। ପୁରୀ ମ୍ୟୁନିସିପାଲିଟି ମାର୍କେଟ୍‌ର ପୁନରୁଦ୍ଧାର କରାଯାଇ ଏହାକୁ ଅତ୍ୟାଧୁନିକ ମାର୍କେଟ୍ କମ୍ପ୍ଲେକ୍ସରେ ପରିଣତ କରାଯିବ।

ଏସବୁ ବାଦ୍ ପୁରୀ ଆଚାର୍ଯ୍ୟ ହରିହର ଛକ ନିକଟସ୍ଥ ରାସ୍ତାକୁ ସମ୍ପ୍ରସାରଣ କରାଯିବ। ସେଠାରେ ବିଭିନ୍ନ ନାଗରିକ ସୁବିଧା ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହାତକୁ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହିସବୁ କାର୍ଯ୍ୟଗୁଡିକ ପୂର୍ତ୍ତ ବିଭାଗ ଅଧୀନ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଜରିଆରେ କାର୍ଯ୍ୟକାରୀ ହେବ। ବୈଠକରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ, ଉନ୍ନୟନ କମିଶନର ଅସୀତ ତ୍ରିପାଠୀ, ଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଏବଂ ଜିଲାପାଳ ବଳବନ୍ତ ସିଂ ଉପସ୍ଥିତ ଥିଲେ।




**କିଛି ତଥ୍ୟ**

ଚଳିତ ବର୍ଷ ଜୁଲାଇରେ ଦେଶରୁ ପିଡିଆ ରପ୍ତାନି ୨୩% ହ୍ରାସ ଘଟି ୧.୬୬ ଲକ୍ଷ ଟନ୍ ରହିଛି।
– ସଲ୍‌ଭେଣ୍ଟ ଏକ୍ସଟ୍ରାକ୍ଟର ଆସୋସିଏଶନ ଅଫ୍ ଇଣ୍ଡିଆ


**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆରୁଷ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଧୋଇଗଲା ଟ୍ରାକ୍, ପାଣିକୁ ଖସିଲା ମାଲବାହୀ ଟ୍ରେନ୍ ବଗି



ରାୟଗଡା ଅଫିସ/ମୁନିଗୁଡ଼ା/ଅମ୍ବାଦଳା ୭।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲାରେ ଗତ ୪୦ ଘଣ୍ଟାରୁ ଅଧିକ ସମୟ ଧରି ଲଗାଣ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଜିଲାରେ ପ୍ରବାହିତ ନାଗାବଳୀ, କଲ୍ୟାଣୀ, ବଂଶଧାରା, ଝଞ୍ଜାବତୀ ଓ କୁଜେର ନଦୀର ଜଳସ୍ତର ବଢ଼ିବାରେ ଲାଗିଛି।

ଅମ୍ବାଦଳା ରେଳଷ୍ଟେଶନ ନିକଟ ଖାରିପୁଲିଆ ନିକଟରେ ବଂଶଧାରା ନଦୀର ଶାଖା ନାଳରେ ବନ୍ୟାଜଳ ପ୍ରବାହିତ ହୋଇ ରେଳ ପୋଲ ସମ୍ପୂର୍ଣ୍ଣ ଧୋଇ ଦେଇଛି। ମଙ୍ଗଳବାର ରାତି ପ୍ରାୟ ୨ଟାରେ ବନ୍ୟାଜଳ ପ୍ରବାହିତ ହୋଇ ପ୍ରଥମେ ରେଳ ଧାରଣାକୁ ଧୋଇଥିଲା। ଧାରଣା ତଳର ମାଟି ଓ କଂକ୍ରିଟ ଧୋଇଯିବା ଯୋଗୁ ରାୟଗଡ଼ାରୁ ଲାଞ୍ଜିଗଡ଼ ଅଭିମୁଖେ ଯାଉଥିବା ଏକ ବକ୍ସାଇଟ ବୋଝେଇ ଟ୍ରେନ ପୋଲ ଉପରେ ଠିଆ ହୋଇଥିବା ସମୟରେ ତାହା ଭୁଶୁଡ଼ି ପଡିଥିଲା। ଫଳରେ ଉକ୍ତ ଟ୍ରେନର ୩ଟି ବଗି ଓଲଟି ପଡିଛି। ଖବରପାଇ ଘଟଣାସ୍ଥଳରେ ସମ୍ବଲପୁର ଏଡିଆର୍‌ଏମ୍ ଏଲ୍. ପାତ୍ରୁଙ୍କ ସମେତ ଟେକ୍‌ନିକାଲ ଟିମ୍ ପହଞ୍ଚି ମରାମତି କାମ ଆରମ୍ଭ କରିଛନ୍ତି। ଏହି କାମ ଶେଷ ହେବାକୁ ପ୍ରାୟ ୧୮ ଘଣ୍ଟା ଲାଗିବ ବୋଲି ଏଡିଆର୍‌ଏମ୍ କହିଛନ୍ତି। ଫଳରେ ଏହି ରୁଟ୍ ଦେଇ ଯାଉଥିବା ସମ୍ବଲପୁର-ରାୟଗଡ଼ା ତପସ୍ୱିନୀ ଏକ୍ସପ୍ରେସ, ଭୁବନେଶ୍ୱର-ଜୁନାଗଡ଼ ଲିଙ୍କ୍ ଏକ୍ସପ୍ରେସ, ରାୟପୁର-ବିଶାଖାପାଟଣା ପାସେଞ୍ଜର, ସମ୍ବଲପୁର-କୋରାପୁଟ ପାସେଞ୍ଜର ସହ ୮ଟି ଟ୍ରେନକୁ ବାତିଲ କରାଯାଇଛି। ସେହିଭଳି ଅହମ୍ମଦାବାଦ-ପୁରୀ, ନିଜାମୁଦ୍ଦିନ-ବିଶାଖାପାଟଣା ସମତା ଏକ୍ସପ୍ରେସ ଭଳି ୮ଟି ଟ୍ରେନ୍‌ର ରୁଟ୍ ପରିବର୍ତ୍ତନ କରାଯାଇଛି। ଯାତ୍ରୀଙ୍କ ସୁବିଧା ପାଇଁ ୩ଟି ହେଲ୍‌ପ ଲାଇନ୍ ନମ୍ବର ଜାରି କରାଯାଇଛି। ସମ୍ବଲପୁର ଷ୍ଟେଶନ ପାଇଁ ୯୪୩୭୩୮୬୭୫୯, ଟିଟିଲାଗଡ ଷ୍ଟେଶନ ପାଇଁ ୮୪୫୫୮୯୨୮୩୧/୯୪୩୭୩୮୬୬୯୩ ନମ୍ବର ଜାରି କରାଯାଇଛି। ଅନ୍ୟପକ୍ଷରେ ରାୟଗଡ଼ା-କୋରାପୁଟ କେଆର ଲାଇନରେ ମଧ ପ୍ରବଳ ବର୍ଷା ଯୋଗୁ ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ ଶିକରପାଇ ଷ୍ଟେଶନରେ ଅଟକି ରହିଥିଲା। ସେହିଭଳି ଭାଲୁମାସ୍କା ଷ୍ଟେଶନରେ ଜଗଦଲପୁର-ରାଉରକେଲା ଟ୍ରେନ୍ ଫସି ରହିଥିଲା। ଶିକରପାଇ ଷ୍ଟେଶନ ଟ୍ରାକ୍ ନମ୍ବର ୩ ନିକଟରେ ମାଟି ଅତଡ଼ା ଖସୁଥିବା ପରିଲକ୍ଷିତ ହୋଇଛି। ସେହିପରି ଲଗାଣ ବର୍ଷାରେ କୋଲନରା ବ୍ଲକର ଖମ୍ବାସିଂ-ବଡଖିଲାପଦର ମଧ୍ୟରେ ଥିବା ଏକ କଲଭର୍ଟ ଧୋଇହୋଇ ଯିବାରୁ ୩ଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

■ ସ୍ୟାଟ୍ ଉଚ୍ଛେଦ ପ୍ରସଙ୍ଗ

# କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଉପରେ ମିଳିଲାନି ରହିତାଦେଶ

**କେନ୍ଦ୍ର, ରାଜ୍ୟ ସରକାରଙ୍କୁ ନୋଟିସ**

କଟକ ଅଫିସ,୭।୮

ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ(ସ୍ୟାଟ୍) ଉଚ୍ଛେଦ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶିତ ଗେଜେଟ୍ ନୋଟିଫିକେଶନକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଓ ଜଷ୍ଟିସ୍ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ଗେଜେଟ୍ ନୋଟିଫିକେଶନ ଉପରେ ରହିତାଦେଶ ଜାରି କରିବାକୁ ମନା କରି ଦେଇଛନ୍ତି। ଏହି ମାମଲାରେ ହାଇକୋର୍ଟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୫ରେ କେନ୍ଦ୍ର ଓ ରାଜ୍ୟ ସରକାର ସେମାନଙ୍କ ଜବାବ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର କେନ୍ଦ୍ର ସରକାରଙ୍କ ଏହି ନୋଟିଫିକେଶନକୁ ଚ୍ୟାଲେଞ୍ଜ କରି କଟକ ସ୍ୟାଟ୍ ବାର ଆସୋସିଏଶନ ପକ୍ଷରୁ ହାଇକୋର୍ଟରେ ପିଟିଶନ ଦାଏର କରାଯାଇଥିଲା। ସେହିପରି ଗୁରୁବାର ଓଡ଼ିଶା ଟ୍ରିବ୍ୟୁନାଲ କୋର୍ଟ ବାର ଆସୋସିଏଶନ କଟକ ଓ ଭୁବନେଶ୍ୱର ପକ୍ଷରୁ ହୋଇଥିବା ଅନ୍ୟଏକ ମାମଲାର ଶୁଣାଣି ହେବ। ଓଡ଼ିଶା ଟ୍ରିବ୍ୟୁନାଲ କୋର୍ଟ ବାର ଆସୋସିଏଶନ ପକ୍ଷରୁ ମଙ୍ଗଳବାର କେନ୍ଦ୍ର ସରକାରଙ୍କ ଏହି ଗେଜେଟ୍ ନୋଟିଫିକେଶନ୍‌କୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଛି, ହାଇକୋର୍ଟରେ ସ୍ୟାଟ୍ ଉଚ୍ଛେଦ ନେଇ ମାମଲା ବିଚାରାଧୀନ ରହିଛି। ମାତ୍ର ମାମଲାର ଶୁଣାଣି ଶେଷ ହୋଇ ନ ଥିବାବେଳେ କେନ୍ଦ୍ର ସରକାର ଯେଉଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ତାହା ବେଆଇନ। ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କର ଏହି ବ୍ୟବସ୍ଥା ଉଚ୍ଛେଦ କରିବାର କ୍ଷମତା ନାହିଁ। କେବଳ ପାର୍ଲାମେଣ୍ଟର ଉଚ୍ଛେଦ କ୍ଷମତା ରହିଛି। ତେଣୁ କେନ୍ଦ୍ର ସରକାରଙ୍କ ଏହି ବିଜ୍ଞପ୍ତିକୁ ରଦ୍ଦ କରିବା ପାଇଁ ଆବେଦନକାରୀ ଦର୍ଶାଇଛନ୍ତି। ଏହି ମାମଲାରେ କେନ୍ଦ୍ର ସରକାର, ପର୍ସୋନେଲ ପବ୍ଲିକେଶନ ଗ୍ରୀଭାନ୍ସ, ପେନସନ ମନ୍ତ୍ରଣାଳୟ ଏବଂ ରାଜ୍ୟସରକାରଙ୍କୁ ପକ୍ଷଭୁକ୍ତ କରାଯାଇଥିଲା।

■ ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କ ଛିନ୍ନ ନିଷ୍ପତ୍ତି

# ଅଧିକ ପ୍ରଭାବିତ ହେବ ପାକିସ୍ତାନ

- ■ ଦୁଇ ଦେଶ ମଧ୍ୟରେ କାରବାର ୨୦୦ କୋଟି ଡଲାରରେ ସୀମିତ
- ■ ପାକିସ୍ତାନଠାରୁ ଭାରତ ଏମ୍‌ଏଫ୍‌ଏନ୍ ମାନ୍ୟତା ପ୍ରତ୍ୟାହାର କରିସାରିଛି
- ■ ପୁଲୱାମା ପରେ ପାକିସ୍ତାନ ସାମଗ୍ରୀ ଉପରେ ୨୦୦% ଟାରିଫ ବୃଦ୍ଧି
- ■ ସୀମା ଦେଇ ବାଣିଜ୍ୟ କାରବାର ବନ୍ଦ

ନୂଆଦିଲ୍ଲୀ, ୭।୮

ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ପ୍ରତ୍ୟାହାର ପରେ ପାକିସ୍ତାନର ମୁଣ୍ଡ ବିଗିଡି ଯାଇଛି। ଭାରତ ସହିତ ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କ ଛିନ୍ନ କରିବା ଲାଗି ପଡୋଶୀ ଦେଶ ବୁଧବାର ନିଷ୍ପତ୍ତି ନେଇଛି। ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପକ୍ଷରୁ ଏକାଧିକ ନିଷ୍ପତ୍ତି ନିଆଯିବା କାରଣରୁ ଏବେ ପାକିସ୍ତାନର ଆର୍ଥିକ ମେରୁଦଣ୍ଡ ଭାଙ୍ଗିପଡିଛି। ଏଭଳି ସ୍ଥିତିରେ ପଡୋଶୀ ଦେଶର ଉକ୍ତ ନିଷ୍ପତ୍ତି ନିଜ ଗୋଡରେ କୁରାଢ଼ି ମାରିବା ସଦୃଶ ବୋଲି ମତପ୍ରକାଶ ପାଇଛି।

ଫେଡେରେଶନ ଅଫ୍ ଇଣ୍ଡିଆନ ଏକ୍ସପୋର୍ଟ ଅର୍ଗାନାଇଜେଶନ (ଏଫ୍‌ଆଇଇଓ) ମହାନିର୍ଦ୍ଦେଶକ ଅଜୟ ସହାୟ କହିଛନ୍ତି ଯେ, ଭାରତ ସହିତ ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କ ଛିନ୍ନ କରିବା ଦ୍ୱାରା ପାକିସ୍ତାନ ଅଧିକ କ୍ଷତି ସହିବ। ପଡୋଶୀ ଦେଶଠାରୁ ଭାରତ ମୋଷ୍ଟ ଫେଭର୍ଡ ନେଶନ(ଏମ୍‌ଏଫ୍‌ଏନ୍) ମାନ୍ୟତା ପ୍ରତ୍ୟାହାର କରିବା ପରେ ସେ ଦେଶକୁ ଭାରତରୁ ରପ୍ତାନି ଓ ଆମଦାନୀ ଆବଶ୍ୟକତାଠାରୁ ଯଥେଷ୍ଟ କମିଯାଇଛି। ଇଣ୍ଟରନ୍ୟାଶନାଲ ଚାମ୍ବର ଅଫ୍ କମର୍ସ ଇଣ୍ଡିଆ ପ୍ରେସିଡେଣ୍ଟ ବିକ୍ରମଜିତ୍ ସିଂ ସାହ୍ନୟ କହିଛନ୍ତି ଯେ, ଏହା ଏକ ଦୁଃଖଦ ନିଷ୍ପତ୍ତି। ସୂଚନାଥାଉ କି, ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନରୁ ଆସୁଥିବା ସାମଗ୍ରୀ ଉପରେ ଭାରତ ୨୦୦ ପ୍ରତିଶତ ସୀମାଶୁଳ୍କ ଆଦାୟ କରୁଛି। ଭାରତ କପା, ତାଜା ଫଳ, ସିମେଣ୍ଟ, ପେଟ୍ରୋଲିୟମ ଏବଂ ଖଣିଜ ଉତ୍ପାଦ ପାକିସ୍ତାନରୁ ଆମଦାନୀ କରିଥାଏ। ପ୍ରତିବର୍ଷ ପାକିସ୍ତାନକୁ ଭାରତର ରପ୍ତାନି ମାତ୍ର ୨୦୦ କୋଟି ଡଲାର ରହିଥିବା ବେଳେ ଆମଦାନୀ ୫୦ କୋଟି ଡଲାର ରହିଛି। ୨୦୧୭-୧୮ ସୁଦ୍ଧା ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର ମାତ୍ର ୨୪୦ କୋଟି ଡଲାର ହୋଇଛି। ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ପାକିସ୍ତାନରୁ ଆମଦାନୀ ୯୨ ପ୍ରତିଶତ ହ୍ରାସ ପାଇ ୨.୮୪ ମିଲିୟନ ଡଲାରରେ ପହଞ୍ଚିଛି। ଗତବର୍ଷ ମାର୍ଚ୍ଚରେ ଏହା ୩୪.୬୧ ମିଲିୟନ ଡଲାର ଥିଲା ବୋଲି ବାଣିଜ୍ୟ ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ। ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନିମାସ ଏପ୍ରିଲ-ଜୁନ୍‌ରେ ପଡୋଶୀ ଦେଶରୁ ଆମଦାନୀ ୭.୧୩ ମିଲିୟନ ଡଲାର ରହିଛି। ସେହିପରି ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ପାକିସ୍ତାନକୁ ଭାରତରୁ ରପ୍ତାନି ୩୨ ପ୍ରତିଶତ ହ୍ରାସ ପାଇ ୧୭୧.୩୪ ମିଲିୟନ ଡଲାରରେ ପହଞ୍ଚିଛି। ତେବେ ୨୦୧୮-୧୯ରେ ଭାରତର ରପ୍ତାନି ୭.୪% ବୃଦ୍ଧି ପାଇ ୨ ବିଲିୟନ ଡଲାର ହୋଇଥିଲା। ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ଜୁନ ମଧ୍ୟରେ ଭାରତର ରପ୍ତାନି ୩୧୪.୭ ମିଲିୟନ ଡଲାର ହୋଇଛି। ପାକିସ୍ତାନକୁ ଭାରତରୁ ମୁଖ୍ୟତଃ ଅର୍ଗାନିକ କେମିକାଲ, କପା, ପରମାଣୁ ଚୁଲା, ବଏଲର, ପ୍ଲାଷ୍ଟିକ ସାମଗ୍ରୀ, ଚମଡା ଓ ଡାଏ ପଦାର୍ଥ, ଡାଲି, ଚିନି, କଫି, ଚା', ଲୌହ ଏବଂ ଷ୍ଟିଲ୍ ସାମଗ୍ରୀ, ତମ୍ବା ଏବଂ ଜୋତା ଆଦି ରପ୍ତାନି ହୁଏ। ଅନ୍ୟପକ୍ଷରେ ପ୍ରତିବର୍ଷ ଭାରତକୁ ପାକିସ୍ତାନରୁ ୭୮.୩ ମିଲିୟନ ଡଲାର ସିମେଣ୍ଟ, ୩୪.୯ ମିଲିୟନ ଡଲାର ସାର, ୧୧୨.୮ ମିଲିୟନ ଡଲାର ତାଜା ଫଳ, ୬୦.୪ ମିଲିୟନ ଡଲାର କେମିକାଲ୍ସ, ଚମଡା ଓ ଏହି ଜାତୀୟ ପଦାର୍ଥ ରପ୍ତାନି ହୁଏ। ବୃହତ ଦୃଶ୍ୟପଟରେ ଦେଖିଲେ ୨୦୧୪-୧୫ରୁ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର ହ୍ରାସ ପାଇଚାଲିଛି। ପାକିସ୍ତାନରୁ ଅସ୍ତ୍ରଶସ୍ତ୍ର, ଡ୍ରଗ୍ସ ଓ ଜାଲ୍ ନୋଟ୍ ଚୋରାଚାଲାଣ ହେଉଥିବାର ପ୍ରମାଣ ମିଳିବା ପରେ ଦୁଇ ଦେଶର ସୀମା ଦେଇ ହେଉଥିବା ବାଣିଜ୍ୟକୁ ଭାରତ ବନ୍ଦ କରିଦେଇଛି। ତେବେ ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କ ଛିନ୍ନ ହେବା ପରେ ସମୁଦ୍ର ପଥରେ ପାକିସ୍ତାନର ବାଣିଜ୍ୟ କାରବାରକୁ ଭାରତ ରୋକିପାରିବ। ଏପରିସ୍ଥିତିରେ ଭାରତ ସହ ବାଣିଜ୍ୟ ସମ୍ପର୍କ ଛିନ୍ନ କରିବା ପାକିସ୍ତାନ ପାଇଁ ବୁମେରାଂ ହେବାକୁ ଯାଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ପାରିବାରିକ ସ୍ତରରେ ଟେନ୍‌ସନ କମିଯିବା ସକାଶେ ଚେଷ୍ଟା କରିବେ। ଭ୍ରମଣ ସୁଯୋଗ ଜୁଟିବା ସହ ନୂତନ ବନ୍ଧୁତା ସୃଷ୍ଟି ହେବ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହିବା ଭଲ ହେବ।

**ବୃଷ** — ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବିବାଦୀୟ ବ୍ୟକ୍ତି ସାହାଯ୍ୟ କରିବେ। ଯାତ୍ରା ସମୟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅତୀତ ଘଟଣା, ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ।

**ମିଥୁନ** — ନିଜର କାର୍ଯ୍ୟଦକ୍ଷତା କାରଣରୁ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆରଦ୍ରା ନକ୍ଷତ୍ରର ଆଳସ୍ୟ ଓ ଅବହେଳା ଯୋଗୁ ସୁଯୋଗ ହାତଛଡ଼ା ହୋଇପାରେ। ପରିବାରର ବ୍ୟତିକ୍ରମକୁ ନେଇ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଆଶା କରିଥିବା ଦିଗରୁ ଅର୍ଥ କିମ୍ବା ଶୁଭ ଖବର ପାଇ ଖୁସୀ ହେବେ।

**କର୍କଟ** — ବିଭିନ୍ନ ପ୍ରକାର ସମସ୍ୟାକୁ କେନ୍ଦ୍ରକରି ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମନ ଭଲ ରହିବ ନାହିଁ। କୌଣସି ବ୍ୟକ୍ତି ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଧାର କରଜ, ଭଡ଼ା ସୂତ୍ରରୁ କିମ୍ବା ବକେୟା ଟଙ୍କା ଆଜି ପାଇବାର ସମ୍ଭାବନା ରହିଛି।

**ସିଂହ** — କର୍ମକ୍ଷେତ୍ରରେ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ସହକର୍ମୀମାନେ ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ଅନ୍ୟମାନଙ୍କ ଦ୍ୱାରା ପ୍ରରୋଚିତ ହୋଇ କାମ କଲେ ଅପମାନିତ ହେବାକୁ ପଡିବ। ଆର୍ଥିକ ସହାୟତା ବନ୍ଧୁଙ୍କଠାରୁ ପାଇ କାମ ହାସଲ କରିବେ।

**କନ୍ୟା** — କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। କଠିନ ଶ୍ରମ ଓ ଭ୍ରମଣଜନିତ ଅନିଦ୍ରା ହେତୁକ ଜ୍ୱର ଓ ବମନ ଦେଖାଦେଇପାରେ। ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କଲେ ସଫଳତା ଅବଶ୍ୟ ମିଳିବ। ପରିବାରରେ କଳହ ଲାଗିପାରେ।

**ତୁଳା** — କର୍ମ ଜଞ୍ଜାଳର ଟେନ୍‌ସନ ସଙ୍ଗକୁ ପିଲାଙ୍କ ବିଶୃଙ୍ଖଳିତ ଆଚରଣରୁ କ୍ଷୁବ୍ଧ ହୋଇପାରନ୍ତି। ଆନୁଷ୍ଠାନିକ ପରିବେଶରେ ମିତ୍ରତାର ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ଅଂଶୀଦାର ବ୍ୟବସାୟୀଙ୍କ ସହ ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ, ଆଜି ତାହା ବିଳମ୍ବରେ ପାଇବେ।

**ବିଛା** — ଶାନ୍ତ ପଡ଼ିଯାଇଥିବା ପୁରାତନ ରୋଗର ପୀଡ଼ା ପୁନଶ୍ଚ ଅନୁଭବ ହୋଇପାରେ। ଅନ୍ୟମାନଙ୍କ ଶତ୍ରୁତା କାରଣରୁ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ। ପଡ଼ୋଶୀ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାରର ମନ୍ତବ୍ୟ ଦେଇପାରନ୍ତି। ନୂତନ କର୍ମାରମ୍ଭ, ଯାତ୍ରା, ବ୍ୟବସାୟ, ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ।

**ଧନୁ** — କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ । ଅଭାବ ଅନଟନ ନ ଥିଲେ ମଧ୍ୟ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ ଅଭାବରୁ ଅଶାନ୍ତ ରହିବେ। ବନ୍ଧୁଙ୍କ ଔଚିତ୍ୟପୂର୍ଣ୍ଣ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ମକର** — କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ପ୍ରଭାବରୁ ଉଚ୍ଚ ଆଶା କରାଯାଇପାରେ। ଭୁଲ୍ ବୁଝାମଣାରୁ ଭଉଣୀ କିମ୍ବା ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ। ଯେତେ ଭଲ କାମ କଲେ ମଧ୍ୟ ବନ୍ଧୁଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ।

**କୁମ୍ଭ** — ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବାରୁ ମନ ଖୁସୀ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ରୁକ୍ଷ ବ୍ୟବହାର ସହକର୍ମୀଙ୍କ ମନରେ ଅଘାତ ଦେଇପାରେ। ନିର୍ମାଣ ଓ ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ** — ବନ୍ଧୁମାନଙ୍କ ସକ୍ରିୟ ସହଯୋଗରୁ ସରକାରୀ ସ୍ତରରୁ ସହାୟତା ପାଇପାରନ୍ତି। ନୂତନ କର୍ମାରମ୍ଭରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ନଚେତ୍ ପରେ ମନସ୍ତାପ କରିପାରନ୍ତି। ଈର୍ଷାପରାୟଣ ବନ୍ଧୁମାନେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ।

ଆଜି ଶ୍ରାବଣ ଶୁକ୍ଳ ଅଷ୍ଟମୀ ଯୁକ୍ତ ନବମୀ, ଗୁରୁବାର, ଅଗଷ୍ଟ ୮ ତାରିଖ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶି ନକ୍ଷତ୍ର-ବିଶାଖା/ତୁଳା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୦୭ମି. ଗତେ ଘ୧୨।୪୬ମି. ମଧ୍ୟେ, ଘ୨।୨୫ମି. ଗତେ ଘ୪।୦୪ମି. ମଧ୍ୟେ ଅମୃତବେଳା। ଦିବା ଘ୬।୪୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୨୮ମି. ଗତେ ଘ୩।୦୪ମି. ମଧ୍ୟେ ରାହୁବେଳା।


**classifieds Everyday**
**0674-2580101, 2549302**

**real estate**

**SALE**

SUM Hospital ନିକଟରେ ଏବଂ ତମାଣ୍ଡୋ ବଜାର ପଛପଟେ ଘରବାରି plot ମିଳୁଅଛି। 9439864322. D-66752

**ଭୁବନେଶ୍ୱର AIIMS Medical ଠାରୁ 500 mtr ଦୂରତାରେ yellowzone ଘରବାରି boundary 30' ରାସ୍ତାଥାଇ sqft- 1850/- ରେ plot ବିକ୍ରିହେବ। 6370292040.** D-66746

Ready to construction BDA Plot 30' road, electric pole, boundary sft. 600/- ରେ ଭୁବନେଶ୍ୱର Pitapalli, NH sideରେ ମିଳୁଅଛି। Contact: 9777449397, 9777764051. D-13815

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ 9114955347, 8658962508.** D-66753

Land for sale, 3680 sqft. at Phulnakhara near Trinath-Bazar on mainroad. Contact: 9437033691. D-65675

Investment plot for sale near AIIMS Hospital, Bhubaneswar. 7749092225, 7327097208. D-67344

**Ready to construction BDA yellowzone boundary, Electricity plot near VSS Nagar, Chakeisihani. 7978666923, 7326065426.** D-66751

**Residential plot at Bramhan Jharilo gharabari with compound wall 6k.m from Nakhara, Cuttack. 7809525452/ 8249851363.** D-66937

ପିଟୁରୋଡକୁ ଲାଗି 400 decimal plot patta boundary, electricity ଥାଇ IIT ଅରଗୁଳରେ ବିକ୍ରିହେବ। owner 9437580925. D-66171

ଭୁବନେଶ୍ୱର ନିକଟସ୍ଥ ନଖରା, DPS ଅନନ୍ତପୁର, ଦଧିବିକଲେଜ ପାଖ ବାଲିଅନ୍ତା, ପାହାଳ, ରଙ୍ଗବଜାର (ସତ୍ୟଭାମାପୁର), ଗୁଡ଼ିଆପୋଖରି (ବିଳିପଡା) ଓ ଝାରପଡାରେ ଗୃହୋପଯୋଗୀ ପ୍ଲଟ ବିକ୍ରିହେଉଛି। ଯୋଗାଯୋଗ: **8249870448.** D-13744

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/-, ରଙ୍ଗୀନ ଟ୪୨୦/-ରେ (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**construction**

**Contact for interior design of ceiling, TV unit, wardrobe and modular kitchen from the experts. Call: 7008550473.** D-13806

**GENERAL SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66714

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-13610

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Ayurvedic full body massage ladies & gents smart therapist. 9040900385. D-66935

Full body herbal massage with refreshment expert therapist. 7381239385, 06742540855. D-67337

Experience full body massage with us (expert). Call: 7377048581, 06742597822. D-67338

Herbal full body massage by smart / expert therapist. Contact: 8338067247. D-67335

Summer special mesmerizing offer expert therapeutic refreshing massage appointment. 9668374480. D-67336

Thailand unisex massage experience luxurious hospitality home services. 7077335555. thailandunisexspa9853999966@gmail.com. D-59937

Newly opening Ayurvedic body massage smart therapist, Shree herbal, 775 0020754. D-67343

Physiotherapy full body massage by trained ladies / gents therapist: 7008773793. D-67032

**education**

Medical Courses ପାଇଁ registration କରନ୍ତୁ। BDS, BAMS, BHMS, BUMS, D.Pharma, ANM, GNM (only for practioners). Whatsapp / call: 9893869473, (Agent excuse). D-67345

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**astrology**

ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13802

**ଦ୍ୱିତୀୟ ବର୍ଷ ଜନ୍ମଦିନ ଶୁଭେଚ୍ଛା**



**ଆରୁଷ୍ ମଲ୍ଲିକ୍**
ଆରୁଷ, ପ୍ରଭୁ ଶ୍ରୀ ଜଗନ୍ନାଥ ଓ ସାଇବାବାଙ୍କ ପାଖରେ ପ୍ରାର୍ଥନା ତୋର ଚଲାପଥ କୁସୁମିତ କରନ୍ତୁ।
**ଶୁଭେଚ୍ଛା ସହ**
ଜେଜେ, ମା', ବଡବାପା, ବଡ ମା', ମଝିଆ ବାପା, ମଝିଆ ମା', ବାପା, ବୋଉ, ମାଉସୀ ଓ ଅଜା, ମାମା, ଅଙ୍କିତ, ନନ୍ଦନୀ, ଆର୍ଯ୍ୟନ୍
ଧ-୧୩୮୧୬

ପ୍ରତିବନ୍ଧକକୁ ଭୟ କରନାହିଁ। ନୈରାଶ୍ୟକୁ ମନରେ ସ୍ଥାନ ଦିଅନାହିଁ। ସ୍ଥିର ଓ ଶାନ୍ତ ଭାବେ ସାଧନା କରିଚାଲ। ଏବେ ଯାହା କଠିନ, ତାହା ପରେ ସହଜ ହୋଇଉଠିବ। -ଶ୍ରୀମା

# କିଏ ପ୍ରାଣୀ କିଏ ଉଦ୍ଭିଦ



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ପ୍ରାଣୀ ଓ ଉଦ୍ଭିଦ ମଧ୍ୟରେ ପ୍ରଭେଦ ରହିଛି। ପ୍ରାଣୀଙ୍କୁ ବଞ୍ଚିବା ପାଇଁ ଶକ୍ତି ଦରକାର। ଏହି ଶକ୍ତି ସେ ନିଜେ ଉତ୍ପାଦନ କରିପାରେନାହିଁ। ପ୍ରାଣୀ ବା ଉଦ୍ଭିଦକୁ ଖାଇ ସେ ଶକ୍ତି ସଂଗ୍ରହ କରେ। ଅନ୍ୟପକ୍ଷରେ ଉଦ୍ଭିଦ ଆଲୋକ ସଂଶ୍ଲେଷଣ ପ୍ରକ୍ରିୟାରେ ସୂର୍ଯ୍ୟାଲୋକରୁ ଶକ୍ତି ସଂଗ୍ରହ କରି ବଞ୍ଚେ। ଉଦ୍ଭିଦର କୋଷ ମଧ୍ୟରେ ଥିବା ସବୁଜ କଣିକା (କ୍ଲୋରୋଫିଲ) ଉଦ୍ଭିଦକୁ ଆଲୋକ ସଂଶ୍ଲେଷଣରେ ସାହାଯ୍ୟ କରେ। ପ୍ରାଣୀ ଓ ଉଦ୍ଭିଦଙ୍କ ବଞ୍ଚିବାର ଶୈଳୀ ଭିନ୍ନ ରହିଥିବାବେଳେ ମେସୋଡିନିୟମ୍ ଚାମେଲିଅନ (ମେସୋଡିନିୟମ୍ ପ୍ରଜାତିର ବହୁରୂପୀ ଏଣ୍ଡୁଅ) ନାମକ ଜୀବର ବଞ୍ଚିବାର ତରିକା କିନ୍ତୁ ପୂରା ଭିନ୍ନ। ଏହା ପ୍ରାଣୀ ଓ ଉଦ୍ଭିଦ ଉଭୟର ବଞ୍ଚିବାର ଶୈଳୀକୁ ଆପଣାଇଥାଏ। ଡେନମାର୍କର ସମୁଦ୍ର ପୃଷ୍ଠରେ ଏହି ଅଦ୍ଭୁତ ଜୀବ ଦେଖିବାକୁ ମିଳେ। ଏହାର ସନ୍ଧାନ ମିଳିବା ପରେ ତାହା ଗବେଷକମାନଙ୍କୁ ଜୀବମାନଙ୍କର ପାରମ୍ପରିକ ପଦ୍ଧତିରେ ବର୍ଗୀକରଣ ପାଇଁ ପୁନର୍ବିଚାର କରିବାକୁ ବାଧ୍ୟ କରଛି।

ମେସୋଡିନିୟମ୍ ଚାମେଲିଅନ ଶରୀରରେ ରହିଥିବା ହଜାର ହଜାର ଲୋମ ଦ୍ୱାରା ପାଣିରେ ଶୀଘ୍ର ଯାଇପାରେ। ପ୍ରାଣୀ ଭଳି ଉଦ୍ଭିଦକୁ ଖାଇଥାଏ। ଆଶ୍ଚର୍ଯ୍ୟର କଥା, ଯେତେବେଳେ ଏହି ଜୀବ ଉଦ୍ଭିଦକୁ ଖାଏ ସେତେବେଳେ ଉଦ୍ଭିଦରେ ରହିଥିବା କ୍ଲୋରୋଫିଲ କଣିକା ତା' ପାକସ୍ଥଳୀରେ ସକ୍ରିୟ ଅବସ୍ଥାରେ ରହିଥାଏ ଓ ତାହା ସୂର୍ଯ୍ୟାଲୋକରୁ ଆଲୋକ ସଂଶ୍ଲେଷଣ କ୍ରିୟାରେ ଶକ୍ତି ସଂଗ୍ରହ କରିପାରେ। ଏହି ଆଲୋକ ସଂଶ୍ଲେଷଣ ପ୍ରକ୍ରିୟା ମେସୋଡିନିୟମ୍ ବହୁରୂପୀକୁ ଉଦ୍ଭିଦରେ ପରିଣତ କରିଦିଏ। କିଛି ସମୟ ପରେ ଉଦ୍ଭିଦକୁ ହଜମ କରି ସାରିବା ପରେ ତାହା ପୁଣି ପ୍ରାଣୀ ହୋଇଯାଏ। ତା' ପରେ ପୁଣି ଖାଦ୍ୟ ପାଇଁ ନୂଆ ଉଦ୍ଭିଦ ଅନ୍ୱେଷଣରେ ବାହାରିଯାଏ।

ସି ସ୍ଲଗ୍ ଏଲିସିୟା କ୍ଲୋରୋଟିକା ଆଉ ଏକ ପ୍ରକାର ଅଦ୍ଭୁତ ଜୀବ। ପତ୍ର ସଦୃଶ ଏହି ଜୀବ ସମୁଦ୍ର ପୃଷ୍ଠରେ ଗୁରୁଣ୍ଡି ଗୁରୁଣ୍ଡି ଯିବା ଭଳି ଲାଗେ। ଏହା ଶୈବାଳରୁ କ୍ଲୋରୋପ୍ଲାଷ୍ଟ (ଯେଉଁଥିରେ କ୍ଲୋରୋଫିଲ ଥାଏ)କୁ ତା' ଶରୀରରେ ଥିବା ସୂକ୍ଷ୍ମନଳୀ ମାଧ୍ୟମରେ ଶୋଷିଆଣେ। ଏହାକୁ ମାସ ମାସ ଧରି ନିଜ ଶରୀରରେ ରଖି ଉଦ୍ଭିଦ ଭଳି ଆଲୋକ ସଂଶ୍ଲେଷଣ ପ୍ରକ୍ରିୟାରେ ଶକ୍ତି ସଂଗ୍ରହ କରିବାକୁ ସକ୍ଷମ ହୋଇଥାଏ। ପ୍ରାଣୀ ଓ ଉଦ୍ଭିଦର ବର୍ଗୀକରଣ ମଧ୍ୟରେ ଏଭଳି ଅଦ୍ଭୁତ ଜୀବ ଆସିବା ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟର ବିଷୟ। ୧୯୭୦ ଦଶକ ଯାଏ ବୈଜ୍ଞାନିକମାନେ ଜୀବଜଗତକୁ ପ୍ରାଣୀ ଓ ଉଦ୍ଭିଦ ଏମିତି ଦୁଇଭାଗରେ ବିଭକ୍ତ କରିଥିଲେ। ସେହି ସମୟରୁ ସେମାନେ ଏହି ତାଲିକାରେ କବକ, ସୂକ୍ଷ୍ମ ଏକକୋଷୀ ପ୍ରାଣୀ (ପ୍ରୋଟୋଜୋଆ) ଓ ଶୈବାଳକୁ ମଧ୍ୟ ଯୋଡ଼ିଥିଲେ।

କେବଳ ସେତିକି ନୁହେଁ ଜୀବଙ୍କ ଭିତରେ ପୁଣି ଏମିତି ଜୀବ ଅଛନ୍ତି, ଯେଉଁମାନେ ମାଈ ବା ଅଣ୍ଡିରା (ଏକଲିଙ୍ଗୀ), ମାଈ ଓ ଅଣ୍ଡିରା (ଉଭୟଲିଙ୍ଗୀ), ଅଣ୍ଡିରା ହୋଇ ପରେ ମାଈ ହୋଇପାରନ୍ତି ଏବଂ ମାଈ ହୋଇ ପରେ ଅଣ୍ଡିରା ହୋଇପାରନ୍ତି କିମ୍ବା ଉଭୟଲିଙ୍ଗୀ ହୋଇ ଆତ୍ମନିଷେଚନ ପଦ୍ଧତିରେ ବଂଶବିସ୍ତାର କରିପାରନ୍ତି। ଏଭଳି ଜଟିଳତା ଭିତରେ ଜୀବଙ୍କର ଏଭଳି କିସମ ବି ରହିଛି ଯିଏ ନା ପ୍ରାଣୀ ନା ଉଦ୍ଭିଦ କିମ୍ବା ଉଭୟ ପ୍ରାଣୀ ଓ ଉଦ୍ଭିଦ। ପୁଣି କେତେକ ଜୀବ ଅଛନ୍ତି ଯେଉଁମାନେ ଦେଖିବାକୁ ପୂରା ଉଦ୍ଭିଦ ଭଳି, କିଛି ଉଦ୍ଭିଦ ବି ଅଛନ୍ତି ଯାହା ପ୍ରାଣୀ ଭଳି ଦେଖାଯାଆନ୍ତି। ଉଦ୍ଭିଦରୁ ପ୍ରାଣୀ ଓ ପ୍ରାଣୀରୁ ଉଦ୍ଭିଦ ଭଳି ଶାରୀରିକ ଗଠନକୁ ବଦଳାଇ ପାରୁଥିବା ଜୀବ ବି ଦେଖାଯାଆନ୍ତି। ଉଭୟ ପ୍ରାଣୀ ଓ ଉଦ୍ଭିଦର ଗୁଣ ବହନ କରୁଥିବା ଜୀବ ବି ଅଛନ୍ତି। ବାସ୍ତବରେ କହିବାକୁ ଗଲେ ଏପରି କୌଣସି କମ୍ବିନେଶନ (ସଂଯୋଜନ) ନାହିଁ, ଯେଉଁ ବିଷୟରେ ପ୍ରକୃତି ଚିନ୍ତା କରିନାହିଁ।

ଏଥର ଆସିବା ଆଉ ଏକ ପ୍ରଜାତିର ଜୀବ ପାଖକୁ। ନାମ ସି' ଲିଲି ବା ସମୁଦ୍ର କଇଁ। ପୂରା ଅଜବ ଧରଣର ଏହି ପ୍ରାଣୀ। ଏହା ଦେଖିବାକୁ ଉଦ୍ଭିଦ ଭଳି କିନ୍ତୁ ପ୍ରାଣୀଟିଏ। ଏହାର ଶରୀର କେଶାକୃତି କର୍ଷିକାରେ ଆଚ୍ଛାଦିତ। ଗୋଲାକାର ଶରୀରରେ ମୁହଁ, ଅନ୍ତଃନଳୀ ତଥା ମୁହଁ ପାଖରେ ଏକ ମଳଦ୍ୱାର ବି ରହିଛି। ଏକ ବୃନ୍ତ ସାହାଯ୍ୟରେ ଏମାନେ ସମୁଦ୍ରର ତଳଦେଶରେ ଲାଗି ରହିଥାନ୍ତି। ଏମାନେ ଅତି ସୂକ୍ଷ୍ମ ଉଦ୍ଭିଦ ଓ ପ୍ରାଣୀଙ୍କୁ ଖାଇଥାନ୍ତି।

ଆଉ ଏକ ପ୍ରଜାତିର ଜୀବ ଦେଖିବାକୁ ଫୁଲ ଭଳି, କିନ୍ତୁ ତାହା ଫୁଲ ନୁହେଁ। ରଙ୍ଗିନ ସି' ଆନେମନି ଫୁଲ ଭଳି ଦେଖାଯାଉଥିଲେ ବି ଏହା ସମୁଦ୍ର ପୃଷ୍ଠରେ ଥିବା ଶିଳା କିମ୍ବା ପ୍ରବାଳପ୍ରାଚୀର ଉପରେ ଲାଗି ରହେ। ତା' ପାଖଦେଇ ମାଛ ଯିବା ଯାଏ ଅପେକ୍ଷାରେ ରହେ। ଯେମିତି ମାଛ ତା 'ପାଖକୁ ଆସେ ବିଷାକ୍ତ ତନ୍ତୁଥିବା କର୍ଷିକାରେ ଶିକାର କରେ। ଏକ ହଜାରରୁ ଊର୍ଦ୍ଧ୍ୱ ପ୍ରଜାତିର ଆନେମନି ଅଛନ୍ତି। ଏମାନେ ପ୍ରାଣୀ କିନ୍ତୁ ଉଦ୍ଭିଦ ଭଳି ଦେଖାଯାଉଥିବାରୁ ଗୋଟିଏ ବର୍ଗର ଫୁଲର ନାମାନୁସାରେ ତା'ର ନାମକରଣ କରାଯାଇଛି। ଏମାନେ ନାଇଡେରିୟନ ନାମକ ପ୍ରାଣୀ ବର୍ଗରେ ଅନ୍ତର୍ଭୁକ୍ତ ଯେଉଁ ବର୍ଗରେ ଜେଲି ଫିଶ୍ ବି ରହିଛି। ମଜାର କଥା ଏମାନଙ୍କ ସ୍ନାୟୁ ବ୍ୟବସ୍ଥାରେ ଥିବା କେତେକ ଉପାଦାନ ମଣିଷଙ୍କ ପରି। ସିଲିଣ୍ଡର ଆକୃତିର ଶରୀରକୁ ସ୍ପର୍ଶ କରିବା କ୍ଷଣି ତା' ଶରୀର ମଝିରେ ଥିବା ମୁହଁ ପାଖରୁ ଅସଂଖ୍ୟ କର୍ଷିକା ବାହାରି କୀଟ ଶରୀରରେ ଏକପ୍ରକାର ନ୍ୟୁରୋଟକ୍ସିନ ଇଞ୍ଜେକ୍ଟ କରି ତାକୁ ଅଚଳ କରିଦିଏ। ତା'ପରେ କର୍ଷିକା ସାହାଯ୍ୟରେ ପାଟିକୁ ନେଇ ଖାଇଥାଏ। କିନ୍ତୁ ସେମାନେ ବଞ୍ଚିବା ପାଇଁ ଅମ୍ଳଜାନ ଓ ଶର୍କରା ସବୁଜ ଶୈବାଳରୁ ସଂଗ୍ରହ କରିଥାନ୍ତି। ଆଉ ଏକ ନାଇଡେରିୟନ ଅଛି ଯାହାକୁ କୁହାଯାଏ ଭେନସ୍ ଫ୍ଲାଏଟ୍ରାପ୍ ସି' ଆନେମନି। ଏହା ଠିକ୍ ଭେନସ୍ ଫ୍ଲାଏଟ୍ରାପ୍ ଉଦ୍ଭିଦ ଭଳି ଯାହା କୀଟ ଶିକାର କରି ଖାଏ। ଏହା ମାଂସାଶୀ ଉଦ୍ଭିଦ ପରି ଦେଖାଯାଉଥିବା ଏକ ପ୍ରାଣୀ। ଅପରପକ୍ଷେ ଭେନସ୍ ଫ୍ଲାଏଟ୍ରାପ୍ ଏକ ଉଦ୍ଭିଦ ହେଲେ ମଧ୍ୟ ଅନ୍ୟ ପ୍ରାଣୀଙ୍କୁ ଖାଇ ବଞ୍ଚେ ଏବଂ ଏହାର କେତେକ ଅଙ୍ଗ ତା'ର ଶିକାର କୀଟଠାରୁ ବି ଅଧିକ ବେଗରେ ଗତିକରେ।

ପ୍ରବାଳର ଗତି ନ ଥିଲେ ବି ତାହା ଉଦ୍ଭିଦ ନୁହେଁ, ପ୍ରାଣୀ। ଶାମୁକା, ସ୍ପଞ୍ଜ ଓ ବର୍ନାକ୍ଲ ପ୍ରଭୃତି ଏହି ପ୍ରଜାତିର ପ୍ରାଣୀ। ସି'ୱିଡ୍ସ ବା ସାମୁଦ୍ରିକ ଶୈବାଳ ବି ଉଦ୍ଭିଦ ନୁହେଁ। ଏମାନଙ୍କୁ ପ୍ରୋଟିଷ୍ଟ କୁହାଯାଏ। ଏମାନେ ଯେଉଁ ପ୍ରାଣୀବର୍ଗରେ ଅନ୍ତର୍ଭୁକ୍ତ, ତା' ଭିତରେ ପ୍ରୋଟୋଜୋଆ, ବୀଜାଣୁ, ଏକକୋଷୀ ଶୈବାଳ ଓ କବକ ପ୍ରଭୃତି ଅଛନ୍ତି। ପ୍ରୋଟିଷ୍ଟମାନେ ପ୍ରାଣୀଙ୍କ ଭଳି ବ୍ୟବହାର ପ୍ରଦର୍ଶନ କରି ଅନ୍ୟ ଜୀବଙ୍କୁ ଖାନ୍ତି ଏବଂ ଉଦ୍ଭିଦ ଭଳି ଆଲୋକ ସଂଶ୍ଲେଷଣ ପ୍ରକ୍ରିୟାକୁ ବି ଆପଣାଇଥାନ୍ତି।

ଛତୁ ଅନେକ ପ୍ରକାରର ଅଛି। ଏହା ଉଦ୍ଭିଦ ନୁହେଁ, ଏକ ପ୍ରକାର କବକ। ଛତୁ ଉଦ୍ଭିଦ ଭଳି ଗୋଟିଏ ଜାଗାରେ ବଢୁଥିଲେ ବି ଏହା ଆଲୋକ ସଂଶ୍ଲେଷଣ କରିପାରେ ନାହିଁ। ଏହା ଶକ୍ତି ପାଇଁ ଅନ୍ୟ ଜୀବ ଉପରେ ନିର୍ଭର କରେ ଓ ଜୀବକୁ ଶିକାର କରିବା ବଦଳରେ ତା' ଉପରେ ବଢେ। ମାଟି, ଗଛ, ଜୀବର ପଚା ଶରୀରରେ ଏହା ବଢେ। ପନିପରିବା ବଦଳରେ ଆମେ ଛତୁ ଖାଇବା ଅର୍ଥ ମାଂସ ଖାଇବା ସହ ସମାନ ବୋଲି କହିପାରିବା।

ପାଣିରେ ଶୈବାଳ ଭଲ ବଢେ। ଏହା ଉଦ୍ଭିଦ ଭଳି ଦେଖାଯାଉଥିଲେ ବି ଉଦ୍ଭିଦ ନୁହେଁ, ଏହା ଏକକୋଷୀ ପ୍ରାଣୀ। ନୋରି ଏକ ସାମୁଦ୍ରିକ ଶୈବାଳ ଯାହାକୁ ଆୟର୍ଲାଣ୍ଡ ଓ ଆଇସ୍‌ଲାଣ୍ଡରେ ସ୍ନାକ୍ସ ଭାବେ ବ୍ୟବହାର କରାଯାଏ। ତାହା ଘୁଷୁରି ମାଂସ ଭଳି ଲାଗେ ବୋଲି ଅନେକେ ଦାବି କରନ୍ତି। ଏସୀୟ ଖାଦ୍ୟରେ ବି କେଲପ ବା ସାମୁଦ୍ରିକ ଶୈବାଳକୁ ଖାଦ୍ୟ ଭାବେ ବ୍ୟବହାର କରାଯାଏ ଯାହାର ଉଦ୍ଭିଦ ସହ କୌଣସି ସମ୍ପର୍କ ନାହିଁ। ଏହା ଟିସୁ ମାଧ୍ୟମରେ ପୋଷକ ସଂଗ୍ରହ କରେ। ଏହା ଉଭୟ ଲିଙ୍ଗୀୟ ଓ ଅଲିଙ୍ଗୀ ଜନନ ପ୍ରଣାଳୀରେ ବଂଶବୃଦ୍ଧି କରିପାରେ।

ୟୁଗ୍ଲେନା ପ୍ରାଣୀ, ଉଦ୍ଭିଦ କି କବକ ନୁହେଁ। ଏହି ମଧୁରଜଳ ଜୀବଟିର ଲାଞ୍ଜ ଓ ଏକ ଆଖି ଭଳି ଚିହ୍ନ ରହିଛି। ଏହା ଲାଲ କିମ୍ବା ନୀଳରଙ୍ଗରେ ସ୍ଥିର ପାଣି ଉପରେ ବଢିଥାଏ। ଆଲୋକ ପାଇଲେ ଆଲୋକ ସଂଶ୍ଲେଷଣ ମାଧ୍ୟମରେ ଶକ୍ତି ସଂଗ୍ରହ କରିପାରେ। ଏଣୁ ଏହା ଉଦ୍ଭିଦ। ଯେତେବେଳେ ସୂର୍ଯ୍ୟାଲୋକ ନ ପାଏ ସେତେବେଳେ ପ୍ରାଣୀ ଭଳି ଏହା ଗତି କରି ଖାଦ୍ୟ ସଂଗ୍ରହ କରେ। ଏହାର ଆଖିକୁ ଆମ ଆଖି ସହ ତୁଳନା କରାଯାଇପାରେ ଓ ଆମ ଆଖି ଭଳି ଆଲୋକ ପ୍ରତି ସମ୍ବେଦନଶୀଳ। ଏହାକୁ ଏବେ ସୁଦ୍ଧା ବୈଜ୍ଞାନିକମାନେ କୌଣସି ଶ୍ରେଣୀରେ ଅନ୍ତର୍ଭୁକ୍ତ କରିନାହାନ୍ତି।

ଆମେ ବହୁ ପୂର୍ବରୁ ଗଛର ରହସ୍ୟ ସମ୍ବନ୍ଧରେ ଜାଣିଥିଲୁ ଯେ, ଗଛ ଶୁଣିପାରେ, ଭାବାବେଗ ବି ଅଛି, ନକାରାତ୍ମକ ଭାବର ପ୍ରତିକ୍ରିୟା ମଧ୍ୟ ପ୍ରକାଶ କରିପାରେ। ତେବେ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରି ଆମେ ଅନୁଭବ କରିପାରିବା ଯେ ସେମାନେ ବି ଆମ ଭଳି ପ୍ରାଣୀ ଯେଉଁମାନେ ବିଭିନ୍ନ ପ୍ରକାରେ ବଞ୍ଚୁଛନ୍ତି। ବୈଜ୍ଞାନିକମାନେ ଗବେଷଣାରେ ମଧ୍ୟ ବହୁ ଆଗକୁ ଯାଇଛନ୍ତି ଓ ଶେଷରେ ସେମାନେ ପାଇବେ– ସବୁ ଜୀବ ସମାନ।

Email: gandhim@nic.in

## ଏଇ ଭାରତରେ

ଆଧୁନିକ ଯୁଗରେ ଅନ୍ଧବିଶ୍ୱାସକୁ ପଛରେ ପକାଇ ବିଜ୍ଞାନ ବହୁତ ଆଗକୁ ଯାଇପାରିଛି। ତଥାପି ଲୋକମାନେ ଅନ୍ଧବିଶ୍ୱାସ ଉପରେ ଭରସା ରଖୁଛନ୍ତି। ଏମିତି ଏକ ଅନ୍ଧବିଶ୍ୱାସଭିତ୍ତିକ ନାଗ ଅଦାଲତ ଆୟୋଜନ କରାଯାଉଛି ମଧ୍ୟପ୍ରଦେଶର ରାୟସେନ ତହସିଲ ଅନ୍ତର୍ଗତ ସିହୋରା ଖୁର୍ଦରେ। ତହସିଲ ମୁଖ୍ୟାଳୟ ଗୈରତଗଞ୍ଜଠାରୁ ୧୦ କିଲୋମିଟର ଦୂରରେ ଥିବା ଏହି ଗାଁ ଶ୍ରୀ ହନୁମାନ ଓ ଶ୍ରୀ ଶିବଙ୍କ ସିଦ୍ଧସ୍ଥାନ ଭାବେ ଖ୍ୟାତିଲାଭ କରିଛି। ଏହି ଗାଁ ମଝିରେ ଏକ ନାଗମଣ୍ଡପ ରହିଛି। ସେହି ମଣ୍ଡପରେ ନାଗପଞ୍ଚମୀ ଦିନ ପ୍ରତିବର୍ଷ ଆୟୋଜିତ ନାଗ ଅଦାଲତ ଉପରେ ଲୋକମାନଙ୍କର ବିଶ୍ୱାସ ରହିଛି। ବର୍ଷକ ଭିତରେ ଯେଉଁମାନଙ୍କୁ ସାପ କାମୁଡେ ସେମାନେ ସିହୋରାର ସିଦ୍ଧକ୍ଷେତ୍ରରେ ପହଞ୍ଚି ସେଠାକାର ପୂଜକଙ୍କଠାରୁ ସୂତା ବାନ୍ଧନ୍ତି। ଏହାଦ୍ୱାରା ବିଷଜ୍ୱାଳାରୁ ମୁକ୍ତି ବି ପାଆନ୍ତି ବୋଲି ସେମାନେ ବିଶ୍ୱାସ କରନ୍ତି। ସର୍ପଦଂଶନରେ ପୀଡିତ ବ୍ୟକ୍ତିମାନେ ନାଗ ଅଦାଲତରେ ହିଁ ଭାଗ ନେଇଥାନ୍ତି। ବାରମ୍ବାର ସର୍ପ ଦଂଶନର ଶିକାର ହୋଇଥିବା ବ୍ୟକ୍ତିଙ୍କ ଶରୀରରେ ନାଗ ଦେବତାଙ୍କୁ ପୂଜକ ପ୍ରବେଶ କରାଇବା ପରେ ପୀଡିତଙ୍କୁ ଦଂଶନର କାରଣ ସମ୍ପର୍କରେ କହିଥାନ୍ତି। କେବଳ ଏତିକି ନୁହେଁ, ଶରୀରରେ ପ୍ରବେଶ କରିଥିବା ନାଗ ଭବିଷ୍ୟତରେ ଆଉ କାହାକୁ ଦଂଶନ କରି କଷ୍ଟ ନ ଦେବାକୁ ପ୍ରତିଜ୍ଞା ମଧ୍ୟ କରିଥାନ୍ତି।

### ଚିରନ୍ତନୀ

ଚପଳ ଡୋଳା ହୁଅଇ ଥିର
ନ ଜାଗେ ତହିଁ ଜଳ
ରକତହୀନ ଅଧରୁ ଝାସେ ହାସ
ନୀରବି ଯାଏ ଜୀବନମୟ
ବିପୁଳ କୋଳାହଳ।
ଆସଇ ଘୋଟି ଅସୀମ ଅବକାଶ !

(ଅମର ଆଶା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

### su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 9 | | | C | 0 | 5 | | | | | |
| | | | E | 2 | | | | | | 3 | | 1 | 5 | B |
| | E | D | | | | | | | | 6 | | | | |
| 7 | | | | | 0 | | 3 | | | | 1 | | | |
| | 9 | | | | B | 2 | 5 | | 8 | | C | A | | |
| | 3 | | | | | | | | | C | | 7 | | |
| 8 | 0 | C | | | | | | | | A | | 9 | 4 | 6 |
| | | | A | | 3 | | | | | | | | 2 | |
| A | 6 | 4 | | | 2 | | | D | | B | 9 | 0 | | |
| | | | 8 | | | | 4 | | 6 | 5 | | D | | 1 |
| 2 | 4 | A | | | | | | | | | | | 1 | C |
| | | | 1 | | | | | | | | | 2 | D | 0 |
| 0 | D | 3 | | | | | | | | | B | | A | E |
| | | 1 | | | | B | | 8 | E | | | 6 | | 5 |
| | | | 3 | | | 9 | A | C | | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 8 | 2 | 4 | 3 | A | C | 6 | 5 | B | 0 | D | 1 | 7 | E |
| D | 6 | E | 7 | 2 | B | 9 | 1 | 0 | A | 3 | C | 8 | 4 | 5 |
| B | A | 1 | 8 | 5 | C | 3 | 4 | E | 7 | 6 | 2 | 0 | D | 9 |
| 0 | C | 5 | 6 | D | 9 | 2 | 8 | 7 | 4 | 1 | E | 3 | B | A |
| 3 | 4 | 7 | 0 | E | 1 | D | B | A | 8 | 5 | 9 | 2 | C | 6 |
| 1 | 9 | 6 | E | 0 | D | 4 | 3 | 8 | C | 2 | B | 5 | A | 7 |
| 5 | 7 | 0 | A | B | 2 | E | C | D | 3 | 4 | 8 | 9 | 6 | 1 |
| C | D | 4 | 9 | 6 | 3 | 5 | 2 | 1 | 0 | A | 7 | B | E | 8 |
| A | 2 | 8 | 1 | 4 | 7 | 6 | 0 | B | 9 | E | 5 | C | 3 | D |
| E | 3 | B | 5 | C | 8 | 7 | A | 9 | 1 | D | 6 | 4 | 0 | 2 |
| 7 | 0 | 9 | 2 | 1 | 6 | A | D | C | 5 | B | 3 | E | 8 | 4 |
| 8 | 5 | C | 3 | A | 4 | 0 | E | 2 | 6 | 7 | 1 | D | 9 | B |
| 4 | 1 | A | B | 9 | E | 8 | 5 | 6 | D | C | 0 | 7 | 2 | 3 |
| 2 | B | 3 | D | 7 | 0 | 1 | 9 | 4 | E | 8 | A | 6 | 5 | C |
| 6 | E | D | C | 8 | 5 | B | 7 | 3 | 2 | 9 | 4 | A | 1 | 0 |

ଗତକାଲିର ଉତ୍ତର

# ବିକାଶ ଶିଡ଼ିରେ ଚାଷୀ



ବିଚିତ୍ର ବିଶ୍ୱାଳ

ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ କହିଥିଲେ, ଖାଦ୍ୟଦ୍ରବ୍ୟ ଆମଦାନି କରିବା ପ୍ରତ୍ୟେକ ଦେଶ ପାଇଁ ଅତ୍ୟନ୍ତ ଲଜ୍ଜାର ବିଷୟ। ସେ ପୁଣି କହିଥିଲେ ଯେ, ଆମ ଦେଶରେ ସବୁକିଛି ଅପେକ୍ଷା କରିପାରେ କିନ୍ତୁ ଚାଷ କେବେ ବି ଅପେକ୍ଷା କରିବା କଥା ନୁହେଁ। ଅର୍ଥାତ୍ ଚାଷ ଓ ଚାଷୀ ସମ୍ବନ୍ଧୀୟ କୌଣସି ବି ନୀତି କ୍ଷେତ୍ରରେ ଶାସନତନ୍ତ୍ରରେ ଟାଳଟୁଳ ନୀତି ଆଦୌ ଗ୍ରହଣୀୟ ନୁହେଁ। କିନ୍ତୁ ଆଜି ଯେତେବେଳେ ଆମେ ୭୩ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ପ୍ରସ୍ତୁତ ହେଉଛୁ, ଆମେ ଦେଖୁଛୁ ଯେ, କେବଳ ଚାଷକୁ ଛାଡ଼ି ଆମ ଦେଶରେ ଆଉ ସବୁ କିଛି ଆଗେଇ ଯାଇଛି।

ଦେଶର ଅଧିକାଂଶ ଲୋକ କୃଷି ଉପରେ ନିର୍ଭରଶୀଳ। କିନ୍ତୁ ଗତ ଦୁଇ ଦଶନ୍ଧି ଧରି କୃଷି କ୍ଷେତ୍ରରୁ ରୋଜଗାର ସନ୍ତୋଷଜନକ ଭାବରେ ବଢ଼ିନାହିଁ। 'ନୀତି ଆୟୋଗ'ର ନିଜସ୍ୱ ଆକଳନ ଅନୁସାରେ ଗତ ଦୁଇ ବର୍ଷ ମଧ୍ୟରେ କୃଷି କ୍ଷେତ୍ରରେ ବାସ୍ତବ ଆୟରେ ଅଭିବୃଦ୍ଧି ଶୂନ ପ୍ରତିଶତ ହୋଇଛି। ତା'ର କିଛି ବର୍ଷ ପୂର୍ବରୁ ଅର୍ଥାତ୍ ୨୦୧୧-୧୨ରୁ ୨୦୧୫-୧୬ ମଧ୍ୟରେ କୃଷି କ୍ଷେତ୍ରରେ ବାସ୍ତବ ଆୟର ଅଭିବୃଦ୍ଧି ଏକ ପ୍ରତିଶତର ଅଧା ହାରରେ ବଢ଼ିଥିଲା। ଏହାଠାରୁ ବଳି ଦୁର୍ଭାଗ୍ୟର ବିଷୟ ଆଉ କ'ଣ ଥାଇପାରେ ! କୃଷି କ୍ଷେତ୍ରରେ ଆୟର ଅଭିବୃଦ୍ଧି କୋମାରେ କାହିଁକି? କୃଷି କ୍ଷେତ୍ରରେ ରୋଜଗାର ବୃଦ୍ଧି ପାଇଁ ଯାହା ବି ପଦକ୍ଷେପ ନିଆଯାଉଛି, ତାହା କେବଳ ନିରର୍ଥକ ସାବ୍ୟସ୍ତ ହେଉଛି। ଏଥିରେ ନା ଚାଷୀର ଭାଗ୍ୟ ବଦଳୁଛି ନା ଚାଷର। ଉପରୋକ୍ତ ତଥ୍ୟଗୁଡ଼ିକରୁ ଏହା ସ୍ପଷ୍ଟ ହେଉଛି। ୨୦୧୬ ଅର୍ଥନୈତିକ ସର୍ବେକ୍ଷଣର ତଥ୍ୟ ଅନୁସାରେ ଆମ ଦେଶର ୧୭ଟି ରାଜ୍ୟରେ ଚାଷୀମାନଙ୍କର ବାର୍ଷିକ ଆୟ ୧୬,୦୦୦ ଟଙ୍କା। ଅର୍ଥାତ୍ ଦେଶର ଅଧା ଜନସଂଖ୍ୟା ଚାଷରୁ ମାସିକ ମାତ୍ର ୧୭୦୦ ଟଙ୍କା ଆୟ କରୁଛନ୍ତି। ସେଥିରେ ସେମାନେ ତାଙ୍କ ପରିବାର ପ୍ରତିପୋଷଣ କରିବା ପାଇଁ କିପରି ପରସ୍ଥିତିର ସମ୍ମୁଖୀନ ହେଉଥିବେ ତାହା ଅନୁମେୟ। ଏହା ହିଁ ପ୍ରତି ବର୍ଷ ଚାଷରୁ ହଜାର ହଜାର ଲୋକ ବାହାରି ଯାଇ ଦିନ ମଜୁରିଆ ବା ଅନ୍ୟାନ୍ୟ କ୍ଷେତ୍ରରେ ଶ୍ରମିକ ପାଲଟି ଯାଉଥିବାର ପ୍ରମୁଖ କାରଣ। ଚାଷରୁ ଭଲ ଆୟ ନ ହେବାର ମୁଖ୍ୟ କାରଣ ହେଉଛି, ଚାଷୀଙ୍କୁ ଉଚିତ ମୂଲ୍ୟ ନ ମିଳିବା। ଏହାଦ୍ୱାରା ଆମ ଦେଶର ଚାଷୀମାନେ ସାମୂହିକ ଭାବେ ଗତ ପନ୍ଦର ବର୍ଷ ମଧ୍ୟରେ ପ୍ରାୟ ୪୫ ଲକ୍ଷ କୋଟି ଟଙ୍କା କ୍ଷତି ସହିଛନ୍ତି ବୋଲି ଏକ ଅନୁଧ୍ୟାନରୁ ଜଣାଯାଇଛି। ଯଦି ଚାଷୀମାନେ ଏତେ ପରମାଣରେ କ୍ଷତି ସହିଛନ୍ତି, ତା'ହେଲେ ଏହାର ଲାଭ କିଏ ନେଇଛି? ଏହା ନିଃସନ୍ଦେହ ଯେ, ଏହି ଲାଭ ଯେଉଁମାନେ ଚାଷ କରୁନାହାନ୍ତି, ସରକାରୀ ଚାକିରିଆ, ଶିଳ୍ପପତି, ନେତା, ମନ୍ତ୍ରୀ ଆଦିଙ୍କ ପାଖକୁ ହିଁ ଯାଇଛି।

ଉତ୍ପାଦନ ବୃଦ୍ଧି କରିବା ପାଇଁ ଚାଷୀମାନେ ବର୍ଷ ପରେ ବର୍ଷ କଠିନ ପରିଶ୍ରମ କରିଆସୁଛନ୍ତି ଓ ଆମ ଦେଶରେ ଖାଦ୍ୟଦ୍ରବ୍ୟ ଭଣ୍ଡାରକୁ ପରିପୂର୍ଣ୍ଣ କରିଛନ୍ତି। କିନ୍ତୁ ଠିକ୍ ସେହି ହିସାବରେ ଚାଷୀଙ୍କ ଦୁଃଖ ଦୁର୍ଦ୍ଦଶା ବି ବଢ଼ି ବଢ଼ି ଚାଲୁଛି। ବୃହତ୍ ସ୍ତରରେ ଦେଶର ଅର୍ଥନୀତିରେ ସ୍ଥିରତା ରଖିବା ପାଇଁ, ଖାଦ୍ୟଦ୍ରବ୍ୟର ଦାମ୍‌କୁ ନିୟନ୍ତ୍ରଣରେ ରଖିବା ପାଇଁ, କମ୍ପାନୀଗୁଡ଼ିକୁ କମ୍ ଦାମ୍‌ରେ କଞ୍ଚାମାଲ୍ ଯୋଗାଇବା ପାଇଁ ଓ ଅନ୍ତର୍ଜାତୀୟ ସ୍ତରରେ ବ୍ୟବସାୟିକ ଚୁକ୍ତି ଆଦି ପାଇଁ ସବୁବେଳେ ଚାଷ ଓ ଚାଷୀକୁ ହିଁ ସଂକଟ ଭିତରକୁ ଠେଲି ଦିଆଯାଉଛି। ପରିଣାମ ସ୍ୱରୂପ ଦେଶର ଅର୍ଥନୀତିରେ ତ ଅଭିବୃଦ୍ଧି ହେଉଛି କିନ୍ତୁ ଗୋଟିଏ ଗୋଷ୍ଠୀ ଅର୍ଥାତ୍ ଚାଷୀମାନେ ସର୍ବସ୍ୱାନ୍ତ ହେଉଛନ୍ତି।

ଆମ ଦେଶର କୃଷିନୀତିରେ ଆମୂଳଚୂଳ ସଂସ୍କାରର ଆବଶ୍ୟକତା ଅଛି। କିନ୍ତୁ ସରକାରଙ୍କ ବିକାଶ ନୀତି କହୁଛି ଯେ, ଲୋକଙ୍କୁ କୃଷି କ୍ଷେତ୍ରରୁ ବାହାର କରି ତାଙ୍କୁ ଅଣକୃଷି କ୍ଷେତ୍ରରେ ବିନିଯୋଗ କରାଯିବା ଉଚିତ। କାରଣ ଏହାଦ୍ୱାରା ସହରରେ ଆବଶ୍ୟକ ହେଉଥିବା ଶ୍ରମଶକ୍ତି କମ୍ ମୂଲ୍ୟରେ ମିଳିପାରିବ। ଶିଳ୍ପ ଓ ଉପଭୋକ୍ତାମାନଙ୍କୁ ସନ୍ତୁଷ୍ଟ ରଖିବା ପାଇଁ ଜାଣି ଜାଣି ଅତ୍ୟନ୍ତ ଅନ୍ୟାୟପୂର୍ଣ୍ଣ ଭାବେ କୃଷି ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ କମ୍ ରଖାଯାଉଛି। ସାରା ଦେଶରେ ଚାଷୀମାନଙ୍କର ବାରମ୍ବାର ଦାବି ସତ୍ତ୍ୱେ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ବର୍ଷକୁ ବର୍ଷ ମାତ୍ର ପଚାଶ ପଇସା, ଷାଠିଏ ପଇସା ହାରରେ ଧାନର କିଲୋ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟରେ ବୃଦ୍ଧି କରାଯାଉଛି। ତେବେ ଏଥିରୁ ଆମେ କ'ଣ ବୁଝିବା ଯେ, ଚାଷୀମାନଙ୍କୁ ଖାଦ୍ୟ ଯୋଗାଇବାର ଦଣ୍ଡ ଭୋଗିବାକୁ ପଡୁଛି ! ସରକାରଙ୍କ ଏହି ନୀତିରେ ପରିବର୍ତ୍ତନ ଦରକାର। ନୀତି ନିର୍ଦ୍ଧାରକମାନେ ଚାଷକୁ ଏକ ଅର୍ଥନୈତିକ କାର୍ଯ୍ୟ ଭାବେ ବିଚାର କରି ସେହି ହିସାବରେ କୃଷିନୀତି ପ୍ରସ୍ତୁତ କରିବାକୁ ପଡ଼ିବ। କାରଣ ଆମ ଦେଶରେ କେବଳ ଚାଷ ହିଁ ଅର୍ଥନୈତିକ କ୍ଷେତ୍ରରେ ଅଭିବୃଦ୍ଧି ଆଣିବା ସହିତ ଭୟଙ୍କର ବେକାରି ସମସ୍ୟା ଦୂର କରିପାରିବ।

ଚାଷୀମାନଙ୍କର ପ୍ରତ୍ୟକ୍ଷ ରୋଜଗାର ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ 'ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା'ରେ ଚାଷୀମାନଙ୍କୁ ବାର୍ଷିକ ୬ ହଜାର ଟଙ୍କା ଯୋଗାଇ ଦିଆଯାଉଛି। ତେଲେଙ୍ଗାନା ସରକାର ମଧ୍ୟ ଚାଷୀମାନଙ୍କ ରୋଜଗାର ବୃଦ୍ଧି ପାଇଁ 'ରୟତବନ୍ଧୁ ଯୋଜନା' ମାଧ୍ୟମରେ ଏକ ଏକର ଜମି ପାଇଁ ୮ ହଜାର ଟଙ୍କା ଯୋଗାଇ ଦେଉଛନ୍ତି। ଓଡ଼ିଶା ସରକାର ମଧ୍ୟ 'କାଳିଆ' ଯୋଜନାରେ ଚାଷୀମାନଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ଦେଉଛନ୍ତି। ଆହୁରି କେତେକ ରାଜ୍ୟ ସରକାର ବର୍ତ୍ତମାନ ଏହିପରି ଯୋଜନା ବିଷୟରେ ଚିନ୍ତା କରୁଛନ୍ତି। କିନ୍ତୁ କେବଳ ଏତିକି କରିଦେବା ଯଥେଷ୍ଟ ନୁହେଁ। ଚାଷୀମାନଙ୍କୁ ପ୍ରତ୍ୟକ୍ଷ ଆର୍ଥିକ ସହାୟତା ଦେବା ସହିତ ତାଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟକୁ ନିଶ୍ଚିତ କରିବାକୁ ପଡ଼ିବ ଓ ଉତ୍ପାଦନର ସଂରକ୍ଷଣ ପାଇଁ ସ୍ଥାନୀୟ ସ୍ତରରେ ଗୋଦାମ ଘର ଓ ଶୀତଳ ଭଣ୍ଡାର ଆଦି ନିର୍ମାଣ କରିବାକୁ ପଡ଼ିବ। ଏଥିସହିତ ସରକାର ତାଙ୍କ ବିକାଶ ନୀତି ଓ ଆର୍ଥିକ ନୀତିରେ ବି ଚାଷକୁ ଏକ ମୁଖ୍ୟ ଦିଗ ଭାବେ ବିଚାରକରି କୃଷିନୀତି ପ୍ରସ୍ତୁତ କରବାକୁ ପଡ଼ିବ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର

## ପାଠକ ଶ୍ରେଷ୍ଠ ବିଚାରକ

### ବିରୋଧୀଙ୍କ ପ୍ରଶ୍ନର ଉତ୍ତର ଦେବା ଉଚିତ

ମହାଶୟ,

ସଂସଦ ବା ବିଧାନସଭା କାର୍ଯ୍ୟ ଚାଲିଥିବା ବେଳେ ସରକାର (ମନ୍ତ୍ରୀ)ଙ୍କୁ ବିରୋଧୀ ଦଳର ସଦସ୍ୟମାନେ ଦେଶ ବା ରାଜ୍ୟର ସ୍ୱାର୍ଥସମ୍ବଳିତ ପ୍ରଶ୍ନମାନ ପଚାରିଥାଆନ୍ତି। କିନ୍ତୁ ପ୍ରାୟ ସମୟରେ ଦେଖାଯାଇଛି ସରକାରୀ ଦଳର ମନ୍ତ୍ରୀମାନେ ସେହିସବୁ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଉ ନ ଥିବାରୁ ବିରୋଧୀମାନେ ନାନା ପ୍ରକାର ହଙ୍ଗାମା କରନ୍ତି। ବିରୋଧୀମାନେ ତାଙ୍କ ପ୍ରଶ୍ନର ସନ୍ତୋଷଜନକ ଉତ୍ତର କିପରି ପାଇବେ, ସେଥିପାଇଁ ବାଚସ୍ପତି ତଥା ମନ୍ତ୍ରୀମାନେ ଯତ୍ନବାନ ହେବା ଉଚିତ। ପ୍ରତ୍ୟେକଙ୍କର ଦେଶ ବା ରାଜ୍ୟ ପାଇଁ ଦାୟିତ୍ୱବୋଧ ଅଛି। ପ୍ରତ୍ୟେକେ ମଧ୍ୟ ସେଥିପାଇଁ ଉତ୍ତରଦାୟୀ। ତେଣୁ ବିଭାଗୀୟ ମନ୍ତ୍ରୀମାନେ ଦେଶ ବା ରାଜ୍ୟର ସ୍ୱାର୍ଥସମ୍ବଳିତ ପ୍ରଶ୍ନର ଯଥାଯଥ ଉତ୍ତର ଦେଇ ଅଯଥା ହୋହଲ୍ଲାକୁ ବନ୍ଦ କରନ୍ତୁ। କ୍ଷମତା ପାଇ ବିରୋଧୀଙ୍କୁ ଏଡାଇଯିବା ଗଣତନ୍ତ୍ର ଶାସନର ପରିପନ୍ଥୀ।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

### ଭାଇ ପାଲଟୁଛି ଭଗାରି

କଥାରେ ଅଛି– କଳି ଯଦି କରି ବସିବ ସଙ୍ଗେ ଥିବ ଭାଇ। ଗୋଟିଏ ଭାଇ ବିପଦରେ ପଡିଥିଲେ ଅନ୍ୟ ଭାଇଟି ତା'ର ଭୁଲ୍‌ଠିକ୍ ବିଚାର ନ କରି ସାହାଯ୍ୟ କରିବାକୁ ଦଉଡ଼ିଆସେ। ଗୋଟିଏ ମା' ପେଟରୁ ଜନ୍ମିତ ଭାଇମାନେ ପିଲାବେଳୁ ସାଙ୍ଗହୋଇ ଖେଳିବାଠାରୁ ଆରମ୍ଭ କରି ପରସ୍ପର ସହିତ କଳିଝଗଡ଼ା କରୁଥିଲେ ମଧ୍ୟ କିଛି ସମୟ ପରେ ସବୁ ଭୁଲି ପୁଣି ଏକାଠି ହୋଇଯାଆନ୍ତି। ଗୋଟିଏ ଭାଇର ଦୁଃଖସୁଖରେ ଅନ୍ୟ ଭାଇମାନେ ଭାଗୀଦାର ହୁଅନ୍ତି। ପୂର୍ବରୁ ଯୌଥପରିବାରରେ ଭାଇ ଭାଇର ସମ୍ପର୍କ ଖୁବ୍ ନିବିଡ଼ ଥିଲା। ବର୍ତ୍ତମାନ ସେ ଅବସ୍ଥା ଆଉ ନାହିଁ। ଭାଇ ପାଲଟିଛି ଭଗାରି। ଆମ ପରମ୍ପରାରେ ଅଛି, ମା'ବାପା ବଞ୍ଚିଥିବା ପର୍ଯ୍ୟନ୍ତ ପୁଅମାନେ ଭିନ୍ନେ ହୁଅନ୍ତି ନାହିଁ। କିନ୍ତୁ ବର୍ତ୍ତମାନ ସେ ପରମ୍ପରା ଆଉ କେହି ମାନୁ ନାହାନ୍ତି। ବୃଦ୍ଧ ମାତାପିତା ଦୁଃଖରେ କାଳାତିପାତ କରୁଛନ୍ତି କିମ୍ବା ଜରାଶ୍ରମରେ ଆଶ୍ରୟ ନେଉଛନ୍ତି। ଏହା ଭାରତୀୟ ପରମ୍ପରାର ପରିପନ୍ଥୀ। ଏହି ପରିପ୍ରେକ୍ଷୀରେ ଧରିତ୍ରୀରେ ପ୍ରକାଶିତ ଅଭିମନ୍ୟୁ ଧଳଙ୍କ 'ଭାଇ ଭାଇ ସମ୍ପର୍କ' ଆଲେଖ୍ୟଟି ପ୍ରଣିଧାନଯୋଗ୍ୟ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଜ୍ଞାନ ପାଇଁ ପଦଯାତ୍ରା



କମଳାକାନ୍ତ ଜେନା

ପ୍ରକୃତି ଓ ପରିବେଶରୁ ବିଜ୍ଞାନର ଜନ୍ମ। ପ୍ରକୃତିରେ ଘଟୁଥିବା ଘଟଣାଗୁଡ଼ିକୁ ବୁଝିବା, ତା' ପଛର କାରଣକୁ ଖୋଜିବା ଏବଂ ସେହି ଜ୍ଞାନକୁ ପ୍ରୟୋଗକରି ନୂଆ ନୂଆ ଜିନିଷ ତିଆରି କରିବା ହେଉଛି ଆମର ବୈଜ୍ଞାନିକ ଗବେଷଣା। ଅନ୍ତର୍ଜାତୀୟ ବିଜ୍ଞାନ ଗବେଷଣା କ୍ଷେତ୍ରରେ ଭାରତର ସ୍ୱତନ୍ତ୍ର ଆସନ ରହିଛି। ଅତୀତରେ ସାରା ପୃଥିବୀରେ କଳା, ସାହିତ୍ୟ, ସଙ୍ଗୀତ, ଗଣିତ, ମହାକାଶ ବିଜ୍ଞାନ ଓ ଚିକିତ୍ସା କ୍ଷେତ୍ରରେ ଭାରତର ଅବଦାନ ଗୁରୁତ୍ୱପୂର୍ଣ୍ଣ ଥିଲା। ସାଂଖ୍ୟ ଓ ମୀମାଂସା ଭଳି ଭାରତୀୟ ମୌଳିକ ଚିନ୍ତାଧାରା ଅନ୍ତର୍ଜାତୀୟ ଦର୍ଶନଶାସ୍ତ୍ର କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ଆସନ ବଜାୟ ରଖିଛି। ଯଦି ଆମ ଦେଶର ଗଣିତଶାସ୍ତ୍ର ପ୍ରସଙ୍ଗକୁ ଯିବା, ତେବେ ଆମେ ସମସ୍ତେ ଜାଣିଛୁ କେମିତି କାଳଜୟୀ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ ପୃଥିବୀବାସୀଙ୍କୁ କହିଥିଲେ, ଆମେ ଭାରତୀୟଙ୍କ ନିକଟରେ ଋଣୀ ରହିବୁ, କାରଣ ସେମାନେ ଆମକୁ ଗଣିବା ଶିଖେଇଛନ୍ତି। ଏମିତି ଭାରତୀୟ ସଂସ୍କୃତିରେ ବିଜ୍ଞାନ ଓ ଚିକିତ୍ସା ବିଜ୍ଞାନର ମୌଳିକ କାର୍ଯ୍ୟକଳାପ ସମ୍ପର୍କିତ ଅନେକ ଉଦାହରଣ ରହିଛି, ଯାହା ପାଇଁ ଆମେ ନିଜକୁ ଗୋଟିଏ ବିଜ୍ଞାନ ଦେଶର ନାଗରିକ ବୋଲି ଗର୍ବ କରିପାରିବା। ପୃଥିବୀବାସୀଙ୍କ ଆଖିରେ ଆମର ଦେଶ ହେଉଛି ବିଜ୍ଞାନର ପୂଜାରୀ ଓ ଆମେ ବୈଜ୍ଞାନିକ ଚିନ୍ତାଧାରା ଦ୍ୱାରା ସମ୍ପୂର୍ଣ୍ଣ ଅନୁପ୍ରାଣିତ।

କିନ୍ତୁ ଅସଲ ଚିତ୍ର ଭିନ୍ନ। ଦୁଃଖର ବିଷୟ, ଆମ ଦେଶରେ ବିଜ୍ଞାନକୁ ଅଗ୍ରାଧିକାର ଦିଆଯାଉନାହିଁ। ଆମ ସମାଜରେ ଅନ୍ଧବିଶ୍ୱାସ ବଞ୍ଚିରହିଛି। ବିଜ୍ଞାନର ସାହାଯ୍ୟ ନେଇ କେତେକ ଭଣ୍ଡ ସାଧାରଣ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ପଇସା, ପବନ ବା ଫଟୋରୁ ବିଭୂତି ସୃଷ୍ଟି କରିବା, ଯଜ୍ଞକୁଣ୍ଡରେ ମନକୁ ମନ ଅଗ୍ନି ସଂଯୋଗ ହେବା, ଜଳକୁ ମହୁରେ ପରିଣତ କରିବା, ଶୋଇଥିବା ମଣିଷକୁ ଶୂନ୍ୟକୁ ଉଠେଇବା, ଜିଭକୁ କଣାକରି ତ୍ରିଶୂଳ ପୂରେଇବା, ନିଆଁ ଉପରେ ଚାଲିବା– ଏମିତି ଅନେକ ଚମତ୍କାରିତା ଦେଖେଇ ଭଣ୍ଡମାନେ ଲୋକଙ୍କର ବିଶ୍ୱାସଭାଜନ ହେଉଛନ୍ତି। ସେମାନଙ୍କୁ ଶୋଷଣ କରୁଛନ୍ତି। କିନ୍ତୁ ବିଜ୍ଞାନ ବଳରେ ଏସବୁ ଚମତ୍କାରିତା ସମ୍ଭବ ହୋଇଥାଏ ବୋଲି ସାଧାରଣ ଲୋକ ବୁଝି ପାରୁନାହାନ୍ତି। ଅନ୍ଧବିଶ୍ୱାସୀଙ୍କର ଆଖି ଖୋଲିବା ସକାଶେ କ'ଣ କୌଣସି ଯୋଜନା ନାହିଁ ନା ଆମର ଆନ୍ତରିକ ଇଚ୍ଛା ନାହିଁ? ଆମ ସମ୍ବିଧାନରେ ବିଜ୍ଞାନକୁ ଅଗ୍ରାଧିକାର ଦେବା ଓ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଆଇନ ରହିଛି। ଯଦି ସବୁ ରହିଛି, ତେବେ ବିଜ୍ଞାନ ସମସ୍ତଙ୍କ ପାଖରେ ପହଞ୍ଚିପାରୁନି କାହିଁକି?

ବିଜ୍ଞାନ ଆମର ଉନ୍ନତି କରୁଛି। ଆମେ ଯଦି ବିଜ୍ଞାନର ଉନ୍ନତି ପାଇଁ ଚିନ୍ତା ନ କରିବା, ତେବେ ଆଜିର ବିଜ୍ଞାନ ଧୀରେ ଧୀରେ ଦୁର୍ବଳ ହୋଇପଡ଼ିବ। ନୂତନ ମୌଳିକ ଉଦ୍ଭାବନ ପାଇଁ ଆମର ସହାୟତା କରିପାରିବ ନାହିଁ। ବିଜ୍ଞାନର ଅଗ୍ରଗତି ହେଲେ ଯାଇ ଆମର ଅଗ୍ରଗତି ହୋଇପାରିବ। କିନ୍ତୁ ଆମ ଦେଶରେ ୧୦,୦୦୦ କୋଟି ଟଙ୍କାର ଦୁର୍ନୀତି ହେଇପାରିବ, ଦୀପାବଳିରେ ୧୦,୦୦୦ କୋଟି ଟଙ୍କାର ବାଣ ପୋଡ଼ାଯାଇ ପାରିବ, ହେଲେ ୧୦୦୦ କୋଟି ଟଙ୍କାର ଚନ୍ଦ୍ରୟାନ କାର୍ଯ୍ୟକ୍ରମକୁ ଲୋକେ ବିରୋଧ କରିବେ। ନିର୍ବାଚନରେ ଲୋକଙ୍କୁ ସୁଖସୁବିଧାରେ ପୋତି ପକେଇବାର ପ୍ରତିଶ୍ରୁତି ଦିଆଯାଏ। କିନ୍ତୁ ପରିବେଶକୁ ସୁସ୍ଥ ରଖିବା ଓ ବିଜ୍ଞାନ ଗବେଷଣାକୁ ବଳିଷ୍ଠ କରିବା ପାଇଁ କେହି ପଦଟିଏ କହନ୍ତି ନାହିଁ। ବିକଶିତ ଦେଶଗୁଡ଼ିକରେ ଗବେଷଣା ଓ ଶିକ୍ଷା ସକାଶେ ଯେତେ ପ୍ରତିଶତ ଖର୍ଚ୍ଚ ହୁଏ, ଆମର ତା'ର ଅଧାରୁ କମ୍। ତେବେ କୁହନ୍ତୁ, ବିଜ୍ଞାନର ଅଗ୍ରଗତି ହେବ କେମିତି?

ଆମ ଦେଶ ଗରିବ ବୋଲି ଅନେକ ଶିକ୍ଷା ଓ ସ୍ୱାସ୍ଥ୍ୟ ଯୋଜନା ହାତକୁ ନିଆଯାଏ ନାହିଁ। କିନ୍ତୁ ଆମେ ଭୁଲିଯାଉ, ଏଇ ମାଟିର ଗରିବ ବାପାଟିଏ ପେଟରୁ କାଟି ପୁଅକୁ ପାଠ ପଢ଼ାଇପାରେ, ପୁଅର ଜୀବନ ବଞ୍ଚାଇପାରେ। ତେଣୁ ଆମେ ଅନ୍ୟ ଖର୍ଚ୍ଚରୁ କାଟି ଦେଶକୁ ଶିକ୍ଷିତ କରିପାରିବା ଓ ଗବେଷଣାକୁ ବଳିଷ୍ଠ କରିପାରିବା। ଆମର ସବୁ କାମରେ ବୈଜ୍ଞାନିକ ଦୃଷ୍ଟିକୋଣକୁ ପ୍ରାଧାନ୍ୟ ଦେଇପାରିବା। ତା' ସହିତ ଗାଁ ଗହଳିରେ ବିଜ୍ଞାନକୁ ଲୋକପ୍ରିୟ କରିବା ଓ ଲୋକଙ୍କ ହୃଦୟରେ ବିଜ୍ଞାନ ପ୍ରତି ବିଶ୍ୱାସ ସୃଷ୍ଟି କରିବା ସକାଶେ ସରକାରୀ ଅନୁଦାନ ଓ ପ୍ରୋତ୍ସାହନ ବୃଦ୍ଧି ପାଇବା ଜରୁରୀ। ଦେଶର ନିରନ୍ତର ଉନ୍ନତି ସକାଶେ କେନ୍ଦ୍ର ନିଜ ବଜେଟର ୧୦ ପ୍ରତିଶତ ଓ ରାଜ୍ୟ ୩୦ ପ୍ରତିଶତ ଶିକ୍ଷାର ଉନ୍ନତି ପାଇଁ ଖର୍ଚ୍ଚ କଲେ କ'ଣ ଅସୁବିଧା ହେବ? ଦେଶର ଉତ୍ପାଦନ ଓ ସେବାମୂଲ୍ୟର ୩ ପ୍ରତିଶତ ବିଜ୍ଞାନ ଗବେଷଣା ପାଇଁ ରହିଲେ କ'ଣ ଅସୁବିଧା ହେବ? କେବଳ ସେତିକି ନୁହେଁ, ଲୋକଙ୍କ ପାଇଁ ଘୋଷଣା କରାଯାଉଥିବା ସମସ୍ତ ଯୋଜନା ବିଜ୍ଞାନସମ୍ମତ ହେବା ଜରୁରୀ। ନ ହେଲେ ବୈଜ୍ଞାନିକ ସଂସ୍କୃତିର ସ୍ଥାପନା ସମ୍ଭବ ନୁହେଁ। ଏହି ପରିପ୍ରେକ୍ଷୀରେ ଗତ ଦୁଇ ବର୍ଷ (୯ ଅଗଷ୍ଟ ୨୦୧୭ ଓ ୧୪ ଏପ୍ରିଲ ୨୦୧୮) ଧରି ବୈଜ୍ଞାନିକ, ଗବେଷକ, ଛାତ୍ରସମାଜ, ବିଜ୍ଞାନ ଲେଖକ ଓ ସାଧାରଣ ଲୋକଙ୍କୁ ନେଇ ପଦଯାତ୍ରାର ଆୟୋଜନ କରାଯାଉଛି। ଏ ବର୍ଷ ମଧ୍ୟ ଅଗଷ୍ଟ ୯ ତାରିଖରେ ଓଡ଼ିଶା ସମେତ ଭାରତର ପ୍ରାୟ ସବୁ ସହରରେ ବିଜ୍ଞାନ ପାଇଁ ପଦଯାତ୍ରା (ମାର୍ଚ୍ଚ ଫର୍ ସାଇନ୍ସ) ଆୟୋଜନ କରାଯାଇଛି। ଲକ୍ଷ୍ୟ ରହିଛି ସାରା ଦେଶରେ ବୈଜ୍ଞାନିକ ବାତାବରଣ ସୃଷ୍ଟି କରିବା। ପ୍ରକୃତରେ ଏହାର ସଫଳତାର ଚାବିକାଠି ରହିଛି ସାଧାରଣ ଜନତାଙ୍କ ହାତରେ। ସେମାନେ ଇଚ୍ଛା କଲେ ବିଜ୍ଞାନର ଅଗ୍ରଗତି ଓ ଦେଶର ଉନ୍ନତି ହୋଇପାରିବ।

ଭଦ୍ରକ, ମୋ-୯୪୩୯୫୦୧୬୫୧

### ୨୫ ବର୍ଷ ତଳର ଧରିତ୍ରୀ

୮ ଅଗଷ୍ଟ ୧୯୯୪

- ଚାଇନା ସରକାର ବିଦେଶରୁ ଟେଲିଭିଜନ, ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଏବଂ ପ୍ରସାଧନ ସାମଗ୍ରୀ ଭଳି ଖାଉଟି ସାମଗ୍ରୀ ଆମଦାନି ଉପରେ କଟକଣା ଲାଗୁ କଲେ।
- ସିକିମ ପ୍ରଦେଶ କଂଗ୍ରେସ(ଇ)ର ପୂର୍ବତନ ସଭାପତି ଏ.କେ. ସୁବ୍ବା ରାଜ୍ୟରେ ୟୁନାଇଟେଡ ଲିବରେଶନ ଫ୍ରଣ୍ଟ ନାମରେ ଏକ ନୂଆ ଆଞ୍ଚଳିକ ଦଳ ଗଠନ କଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୮ ଅଗଷ୍ଟ ,୨୦୧୯



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ରାଷ୍ଟ୍ରକୁ ଉଦ୍‌ବୋଧନ ଦେଇପାରନ୍ତି। ଏହି ଅବସରରେ ସେ ଜମ୍ମୁ-କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ଉଚ୍ଛେଦ ଏବଂ ଏହାକୁ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳରେ ବିଭକ୍ତ କରିବା ନେଇ ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ଦେଶବାସୀଙ୍କୁ ଜଣାଇବେ । ଲୋକ ସଭା ନିର୍ବାଚନ ବେଳେ ମାର୍ଚ୍ଚ ୨୭ରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରକୁ ଉଦ୍‌ବୋଧନ ଦେଇ ଭାରତର ସାଟେଲାଇଟ୍ ବିଧ୍ୱଂସୀ କ୍ଷମତା ସମ୍ପର୍କରେ ଘୋଷଣା କରିଥିଲେ।



## ସଂକ୍ଷେପରେ

### ଉନ୍ନାଓ ପୀଡିତା ଗୁରୁତର

**ନୂଆଦିଲ୍ଲୀ,୭।୮(ପି.ଟି.):** ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଏମ୍ସର ଟ୍ରମା ସେଣ୍ଟରରେ ଭର୍ତ୍ତି ହୋଇଥିବା ଉନ୍ନାଓ ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ସେ ଓ ତାଙ୍କ ଓକିଲ ଆଡଭାନ୍ସଡ୍ ଲାଇଫ୍ ସପୋର୍ଟ ସିଷ୍ଟମରେ ରହିଥିବା ବୁଧବାର ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଜୁଲାଇ ୨୮ରେ ରାଏବରେଲିରେ ଏକ ଟ୍ରକ୍ ଧକ୍କାରେ ପୀଡିତାଙ୍କ ପରିବାରର ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ପୀଡିତା ଓ ତାଙ୍କ ଓକିଲ ଗୁରୁତର ଆହତ ହୋଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଲକ୍ଷ୍ନୌ ହସ୍ପିଟାଲରୁ ସୋମବାର ଦିଲ୍ଲୀର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ପୀଡିତାଙ୍କୁ ନିମୋନିଆ ହୋଇଥିବା ଲକ୍ଷ୍ନୌ ହସ୍ପିଟାଲ ପକ୍ଷରୁ କୁହାଯାଇଥିଲା।

### ଡାନିଶ୍ ଅଲି ଲୋକ ସଭାରେ ବିଏସ୍‌ପି ନେତା ପଦରୁ ବିଦା

**ନୂଆଦିଲ୍ଲୀ,୭।୮(ପି.ଟି.)**

ବିଏସ୍‌ପି ଡାନିଶ୍ ଅଲିଙ୍କୁ ଲୋକ ସଭାରେ ଦଳର ନେତା ନିଯୁକ୍ତ କରିବାର ଦିନ କେଇଟା



ନ ଯାଉଣୁ ତାଙ୍କୁ ଉକ୍ତ ପଦରୁ ବିଦା କରିଦେଇଛି। ତାଙ୍କ ସ୍ଥାନରେ ଜଉନପୁର ଏମ୍‌ପି ଶ୍ୟାମ ସିଂ ଯାଦବଙ୍କୁ ଲୋକ ସଭାରେ ଦଳର ନେତା ନିଯୁକ୍ତ କରାଯିବ । ଯାଦବ ଜେଡିଏସ୍‌ରୁ ବହିଷ୍କୃତ ହେବା ପରେ ବିଏସ୍‌ପିରେ ସାମିଲ ହୋଇଥିଲେ। ସେହିପରି ଆମ୍ବେଦକର ନଗରୀ ଏମ୍‌ପି ରିତେଶ ପାଣ୍ଡେଙ୍କୁ ଲୋକ ସଭାର ଉପନେତା ନିଯୁକ୍ତ କରାଯାଇଛି। ଉତ୍ତରପ୍ରଦେଶର ୧୨ଟି ବିଧାନସଭା ଆସନରେ ଉପନିର୍ବାଚନ ପୂର୍ବରୁ ବିଏସ୍‌ପି ସାଂଗଠନିକ ସ୍ତରରେ ଅଦଳବଦଳ କରିଛି। ଲୋକ ସଭା ନିର୍ବାଚନରେ ବିଏସ୍‌ପି-ଏସ୍‌ପି ମେଣ୍ଟ କରିଥିବାବେଳେ ଉପନିର୍ବାଚନରେ ଉଭୟ ଦଳ ପରସ୍ପର ବିରୋଧରେ ଲଢ଼ିବେ।

### [ଇତିହାସର ଆଇନାରେ]

**ଅଗଷ୍ଟ ୮ର ପ୍ରମୁଖ ଘଟଣା**

୧୯୪୨ ଅଗଷ୍ଟ ୮ରେ ମହାତ୍ମା ଗାନ୍ଧୀ ବମ୍ବେଠାରେ ଭାରତ ଛାଡ଼ ଆନ୍ଦୋଳନର ଡାକରା ଦେଇଥିଲେ। ଏହାକୁ ଅଗଷ୍ଟ ଆନ୍ଦୋଳନ ମଧ୍ୟ କୁହାଯାଏ। ବ୍ରିଟିଶ୍ ଶାସନରୁ ଭାରତର ସ୍ୱାଧୀନତା ପାଇଁ ଏହା ଥିଲା ଖୁବ୍ ଗୁରୁତ୍ୱପୂର୍ଣ୍ଣ।

୨୦୧୬ ଅଗଷ୍ଟ ୮ରେ ଦକ୍ଷିଣ-ପଶ୍ଚିମ ପାକିସ୍ତାନର କ୍ୱେଟାସ୍ଥିତ ହସ୍ପିଟାଲରେ ଆତ୍ମଘାତୀ ବିସ୍ଫୋରଣ ହେବା ଫଳରେ ୭୦ ଜଣ ପ୍ରାଣ ହରାଇଥିଲେ।

## ■ ସୁପ୍ରିମକୋର୍ଟରେ ରାମଲାଲା ଓକିଲଙ୍କ ଯୁକ୍ତି

# ଆସ୍ଥା ହିଁ ଜନ୍ମସ୍ଥାନର ପ୍ରମାଣ

**ନୂଆଦିଲ୍ଲୀ,୭।୮(ପି.ଟି.)**



ବିବାଦୀୟ ଅଯୋଧ୍ୟା ଜମି ଭଗବାନ ଶ୍ରୀରାମଙ୍କ ଜନ୍ମସ୍ଥାନ। ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ଅତୁଟ ବିଶ୍ୱାସ ହିଁ ଏହାର ପ୍ରମାଣ ବୋଲି ସୁପ୍ରିମକୋର୍ଟରେ ମାମଲାର ଅନ୍ୟତମ ପକ୍ଷ 'ରାମଲାଲା ବିରାଜମାନ'ର ଓକିଲ ବୁଧବାର ଯୁକ୍ତି ବାଢ଼ିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠରେ ଅଯୋଧ୍ୟା ଜମି ବିବାଦର ଶୁଣାଣି ବେଳେ ରାମଲାଲା ପକ୍ଷର ବରିଷ୍ଠ ଆଇନଜୀବୀ କେ. ପ୍ରସାରନ୍ ଉପସ୍ଥିତ ହୋଇ କହିଥିଲେ, ରାମ ଜନ୍ମଭୂମି ନିଜେ ହିଁ ଭଗବାନ ରାମଙ୍କ ପରିଚୟ ପାଲଟିଛି ଏବଂ ଏହା ହିନ୍ଦୁମାନଙ୍କ ଉପାସନା ସ୍ଥଳୀରେ ପରିଣତ ହୋଇଛି। ଏହା ରାମଙ୍କ ଜନ୍ମସ୍ଥାନ। ତେବେ ଅନେକ ଶତାବ୍ଦୀ ପରେ ଏହା କିପରି ପ୍ରମାଣ ଦର୍ଶାଯାଇପାରିବ ବୋଲି ପ୍ରସାରନ୍ ଅଦାଲତଙ୍କୁ ପ୍ରଶ୍ନ କରିଥିଲେ।

ଶ୍ରୀରାମ ଅଯୋଧ୍ୟାରେ ଜନ୍ମଗ୍ରହଣ କରିଥିବା ବାଲ୍ମୀକି ରାମାୟଣରେ ତିନିଟି ସ୍ଥାନରେ ଉଲ୍ଲେଖ ରହିଛି। ଅନ୍ୟ କୌଣସି ଧର୍ମରେ ଈଶ୍ୱରଙ୍କ ଜନ୍ମସ୍ଥାନକୁ ନେଇ ବିବାଦ କୋର୍ଟଙ୍କ ବିଚାରାଧୀନ ରହିଛି କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିବାରୁ ତାହା ଅନୁଧ୍ୟାନ କରି ଜଣାଇବେ ବୋଲି ପ୍ରସାରନ୍ କହିଥିଲେ। ମାମଲାର ଅନ୍ୟତମ ପକ୍ଷ ନିର୍ମୋହୀ ଆଖଡ଼ା ବିବାଦୀୟ ଜମିର ପରିଚାଳନା ଏବଂ ସ୍ୱତ୍ୱାଧିକାର ଦାବି କରିଆସୁଛି। ରାମଲାଲାଙ୍କ ସେବାୟତ ଥିବାରୁ ଜମି ଉକ୍ତ ସଂଗଠନ ମାଲିକାନାରେ ଥିବା ଦାବି କରିବାରୁ ଅଦାଲତ ଏ ସମ୍ପର୍କିତ ରାଜସ୍ୱ ଦଲିଲ ଓ ଅନ୍ୟାନ୍ୟ ପ୍ରମାଣ ମାଗିଥିଲେ। ତେବେ ଏ ସମ୍ପର୍କିତ ସମସ୍ତ ଦସ୍ତାବିଜ୍ ୧୯୮୨ରେ ଡକାୟତି ହୋଇଯାଇଥିବା ଆଖଡ଼ା ପକ୍ଷରୁ କୁହାଯିବାରୁ ସେମାନେ ଉପଯୁକ୍ତ ପ୍ରସ୍ତୁତ ହୋଇ ଆସି ନ ଥିବା ପ୍ରଧାନ ବିଚାରପତି କହି ଅନ୍ୟ ପିଟିଶନରଙ୍କ ଆବେଦନର ଶୁଣାଣି କରିଥିଲେ।

ନିର୍ମୋହୀ ଆଖଡ଼ାର ଲ' ସୁଟ୍ ସୀମା ଅଧିନିୟମ, ୧୯୦୮ର ଅନୁଚ୍ଛେଦ ୪୭ ଉପରେ ଆଧାରିତ। ସିଆର୍‌ପିସିର ଧାରା ୧୪୫ ଅନୁଯାୟୀ ଏହି ସମ୍ପତ୍ତି ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ଜବତ ହୋଇଥିଲା। ମାଜିଷ୍ଟ୍ରେଟଙ୍କ ଚୂଡ଼ାନ୍ତ ନିର୍ଦ୍ଦେଶନାମା ପରେ ସୀମା ଅଧିନିୟମ ଲାଗୁ ହେବା କଥା। କିନ୍ତୁ ଏପର୍ଯ୍ୟନ୍ତ ମାଜିଷ୍ଟ୍ରେଟ୍ ଚୂଡ଼ାନ୍ତ ନିର୍ଦ୍ଦେଶନାମା ଜାରି କରି ନ ଥିବାରୁ ସୀମା ଅଧିନିୟମ ଦର୍ଶାଇ ଲ' ସୁଟ୍‌କୁ ବାଦ୍ ଦେବାର ପ୍ରଶ୍ନ ଉଠୁନାହିଁ ବୋଲି ନିର୍ମୋହୀ ଆଖଡ଼ା ପକ୍ଷର ଓକିଲ କହିଥିଲେ। ସେବାୟତ ମନ୍ଦିର ସମ୍ପତ୍ତିର ତତ୍ତ୍ୱାବଧାରକ ହୋଇଥିବାରୁ ଏହାର ପରିଚାଳନା ଓ ସମ୍ପତ୍ତି ଉପରେ ଅଧିକାର ରହିଥିବା ସେ ଯୁକ୍ତି ଦର୍ଶାଇଥିଲେ। ୧୯୩୪ରୁ ଉକ୍ତ ସ୍ଥାନକୁ ମୁସଲମାନମାନଙ୍କ ପ୍ରବେଶ ଲାଗି ଅନୁମତି ଦିଆଯାଇ ନାହିଁ। ତେଣୁ ସମସ୍ତ ୨.୭୭ ଏକର ଜମିର ନିୟନ୍ତ୍ରଣ ଓ ପରିଚାଳନା ଦାୟିତ୍ୱ ନେବା ପାଇଁ ମଙ୍ଗଳବାର ନିର୍ମୋହୀ ଆଖଡ଼ା କୋର୍ଟରେ ଦୃଢ଼ ଦାବି କରିଥିଲା।



ଜାପାନର ନାରାସ୍ଥିତ ତୋଡାଇଜି ମନ୍ଦିରରେ ୧୫ ମିଟର ଉଚ୍ଚତା ବିଶିଷ୍ଟ ଗ୍ରେଟ୍ ବୁଦ୍ଧ ମୂର୍ତ୍ତିକୁ ଲୋକେ ସଫା କରୁଛନ୍ତି।

## ଢାକାକୁ ଉଦ୍‌ବେଗ ଜଣାଇଲେ ଶାହ

**ନୂଆଦିଲ୍ଲୀ,୭।୮(ପି.ଟି.)**

ଉତ୍ତରପୂର୍ବାଞ୍ଚଳରେ ବହୁସଂଖ୍ୟାରେ ବାଂଲାଦେଶୀ ବେଆଇନ ଭାବେ ବସବାସ କରୁଥିବାରୁ ଏନେଇ ନୂଆଦିଲ୍ଲୀର ଉଦ୍‌ବେଗ ସମ୍ପର୍କରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ବାଂଲାଦେଶ ପ୍ରତିପକ୍ଷ ଅସାଦୁଜାମନ୍ ଖାନ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦୁଇଦେଶ ମଧ୍ୟରେ ସପ୍ତମ ଗୃହମନ୍ତ୍ରୀସ୍ତରୀୟ ଆଲୋଚନାରେ ଶାହ ଏହାର ସମାଧାନ ସୂତ୍ର ବାହାର କରିବାକୁ ତାଙ୍କୁ କହିଛନ୍ତି।

## କାବୁଲରେ ବିସ୍ଫୋରଣ: ୧୪ ନିହତ



**କାବୁଲ, ୭।୮(ପି.ଟି.)**

ଆଫଗାନିସ୍ତାନର ପଶ୍ଚିମ କାବୁଲରେ ବୁଧବାର ତାଲିବାନ ପକ୍ଷରୁ ବୋମା ବିସ୍ଫୋରଣ କରାଯିବାରୁ ୧୪ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଛି। ଏଥିରେ ୧୪୫ ଜଣ ଆହତ ମଧ୍ୟ ହୋଇଛନ୍ତି। ବହୁ ବିଲ୍ଡିଂ ମଧ୍ୟ ଧ୍ୱଂସ ପାଇଯାଇଛି। ଏଥିଲାଗି ତାଲିବାନ ନିଜକୁ ଦାୟୀ କରିବା ସହ ଟ୍ରକ ବୋମା ବିସ୍ଫୋରଣ କରିଥିବା ଦାବି କରିଛି ବୋଲି ଆଫଗାନିସ୍ତାନର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବିସ୍ଫୋରଣରେ ୧୦ ସାଧାରଣ ନାଗରିକ ଓ ୪ ପୋଲିସ ମୃତ୍ୟୁବରଣ କରିଥିବା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ଆହତ ୧୪୫ ଜଣଙ୍କ ମଧ୍ୟରେ ୯୬ ଜଣ ସାଧାରଣ ନାଗରିକ ଥିବା ଜଣାପଡ଼ିଛି। ଚଳିତ ସପ୍ତାହରେ ଆମେରିକା ଓ ତାଲିବାନ ମଧ୍ୟରେ ଦୋହାରେ ଶାନ୍ତି ଆଲୋଚନା କରାଯାଇଥିବାବେଳେ ଏହି ବିସ୍ଫୋରଣ କରାଯିବା ଭିନ୍ନ ସଙ୍କେତ ଦେଇଛି। ଆମେରିକା ସେନା ଆଫଗାନିସ୍ତାନରେ ରହିବାକୁ ତାଲିବାନ ଗ୍ରହଣ କରିପାରୁ ନାହିଁ। ସେପ୍ଟେମ୍ବର ୨୮ରେ ଆଫଗାନିସ୍ତାନରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବାବେଳେ କୌଣସି ସ୍ଥାନରେ ଏକାଠି ନ ହେବା ଲାଗି ତାଲିବାନ ପକ୍ଷରୁ ଆଫଗାନିସ୍ତାନକୁ ଚେତାବନୀ ଦିଆଯାଇଥିଲା। ପ୍ରକାଶଥାଉ କି, ଏହି ନିର୍ବାଚନକୁ ତାଲିବାନ ପକ୍ଷରୁ ବିରୋଧ କରାଯାଇଆସୁଛି।

## କର୍ଣ୍ଣାଟକ, ମହାରାଷ୍ଟ୍ର ବନ୍ୟା ସ୍ଥିତି ଗମ୍ଭୀର

**ନୂଆଦିଲ୍ଲୀ,୭।୮(ପି.ଟି.)**

ଦେଶର ଅଧିକାଂଶ ଭାଗରେ ବୁଧବାର ପ୍ରବଳ ବର୍ଷା ହୋଇଛି। ବନ୍ୟା ପ୍ରଭାବିତ କର୍ଣ୍ଣାଟକ ଓ ମହାରାଷ୍ଟ୍ରରେ ସ୍ଥିତି ଗମ୍ଭୀର ରହିଥିବା ଜଣାପଡିଛି। ଏହି ଦୁଇରାଜ୍ୟର ୨.୫ ଲକ୍ଷ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଆନ୍ଧ୍ରପ୍ରଦେଶର କେତେକ ନଦୀରେ ବନ୍ୟାଜଳ ଆସିଛି। ମହାରାଷ୍ଟ୍ରର ପଶ୍ଚିମ ଭାଗରେ ସପ୍ତାହକ ମଧ୍ୟରେ ବର୍ଷାରେ ୧୬ ଜଣଙ୍କ ମୃତ୍ୟୁ ହେଲାଣି। ସେହିପରି କର୍ଣ୍ଣାଟକରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ଲଘୁଚାପ ଯୋଗୁ ଓଡ଼ିଶାରେ ମଧ ପ୍ରବଳ ବର୍ଷା କେତେକ ଅଞ୍ଚଳରେ ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଛି। ସାଙ୍ଗ୍‌ଲି, କୋହ୍ଲାପୁର ଓ ପୁଣେରୁ ପାଖାପାଖି ଅଢ଼େଇ ଲକ୍ଷ ଲୋକଙ୍କୁ ନିରାପଦ ସ୍ଥାନକୁ ନିଆଯାଇଥିବା ଡିଭିଜନାଲ କମିଶନର ଦୀପକ ମୈସେକର କହିଛନ୍ତି। ଆଞ୍ଚଳିକ ସେନା, ନୌସେନା ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନ୍‌ଡିଆର୍‌ଏଫ୍) ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ରାଜ୍ୟର ଅଧିକାଂଶ ନଦୀବନ୍ଧରେ ବନ୍ୟାଜଳ ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବାବେଳେ ଆଉ ୩/୪ ଦିନ ପ୍ରବଳ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

### ରିଲିଫ ପରେ କ୍ୟାବିନେଟ ସମ୍ପ୍ରସାରଣ

**ବେଙ୍ଗାଲୁରୁ,୭।୮(ପି.ଟି.):** କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚୂଡ଼ାନ୍ତ କରିବା ଲାଗି ଭାଜପାର କେନ୍ଦ୍ରୀୟ ନେତୃବୃନ୍ଦଙ୍କ ସହ ଆଲୋଚନା ନିମନ୍ତେ ଦିଲ୍ଲୀ ଯାଇଥିଲାବେଳେ ଗସ୍ତ କାଟଛାଣ୍ଟ କରି ଫେରିଆସିଛନ୍ତି।

**ୟେଦୁରପ୍ପାଙ୍କୁ ଶାହଙ୍କ ପରାମର୍ଶ**

ପ୍ରଥମେ ରାଜ୍ୟରେ ବନ୍ୟା ରିଲିଫ ଓ ପୁନର୍ବାସ କାର୍ଯ୍ୟ ଉପରେ ଧ୍ୟାନ ଦିଅ। ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିବ ବୋଲି ତାଙ୍କୁ ଭାଜପା ଅଧ୍ୟକ୍ଷ ଅମିତ୍ ଶାହ ରୋକ୍‌ଠୋକ ଶୁଣାଇ ଦେଇଥିଲେ। ବେଙ୍ଗାଲୁରୁରେ ପହଞ୍ଚିବା ପରେ ୟେଦୁରପ୍ପା ଏନେଇ ଖବରଦାତାଙ୍କୁ ସୂଚନା ଦେଇଛନ୍ତି।

## ଟ୍ରେନ୍‌ରେ ମହିଳାଙ୍କୁ ଅସଦାଚରଣ: ୨ ରେଲୱେ ଅଧିକାରୀ ନିଲମ୍ବିତ

**ନୂଆଦିଲ୍ଲୀ, ୭।୮(ପି.ଟି.)**

ରାଜଧାନୀ ଏକ୍ସପ୍ରେସରେ ରାଞ୍ଚିର ଜଣେ ମହିଳାଙ୍କୁ ରେଳବାଇର ୨ ଅଧିକାରୀ ନିଶାଦେଇ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଜଣେ ଟିଟିଇ ଓ ଜଣେ ପାଣ୍ଟ୍ରି କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ନୂଆଦିଲ୍ଲୀରୁ ରାଞ୍ଚି ଅଭିମୁଖେ ଏକ୍ସପ୍ରେସଟି ଆସୁଥିବାବେଳେ ତୃତୀୟ ଏସି କୋଚ୍‌ରେ ଏଭଳି ଘଟଣା ଘଟିଥିବା ଜଣାପଡ଼ିଛି। ଆଇସ୍‌କ୍ରିମରେ ନିଶା ଦେଇ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଉକ୍ତ ମହିଳା ଜଣକ ଟୁଇଟ୍ କରି ଜଣାଇଥିବା ପ୍ରକାଶ। ଏହି ଘଟଣାକୁ ନେଇ ରାଞ୍ଚି ରେଳବାଇ ଡିଭିଜନର ଡିଆର୍‌ଏମ୍ ନୀରଜ୍ ଅମ୍ବସାଦ୍ ଏକ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଛନ୍ତି। ଏହି ତଦନ୍ତକାରୀ ଟିମ୍ ରିପୋର୍ଟ ଦାଖଲ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।

# ରାଜ୍ୟ ସଭା ସାଇନ-ଏ-ଡାଏ

**ନୂଆଦିଲ୍ଲୀ,୭।୮(ପି.ଟି.)**

■ ୩୫ ଦିନରେ ୩୨ ବିଲ୍ ପାସ୍

■ ୧୭ ବର୍ଷରେ ସର୍ବଶ୍ରେଷ୍ଠ ଅଧିବେଶନ



ରାଜ୍ୟ ସଭାକୁ ବୁଧବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଜୁନ୍ ୨୦ରେ ଆରମ୍ଭ ହୋଇଥିବା ପାର୍ଲାମେଣ୍ଟ ଅଧିବେଶନ ଜୁଲାଇ ୨୬ରେ ଶେଷ ହେବାର ଥିଲା। ତେବେ କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଗୃହୀତ ହେବାକୁ ଥିବାରୁ ସରକାର ଏହାର କାର୍ଯ୍ୟକାଳକୁ ଅଗଷ୍ଟ ୭ ପର୍ଯ୍ୟନ୍ତ ବଢ଼ାଇଥିଲେ। ରାଜ୍ୟ ସଭାର ଏହି ୨୪୯ତମ ଅଧିବେଶନ ଗତ ୧୭ ବର୍ଷ ମଧ୍ୟରେ ସବୁଠୁ ଫଳପ୍ରଦ ଥିଲା ବୋଲି ଏହାର ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ କହିଛନ୍ତି। ଅଧିବେଶନର ୩୫ କାର୍ଯ୍ୟଦିବସରେ ୩୨ଟି ବିଲ୍ ଗୃହୀତ ହୋଇଛି। ଉପରାଷ୍ଟ୍ରପତି ଯାହା ଆଶା କରିଥିଲେ ତାହା ପୂରଣ ହୋଇଥିବାରୁ ସେ ଅତ୍ୟନ୍ତ ଖୁସି ବୋଲି କହିଛନ୍ତି। ଅତୀତର ଅଚଳାବସ୍ଥା ଦୂରହୋଇ ଗୃହକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇପାରିଥିବା ଭେଙ୍କାୟା କହିଥିଲେ। ଗତ ୧୭ ବର୍ଷର ୫୨ଟି ଅଧିବେଶନ ମଧ୍ୟରେ ଏହା ସର୍ବଶ୍ରେଷ୍ଠ ବୋଲି ରାଜ୍ୟ ସଭା ଅଧ୍ୟକ୍ଷ କହିଥିଲେ।

ଏହି ଅଧିବେଶନରେ ତିନି ତଲାକ୍ ବିଲ୍, ଜମ୍ମୁ-କଶ୍ମୀର ପୁନର୍ଗଠନ ବିଲ୍ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଗୃହୀତ ହୋଇଛି ବୋଲି ରାଜ୍ୟ ସଭାକୁ ସାଇନ୍-ଏ-ଡାଏ ଘୋଷଣା କରିବା ପୂର୍ବରୁ ଭେଙ୍କାୟା କହିଥିଲେ। ତଥ୍ୟ ଅନୁଯାୟୀ ୧୯୮୪ର ୧୩୧ତମ ଅଧିବେଶନ ସବୁଠୁ ଫଳପ୍ରଦ ଥିଲା, ଯେଉଁଥିରେ ୩୭ଟି ବିଲ୍ ଗୃହୀତ ହୋଇଥିଲା। ୨୦୦୨ରେ ୧୯୭ତମ ଅଧିବେଶନରେ ୩୫ ବିଲ୍ ଅନୁମୋଦିତ ହୋଇଥିଲା। ତେଣୁ ଗତ ୪୧ ବର୍ଷ ମଧ୍ୟରେ ଏହା ୫ମ ସର୍ବାଧିକ ଫଳପ୍ରଦ ଅଧିବେଶନ। ଏଥର ରାଜ୍ୟ ସଭାର ଫଳପ୍ରଦ ହାର ଥିଲା ୧୦୪.୯୨ ପ୍ରତିଶତ। ଗତ ୫ଟି ଅଧିବେଶନରେ ଗୃହର ଫଳପ୍ରଦତା ୭.୪୪ରୁ ୬୫.୬୦ ପ୍ରତିଶତ ରହିଥିଲା। ତେବେ ଏଥର ଗୃହ କାର୍ଯ୍ୟ ମୋଟ ୧୯ ଘଣ୍ଟା ୧୨ ମିନିଟ ବାଧାପ୍ରାପ୍ତ ହୋଇଥିଲା। ତେବେ ନିର୍ଦ୍ଧାରିତ ସମୟଠାରୁ ଅଧିକ ଦିନ ଅଧିବେଶନ ଚାଲିବାରୁ ଗୃହକୁ ଅଧିକ ୨୮ ଘଣ୍ଟା ମିଳିଥିଲା। ବିଭିନ୍ନ ବିଲ୍ ଗୃହୀତ କରାଇବାରେ ସରକାରୀ ଓ ବିରୋଧୀ ଦଳର ସଦସ୍ୟମାନଙ୍କୁ ଆପୋସ ବୁଝାମଣାକୁ ଭେଙ୍କାୟା ପ୍ରଶଂସା କରିଥିଲେ। ଏଭଳି ଧାରା ବଜାୟ ରଖିବା ଲାଗି ସେ ସଦସ୍ୟମାନଙ୍କୁ ଅପିଲ୍ କରିଥିଲେ। ଏହି ଅଧିବେଶନରେ ରାଜ୍ୟ ସଭା ସଦସ୍ୟମାନଙ୍କୁ ସେମାନଙ୍କ ମାତୃଭାଷାରେ କହିବା ସୁଯୋଗ ମିଳିଛି। ଏହା ଅତ୍ୟନ୍ତ ଖୁସିର କଥା। ଆଗାମୀ ଦିନରେ ଅନୁବାଦ ବ୍ୟବସ୍ଥା ଆହୁରି ଉନ୍ନତ ହେବ, ଯାହା ଫଳରେ ସବୁ ସଦସ୍ୟ ବୁଝିବାରେ ସମର୍ଥ ହୋଇପାରିବେ ବୋଲି ଭେଙ୍କାୟା କହିଥିଲେ।

### ସୁପ୍ରିମକୋର୍ଟ ବିଚାରପତି ସଂଖ୍ୟା ବୃଦ୍ଧି ବିଲ୍ ଗୃହୀତ

**ନୂଆଦିଲ୍ଲୀ,୭।୮(ପି.ଟି.):** ସୁପ୍ରିମକୋର୍ଟର ବିଚାରପତି ସଂଖ୍ୟା ୩୦ରୁ ୩୩କୁ ବୃଦ୍ଧି କରିବା ପାଇଁ ସରକାର ଆଣିଥିବା ବିଲ୍ ଅଧିବେଶନର ଶେଷ ଦିନରେ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଛି। ସୁପ୍ରିମକୋର୍ଟ (ବିଚାରପତି ସଂଖ୍ୟା) ସଂଶୋଧନ ବିଲ୍ ଗତ ୫ ତାରିଖରେ ଲୋକ ସଭାରେ ଗୃହୀତ ହୋଇଥିବାବେଳେ ବୁଧବାର ଏହାକୁ ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ ରାଜ୍ୟ ସଭାରେ ଆଗତ କରିଥିଲେ। ବିଲ୍‌କୁ ନେଇ କଂଗ୍ରେସର କୌଣସି ପ୍ରତିବାଦ ନାହିଁ ବୋଲି ଏହାର ନେତା ଗୁଲାମ ନବୀ ଆଜାଦ କହିବା ସହ ଗୃହର ସଦସ୍ୟମାନେ ଏହା ଉପରେ ଆଲୋଚନା ଚାହାନ୍ତି ବୋଲି କହିଥିଲେ। ନ୍ୟାୟିକ ବ୍ୟବସ୍ଥା ସମ୍ପର୍କରେ ସମସ୍ତେ ଜାଣିବା ଉଚିତ। ତେବେ ଏହା ଏକ ଆର୍ଥିକ ବିଲ୍ ବୋଲି ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ କହିଥିଲେ। ସୁପ୍ରିମକୋର୍ଟରେ ଅନୁସୂଚିତ ଜାତିର ପ୍ରତିନିଧିତ୍ୱ ସୁନିଶ୍ଚିତ କରିବା ଲାଗି ବିଏସ୍‌ପି ସଦସ୍ୟ ସତୀଶ ଚନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। ଏହି ବିଲ୍ ସମେତ ଜାଲିଆନାୱାଲାବାଗ୍ ବିଲ୍ ଗୃହୀତ କରାଇବା ପାଇଁ ଗୃହର ନେତା ଥାୱରଚାନ୍ଦ ଗେହଲଟ୍ ଅନୁରୋଧ କରିଥିଲେ। ତେବେ ସୁପ୍ରିମକୋର୍ଟ ବିଲ୍ ରାଜ୍ୟ ସଭାରେ ବାଚନିକ ଭୋଟରେ ଗୃହୀତ ହୋଇଥିବାବେଳେ ଜାଲିଆନାୱାଲାବାଗ୍ ବିଲ୍ ଉପରେ ସହମତି ହୋଇପାରି ନ ଥିଲା। ଏହି ବିଲ୍ ୨ ତାରିଖରେ ଲୋକ ସଭାରେ ଗୃହୀତ ହୋଇଥିଲା।

DSPL-63

ଜଳ ଶକ୍ତି ଅଭିଯାନ
ଆଜି ହିଁ ସଂଚୟ କରିବା ଜଳ, ଆସନ୍ତା କାଲିର ହେବ ମଙ୍ଗଳ

କେନ୍ଦ୍ରାପଡ଼ା ଜିଲ୍ଲାରେ ଜଳଶକ୍ତି ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ
ସ୍ଥାନ : ଟାଉନ ହଲ, ପୌର ସଂସ୍ଥା କାର୍ଯ୍ୟାଳୟ ପରିସର, କେନ୍ଦ୍ରାପଡ଼ା
ତାରିଖ : ୦୮.୦୮.୨୦୧୯ ସମୟ : ଅପରାହ୍ଣ ୩.୩୦ ମିନିଟ୍

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ରଘୁନନ୍ଦନ ଦାସ
ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି
ଶ୍ରୀଯୁକ୍ତ ଅନୁଭବ ମହାନ୍ତି,
ମାନ୍ୟବର ସାଂସଦ,କେନ୍ଦ୍ରାପଡ଼ା
ଶ୍ରୀଯୁକ୍ତ ଶଶିଭୂଷଣ ବେହେରା,
ମାନ୍ୟବର ବିଧାୟକ, କେନ୍ଦ୍ରାପଡ଼ା
ଶ୍ରୀମତୀ ସାବିତ୍ରୀ ଅଗ୍ରୱାଲ,
ମାନ୍ୟବର ବିଧାୟିକା, ପାଟକୁରା
ଶ୍ରୀଯୁକ୍ତ ଧ୍ରୁବ ଚରଣ ସାହୁ,
ମାନ୍ୟବର ବିଧାୟକ, ରାଜନଗର
ଶ୍ରୀଯୁକ୍ତ ପ୍ରତାପ କେଶରୀ ଦେବ,
ମାନ୍ୟବର ବିଧାୟକ, ଆଳି
ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ,
ମାନ୍ୟବର ବିଧାୟକ, ମହାକାଳପଡ଼ା
ଶ୍ରୀଯୁକ୍ତ ମାନସ କୁମାର ପରିଡ଼ା,
ସଭାପତି ଜିଲ୍ଲା ପରିଷଦ, କେନ୍ଦ୍ରାପଡ଼ା
ଶ୍ରୀଯୁକ୍ତ ପ୍ରଦୀପ କୁମାର ଜେନା,
ପ୍ରମୁଖ ଶାସନ ସଚିବ, ଜଳସମ୍ପଦ ବିଭାଗ
ସୁଶ୍ରୀ ମୋନିକା ନୀଲସନ, ମୁଖ୍ୟ, ୟୁନିସେଫ, ଓଡ଼ିଶା



ଆସନ୍ତୁ, ସାମିଲ ହେବା ଜଳଶକ୍ତି ଅଭିଯାନରେ
ଓଡ଼ିଶା ସରକାର
ଜଳସମ୍ପଦ ବିଭାଗ
19085/13/0001/1920

# ରାଜ୍ୟର ବିଭିନ୍ନ ସ୍ଥାନରେ ବନ୍ୟା


ମାଲକାନଗିରି ଜିଲା ଚାଲାଣଗୁଡା ନଦୀରେ ଆସିଥିବା ବନ୍ୟାଜଳ ।


ବନଗୁଡା-ପାଲକଗୁଡା ସେତୁ ଭାଙ୍ଗିଯାଇଛି ।


କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକର ଚାଷଜମିରେ ବନ୍ୟାଜଳ ।


ପୋଟେରୁ ବଜାରରେ ବନ୍ୟାଜଳ ।


ପୋଲିସ ପକ୍ଷରୁ ବନ୍ୟାବିପନ୍ନଙ୍କୁ ଉଦ୍ଧାର କରାଯାଉଛି ।



ମାଲକାନଗିରି-ସୁକ୍‌ମା ରାସ୍ତାରେ ବନ୍ୟାଜଳ ପ୍ରବାହିତ ହେଉଛି ।


ପଡିଆରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଗାଡିମୋଟର ଅଟକି ରହିଛି ।


କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ ମଣ୍ଡଳପଦର ନିକଟରେ ଅସ୍ଥାୟୀ କଲ୍‌ଭର୍ଟ ଧୋଇଯାଇଛି ।

## ରୋଗୀଙ୍କ ଜୀବନ ସହ ଖେଳ: ଆମ୍ବୁଲାନ୍ସରେ ବର୍ଜ୍ୟବସ୍ତୁ ବୁହା

ତାଳଚେର,୭।୮ (ନି.ପ୍ର.)

ରୋଗୀଙ୍କ ଜୀବନ ରକ୍ଷାରେ ଆମ୍ବୁଲାନ୍ସର ଭୂମିକା ଗୁରୁତ୍ୱପୂର୍ଣ୍ଣ। ହେଲେ ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ (ଟିଟିପିଏସ୍) ହସ୍ପିଟାଲ କର୍ତ୍ତୃପକ୍ଷ ଆମ୍ବୁଲାନ୍ସରେ ବର୍ଜ୍ୟବସ୍ତୁ ପରିବହନ କରୁଛନ୍ତି। ଏପରି ଘଟଣା ଜଣାପଡ଼ିବା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସ୍ୱେଚ୍ଛାସେବୀ ସଙ୍ଗଠନ ଦି ନ୍ୟୁ ହରାଇଜନ ପକ୍ଷରୁ ବୁଧବାର ବର୍ଜ୍ୟବସ୍ତୁ ନେଇ ଯାଉଥିବା ଆମ୍ବୁଲାନ୍ସକୁ ଅଟକାଇ ତାଳଚେର ଥାନା ଜିମାରେ ଦିଆଯିବା ସହ ଏ ନେଇ ଏକ ଏତଲା ମଧ୍ୟ ଦିଆଯାଇଛି।

ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଟିଟିପିଏସ୍ ଡାକ୍ତରଖାନାରେ ଥିବା ଏକ ଆମ୍ବୁଲାନ୍ସ (ନଂ. ଓଡି ୩୫-୭୩୦୬)ରେ ବର୍ଜ୍ୟବସ୍ତୁ (ବ୍ୟବହୃତ ସିରିଞ୍ଜ, ତୁଳା, ସାଲାଇନ ବୋତଲ, ଗଜ) ପରିବହନ କରାଯାଉଥିଲା। ଏହା ଜଣାପଡ଼ିବା ପରେ ସଙ୍ଗଠନର ସଦସ୍ୟମାନେ ଥର୍ମାଲ ଆନନ୍ଦବଜାର ଠାରେ ଗାଡ଼ିକୁ ଅଟକାଇ ଥିଲେ। ଡୋର୍ ଖୋଲିବା ପରେ ଗାଡି ଭିତରେ ଡଷ୍ଟବିନରେ ବର୍ଜ୍ୟବସ୍ତୁ ଭର୍ତ୍ତି ରହିଥିବା ଦେଖିବାକୁ ମିଳିଥିଲା। ଏହାକୁ କଣିହାଁ ଡାକ୍ତରଖାନା ପରିସରରେ ଥିବା ୱେଷ୍ଟ ମ୍ୟାନେଜମେଣ୍ଟକୁ ନିଆଯାଉଥିବା ଆମ୍ବୁଲାନ୍ସ ଚାଳକ କହିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାଦ୍ୱାରା ରୋଗୀଙ୍କ କ୍ଷେତ୍ରରେ ସଂକ୍ରମଣ ଆଶଙ୍କା ବୃଦ୍ଧି ପାଇବ। ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବ। ଏହା ଜାଣି ବି ଡାକ୍ତରଖାନା ପକ୍ଷରୁ ଏପରି ଅସାବଧାନତା କାର୍ଯ୍ୟ କରାଯାଇଥିବାରୁ ଗାଡ଼ିକୁ ଥାନା ଜିମା ଦିଆଯାଇଛି। ତୁରନ୍ତ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଅଭିଯୋଗ ପାଇବା ପରେ ତାଳଚେର ଥାନା ଆଇଆଇସି ସୌଭାଗ୍ୟ ଚନ୍ଦ୍ର ସ୍ୱାଇଁ ତୁରନ୍ତ ଉପଜିଲାପାଳ ଓ ଏସ୍‌ଡିପିଓଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ଏଥିସହ ହସ୍‌ପିଟାଲ କର୍ତ୍ତୃପକ୍ଷଙ୍କୁ ଥାନାକୁ ଡକାଇଥିଲେ। ଆଗାମୀ ଦିନରେ ଏପରି କାର୍ଯ୍ୟର ପୁନରାବୃତ୍ତି ହେବ ନାହିଁ ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିବା ଆଇଆଇସି ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଟିଟିପିଏସ୍ ସିଏମ୍‌ଓ ରଞ୍ଜିତା ସାହୁ କହିଛନ୍ତି, ଆମ୍ବୁଲାନ୍ସରେ ବର୍ଜ୍ୟବସ୍ତୁ ନିଆଯାଉଥିଲା। ଗାଡି ନ ଥିବାରୁ କେବେ କେବେ ଆମ୍ବୁଲାନ୍ସକୁ ଏଥିପାଇଁ ବ୍ୟବହାର କରାଯାଇଥାଏ। ଟିଟିପିଏସ୍ ଜିଏମ୍ ସମୀତ ଦେ କହିଛନ୍ତି, ଆମ୍ବୁଲାନ୍ସ ଥାନାରେ କ'ଣ ପାଇଁ ଅଛି ତାହା ଜାଣିନାହିଁ। ସିଏମ୍‌ଓଙ୍କୁ ପଚାରିବା ପରେ ଜଣାପଡିବ ବୋଲି ସେ ପ୍ରକାଶ କରିଛନ୍ତି।

## ବିଜେପୁର ଉପନିର୍ବାଚନ, କଂଗ୍ରେସର ଆଗୁଆ ପ୍ରସ୍ତୁତି

### ପ୍ରାର୍ଥୀ ଚୟନ ପାଇଁ ଦଳ ଗଠନ କଲା ୯ଜଣିଆ କମିଟି

ଭୁବନେଶ୍ୱର, ୭।୮ (ବ୍ୟୁରୋ)

ବିଜେପୁର ଉପନିର୍ବାଚନକୁ ନେଇ ଏବେଠାରୁ କଂଗ୍ରେସ ନିଜର ରଣନୀତି ପ୍ରସ୍ତୁତ କରିଛି। ଏହି ଆସନରେ ଦଳ ଏକ ଟାଣୁଆ ପ୍ରାର୍ଥୀ ଚୟନ କରିବା ପାଇଁ ଲକ୍ଷ୍ୟ ରଖିଛି। ଦଳ କାହାକୁ ପ୍ରାର୍ଥୀ କରିବ ସେନେଇ ମଧ୍ୟ କମିଟି ଗଠନ ହୋଇଛି। ବୁଧବାର ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କାର୍ଯ୍ୟାଳୟଠାରେ ଏକ ବୈଠକରେ ଦଳର ବହୁ ବରିଷ୍ଠ ନେତା ଯୋଗଦେଇ ବିଜେପୁର ଉପନିର୍ବାଚନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ପିସିସି ସଭାପତିଙ୍କ ନିଷ୍ପତ୍ତିକ୍ରମେ ଏକ ୯ ଜଣିଆ କମିଟି ଗଠନ ହୋଇଛି। ବିଜେପୁର ଉପନିର୍ବାଚନରେ ଦଳ କାହାକୁ ପ୍ରାର୍ଥୀ କରିବ ସେନେଇ ଏହି କମିଟି କାମ କରିବ। କମିଟି ଅଧ୍ୟକ୍ଷ ଭାବେ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଆସନ୍ତା ୩୧ ସୁଦ୍ଧା କମିଟି ପକ୍ଷରୁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଶେଷ କରାଯିବ ବୋଲି ଜଣାପଡିଛି। ଏ ପର୍ଯ୍ୟନ୍ତ ବିଜେପୁର ଉପନିର୍ବାଚନ ନେଇ ତାରିଖ ଘୋଷଣା ହୋଇ ନ ଥିବାବେଳେ ଦଳର ଏଭଳି ରଣନୀତିକୁ ନେଇ ରାଜନୈତିକ ମହଲରେ ଭିନ୍ନ ଧରଣର ଚର୍ଚ୍ଚା ଆରମ୍ଭ ହୋଇଛି।

ସୂଚନାଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳି ଏବଂ ବିଜେପୁର ବିଧାନସଭା କ୍ଷେତ୍ରରୁ ନିର୍ବାଚନ ଲଢି ବିଜୟୀ ହୋଇଥିଲେ। ଜୁନ୍ ୨ରେ ମୁଖ୍ୟମନ୍ତ୍ରୀ ବିଜେପୁର ଆସନରୁ ଇସ୍ତଫା ଦେବା ପରେ ଏହି ଆସନରେ ଉପନିର୍ବାଚନ ହେବ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ର ଅନୁଯାୟୀ ଆସନ୍ତା ଅକ୍ଟୋବର ସୁଦ୍ଧା ଏହି ଆସନରେ ଉପନିର୍ବାଚନ ହେବାର ଯଥେଷ୍ଟ ସମ୍ଭାବନା ଥିବା ଶୁଣିବାକୁ ମିଳୁଛି। ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ କଂଗ୍ରେସ ଆଗୁଆ ପ୍ରସ୍ତୁତି ସାଧାରଣରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଅନ୍ୟପଟେ ନିକଟରେ ଶେଷ ହୋଇଥିବା ସମସ୍ତ ନିର୍ବାଚନରେ କଂଗ୍ରେସର ଅତ୍ୟନ୍ତ ଦୁର୍ବଳ ପ୍ରଦର୍ଶନ ଦେଖିବାକୁ ମିଳିଛି। ରାଜ୍ୟ ରାଜନୀତିରେ ଦଳ ବର୍ତ୍ତମାନ ୩ ନମ୍ବର ସ୍ଥାନକୁ ଖସି ଆସିବା ସହ ମୁଖ୍ୟ ବିରୋଧୀ ଦଳ ମାନ୍ୟତା ହରାଇଛି। ତେବେ ବିଜେପୁର ଉପନିର୍ବାଚନ ପ୍ରସ୍ତୁତି ନେଇ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ କହିଛନ୍ତି, ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କ ସହ ଲଢି ଆମ ପ୍ରାର୍ଥୀ ୫୫ହଜାର ଭୋଟ ପାଇଥିଲେ। ଏଥର ଉପନିର୍ବାଚନରେ ଆମେ ଅଧିକ ଭୋଟ ପାଇବୁ। ଲୋକଙ୍କ ଆସ୍ଥା ରହିଛି ଏଥର ଆମେ ନିଶ୍ଚୟ ବିଜୟୀ ହେବୁ। ଦଳ କାହାକୁ ପ୍ରାର୍ଥୀ କରିବ ସେ ନେଇ ପୂରା ଟିମ୍ ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି।

## ଜୀବିତ ଲୋକଙ୍କୁ ବ୍ୟବଚ୍ଛେଦ ପାଇଁ ପଠାଇଲା ପୋଲିସ

ବରଗଡ଼ ଅଫିସ/ଅତାବିରା,୭।୮

ଜଣେ ଜୀବିତ ଲୋକଙ୍କୁ ପୋଲିସ ମୃତ ଭାବିବା ଓ ବ୍ୟବଚ୍ଛେଦ ପାଇଁ ପଠାଇବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ବ୍ୟବଚ୍ଛେଦ ଗୃହରେ ସମ୍ପୃକ୍ତ ବ୍ୟକ୍ତି ଜୀବିତ ଥିବା ଜଣାପଡିବା ପରେ ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିବା ଘଟଣା ଏଠାରେ ବିବାଦ ସୃଷ୍ଟି କରିଛି ।

ମିଳିଥିବା ସୂଚନା ଅନୁଯାୟୀ, ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ଅନ୍ତର୍ଗତ ପୋଡ଼ବାଡ଼ି (ବାବାଟିକ୍ରା)ର ରାହାସ ବିହାରୀ ଭୋଇ(୭୦) କୁଚିଣ୍ଡା ଭୋଜପୁର ଫରେଷ୍ଟ ରେଞ୍ଜରେ ଫରେଷ୍ଟ ଗାର୍ଡ଼ ଭାବେ କାର୍ଯ୍ୟରତ ଥିଲେ। ଅବସର ନେବା ପରେ ସେ ପୋଡ଼ବାଡ଼ି ବାବାଟିକ୍ରାକୁ ଆସି ସ୍ତ୍ରୀ ଗୋଲାପୀଙ୍କ ସହିତ ରହୁଥିଲେ। ତାଙ୍କ ଦୁଇ ପୁଅ ସୁରେନ୍ଦ୍ର, ଚୁନା ବାହାରେ ରହି କାମ କରନ୍ତି। ପ୍ରତିଦିନ ଭଳି ରାହାସ ମଙ୍ଗଳବାର ସକାଳୁ ଉଠି ଶୌଚ ପାଇଁ ଘରୁ ବାହାରିଥିଲେ। ପରେ ବାବାଟିକ୍ରାରୁ ଝାଇଁଜୋର ପଟକୁ ଯାଇଥିବା ଏକ ଛୋଟ କେନାଲରେ ଉଲଗ୍ନ ଓ ଅଚେତ ଅବସ୍ଥାରେ ସେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏ ନେଇ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ରାହାସଙ୍କୁ ମୃତ ଭାବି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ତେବେ ଜଣେ ପଡ଼ୋଶୀ ସେ ଜୀବିତ ଥିବା ଅନୁମାନ କରି କହିବାରୁ ପୋଲିସ ତାଙ୍କୁ ଶବଗୃହରୁ ତୁରନ୍ତ ଡାକ୍ତରଖାନାର ଜରୁରିକାଳୀନ ୱାର୍ଡ଼କୁ ନେଇଥିଲା। ସେଠାରେ ଡାକ୍ତର ରାହାସ ଜୀବତ ଥିବା ଜଣାପଡିଥିଲା । ପରେ ଡାକ୍ତର ରାହାସଙ୍କୁ ସାଲାଇନ ଓ ଅକ୍ସିଜେନ ଦେଇ ଚିକିତ୍ସା ଆରମ୍ଭ କରିଥିଲେ। ମାତ୍ର କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା।

ଜମି ବିବାଦରୁ ତାଙ୍କୁ ସୁପରିକଳ୍ପିତ ଭାବେ ହତ୍ୟା କରାଯାଇଥିବା ପୋଲିସ ଅନୁମାନ କରୁଛି। ଏ ନେଇ ଅତାବିରା ଥାନା ପୋଲିସ ଦଫା ୩୦୨ରେ ଏକ ମାମଲା (ନଂ.୧୬୮/୧୯) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ମୃତଦେହକୁ ଜିଲା ମୁଖ୍ୟ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଗୁରୁବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।


ଡାକ୍ତରଖାନାରେ ସାଲାଇନ୍ ଓ ଅକ୍ସିଜେନ୍ ଲଗାଯାଇ ରାହାସ ବିହାରୀଙ୍କ ଚିକିତ୍ସା ଚାଲିଛି।

- ବ୍ୟବଚ୍ଛେଦ ଗୃହରେ ଜୀବିତ ଥିବା ଜଣାପଡ଼ିଲା
- ଡାକ୍ତରଖାନା ନିଆଗଲା
- ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଲା

## ଆଜି କେନ୍ଦ୍ରାପଡ଼ାରେ ଜଳଶକ୍ତି ଅଭିଯାନ ଶୁଭାରମ୍ଭ

କେନ୍ଦ୍ରାପଡ଼ା ଅଫିସ୍, ୭।୮

କେନ୍ଦ୍ରାପଡ଼ା ଜିଲାରେ ଜଳଶକ୍ତି ଅଭିଯାନ କାର୍ଯ୍ୟକ୍ରମ ଗୁରୁବାର ଶୁଭାରମ୍ଭ ହେବ। ଏହି ଉପଲକ୍ଷେ ଅପରାହ୍ଣରେ ସହରସ୍ଥିତ ପୌରସଂସ୍ଥା କାର୍ଯ୍ୟାଳୟ ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିରେ ଜଳ ସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି, କେନ୍ଦ୍ରାପଡ଼ା ବିଧାୟକ ଶଶୀଭୂଷଣ ବେହେରା ଓ ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ଜେନା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ଅଭିଯାନରେ ଦେଶର ୨୫୫ ଜିଲା ଚିହ୍ନଟ କରାଯାଇଥିବା ବେଳେ ରାଜ୍ୟର ଏକମାତ୍ର କେନ୍ଦ୍ରାପଡ଼ା ଜିଲାକୁ ଏହି ଅଭିଯାନରେ ସାମିଲ କରାଯାଇଛି। ଭୂପୃଷ୍ଠରେ ଜଳ ଧାରଣ କ୍ଷମତା ବୃଦ୍ଧି, ଲୁଣି ପାଣି ଅଞ୍ଚଳ ଚିହ୍ନଟ କରି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା ଆଦି କାର୍ଯ୍ୟକୁ ଏହି ଅଭିଯାନରେ ଗୁରୁତ୍ୱ ଦିଆଯାଇଛି।

## ଏଣିକି ୧୫୦ ଟଙ୍କାରେ ଜଳପଥରେ ଯାଇହେବ ଭିତରକନିକା

ରାଜନଗର, ୭।୮ (ଡି.ଏନ.ଏ.)



କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ ଥିବା ଭିତରକନିକା ଜାତୀୟ ଉଦ୍ୟାନକୁ ଏଣିକି କମ୍ ଖର୍ଚ୍ଚରେ ଜଳପଥରେ ଯାଇହେବ। ଫଳରେ ପର୍ଯ୍ୟଟକମାନେ ବୋଟ୍‌ରେ ଯାତ୍ରା କରି ପ୍ରକୃତିର ନୈସର୍ଗିକ ସୌନ୍ଦର୍ଯ୍ୟ ଉପଭୋଗ କରି ପାରିବେ। ବୁଧବାର ରାଜନଗର ଡିଏଫଓଙ୍କ କାର୍ଯ୍ୟାଳୟରେ ଭିତରକନିକା ଇକୋ ଟୁରିଜମ୍ ଆଣ୍ଡ ଇକୋ ଡେଭେଲପମେଣ୍ଟ ସୋସାଇଟି (ବିଟ୍)ର ବୈଠକ ବସିଥିଲା। ଏହି ବୈଠକରେ ପୂର୍ବ ନିୟମକୁ ବାତିଲ କରାଯାଇ ଭିତରକନିକା ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ନୂଆ ନିୟମ ଲାଗୁ କରାଯାଇଛି। ପୂର୍ବରୁ ପର୍ଯ୍ୟଟକମାନେ ବୋଟ ନ ପାଇଲେ ନିରାଶ ହୋଇ ଫେରୁଥିଲେ। ନୂଆ ନିୟମ କାର୍ଯ୍ୟକାରୀ ହେଲେ ସେମାନେ ଦେଢଶହ ଟଙ୍କାରେ ଘାଟ ନିକଟରେ ଟିକେଟ କାଟି ଜଳପଥରେ ଭିତରକନିକା ବୁଲିବାର ସୁଯୋଗ ପାଇପାରିବେ। ପୂର୍ବରୁ ଜଣେ ହେଉ କି ଦୁଇଜଣ କିମ୍ବା ୫ଜଣ ଭିତରକନିକାକୁ ଜଳପଥରେ ଯିବାକୁ ଚାହିଁଲେ ପୂରା ବୋଟ୍‌କୁ ରିଜର୍ଭ କରିବାକୁ ପଡୁଥିଲା। ଏଥିପାଇଁ ଅଢେଇ ହଜାର ଟଙ୍କା ଦେଇ ପର୍ଯ୍ୟଟକ ଭିତରକନିକା ବୁଲୁଥିଲେ। ଫଳରେ ନିମ୍ନବର୍ଗର ଲୋକ ଜଳପଥରେ ଭିତରକନିକାର ଶୋଭା ଉପଭୋଗ କରି ପାରୁ ନ ଥିଲେ। ବିଟ୍ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଚଳିତବର୍ଷ ନଭେମ୍ବର ୧୫ରୁ ଡିସେମ୍ବର ୧୬ ଯାଏଁ ୧ମାସ ୧ ଦିନ ଧରି ଗୁପ୍ତିରୁ ଭିତରକନିକା ପରୀକ୍ଷାମୂଳକ ଭାବେ ବୋଟ ଚାଲିବ। ଏହି ବ୍ୟବସ୍ଥା ସଫଳ ହେଲେ ପରବର୍ତ୍ତୀ ସମୟରେ ସବୁଦିନ ପାଇଁ ଲାଗୁ କରାଯିବ।

# ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**No. RDM-LAC-KNJ-0049-2018/R&DM, 39851** **Dated 26 Oct. 2018**

**No. V-20:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ଭଗାନଇ, ଥାନା- ରାମଚନ୍ଦ୍ରପୁର, ସଂଖ୍ୟା-୬୨, ତହସିଲ- ଘସିପୁରା, ଜିଲ୍ଲା- କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ୨୫.୭୪୫ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ – ଜଳସେଚନ ପ୍ରକଳ୍ପ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ଆନନ୍ଦପୁର କେନାଲ ଡିଭିଜନ, କେନ୍ଦୁଝର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ଆନନ୍ଦପୁର।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଘସିପୁରା | ଭଗାନଇ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୨୫.୭୪୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂମି ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ଶାଳପଡ଼ା, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ କେନ୍ଦୁଝର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଯୁଗ୍ମ ଶାସନ ସଚିବ

## LAND SCHEDULE

**Land Acquisition for Excavation of Baitarani Right Bank Canal of Anandapur Barrage Project of Vill.- Bhaganai, Tahasil - Ghasipura, P.S.- Ramachandrapur No.- 62, Dist.- Keonjhar, L.A. Case No. - 16/18**

| କ୍ର. ନଂ. | ଖାତା ନଂ. | ଜମି ମାଲିକଙ୍କ ନାମ, ଜାତି, ବାସସ୍ଥାନ | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୩ | ଅର୍ଜୁନ ସାହୁ, ପି.– ନାଣ୍ଟୁ ସାହୁ, ଜା– ତେଲି, ବା: ନିଜଗାଁ | ୨୨୦୫ | ଶାରଦ–୨ | ୦.୧୭ | ୦.୧୭ |
| | | | ୨୨୦୬ | ଶାରଦ–୨ | ୦.୧୧ | ୦.୧୧ |
| | | | ୨୨୮୭ | ଶାରଦ–୨ | ୦.୦୨ | ୦.୦୨ |
| | | | ୨୨୯୮ | ଶାରଦ–୨ | ୦.୦୨ | ୦.୦୨ |
| ୨ | ୪ | ଅର୍ଜୁନ ସାହୁ, ହୃଷି ସାହୁ, ସୁର ସାହୁ, ଚନ୍ଦ୍ରୀ ସାହୁ, ପି.– ଅଇଁଠୁ ସାହୁ, ମାଳ ସାହୁ, ସ୍ୱା.– ଅଇଁଠୁ ସାହୁ, ଜା– ତେଲି, ବା: ଷଟତୀରା | ୧୪୩୮ | ଶାରଦ–୨ | ୦.୧୪ | ୦.୦୨ |
| | | | ୧୪୯୫ | ଶାରଦ–୩ | ୦.୦୮ | ୦.୦୮ |
| | | | ୨୩୬୯ | ଶାରଦ–୩ | ୦.୦୨ | ୦.୦୨ |
| | | | ୨୩୭୪ | ଶାରଦ–୩ | ୦.୧୨ | ୦.୦୧ |
| ୩ | ୯ | ଅନୁ ସାହୁ, କରୁଣା ସାହୁ, ପି.– ଭରତ ସାହୁ, ଜା– ତେଲି, ବା: ନିଜଗାଁ | ୨୩୪୪ | ଶାରଦ–୨ | ୦.୦୭ | ୦.୦୧ |
| | | | ୨୩୪୮ | ଶାରଦ–୨ | ୦.୦୪ | ୦.୦୪ |
| | | | ୨୬୭୭ | ଶାରଦ–୧ | ୦.୧୨ | ୦.୦୧ |
| ୪ | ୧୦ | ଅନୁ ସାହୁ, ପି.– ନିଶେଇ ସାହୁ, ଜା– ତେଲି, ବା: ନିଜଗାଁ | ୧୭୦୯ | ଶାରଦ–୨ | ୦.୦୩ | ୦.୦୩ |
| ୫ | ୧୧ | ଅପର୍ତି ସାହୁ, ପି.– ବୋଧି ସାହୁ, ଜା– ତେଲି, ବା: ନିଜଗାଁ | ୧୬୯୫ | ଶାରଦ–୨ | ୦.୦୪ | ୦.୦୪ |
| | | | ୧୭୧୦ | ଶାରଦ–୨ | ୦.୦୨ | ୦.୦୨ |
| ୬ | ୧୩ | ଅତୁଳ ସାହୁ, ପି.– ହରି ସାହୁ, ଜା– ତେଲି, ବା: ନିଜଗାଁ | ୧୬୨୭ | ଶାରଦ–୨ | ୦.୦୨ | ୦.୦୨ |
| | | | ୧୭୯୫ | ଶାରଦ–୨ | ୦.୦୫ | ୦.୦୫ |
| | | | ୨୩୪୯ | ଶାରଦ–୨ | ୦.୦୨ | ୦.୦୨ |
| ୭ | ୧୪ | ଈଶ୍ୱର ନାହାକ, ପି.– ହରି ନାହାକ, ଜା– ତେଲି, ବା: ନିଜଗାଁ | ୨୩୧୫ | ଶାରଦ–୨ | ୦.୦୫ | ୦.୦୫ |
| | | | ୨୭୬୧/ ୩୦୩୧ | ଶାରଦ–୨ | ୦.୦୧ | ୦.୦୧ |
| | | | ୨୭୬୧/ ୩୦୩୪ | ଶାରଦ–୧ | ୦.୦୫ | ୦.୦୫ |
| ୮ | ୧୫ | କୁଣ୍ଟୁରୁ ବେହେରା, ପି.– ଅପର୍ତି ବେହେରା, ଜା– ନିଆରୀ, ବା: ନିଜଗାଁ | ୨୩୧୧ | ଶାରଦ–୨ | ୦.୧୩ | ୦.୦୧ |
| ୯ | ୧୬ | କୁଣ୍ଟୁରୁ ସାହୁ ପି.– କାର୍ତ୍ତିକ ସାହୁ, ଅନାମ ସାହୁ, ପି.– କୁକୁର ସାହୁ, ଜା– ତେଲି, ବା: ନିଜଗାଁ | ୧୫୦୨ | ଶାରଦ–୨ | ୦.୦୭ | ୦.୦୭ |
| | | | ୧୬୯୬ | ଶାରଦ–୨ | ୦.୦୪ | ୦.୦୪ |
| | | | ୧୭୦୬ | ଶାରଦ–୨ | ୦.୦୨ | ୦.୦୨ |
| | | | ୧୭୯୧ | ଶାରଦ–୨ | ୦.୦୩ | ୦.୦୩ |
| | | | ୨୨୫୪ | ଶାରଦ–୧ | ୦.୩୩ | ୦.୦୯ |
| | | | ୨୩୨୪ | ଶାରଦ–୨ | ୦.୦୪ | ୦.୦୪ |
| | | | ୨୩୩୦ | ଶାରଦ–୨ | ୦.୦୨ | ୦.୦୨ |
| | | | ୨୩୫୭ | ଶାରଦ–୨ | ୦.୦୮ | ୦.୦୮ |
| ୧୦ | ୧୭ | କପିଳ ସାହୁ, ପି.– କୁକୁର ସାହୁ, ଜା– ତେଲି, ବା: ନିଜଗାଁ | ୧୬୨୩ | ଶାରଦ–୨ | ୦.୦୩ | ୦.୦୩ |
| | | | ୧୬୨୮ | ଶାରଦ–୨ | ୦.୦୩ | ୦.୦୩ |
| | | | ୨୩୫୧ | ଶାରଦ–୨ | ୦.୦୫ | ୦.୦୫ |
| | | | ୨୬୮୪ | ଶାରଦ–୧ | ୦.୧୦ | ୦.୦୧ |
| ୧୧ | ୨୦ | କହ୍ନେଇ ଚରଣ ସାହୁ, ସନାତନ ସାହୁ, ଭୀମ ସାହୁ, ପଦ୍ମା ସାହୁ, ସୁନା ସାହୁ, ପି.– ମାଧ ସାହୁ, ଚଢ଼େଇ ସାହୁ, ସ୍ୱା.– ମାଧ ସାହୁ, ଲକ୍ଷ୍ମଣ ସାହୁ, ପି.– ଦଧି ସାହୁ, ଜା– ତେଲି, ବା: ନିଜଗାଁ | ୨୨୪୦ | ଶାରଦ–୧ | ୦.୦୧ | ୦.୦୧ |
| | | | ୨୨୩୦ | ଶାରଦ–୧ | ୦.୦୪ | ୦.୦୪ |
| ୧୨ | ୨୨ | କହ୍ନେଇ ବେହେରା, ଚେମେଣିଆ ବେହେରା, ପି.– ଅଇଁଠୁ ବେହେରା, ସନାତନ ବେହେରା, ପି.– ମୁକ୍ତି ବେହେରା, ଜା– ନିଆରୀ, ବା: ନିଜଗାଁ, ଝୁମୁରୀ ନାହାକ, ସ୍ୱା.– କହ୍ନେଇ ନାହାକ, ଜା– ରଢ଼ୀ, ବା: ବେଲବାହାଳୀ | ୨୩୬୬/ ୩୧୮୫ | ଶାରଦ–୨ | ୦.୦୫ | ୦.୦୩ |
| ୧୩ | ୨୪ | କାଙ୍ଗାଳି ବେହେରା, ପି.– ରତନ ବେହେରା, ଜା– ରାଢ଼ୀ, ଅନୁ ସାହୁ, ପି.– ନିମେଇ ସାହୁ, ଜଗବନ୍ଧୁ ସାହୁ, ରଘୁ ସାହୁ, ପି.– ବୁରୁନ୍ଦ ସାହୁ, ଶ୍ୟାମ ସାହୁ, ଚିନ୍ତା ସାହୁ, ବଙ୍କଟି ସାହୁ, ପି.– ଚନ୍ଦ୍ରୁ ସାହୁ, ହାର ସାହୁ, ପାର ସାହୁ, ପି.– ମୁଳିଆ ସାହୁ, ଜା– ତେଲି, ଶିବେଇ ସା, କ୍ଷେତ୍ର ସା, ଶଙ୍କର ସା, ମକର ସା, ପି.– ସନେଇ ସା, ଜା– କୁମ୍ଭାର, ବା: ନିଜଗାଁ | ୧୫୧୩ | ଶାରଦ–୨ | ୦.୦୨ | ୦.୦୨ |
| | | | ୧୫୧୪ | ଶାରଦ–୨ | ୦.୦୫ | ୦.୦୫ |
| | | | ୧୫୧୫ | ଶାରଦ–୨ | ୦.୦୬ | ୦.୦୬ |
| | | | ୧୫୧୮ | ଶାରଦ–୨ | ୦.୦୨ | ୦.୦୨ |
| | | | ୧୫୧୯ | ଶାରଦ–୨ | ୦.୦୨ | ୦.୦୨ |
| | | | ୧୫୨୦ | ଶାରଦ–୨ | ୦.୧୧ | ୦.୦୭ |
| | | | ୧୫୨୧ | ଶାରଦ–୨ | ୦.୦୭ | ୦.୦୭ |
| | | | ୧୫୨୨ | ଶାରଦ–୨ | ୦.୦୩ | ୦.୦୩ |
| | | | ୧୫୨୩ | ଶାରଦ–୨ | ୦.୦୩ | ୦.୦୩ |
| | | | ୧୫୨୫ | ଶାରଦ–୨ | ୦.୦୪ | ୦.୦୪ |
| | | | ୧୫୨୬ | ଶାରଦ–୨ | ୦.୦୫ | ୦.୦୫ |
| | | | ୧୫୨୭ | ଶାରଦ–୨ | ୦.୦୨ | ୦.୦୨ |
| | | | ୧୫୨୮ | ଶାରଦ–୨ | ୦.୦୨ | ୦.୦୨ |
| | | | ୧୫୩୨ | ଶାରଦ–୨ | ୦.୨୦ | ୦.୧୭ |
| | | | ୧୫୩୩ | ଶାରଦ–୨ | ୦.୨୮ | ୦.୧୨ |
| | | | ୧୫୩୪ | ଶାରଦ–୨ | ୦.୨୧ | ୦.୧୦ |
| | | | ୧୫୩୬ | ଶାରଦ–୨ | ୦.୦୩ | ୦.୦୩ |
| | | | ୧୫୩୭ | ଶାରଦ–୨ | ୦.୦୩ | ୦.୦୩ |
| | | | ୧୫୩୮ | ଶାରଦ–୨ | ୦.୦୩ | ୦.୦୩ |
| | | | ୧୫୩୯ | ଶାରଦ–୨ | ୦.୦୩ | ୦.୦୩ |
| | | | ୧୫୪୦ | ଶାରଦ–୨ | ୦.୦୫ | ୦.୦୧ |
| | | | ୧୫୪୩ | ଶାରଦ–୨ | ୦.୧୩ | ୦.୦୪ |
| | | | ୧୫୪୪ | ଶାରଦ–୨ | ୦.୧୩ | ୦.୦୧ |
| ୧୪ | ୨୫ | କାଙ୍ଗାଳି ପରିଡ଼ା, ରଙ୍କ ପରିଡ଼ା, ପି.– ବାଙ୍କ ପରିଡ଼ା, ଜା– ଗୋପାଳ, ବା: ନିଜଗାଁ | ୨୩୦୩ | ଶାରଦ–୨ | ୦.୧୩ | ୦.୧୩ |
| ୧୫ | ୨୬ | କାଙ୍ଗାଳି ନାହାକ, ପି: ହରି ନାହାକ, ଜା: ତେଲି, ବା: ନିଜଗାଁ | ୪୬୨ | ଶାରଦ–୧ | ୦.୧୦ | ୦.୧୦ |
| | | | ୧୭୨୪ | ଶାରଦ–୨ | ୦.୦୪୫ | ୦.୦୧ |
| | | | ୨୭୬୧/ ୩୦୨୯ | ଶାରଦ–୩ | ୦.୦୫ | ୦.୦୫ |
| | | | ୨୭୬୧/ ୩୦୩୦ | ଶାରଦ–୨ | ୦.୧୩ | ୦.୧୩ |
| | | | ୨୭୬୧/ ୩୦୩୩ | ଶାରଦ–୨ | ୦.୧୧ | ୦.୧୧ |
| | | | ୧୭୨୫ | ଶାରଦ–୨ | ୦.୦୩ | ୦.୦୧ |
| | | | ୧୭୨୬ | ଶାରଦ–୨ | ୦.୦୩୫ | ୦.୦୧ |
| ୧୬ | ୩୨ | କାଳନ୍ଦି ସାହୁ, ଦୋଳ ବେହେରା, ପି: ଭାଇଗ ସାହୁ, କଷଣି ସା, ସ୍ୱା: ଭାଇଗ ସାହୁ, ଚଢ଼େଇ ସାହୁ, ପୁନ ସାହୁ, କ୍ଷେତ୍ରବାସୀ ସାହୁ, ମାର୍କଣ୍ଡ ସାହୁ, ପି: ଅର୍ଜୁନ ସାହୁ, ଜା: ତେଲି, ବା: ନିଜଗାଁ | ୧୭୩୮ | ଶାରଦ–୨ | ୦.୦୩ | ୦.୦୩ |
| | | | ୨୨୨୪ | ଶାରଦ–୧ | ୦.୧୧ | ୦.୧୧ |
| | | | ୨୨୩୩ | ଶାରଦ–୧ | ୦.୦୯ | ୦.୦୩ |
| | | | ୨୨୩୮ | ଶାରଦ–୧ | ୦.୦୩ | ୦.୦୧ |
| | | | ୨୨୭୨ | ଶାରଦ–୨ | ୦.୦୪ | ୦.୦୪ |
| | | | ୨୨୮୮ | ଶାରଦ–୩ | ୦.୦୮ | ୦.୦୩ |
| | | | ୨୬୮୧ | ଶାରଦ–୧ | ୦.୦୬ | ୦.୦୬ |
| | | | ୨୬୮୨ | ଶାରଦ–୧ | ୦.୦୩ | ୦.୦୩ |
| ୧୭ | ୩୪ | କାଳି ବେହେରା, ମାଳି ବେହେରା, ନିଶାକର ବେହେରା, ପି: ଭୀକାରି ବେହେରା, ଜା: କୁମ୍ଭାର, ବା: ନିଜଗାଁ | ୨୭୪୯ | ଶାରଦ–୧ | ୦.୭୧ | ୦.୭୧ |
| ୧୮ | ୩୭ | କିର୍ତ୍ତନ ସାହୁ, ପି: ରତନ ସାହୁ, ଜା: ତେଲି, ବା: ନିଜଗାଁ | ୧୪୪୩ | ଶାରଦ–୨ | ୦.୦୫ | ୦.୦୫ |
| | | | ୧୪୪୬ | ଶାରଦ–୨ | ୦.୦୩ | ୦.୦୩ |
| | | | ୧୪୪୭ | ଶାରଦ–୨ | ୦.୦୨ | ୦.୦୨ |
| | | | ୧୫୦୬ | ଶାରଦ–୨ | ୦.୦୧ | ୦.୦୧ |
| | | | ୧୫୧୭ | ଶାରଦ–୨ | ୦.୦୫ | ୦.୦୫ |
| ୧୯ | ୩୮ | କିର୍ତ୍ତନ ସାହୁ, କେଲୁଣୀ ସାହୁ, ରତ୍ନମଣି ସାହୁ, ପି: ଦୁଃଖା ସାହୁ, ମହର୍ଗି ସାହୁ, ସ୍ୱା: ଦୁଃଖା ସାହୁ, ଜା: ତେଲି, ବା: ନିଜଗାଁ | ୨୨୨୩ | ଶାରଦ–୨ | ୦.୦୩ | ୦.୦୧ |
| ୨୦ | ୪୦ | କିର୍ତ୍ତନ ସାହୁ, ପି: ଶ୍ରୀମୁଖ ସାହୁ, ହାର ସାହୁ, ସ୍ୱା: ଶ୍ରୀମୁଖ ସାହୁ, ଜା: ତେଲି, ବା: ନିଜଗାଁ | ୧୬୨୦ | ଶାରଦ–୨ | ୦.୦୪ | ୦.୦୪ |
| | | | ୧୬୪୨ | ଶାରଦ–୨ | ୦.୦୩ | ୦.୦୩ |
| | | | ୧୭୧୬ | ଶାରଦ–୩ | ୦.୦୨ | ୦.୦୨ |
| | | | ୨୨୯୭ | ଶାରଦ–୨ | ୦.୦୧ | ୦.୦୧ |
| | | | ୨୩୨୯ | ଶାରଦ–୩ | ୦.୦୫ | ୦.୦୫ |
| | | | ୨୭୨୮ | ଶାରଦ–୨ | ୦.୦୪ | ୦.୦୧ |
| | | | ୨୭୨୯ | ଶାରଦ–୩ | ୦.୨୩ | ୦.୦୯ |
| | | | ୨୭୫୦ | ଶାରଦ–୩ | ୦.୧୬ | ୦.୧୩ |
| ୨୧ | ୪୨ | କିର୍ତ୍ତନ ସାହୁ, ରଥ ସାହୁ, ଜାହାଜୀ ସାହୁ, ପି: ବରଜୁ ସାହୁ, ଚାଙ୍ଗିଡି ସାହୁ, ସ୍ୱା– ବରଜୁ ସାହୁ, ହନୁ ସାହୁ, ପି: ସନେଇ ସାହୁ, ଜା: ତେଲି, ବା: ନିଜଗାଁ | ୧୫୦୩ | ଶାରଦ–୨ | ୦.୦୭ | ୦.୦୭ |
| | | | ୧୫୭୪ | ଶାରଦ–୨ | ୦.୦୪ | ୦.୦୪ |
| | | | ୧୫୭୫ | ଶାରଦ–୨ | ୦.୦୩ | ୦.୦୩ |
| | | | ୧୬୩୦ | ଶାରଦ–୨ | ୦.୦୧ | ୦.୦୧ |
| | | | ୧୬୩୪ | ଶାରଦ–୨ | ୦.୦୪ | ୦.୦୪ |
| | | | ୧୭୯୬ | ଶାରଦ–୨ | ୦.୦୪ | ୦.୦୨ |
| | | | ୧୩୪୬ | ଶାରଦ–୨ | ୦.୦୩ | ୦.୦୩ |
| | | | ୨୬୭୨ | ଶାରଦ–୨ | ୦.୦୫ | ୦.୦୧ |
| | | | ୨୬୭୩ | ଶାରଦ–୧ | ୦.୦୮ | ୦.୦୮ |
| ୨୨ | ୪୭ | କୃଷ୍ଣଚନ୍ଦ୍ର ବାରିକ, ଗଣେଶ ବାରିକ, ପି: ଭିକାରୀ ବାରିକ, ଜା: ଭଣ୍ଡାରୀ, ବା: ନିଜଗାଁ | ୨୭୫୬ | ଶାରଦ–୧ | ୦.୨୬ | ୦.୨୬ |
| | | | ୨୬୬୪ | ଶାରଦ–୩ | ୦.୨୦ | ୦.୦୧ |
| | | | ୨୭୬୮ | ଶାରଦ–୩ | ୦.୫୧ | ୦.୦୩ |
| ୨୩ | ୫୨ | ଖଲୁ ସାହୁ, ପି: ସପନ ସାହୁ, ଜା: ତେଲି, ବା: ନିଜଗାଁ | ୧୬୯୪ | ଶାରଦ–୨ | ୦.୦୩ | ୦.୦୩ |
| ୨୪ | ୫୫ | ପରି ସାହୁ, ପି: ଭଜନ ସାହୁ, ଜା: ତେଲି, ବା: ନିଜଗାଁ | ୧୪୯୦ | ଶାରଦ–୨ | ୦.୦୪ | ୦.୦୪ |
| | | | ୨୨୯୪ | ଶାରଦ–୨ | ୦.୦୩ | ୦.୦୩ |
| | | | ୨୭୧୨ | ଶାରଦ–୧ | ୦.୧୪ | ୦.୧୪ |
| ୨୫ | ୫୬ | ଗୋପାଳ ସାହୁ, ପି: ବନମାଳୀ ସାହୁ, ଜା: ତେଲି, ବା: ନିଜଗାଁ | ୧୪୯୩ | ଶାରଦ–୨ | ୦.୦୪ | ୦.୦୪ |
| | | | ୧୭୦୨ | ଶାରଦ–୨ | ୦.୦୨ | ୦.୦୨ |
| | | | ୨୭୩୦ | ଶାରଦ–୧ | ୦.୧୯ | ୦.୧୯ |
| | | | ୨୭୩୧ | ଶାରଦ–୧ | ୦.୧୮ | ୦.୧୪ |
| | | | ୨୭୩୩ | ଶାରଦ–୧ | ୦.୦୩ | ୦.୦୧ |
| | | | ୨୭୫୫ | ଶାରଦ–୧ | ୦.୧୬ | ୦.୧୩ |
| ୨୬ | ୫୮ | ଗୋବର୍ଦ୍ଧନ ସାହୁ, ପି: ଅଯୋଧ୍ୟା ସାହୁ, ଗୁଣ୍ଡି ସାହୁ, ସ୍ୱା: ଅଯୋଧ୍ୟା ସାହୁ, ପହଲା ସାହୁ, ଟହଲା ସାହୁ, ପି: ସପନା ସାହୁ, ଜା: ତେଲି, ବା: ନିଜଗାଁ | ୧୬୭୭ | ଶାରଦ–୨ | ୦.୦୭ | ୦.୦୭ |
| | | | ୨୨୨୫ | ଶାରଦ–୧ | ୦.୨୧ | ୦.୨୧ |
| | | | ୨୩୨୭ | ଶାରଦ–୨ | ୦.୦୪ | ୦.୦୪ |
| | | | ୪୫୯/୩୧୩୮ | ଶାରଦ–୨ | ୦.୧୫ | ୦.୦୧ |
| ୨୭ | ୬୧ | ଚକର ସାହୁ, ମକର ସାହୁ, ପୁନି ସାହୁ, ଚଢ଼େଇ ସାହୁ, ପି: ଜତନ ସାହୁ, ଜା: ତେଲି, ବା: ନିଜଗାଁ | ୧୬୮୭ | ଶାରଦ–୨ | ୦.୦୩ | ୦.୦୩ |
| | | | ୧୭୦୪ | ଶାରଦ–୨ | ୦.୦୩ | ୦.୦୩ |
| | | | ୧୭୦୭ | ଶାରଦ–୨ | ୦.୦୧ | ୦.୦୧ |
| | | | ୨୨୪୧ | ଶାରଦ–୨ | ୦.୦୨ | ୦.୦୨ |
| | | | ୨୨୯୫ | ଶାରଦ–୨ | ୦.୦୫ | ୦.୦୫ |
| | | | ୨୭୧୦ | ଶାରଦ–୧ | ୦.୧୬ | ୦.୧୬ |
| ୨୮ | ୬୬ | ଚିନ୍ତାମଣି ସାହୁ, ପି: ଚେମେଇ ସାହୁ, ମୁଷି ସାହୁ, ସ୍ୱା: ଚେମେଇ ସାହୁ, ଜା: ତେଲି, ବା: ନିଜଗାଁ | ୧୬୮୩ | ଶାରଦ–୨ | ୦.୨୮ | ୦.୨୬ |
| | | | ୨୨୯୯ | ଶାରଦ–୨ | ୦.୦୨ | ୦.୦୨ |
| ୨୯ | ୭୪ | ଜଗବନ୍ଧୁ ସାହୁ, ନାଥ ସାହୁ, ପି: ବାଳେଇ ସାହୁ, ଜା: ତେଲି, ବା: ନିଜଗାଁ | ୨୩୦୩/୩୨୬୦ | ଶାରଦ–୨ | ୦.୦୭ | ୦.୦୭ |
| ୩୦ | ୭୫ | ଜଗବନ୍ଧୁ ସାହୁ, ନାଥ ସାହୁ, ପି: ବାଳେଇ ସାହୁ, ଭଲି ସାହୁ, ସ୍ୱା: ବାଳେଇ ସାହୁ, ଜା: ତେଲି, ବା: ନିଜଗାଁ | ୧୪୪୨ | ଶାରଦ–୨ | ୦.୦୭ | ୦.୦୭ |
| | | | ୧୫୧୬ | ଶାରଦ–୨ | ୦.୦୫ | ୦.୦୫ |
| | | | ୨୩୦୭ | ଶାରଦ–୨ | ୦.୧୨ | ୦.୧୦ |
| ୩୧ | ୭୬ | ଜଗବନ୍ଧୁ ସାହୁ, ରଘୁନାଥ ସାହୁ, ପି: ବୁରୁଜୁ ସାହୁ, ଜା: ତେଲି, ବା: ନିଜଗାଁ | ୧୭୦୦ | ଶାରଦ–୨ | ୦.୦୩ | ୦.୦୩ |
| ୩୨ | ୭୮ | ଯାତ୍ରୀ ସାହୁ, ପି: ମିଛୁ ସାହୁ, ଜା: ତେଲି, ବା: ନିଜଗାଁ | ୧୬୧୭ | ଶାରଦ–୨ | ୦.୦୩ | ୦.୦୩ |
| | | | ୧୬୩୫ | ଶାରଦ–୨ | ୦.୦୪ | ୦.୦୪ |
| | | | ୨୩୪୭ | ଶାରଦ–୨ | ୦.୦୨ | ୦.୦୨ |
| ୩୩ | ୭୯ | ଯୁଯେଇ ସାହୁ, ପି: ଏଛୁତ ସାହୁ, ଜା: ତେଲି, ବା: ନିଜଗାଁ | ୧୬୪୬ | ଶାରଦ–୨ | ୦.୦୪ | ୦.୦୪ |
| | | | ୨୬୮୫ | ଶାରଦ–୧ | ୦.୧୨ | ୦.୧୦ |
| ୩୪ | ୮୦ | ଡାହାଳ ସାହୁ, ଦାମ ସାହୁ, ଚନ୍ଦୁରୀ ସାହୁ, ରୋଦନା ସାହୁ, ସୀତା ସାହୁ, ପି: ଗଦେଇ ସାହୁ, ଜା: ତେଲି, ବା: ସଟତୀରା | ୨୩୨୩ | ଶାରଦ–୨ | ୦.୦୪ | ୦.୦୪ |
| ୩୫ | ୮୧ | ଡାହାଳ ସାହୁ, ପି: ସପନ ସାହୁ, ଜା: ତେଲି, ବା: ନିଜଗାଁ | ୧୪୯୨ | ଶାରଦ–୨ | ୦.୦୨ | ୦.୦୨ |
| | | | ୧୭୧୩ | ଶାରଦ–୨ | ୦.୦୩ | ୦.୦୩ |
| | | | ୧୭୮୬ | ଶାରଦ–୨ | ୦.୦୨ | ୦.୦୨ |
| | | | ୧୭୮୭ | ଶାରଦ–୨ | ୦.୦୨ | ୦.୦୨ |
| | | | ୨୩୫୩ | ଶାରଦ–୨ | ୦.୦୧ | ୦.୦୧ |
| | | | ୨୭୦୬ | ଶାରଦ–୨ | ୦.୦୨ | ୦.୦୨ |
| | | | ୨୭୦୩/୩୨୧୬ | ଶାରଦ–୨ | ୦.୦୮ | ୦.୦୫ |
| ୩୬ | ୮୨ | ଦଧି ନାହାକ, ପି: କୁଶିଆ ନାହାକ, ଜା: ତେଲି, ବା: ନିଜଗାଁ | ୧୭୪୯ | ଶାରଦ–୨ | ୦.୦୭ | ୦.୦୧ |
| | | | ୨୭୫୮ | ଶାରଦ–୧ | ୦.୨୫ | ୦.୨୫ |
| ୩୭ | ୮୩ | ଦିନବନ୍ଧୁ ସାହୁ, ପି: ଅଇଁଣ୍ଠୁ ସାହୁ, ଜା: ତେଲି, ବା: ନିଜଗାଁ | ୧୬୯୭ | ଶାରଦ–୨ | ୦.୦୩ | ୦.୦୩ |
| | | | ୧୭୧୫ | ଶାରଦ–୨ | ୦.୦୪ | ୦.୦୪ |
| | | | ୨୨୩୯ | ଶାରଦ–୧ | ୦.୦୧ | ୦.୦୧ |
| | | | ୨୩୦୧ | ଶାରଦ–୧ | ୦.୦୮ | ୦.୦୮ |
| | | | ୨୩୫୮ | ଶାରଦ–୨ | ୦.୧୦ | ୦.୦୧ |
| | | | ୨୭୧୩ | ଶାରଦ–୨ | ୦.୧୮ | ୦.୧୦ |
| ୩୮ | ୮୮ | ଧନେଶ୍ୱର ସାହୁ, ପି: କୁଶେଇ ସାହୁ, ଖଡ଼ିକା ସାହୁ, ସ୍ୱା: କୁଶେଇ ସାହୁ, ଜା: ତେଲି, ବା: ନିଜଗାଁ | ୪୬୭ | ଶାରଦ–୧ | ୦.୦୭ | ୦.୦୭ |
| | | | ୧୭୦୧ | ଶାରଦ–୨ | ୦.୦୩ | ୦.୦୩ |
| ୩୯ | ୮୯ | ଧନେଶ୍ୱର ସାହୁ, କେଲୁଣୀ ସାହୁ, ପି: ବାବାଜୀ ସାହୁ, ରାଧା ସାହୁ, ସ୍ୱା: ବାବାଜୀ ସାହୁ, ହରେକୃଷ୍ଣ ସାହୁ, ରଥ ସାହୁ, ପରିକ୍ଷିତ ସାହୁ, ମୀନ ସାହୁ, ପି: ଗୋପି ସାହୁ, ଚାରୁ ସାହୁ, ସ୍ୱା: ଗୋପି ସାହୁ, ଜା: ତେଲି, ବା: ନିଜଗାଁ | ୧୬୮୪ | ଶାରଦ–୨ | ୦.୦୬ | ୦.୦୬ |
| | | | ୨୮୫୧/୩୧୬୮ | ଶାରଦ–୧ | ୦.୦୩ | ୦.୦୩ |
| ୪୦ | ୯୧ | ଧରଣୀ ସାହୁ, ପି: ମାଗୁଣି ସାହୁ, ପଟି ସାହୁ, ସ୍ୱା: ମାଗୁଣି ସାହୁ, ଜା: ତେଲି, ବା: ନିଜଗାଁ | ୧୪୯୧ | ଶାରଦ–୨ | ୦.୦୨ | ୦.୦୨ |
| | | | ୧୬୯୧ | ଶାରଦ–୨ | ୦.୦୩ | ୦.୦୩ |
| | | | ୧୭୦୫ | ଶାରଦ–୨ | ୦.୦୪ | ୦.୦୪ |
| | | | ୨୨୯୬ | ଶାରଦ–୨ | ୦.୦୧ | ୦.୦୧ |
| | | | ୨୩୫୬ | ଶାରଦ–୨ | ୦.୦୯ | ୦.୦୯ |
| | | | ୨୭୦୪ | ଶାରଦ–୨ | ୦.୧୨ | ୦.୧୨ |
| | | | ୨୭୦୮ | ଶାରଦ–୨ | ୦.୦୨ | ୦.୦୨ |
| | | | ୨୭୦୯ | ଶାରଦ–୨ | ୦.୦୪ | ୦.୦୪ |
| ୪୧ | ୯୪ | ଧରଣୀ ସାହୁ, ପି: ଜଗଈ ସାହୁ, ଜା: ତେଲି, ବା: ନିଜଗାଁ | ୧୪୪୧ | ଶାରଦ–୨ | ୦.୧୩ | ୦.୧୩ |
| ୪୨ | ୯୫ | ଧାରୁ ନାହାକ, ସ୍ୱା: ଚନ୍ଦୁରୁ ନାହାକ, ଜା: ତେଲି, ବା: ନିଜଗାଁ | ୨୩୬୬ | ଶାରଦ–୨ | ୦.୧୩ | ୦.୦୨ |
| ୪୩ | ୯୭ | ନଟବର ସାହୁ, ପି: ବାଉରୀ ସାହୁ, ଜା: ତେଲି, ବା: ନିଜଗାଁ | ୧୭୩୪ | ଶାରଦ–୨ | ୦.୦୨ | ୦.୦୨ |
| | | | ୧୭୩୫ | ଶାରଦ–୨ | ୦.୦୨ | ୦.୦୨ |
| | | | ୧୭୩୯ | ଶାରଦ–୨ | ୦.୦୩ | ୦.୦୩ |
| | | | ୨୨୨୯ | ଶାରଦ–୧ | ୦.୦୬ | ୦.୦୬ |
| | | | ୨୩୦୬ | ଶାରଦ–୨ | ୦.୨୧ | ୦.୨୧ |
| | | | ୨୨୩୫ | ଶାରଦ–୧ | ୦.୦୭ | ୦.୦୧ |
| | | | ୨୩୩୧ | ଶାରଦ–୨ | ୦.୧୩ | ୦.୧୩ |
| ୪୪ | ୧୦୦ | ନନ୍ଦ ସାହୁ, ଶୁକୁରୀ ସାହୁ, ପି: ଭିକାରୀ ସାହୁ, ଜା: ତେଲି, ବା: ନିଜଗାଁ | ୧୬୨୧ | ଶାରଦ–୨ | ୦.୦୩ | ୦.୦୩ |
| | | | ୧୬୪୭ | ଶାରଦ–୨ | ୦.୨୫ | ୦.୨୫ |
| | | | ୧୬୭୬ | ଶାରଦ–୨ | ୦.୦୭ | ୦.୦୭ |
| | | | ୨୨୭୧ | ଶାରଦ–୨ | ୦.୧୫ | ୦.୦୭ |
| ୪୫ | ୧୦୩ | ନାଥ ସାହୁ, ପି: ନିଶେଇ ସାହୁ, ପାଲୁଣୀ ସାହୁ, ସ୍ୱା: ନିଶେଇ ସାହୁ, ଜା: ତେଲି, ବା: ନିଜଗାଁ | ୧୫୦୫ | ଶାରଦ–୨ | ୦.୦୭ | ୦.୦୭ |
| | | | ୧୭୪୩ | ଶାରଦ–୨ | ୦.୦୬ | ୦.୦୬ |
| | | | ୧୭୬୧ | ଶାରଦ–୨ | ୦.୦୩ | ୦.୦୩ |
| | | | ୧୭୬୨ | ଶାରଦ–୨ | ୦.୦୫ | ୦.୦୫ |
| | | | ୨୭୪୮ | ଶାରଦ–୧ | ୧.୫୨ | ୧.୦୭ |
| ୪୬ | ୧୦୪ | ନାରଣ ସାହୁ, ପି: ବଳି ସାହୁ, ଜା: ତେଲି, ବା: ନିଜଗାଁ | ୧୭୦୩ | ଶାରଦ–୨ | ୦.୦୩ | ୦.୦୩ |
| ୪୭ | ୧୦୭ | ନାରଣ ସାହୁ, ପି: ନିଶାକର ସାହୁ, ନାଭ ସାହୁ, ପି: ସପନ ସାହୁ, ଜା: ତେଲି, ବା: ନିଜଗାଁ | ୧୬୧୮ | ଶାରଦ–୨ | ୦.୦୫ | ୦.୦୩ |
| | | | ୧୬୩୨ | ଶାରଦ–୨ | ୦.୦୨ | ୦.୦୨ |
| | | | ୧୬୩୩ | ଶାରଦ–୨ | ୦.୦୫ | ୦.୦୫ |
| | | | ୧୬୭୪ | ଶାରଦ–୨ | ୦.୦୪ | ୦.୦୪ |
| ୪୮ | ୧୦୮ | ନାରଣ ସାହୁ, ପି: ନିଶାକର ସାହୁ, ନାଭ ସାହୁ, ପି: ସପନ ସାହୁ, ଅର୍ଜୁନ ସାହୁ, ହୃଦାନନ୍ଦ ସାହୁ, ଜଞ୍ଜାଳି ସାହୁ, ପି: ଭାବ ସାହୁ, ସର ସାହୁ, ସ୍ୱା: ଭାବ ସାହୁ, ଜା: ତେଲି, ବା: ନିଜଗାଁ | ୧୪୪୯ | ଶାରଦ–୨ | ୦.୧୨ | ୦.୧୨ |
| | | | ୨୮୩୯ | ଶାରଦ–୧ | ୦.୫୨ | ୦.୫୨ |
| ୪୯ | ୧୧୩ | ନିଶାକର ସାହୁ, ନଟବର ସାହୁ, ପି: ହରି ସାହୁ, ଜା: ତେଲି, ବା: ନିଜଗାଁ | ୧୬୧୧ | ଶାରଦ–୨ | ୦.୦୨ | ୦.୦୨ |
| | | | ୧୬୪୫ | ଶାରଦ–୨ | ୦.୦୪ | ୦.୦୪ |
| | | | ୧୬୨୬ | ଶାରଦ–୨ | ୦.୦୩ | ୦.୦୩ |
| | | | ୧୭୮୮ | ଶାରଦ–୨ | ୦.୦୫ | ୦.୦୧ |
| | | | ୧୭୯୦ | ଶାରଦ–୨ | ୦.୦୪ | ୦.୦୪ |
| | | | ୨୩୪୫ | ଶାରଦ–୨ | ୦.୦୫ | ୦.୦୫ |
| ୫୦ | ୧୧୭ | ନିଶେଇ ସାହୁ, ଋଷି ସାହୁ, ପି: ସାନ ଭୋଳେଇ ସାହୁ, ଜା: ତେଲି, ବା: ନିଜଗାଁ | ୧୪୪୪ | ଶାରଦ–୨ | ୦.୦୭ | ୦.୦୭ |
| | | | ୧୪୪୫ | ଶାରଦ–୨ | ୦.୦୬ | ୦.୦୬ |
| | | | ୧୫୦୭ | ଶାରଦ–୨ | ୦.୦୨ | ୦.୦୨ |
| ୫୧ | ୧୧୮ | ପାଗଳ ନାହାକ, ପି: ନିଶାକର ନାହାକ, ନେତ ନାହାକ, ସ୍ୱା: ନିଶାକର ନାହାକ, ଜା: ତେଲି, ବା: ନିଜଗାଁ | ୨୩୫୪ | ଶାରଦ–୨ | ୦.୦୩ | ୦.୦୩ |
| | | | ୨୩୫୫ | ଶାରଦ–୨ | ୦.୦୫ | ୦.୦୫ |
| ୫୨ | ୧୨୫ | ପୂର୍ଣ୍ଣଚନ୍ଦ୍ର ନାହକ, କିର୍ତ୍ତନ ନାହକ, ବୀରକିଶୋର ନାହକ, ପି: ନିଧି ନାହକ, ଜା: ତେଲି, ବା: ଷଟତୀରା | ୨୭୬୬ | ଶାରଦ–୩ | ୦.୮୦ | ୦.୧୮ |
| ୫୩ | ୧୨୬ | ପୂର୍ଣ୍ଣଚନ୍ଦ୍ର ନାଏକ, କିର୍ତ୍ତନ ନାଏକ, ବୀରକିଶୋର ନାଏକ, ପି: ନିଧି ନାଏକ, ଖଡ଼ିକା ନାଏକ, ସ୍ୱା: ନିଧି ନାଏକ, ଜଟ ସାହୁ, ବଟ ସାହୁ, ଶଖି ସାହୁ, ପି: ଗୋପି ସାହୁ, ଜା: ତେଲି, ବା: ନିଜଗାଁ | ୪୬୪ | ଶାରଦ–୧ | ୦.୦୭ | ୦.୦୫ |
| | | | ୧୭୨୯ | ଶାରଦ–୨ | ୦.୧୩ | ୦.୧୩ |
| | | | ୨୭୫୯ | ଶାରଦ–୩ | ୦.୩୫ | ୦.୩୫ |
| | | | ୨୭୬୦ | ଶାରଦ–୩ | ୦.୬୫ | ୦.୬୫ |
| | | | ୨୭୬୧/୩୦୩୨ | ଶାରଦ–୨ | ୦.୦୫ | ୦.୦୫ |
| | | | ୨୭୬୧/୩୧୫୨ | ଶାରଦ–୨ | ୦.୦୨ | ୦.୦୨ |
| ୫୪ | ୧୨୭ | ପୁରୁଷୋତ୍ତମ ସାହୁ, ପି– ମୁଷେଇ ସାହୁ, ଚମ୍ପା ସାହୁ, ସ୍ୱା– ମୁଷେଇ ସାହୁ, ଜା– ତେଲି, ବା– ନିଜଗାଁ। | ୨୨୨୮ | ଶାରଦ–୧ | ୦.୦୫ | ୦.୦୫ |
| | | | ୨୨୩୨ | ଶାରଦ–୧ | ୦.୧୨ | ୦.୧୨ |
| | | | ୨୨୭୩ | ଶାରଦ–୧ | ୦.୦୩ | ୦.୦୧ |
| ୫୫ | ୧୨୮ | ପୁରନ୍ଦର ସାହୁ, ପି– ମୁଷେଇ ସାହୁ, ଚମ୍ପା ସାହୁ, ସ୍ୱା– ମୁଷେଇ ସାହୁ, ଜା–ତେଲି, ବା– ନିଜଗାଁ। | ୪୬୯ | ଶାରଦ–୨ | ୦.୦୮ | ୦.୦୧ |
| | | | ୧୭୫୨ | ଶାରଦ–୨ | ୦.୦୫ | ୦.୦୫ |
| | | | ୧୭୪୫ | ଶାରଦ–୨ | ୦.୦୩ | ୦.୦୩ |
| | | | ୧୭୫୫ | ଶାରଦ–୨ | ୦.୦୫ | ୦.୦୧ |
| | | | ୧୭୫୮ | ଶାରଦ–୨ | ୦.୦୫ | ୦.୦୩ |
| | | | ୧୭୬୭ | ଶାରଦ–୨ | ୦.୦୮ | ୦.୦୮ |
| | | | ୨୨୩୬ | ଶାରଦ–୧ | ୦.୦୭ | ୦.୦୨ |
| | | | ୨୩୦୨ | ଶାରଦ–୨ | ୦.୦୫ | ୦.୦୫ |
| | | | ୨୩୯୪ | ଶାରଦ–୨ | ୦.୦୯ | ୦.୦୪ |
| | | | ୨୬୮୩ | ଶାରଦ–୨ | ୦.୦୨ | ୦.୦୨ |
| ୫୬ | ୧୩୪ | ବାଇଧର ନାହାକ, ପି–ଭଗି ନାହାକ, ଜା–ତେଲି, ବା– ନିଜଗାଁ। | ୨୬୮୦ | ଶାରଦ–୧ | ୦.୩୧ | ୦.୩୧ |
| ୫୭ | ୧୩୬ | ବାବାଜି ସାହୁ, ପି– ବରଜୁ ସାହୁ, ହେମ ସାହୁ, ସ୍ୱା– ବୁରୁଜୁ ସାହୁ, ଜା– ତେଲି, ବା– ନିଜଗାଁ। | ୧୬୭୩ | ଶାରଦ–୩ | ୦.୦୬ | ୦.୦୧ |
| | | | ୧୭୬୦ | ଶାରଦ–୨ | ୦.୦୫ | ୦.୦୫ |
| | | | ୧୭୬୩ | ଶାରଦ–୨ | ୦.୦୭ | ୦.୦୭ |
| | | | ୧୭୬୪ | ଶାରଦ–୨ | ୦.୦୩୫ | ୦.୦୩୫ |
| | | | ୨୬୬୭ | ଶାରଦ–୨ | ୦.୧୦ | ୦.୦୨ |
| ୫୮ | ୧୩୭ | ବାବାଜୀ ସାହୁ, ପି– ଉଦ୍ଧବ ସାହୁ, ଜା– ତେଲି, ବା– ନିଜଗାଁ। | ୧୫୨୪ | ଶାରଦ–୨ | ୦.୦୪ | ୦.୦୪ |
| | | | ୧୫୪୧ | ଶାରଦ–୨ | ୦.୧୩ | ୦.୦୮ |
| | | | ୧୫୨୧/୩୨୬୩ | ଶାରଦ–୨ | ୦.୦୧ | ୦.୦୧ |
| ୫୯ | ୧୩୮ | ବାବାଜି ସାହୁ, ପି– ଉଦ୍ଧବ ସାହୁ, ସାନ କାଙ୍ଗାଳି ସାହୁ, ରାମ ସାହୁ, ପି– ଡମେଇ ସାହୁ, ଶିବ ସାହୁ, ପି– ନରସିଂହ ସାହୁ, ଜା– ତେଲି, ବା– ନିଜଗାଁ। | ୪୬୬ | ଶାରଦ–୧ | ୦.୧୧ | ୦.୧୧ |
| | | | ୧୫୭୬ | ଶାରଦ–୨ | ୦.୦୮ | ୦.୦୮ |
| | | | ୧୬୧୯ | ଶାରଦ–୨ | ୦.୦୨ | ୦.୦୨ |
| | | | ୧୬୨୫ | ଶାରଦ–୨ | ୦.୦୪ | ୦.୦୪ |
| | | | ୧୬୩୧ | ଶାରଦ–୨ | ୦.୦୧ | ୦.୦୧ |
| | | | ୧୬୩୭ | ଶାରଦ–୨ | ୦.୦୨ | ୦.୦୨ |
| | | | ୨୬୭୪ | ଶାରଦ–୧ | ୦.୦୯ | ୦.୦୯ |
| ୬୦ | ୧୪୦ | ବାବାଜି ସାହୁ, ବାୟାଣୀ ସାହୁ, ପି– କାଙ୍ଗାଳି ସାହୁ, ସତୀ ସାହୁ, ସ୍ୱା– କାଙ୍ଗାଳି ସାହୁ, ଜା– ତେଲି, ବା– ନିଜଗାଁ। | ୧୭୪୧ | ଶାରଦ–୨ | ୦.୦୬ | ୦.୦୬ |
| | | | ୨୨୦୭/୩୦୩୭ | ଶାରଦ–୨ | ୦.୦୭ | ୦.୦୭ |
| | | | ୨୨୧୯ | ଶାରଦ–୨ | ୦.୦୫ | ୦.୦୧ |
| | | | ୨୨୨୭ | ଶାରଦ–୧ | ୦.୦୨ | ୦.୦୨ |
| ୬୧ | ୧୪୪ | ବାବାଜୀ ନାହାକ, ପି– ନଖିଆ ନାହାକ, ଜା– ତେଲି, ବା– ନିଜଗାଁ। | ୧୭୨୭ | ଶାରଦ–୨ | ୦.୧୩ | ୦.୧୩ |
| | | | ୧୭୨୮ | ଶାରଦ–୨ | ୦.୦୩ | ୦.୦୩ |
| | | | ୧୭୩୦ | ଶାରଦ–୩ | ୦.୧୫ | ୦.୧୫ |
| | | | ୧୭୩୧ | ଶାରଦ–୩ | ୦.୦୭ | ୦.୦୧ |
| | | | ୨୬୬୧ | ଶାରଦ–୩ | ୦.୧୧ | ୦.୧୧ |
| | | | ୨୮୩୩ | ଶାରଦ–୩ | ୦.୦୬ | ୦.୦୬ |
| ୬୨ | ୧୪୫ | ବାବାଜି ଜେନା, ପାଣ୍ଡୁ ଜେନା, ସାମୁଲି ଜେନା, ପି– ଭୀକା ଜେନା, ଗୋବିନ୍ଦ ଜେନା, ପି– କହ୍ନେଇ ଜେନା, ଜା– ପାଣ, ବା– ନିଜଗାଁ। | ୨୭୬୯ | ଶାରଦ–୨ | ୦.୩୩ | ୦.୨୮ |
| ୬୩ | ୧୪୬ | ବାବାଜି ଜେନା, ପାଣ୍ଡୁ ଜେନା, ସାମୁଲି ଜେନା, ପି– ଭୀକା ଜେନା, ଗୋବିନ୍ଦ ଜେନା, ପି– କହ୍ନେଇ ଜେନା, ଚୈତନ୍ୟ ଜେନା, କିର୍ତନ ଜେନା, ପି– ଦନେଇ ଜେନା, ଜା– ପାଣ, ବା– ନିଜଗାଁ। | ୨୭୪୭ | ଶାରଦ–୧ | ୦.୨୧ | ୦.୧୨ |
| ୬୪ | ୧୪୭ | ବୀରକିଶୋର ଜେନା, ପି– ଚୈତନ୍ୟ ଜେନା, କିର୍ତନ ଜେନା, ପି– ଦନେଇ ଜେନା, ଗୋବିନ୍ଦ ଜେନା, ପି– କହ୍ନେଇ ଜେନା, ପାଣ୍ଡୁ ଜେନା, ସାମୁଲି ଜେନା, ପି– ଭିକା ଜେନା, ଜା– ପାଣ, ବା– ନିଜଗାଁ। | ୧୪୪୦ | ଶାରଦ–୨ | ୦.୧୨ | ୦.୧୨ |
| ୬୫ | ୧୪୯ | ବୃନ୍ଦାବନ ସାହୁ, ପି– ମାଧ ସାହୁ, ଜା– ତେଲି, ବା– ନିଜଗାଁ। | ୧୪୫୨ | ଶାରଦ–୨ | ୦.୧୫ | ୦.୦୩ |
| ୬୬ | ୧୫୨ | ଭଗବାନ ସାହୁ, ପି– ବାଉରୀ ସାହୁ, ଜା– ତେଲି, ବା– ନିଜଗାଁ। | ୧୭୩୬ | ଶାରଦ–୨ | ୦.୦୨ | ୦.୦୨ |
| | | | ୧୮୧୪ | ଶାରଦ–୩ | ୦.୧୦ | ୦.୦୬ |
| | | | ୨୩୩୫ | ଶାରଦ–୨ | ୦.୧୮ | ୦.୦୭ |
| ୬୭ | ୧୫୭ | ଭଗି ସାହୁ, ପି– ସୁକେଇ ସାହୁ, ଜା –ତେଲି, ବା– ନିଜଗାଁ। | ୧୫୭୮ | ଶାରଦ–୨ | ୦.୧୩ | ୦.୦୫ |
| | | | ୧୬୩୯ | ଶାରଦ–୨ | ୦.୦୨ | ୦.୦୨ |
| | | | ୧୬୪୦ | ଶାରଦ–୨ | ୦.୦୨ | ୦.୦୨ |
| | | | ୨୩୦୫ | ଶାରଦ–୨ | ୦.୦୯ | ୦.୦୬ |
| | | | ୨୩୧୬ | ଶାରଦ–୨ | ୦.୦୫ | ୦.୦୫ |
| | | | ୧୬୪୪ | ଶାରଦ–୨ | ୦.୦୨ | ୦.୦୨ |
| | | | ୨୩୧୮ | ଶାରଦ–୨ | ୦.୦୫ | ୦.୦୨ |
| ୬୮ | ୧୬୦ | ଭୀମ ସାହୁ, ପି– ଋଷି ସାହୁ, ମନ୍ଦିର ସାହୁ, ସ୍ୱା– ଋଷି ସାହୁ, କିସ୍ମତ ଟଠ୍ୟ (ଆଠ ଅଣା) ବାବାଜି ସାହୁ, ପି– ନାକଫୋଡି ସାହୁ, କିସ୍ମତ ଟଠ୍ୟ (ଆଠଅଣା), ଭାଇଗ ସାହୁ, ପି– ସମ୍ଭୁ ସାହୁ, ଜା– ତେଲି, ବା– ନିଜଗାଁ। | ୧୬୯୮ | ଶାରଦ–୨ | ୦.୦୧ | ୦.୦୧ |
| | | | ୧୭୫୬ | ଶାରଦ–୨ | ୦.୦୩ | ୦.୦୩ |
| | | | ୨୨୪୨ | ଶାରଦ–୨ | ୦.୦୪ | ୦.୦୪ |
| | | | ୨୨୫୧ | ଶାରଦ–୧ | ୦.୦୭ | ୦.୦୨ |
| | | | ୨୨୫୨ | ଶାରଦ–୧ | ୦.୦୯ | ୦.୦୯ |
| | | | ୨୨୫୩ | ଶାରଦ–୧ | ୦.୨୫ | ୦.୨୫ |
| ୬୯ | ୧୬୪ | ମକର ସାହୁ, ଚକର ସାହୁ, ଘନ ସାହୁ, ପି– ଶୁକ ସାହୁ, ଜା– ତେଲି, ବା– ନିଜଗାଁ। | ୨୨୨୬ | ଶାରଦ–୧ | ୦.୦୨ | ୦.୦୨ |
| ୭୦ | ୧୬୫ | ମଙ୍ଗୁଳି ସାହୁ, ପି– ଭଗି ସାହୁ, ପୁରି ସାହୁ, ଶ୍ରୀଧର ସାହୁ, ଭାଗବତ ସାହୁ, ପି– ରଘୁ ସାହୁ, ଜାହାଜୀ ସାହୁ, ସ୍ୱା– ରଘୁ ସାହୁ, ଜା –ତେଲି, ବା– ନିଜଗାଁ। | ୧୭୯୭ | ଶାରଦ–୨ | ୦.୦୮ | ୦.୦୬ |
| | | | ୨୩୩୨ | ଶାରଦ–୨ | ୦.୦୨ | ୦.୦୨ |
| | | | ୨୩୩୩ | ଶାରଦ–୨ | ୦.୦୭ | ୦.୦୭ |
| | | | ୨୩୩୪ | ଶାରଦ–୨ | ୦.୧୨ | ୦.୦୯ |

ପରବର୍ତ୍ତୀ ପୃଷ୍ଠା ଦେଖନ୍ତୁ...



ମାନବ ଶରୀର ତୁମକୁ ଦିଆଯାଇଛି, ଜୀବଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରିବା ପାଇଁ। ଏହାଦ୍ୱାରା ତୁମର ଆତ୍ମା ଭଗବାନଙ୍କ ଚରଣ ତଳେ ସ୍ଥାନ ପାଇବା ପାଇଁ ସକ୍ଷମ।
- ଗୁରୁ ନାନକ



## ପଞ୍ଚମ ଜାତୀୟ ହସ୍ତତନ୍ତ ଦିବସ

# ବୁଣାକାରଙ୍କୁ ମିଳିଲା ପରିଚୟ ପତ୍ର

ଭୁବନେଶ୍ୱର,୭।୮ (ବ୍ୟୁରୋ)

ହସ୍ତତନ୍ତର ଆଦିଭୂମି ଭାବେ ଓଡ଼ିଶା ବିଶ୍ୱପ୍ରସିଦ୍ଧ। ହସ୍ତତନ୍ତ ଆମ ରାଜ୍ୟର ପାରମ୍ପରିକ ତଥା କୌଳିକ ବୃତ୍ତି। ଓଡ଼ିଶାର 'ଇକତ', ବୋମକାଇ, ଖଣ୍ଡୁଆ, ମାଣିଆବନ୍ଧ, ହବାସ୍‌ପୁରୀ, କୋଟପାଡ଼ ଓ ଟସର ଶାଢ଼ି ସାରା ବିଶ୍ୱରେ ପ୍ରସିଦ୍ଧ। ହସ୍ତତନ୍ତର ଉତ୍କର୍ଷ ଓ ବୁଣାକାରଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ଅଙ୍ଗୀକାରବଦ୍ଧ ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ କହିଛନ୍ତି। ବୁଧବାର ପଞ୍ଚମ ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ମୁଖ୍ୟଅତିଥିଭାବେ ଯୋଗଦେଇ ମନ୍ତ୍ରୀ ବୁଣାକାରଙ୍କୁ ପରିଚୟପତ୍ର ବଣ୍ଟନର ଶୁଭାରମ୍ଭ କରି କହିଲେ, ରାଜ୍ୟର ବୁଣାକାରଙ୍କ ପାଇଁ ବହୁବିଧ କଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଗତିଶୀଳ ହସ୍ତତନ୍ତ ନୀତି ପ୍ରଣୟନ ସହିତ ବୁଣାକାର ସହାୟତା ଯୋଜନା କାର୍ଯ୍ୟକାରୀ କରାଯାଉଛି। କେନ୍ଦୁଝରରେ ମହିଳା ବୁଣାକାର କେନ୍ଦ୍ର କାମ ଚାଲିଥିବାବେଳେ ତାହାକୁ ଖୁବ୍‌ଶୀଘ୍ର ଉଦ୍‌ଘାଟନ କରାଯିବ। ସେହିଭଳି ବରଗଡ଼ରେ ଚାଲିଥିବା ବୁଣାକାର ହାଟ ମଧ ଶୀଘ୍ର ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଥିଲେ।




ହସ୍ତତନ୍ତ ଦିବସ ପାଳନ ଅବସରରେ ମନ୍ତ୍ରୀ ପଦ୍ମିନୀ ଦିଆନ ଜଣେ ମହିଳା ବୁଣାକାରଙ୍କୁ ପରିଚୟପତ୍ର ପ୍ରଦାନ କରୁଛନ୍ତି।

କେନ୍ଦ୍ର ସରକାରଙ୍କ ବୟନ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସହଯୋଗରେ ସ୍ଥାନୀୟ ଶିକ୍ଷା ଓ ଅନୁସନ୍ଧାନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ହସ୍ତତନ୍ତ ଉନ୍ନୟନ କମିଶନର ସଞ୍ଜୟ ରସ୍ତୋଗୀ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ସମ୍ମାନିତ ଅତିଥିଭାବେ କେନ୍ଦ୍ର ବୟନ ମନ୍ତ୍ରଣାଳୟ ସଚିବ ରବି କପୁର ଯୋଗଦେଇ କହିଲେ, ଭାରତରେ ଉଚ୍ଚକୋଟୀର ହସ୍ତତନ୍ତ ଦେଖିବାକୁ ମିଳେ। ଦେଶରେ ୪୦ ଲକ୍ଷ ପରିବାର ଏହା ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷ ଜଡ଼ିତ। ଅଧିକରୁ ଅଧିକ ଯୁବଗୋଷ୍ଠୀଙ୍କୁ ହସ୍ତତନ୍ତ ପ୍ରତି ଆକୃଷ୍ଟ କରିବାକୁ ପ୍ରୟାସ କରାଯାଉଛି। ଉଭୟ କେନ୍ଦ୍ର ଓ ଓଡ଼ିଶା ସରକାର ମିଳିତ ଭାବେ ହସ୍ତତନ୍ତ ବୁଣାକାରଙ୍କ ଅଭିବୃଦ୍ଧି ନିମନ୍ତେ କାର୍ଯ୍ୟ କରିବେ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ କମିଶନର ଶୁଭା ଶର୍ମା କହିଲେ, ଓଡ଼ିଶାର ପ୍ରାଚୀନ କଳାକୁ ବୁଣାକାରମାନେ ଆଗାମୀ ପିଢ଼ି ପାଇଁ ବଞ୍ଚାଇ ରଖିଛନ୍ତି। ରାଜ୍ୟରେ ହସ୍ତତନ୍ତ କାରିଗରଙ୍କ ସଂଖ୍ୟା ବୃଦ୍ଧି ପାଇଛି। ହସ୍ତତନ୍ତ କ୍ଷେତ୍ରରେ ପୁରୁଷଙ୍କ ସହିତ ମହିଳାମାନେ କାନ୍ଧ ମିଳାଇ କାର୍ଯ୍ୟ କରୁଛନ୍ତି। ଏଥିପାଇଁ କେନ୍ଦ୍ର ସରକାରଙ୍କ ପ୍ରୋତ୍ସାହନର ଆବଶ୍ୟକତା ରହିଛି ବୋଲି ସଚିବ କହିଥିଲେ।

ଏହି ଅବସରରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଦୁଇଜଣ ବୁଣାକାର ଗୋବର୍ଦ୍ଧନ ପାନିକା ଏବଂ ଚତୁର୍ଭୁଜ ମେହେର, ସନ୍ଥକବି ପୁରସ୍କାରପ୍ରାପ୍ତ କଳାବତୀ ମେହେର, ସ୍ୱର୍ଣ୍ଣଲତା ମେହେର, ଶରତ କୁମାର ପାତ୍ର, ଭଗବାନ ମେହେର, ଦୟାଳୁ ମେହେର, ଭିକାରୀ ମେହେର, ମୁରଲୀ ମେହେର, ସୁରେନ୍ଦ୍ର ମେହେର, କ୍ଷେତ୍ରମୋହନ ମେହେର, ଶଶିଧର ମେହେର, ଶ୍ୟାମସୁନ୍ଦର କରଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅତିଥିଙ୍କ ଦ୍ୱାରା ଚତୁର୍ଥ ସର୍ବଭାରତୀୟ ପରିସଂଖ୍ୟାନ ରିପୋର୍ଟ ଉନ୍ମୋଚିତ ହୋଇଥିଲା। ପ୍ୟାନ୍ ଇଣ୍ଡିଆ ଭିତ୍ତିରେ ବା ସର୍ବଭାରତୀୟସ୍ତରରେ ବୁଣାକାରଙ୍କୁ ପରିଚୟ ପତ୍ର ବଣ୍ଟନର ଶୁଭାରମ୍ଭ କରାଯାଇ ୫ ଜଣଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଏହାସହ ସୂତା ବ୍ୟାଙ୍କ୍ ଜମାଖାତା ବା ୟାର୍ନ ପାସ୍‌ବୁକ୍ ବଣ୍ଟନର ଶୁଭାରମ୍ଭ କରାଯାଇ ୫ ଜଣ ବୁଣାକାରଙ୍କୁ ପାସ୍‌ବୁକ୍ ବଣ୍ଟନ କରାଯାଇଥିଲା। ସେହିଭଳି ପାଞ୍ଚଜଣ ବୁଣାକାରଙ୍କୁ ମୁଦ୍ରାଋଣ ବଣ୍ଟନ କରାଯାଇଥିଲା। ୫ଜଣ ବୁଣାକାରଙ୍କୁ ସୋଲାର ଲାଇଟ୍ ୟୁନିଟ୍ ବଣ୍ଟନ ସହିତ ୫ ଜଣ ହିତାଧିକାରୀଙ୍କୁ ହସ୍ତତନ୍ତ ସମ୍ବର୍ଦ୍ଧନ ସହାୟତା ପ୍ରମାଣପତ୍ର, ୫ ଜଣ ହିତାଧିକାରୀଙ୍କୁ ୱାର୍କସେଡ୍ ନିର୍ମାଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟରୁ ପ୍ରାୟ ୧୦୫୦ ଜଣ ବୁଣାକାର ଯୋଗଦେଇଥିଲେ।

- ବିଭିନ୍ନ ଯୋଜନାର ଶୁଭାରମ୍ଭ
- ବରଗଡ଼ ବୁଣାକାର ହାଟ, କେନ୍ଦୁଝର ମହିଳା ବୁଣାକାର କେନ୍ଦ୍ର ଶୀଘ୍ର ଆରମ୍ଭ ହେବ

## ମଣ୍ଡିରୁ ଧାନ ସଂଗ୍ରହ କରିବେ ମହିଳା ଏସ୍‌ଏଚ୍‌ଜି

### ମିଶନ୍ ଶକ୍ତିର ବଡ଼ ନିଷ୍ପତ୍ତି

ଭୁବନେଶ୍ୱର,୭।୮ (ବ୍ୟୁରୋ)

ଏଲ୍‌ଇଡ଼ି ବଲ୍‌ବ ତିଆରି, ବିଜୁ ଗାଁ ଗାଡ଼ି ଯୋଜନାରେ ବସ୍ ଚଳାଇବା, ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଛତୁଆ ଯୋଗାଣ, ବିଦ୍ୟୁତ୍ ମିଟର ରିଡିଂ, କୋଠାବାଡ଼ି ନିର୍ମାଣରେ ମହିଳାମାନଙ୍କୁ ସାମିଲ କରିବା ପରେ ଏବେ ଆଉଏକ ମାଇଲ୍‌ଖୁଣ୍ଟ ପ୍ରତିଷ୍ଠା କରିବାକୁଯାଉଛି ମିଶନ ଶକ୍ତି। ମିଶନ ଶକ୍ତି ଅଧୀନରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ମାନେ ଏଣିକି ଧାନ ସଂଗ୍ରହ କାର୍ଯ୍ୟରେ ସାମିଲ ହେବେ। କଳାହାଣ୍ଡି ଜିଲାରେ ପ୍ରଥମଥର ପାଇଁ ପାଇଲଟ୍ ପ୍ରକଳ୍ପ ଭାବେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଧାନ ସଂଗ୍ରହ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଫଳରେ ଶତାଧିକ ମହିଳା ଆର୍ଥିକ ସ୍ୱାବଲମ୍ବୀ ହେବାକ୍ଷେତ୍ରରେ ଆଉପାଦେ ଆଗକୁ ଯାଇଛନ୍ତି।

ଏହି ନୂଆ ପ୍ରକଳ୍ପରେ କଳାହାଣ୍ଡି ଜିଲାରେ ୧୭ ଗ୍ରାମ ପଞ୍ଚାୟତରେ ୧୭ ମହିଳା ଏସ୍‌ଏଚ୍‌ଜି ସାମିଲ ହୋଇଛନ୍ତି। ସେମାନଙ୍କ ସହାୟତାରେ ଚଳିତବର୍ଷ ସଫଳତାର ସହ ଧାନ ସଂଗ୍ରହ କରାଯାଇଛି। ପ୍ରଥମେ ଏହି ଜିଲାର ଜୁନାଗଡ଼ ବ୍ଲକ୍‌ର ବାଣୀଝର ଗ୍ରାମ ପଞ୍ଚାୟତରେ ମା'ମହାଲକ୍ଷ୍ମୀ ଏସ୍‌ଏଚ୍‌ଜିକୁ ଏଥିଲାଗି ଚୟନ କରାଯାଇଥିଲା। ଧାନ ସଂଗ୍ରହ ପାଇଁ ଅନ୍‌ଲାଇନ୍ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଥିବାରୁ ଏହି ଗୋଷ୍ଠୀର ସଦସ୍ୟାମାନେ ଏଥିପାଇଁ କମ୍ପ୍ୟୁଟର ତାଲିମ ନେଇଥିଲେ। ସେମାନେ ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟିରେ କାର୍ଯ୍ୟ ଆରମ୍ଭ କରିବା ସହ ମାତ୍ର ୩୦ଦିନ ମଧ୍ୟରେ ୪୧ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ଧାନ ସଂଗ୍ରହରୁ ମା' ମହାଲକ୍ଷ୍ମୀ ଏସ୍‌ଏଚ୍‌ଜି ୧୨.୯୪ ଲକ୍ଷ ଟଙ୍କା ରୋଜଗାର କରିଥିବାବେଳେ ନିଜ ଜମାଖାତାରେ ୬.୨୫ ଲକ୍ଷ ଟଙ୍କା ଜମା କରିପାରିଛନ୍ତି। ଏହି ବଳକା ଅର୍ଥରେ ସେମାନେ ନିକଟ ବଜାରକୁ ପରିବହନ ସୁବିଧା ପାଇଁ ଏକ ଭ୍ୟାନ୍ କିଣିବାର ଲକ୍ଷ୍ୟ ରଖିଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ସୁଦ୍ଧା ଏହି ଜିଲାର ୧୭ ଏସ୍‌ଏଚ୍‌ଜି ୪୪.୧୫ କୋଟି ଟଙ୍କା ମୂଲ୍ୟର ୨.୪୭ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ବାବଦକୁ ୭୭.୨୪ ଲକ୍ଷ ଟଙ୍କାର ଅର୍ଥରାଶି କମିଶନ ଆକାରରେ ପାଇଛନ୍ତି। ରବି ଋତୁରେ ପ୍ରତି ମହିଳା ଏସ୍‌ଏଚ୍‌ଜି ପ୍ରାୟ ୪.୫ ଲକ୍ଷ ଟଙ୍କା ରୋଜଗାର କରିବାରେ ସକ୍ଷମ ହୋଇଛନ୍ତି। ସଫଳତାକୁ ଦୃଷ୍ଟିରେ ରଖି ବିଭାଗ ତରଫରୁ ଖରିଫ ଋତୁରେ ଅନ୍ୟ ଜିଲାଗୁଡ଼ିକରେ ଏସ୍‌ଏଚ୍‌ଜିଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିବା ପାଇଁ ସ୍ଥିର କରିଛି। ସୂଚନାଯୋଗ୍ୟ, ରାଜ୍ୟରେ ଏବେ ପ୍ରାୟ ୬ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ୭୦ ଲକ୍ଷ ମହିଳା ସଦସ୍ୟ ରହିଛନ୍ତି।

...ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

| କ୍ର. ନଂ. | ଖାତା ନଂ. | ଜମି ମାଲିକଙ୍କ ନାମ, ଜାତି, ବାସସ୍ଥାନ | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୭୧ | ୧୬୮ | ମଧୁସୂଦନ ସାହୁ, ପି- ପ୍ରାଣକୃଷ୍ଣ ସାହୁ, ଜା- ତେଲି, ବା- ସରେଇଁ। | ୧୬୩୬ | ଶାରଦ-୨ | ୦.୦୪ | ୦.୦୪ |
| ୭୨ | ୧୭୦ | ମୁକ୍ତା ସାହୁ, ସ୍ୱା- ନକୁଳ ସାହୁ, ମାଲ ସାହୁ, ପି- ନକୁଳ ସାହୁ, ସହଦେବ ସାହୁ, ପି- ସନେଇଁ ସାହୁ, ଜା- ତେଲି, ବା- ନିଜଗାଁ। | ୨୩୧୨ | ଶାରଦ-୨ | ୦.୦୪ | ୦.୦୨ |
| ୭୩ | ୧୭୨ | ରଙ୍କନାଥ ସାହୁ, ପି- ଶାଇବ ସାହୁ, ନୀଳମଣି ସାହୁ, ପି- ଜଗେଇ ସାହୁ, ଜା- ତେଲି, ବା- ନିଜଗାଁ | ୧୬୯୨ | ଶାରଦ-୨ | ୦.୦୭ | ୦.୦୩ |
| | | | ୧୬୯୩ | ଶାରଦ-୨ | ୦.୦୭ | ୦.୦୩ |
| ୭୪ | ୧୭୪ | ରଘୁ ସାହୁ, ପି- ଶିବେଇ ସାହୁ, ଜା- ତେଲି, ବା- ନିଜଗାଁ। | ୧୫୦୪ | ଶାରଦ-୨ | ୦.୧୨ | ୦.୧୨ |
| | | | ୧୫୭୩ | ଶାରଦ-୨ | ୦.୦୯ | ୦.୦୯ |
| | | | ୧୭୪୪ | ଶାରଦ-୨ | ୦.୦୪ | ୦.୦୨ |
| | | | ୨୩୯୩ | ଶାରଦ-୨ | ୦.୦୯ | ୦.୦୧ |
| ୭୫ | ୧୭୯ | ରଘୁ ସାହୁ, ଦଧି ସାହୁ, ପି- କାଳି ସାହୁ, ସୁନ୍ଦରା ସାହୁ, ସ୍ୱା- କାଳି ସାହୁ, ଜା- ତେଲି, ବା- ନିଜଗାଁ। | ୧୪୫୦ | ଶାରଦ-୨ | ୦.୦୫ | ୦.୦୫ |
| | | | ୧୪୫୧ | ଶାରଦ-୨ | ୦.୦୫ | ୦.୦୫ |
| | | | ୧୭୬୫ | ଶାରଦ-୨ | ୦.୦୩ | ୦.୦୩ |
| | | | ୧୭୬୬ | ଶାରଦ-୨ | ୦.୦୭ | ୦.୦୭ |
| | | | ୧୭୬୮ | ଶାରଦ-୨ | ୦.୧୨ | ୦.୧୨ |
| | | | ୨୩୭୫/୩୧୮୪ | ଶାରଦ-୨ | ୦.୦୩ | ୦.୦୨ |
| ୭୬ | ୧୮୦ | ରଘୁ ସାହୁ, ଫଗୁ ସାହୁ, ପି- ସାଗର ସାହୁ, ଜା- ତେଲି, ବା - ନିଜଗାଁ। | ୧୫୩୫ | ଶାରଦ-୨ | ୦.୨୩ | ୦.୧୦ |
| ୭୭ | ୧୮୧ | ରଘୁନାଥ ନାହାକ, ଧ୍ରୁବଚରଣ ନାହାକ, ଗଣେଶ୍ୱର ନାହାକ, ରମେଶଚନ୍ଦ୍ର ନାହାକ, ପି- ପୂର୍ଣ୍ଣଚନ୍ଦ୍ର ନାହାକ, ଜା- ତେଲି, ବା- ସଟତୀରା। | ୨୭୬୨ | ଶାରଦ-୧ | ୦.୦୯ | ୦.୦୨ |
| | | | ୨୮୩୨ | ଶାରଦ-୧ | ୦.୧୦ | ୦.୧୦ |
| ୭୮ | ୧୮୩ | ରାମଚନ୍ଦ୍ର ସାହୁ, ପି- ରଘୁ ସାହୁ, ଜା- ତେଲି, ବା- ନିଜଗାଁ। | ୨୮୪୦ | ଶାରଦ-୧ | ୦.୧୫ | ୦.୦୧ |
| | | | ୨୮୩୯/୩୨୩୭ | ଶାରଦ-୧ | ୦.୧୬ | ୦.୧୬ |
| ୭୯ | ୧୮୪ | ରାମଚନ୍ଦ୍ର ସାହୁ, ପି- ବାଇ ସାହୁ, ଜା- ତେଲି, ବା- ନିଜଗାଁ। | ୧୫୦୦ | ଶାରଦ-୨ | ୦.୨୨ | ୦.୧୦ |
| | | | ୧୫୦୧ | ଶାରଦ-୨ | ୦.୦୭ | ୦.୦୭ |
| | | | ୧୭୬୯ | ଶାରଦ-୨ | ୦.୦୪ | ୦.୦୪ |
| | | | ୨୩୬୭ | ଶାରଦ-୨ | ୦.୦୩ | ୦.୦୩ |
| ୮୦ | ୧୮୭ | ରାମ ସାହୁ, ଦାମ ସାହୁ, ନବ ସାହୁ, ରୂପେଇ ସାହୁ, ଝୁମେଇ ସାହୁ, ଗେହ୍ଲେଇ ସାହୁ, ପି- ନଣ୍ଡେଇ ସାହୁ, ଜହ୍ନ ସାହୁ, ସ୍ୱା- ନଣ୍ଡେଇ ସାହୁ, ଜା- ତେଲି, ବା- ନିଜଗାଁ। | ୧୫୭୨ | ଶାରଦ-୨ | ୦.୦୬ | ୦.୦୬ |
| ୮୧ | ୧୮୮ | ରାମ ସାହୁ, ଦାମ ସାହୁ, ନବ ସାହୁ, ପି- ନଣ୍ଡେଇ ସାହୁ, ଜା- ତେଲି, ବା- ନିଜଗାଁ। | ୧୪୪୮ | ଶାରଦ-୨ | ୦.୧୨ | ୦.୧୨ |
| | | | ୧୭୦୮ | ଶାରଦ-୨ | ୦.୦୪ | ୦.୦୪ |
| ୮୨ | ୧୯୦ | ରାମ ସାହୁ, ଲକ୍ଷ୍ମୀଧର ସାହୁ, ପି- ଦଧି ସାହୁ, ଜା- ତେଲି, ବା- ନିଜଗାଁ। | ୧୫୭୦ | ଶାରଦ-୨ | ୦.୦୪୫ | ୦.୦୧ |
| | | | ୨୩୧୭ | ଶାରଦ-୨ | ୦.୧୦ | ୦.୦୨ |
| ୮୩ | ୧୯୧ | ରାମ ସାହୁ, ପି- ରଘୁ ସାହୁ, ଫଗୁ ସାହୁ, ପି- ବାସୁ ସାହୁ, ଜା- ତେଲି, ବା- ନିଜଗାଁ। | ୧୬୮୫ | ଶାରଦ-୨ | ୦.୦୩ | ୦.୦୧ |
| | | | ୧୬୮୬ | ଶାରଦ-୨ | ୦.୦୩ | ୦.୦୧ |
| ୮୪ | ୧୯୬ | ଲକ୍ଷ୍ମୀଧର ସାହୁ, ପି- ଗୋବିନ୍ଦ ସାହୁ, ଜା- ତେଲି, ବା- ସରେଇ। | ୨୩୦୬/୩୨୬୧ | ଶାରଦ-୨ | ୦.୨୧ | ୦.୨୧ |
| ୮୫ | ୧୯୮ | ଶଇତ ସାହୁ, ସ୍ୱା- ଶ୍ୟାମ ସୁନ୍ଦର ସାହୁ, ଜା- ତେଲି, ବା- ନିଜଗାଁ। | ୨୨୭୦/୩୨୭୨ | ଶାରଦ-୨ | ୦.୦୪ | ୦.୦୨ |
| ୮୬ | ୧୯୯ | ସଙ୍ଖାଳି ସାହୁ, ରଘୁ ସାହୁ, ପି- ନିଧି ସାହୁ, କୁଞ୍ଜ ସାହୁ, କାଳିନ୍ଦ ସାହୁ, ଶ୍ରୀରାମ ସାହୁ, ପି- କାଙ୍ଗାଳି ସାହୁ, ସତୀ ସାହୁ, ସ୍ୱା- କାଙ୍ଗାଳି ସାହୁ, ଅର୍ଜୁନ ସାହୁ, ନକୁଳ ସାହୁ, ପି- ଏକାଦଶୀ ସାହୁ, ଜା- ତେଲି, ବା -ସରେଇ। | ୧୬୭୨ | ଶାରଦ-୨ | ୦.୦୫ | ୦.୦୧ |
| | | | ୧୬୮୧ | ଶାରଦ-୨ | ୦.୦୬ | ୦.୦୬ |
| ୮୭ | ୨୦୧ | ସଙ୍ଖାଳି ସାହୁ, ରଘୁ ସାହୁ, ପି- ନିଧି ସାହୁ, କୁଞ୍ଜ ସାହୁ, କାଳନ୍ଦି ସାହୁ, ଶ୍ରୀରାମ ସାହୁ, ପି- କାଙ୍ଗାଳି ସାହୁ, ସତୀ ସାହୁ, ସ୍ୱା- କାଙ୍ଗାଳି ସାହୁ, ସାରଦ ସାହୁ, ସ୍ୱା- ଗଇ ସାହୁ, ଜା- ତେଲି, ବା- ନିଜଗାଁ। | ୨୨୪୭ | ଶାରଦ-୧ | ୦.୧୪ | ୦.୧୪ |
| | | | ୨୨୪୮ | ଶାରଦ-୧ | ୦.୦୭ | ୦.୦୭ |
| | | | ୨୨୪୯ | ଶାରଦ-୧ | ୦.୨୧ | ୦.୧୦ |
| ୮୮ | ୨୦୬ | ସଖି ବେହେରା, ସ୍ୱା- ମହେଶ୍ୱର ବେହେରା, ଜା- ନିଆରୀ, ବା- ନିଜଗାଁ। | ୨୨୪୩ | ଶାରଦ-୧ | ୦.୦୨ | ୦.୦୨ |
| | | | ୨୨୪୪ | ଶାରଦ-୧ | ୦.୦୨ | ୦.୦୨ |
| | | | ୨୨୪୫ | ଶାରଦ-୧ | ୦.୦୨ | ୦.୦୨ |
| | | | ୨୨୪୬ | ଶାରଦ-୧ | ୦.୩୦ | ୦.୩୦ |
| | | | ୨୬୮୩/୩୧୩୫ | ଶାରଦ-୩ | ୦.୦୩ | ୦.୦୩ |
| | | | ୨୨୮୬ | ଶାରଦ-୨ | ୦.୦୧ | ୦.୦୧ |
| ୮୯ | ୨୦୯ | ସନେଇ ସାହୁ, ପି- ଦିନେଇ ସାହୁ, ଜା- ତେଲି, ବା- ନିଜଗାଁ। | ୧୬୩୮ | ଶାରଦ-୨ | ୦.୦୧ | ୦.୦୧ |
| | | | ୧୬୪୩ | ଶାରଦ-୨ | ୦.୦୧ | ୦.୦୧ |
| | | | ୧୬୭୯ | ଶାରଦ-୨ | ୦.୦୩ | ୦.୦୩ |
| | | | ୧୬୮୦ | ଶାରଦ-୨ | ୦.୦୩ | ୦.୦୩ |
| | | | ୧୬୮୨ | ଶାରଦ-୩ | ୦.୦୩ | ୦.୦୧ |
| | | | ୧୭୫୯ | ଶାରଦ-୨ | ୦.୦୧ | ୦.୦୧ |
| | | | ୨୩୨୬ | ଶାରଦ-୨ | ୦.୦୫ | ୦.୦୫ |
| ୯୦ | ୨୧୩ | ସାଗର ସାହୁ, ପି- ଭଗି ସାହୁ, ଜା- ତେଲି, ମଲ୍ଲି ସାହୁ, ସ୍ୱା- ସୁଦୁରୀ ସାହୁ, ଜା-ତେଲି, ବା- ନିଜଗାଁ। | ୪୭୦ | ଶାରଦ-୨ | ୦.୩୦ | ୦.୦୧ |
| | | | ୨୨୩୧ | ଶାରଦ-୧ | ୦.୧୦ | ୦.୧୦ |
| | | | ୨୬୮୩/୩୧୩୬ | ଶାରଦ-୩ | ୦.୦୨ | ୦.୦୨ |
| ୯୧ | ୨୧୮ | ଶୁକଦେବ ସାହୁ, ଯୋଗେନ୍ଦ୍ର ସାହୁ, ଚମ୍ପା ସାହୁ, ବିଷ ପୃଷ୍ଟି, ପି- ଚଇତି ସାହୁ, ଜା- ତେଲି, ବା- ନିଜଗାଁ। | ୧୬୨୯ | ଶାରଦ-୩ | ୦.୦୩ | ୦.୦୩ |
| | | | ୧୬୪୮ | ଶାରଦ-୨ | ୦.୨୪ | ୦.୧୦ |
| ୯୨ | ୨୨୦ | ଶୁକଦେବ ସାହୁ, ପି- ବୁଲେଇ ସାହୁ, ବାଂଛା ନିଧି ସାହୁ, ପି- ଭଗବାନ ସାହୁ, ବରଜୁ ସାହୁ, ପି- ରାମ ସାହୁ, ଜା- ତେଲି, ବା- ନିଜଗାଁ। | ୧୬୧୦ | ଶାରଦ-୨ | ୦.୦୨ | ୦.୦୨ |
| | | | ୧୬୨୪ | ଶାରଦ-୩ | ୦.୦୩ | ୦.୦୩ |
| | | | ୧୬୨୨ | ଶାରଦ-୨ | ୦.୦୨ | ୦.୦୨ |
| | | | ୨୬୭୮ | ଶାରଦ-୨ | ୦.୦୮ | ୦.୦୭ |
| | | | ୨୬୭୯ | ଶାରଦ-୨ | ୦.୦୯ | ୦.୦୯ |
| ୯୩ | ୨୨୧ | ଶୁକଦେବ ସାହୁ, ବାଂଛାନିଧି ସାହୁ, ପି- ଖଲୁ ସାହୁ, ଜା- ତେଲି, ବା- ନିଜଗାଁ। | ୪୬୫ | ଶାରଦ-୧ | ୦.୨୫ | ୦.୨୪ |
| ୯୪ | ୨୨୪ | ହଗର ସାହୁ, ପି- କହ୍ନେଇ ସାହୁ, ଜା- ତେଲି, ବା- ନିଜଗାଁ। | ୧୪୮୯ | ଶାରଦ-୨ | ୦.୦୫ | ୦.୦୧ |
| | | | ୧୪୯୪ | ଶାରଦ-୨ | ୦.୦୬ | ୦.୦୬ |
| | | | ୧୬୯୯ | ଶାରଦ-୨ | ୦.୦୩ | ୦.୦୩ |
| | | | ୧୭୧୧ | ଶାରଦ-୨ | ୦.୦୧ | ୦.୦୧ |
| | | | ୧୭୧୨ | ଶାରଦ-୨ | ୦.୦୧ | ୦.୦୧ |
| | | | ୧୭୧୪ | ଶାରଦ-୨ | ୦.୦୪ | ୦.୦୪ |
| | | | ୨୨୦୭ | ଶାରଦ-୨ | ୦.୧୨ | ୦.୦୧ |
| | | | ୨୨୨୦ | ଶାରଦ-୧ | ୦.୦୨ | ୦.୦୧ |
| | | | ୨୭୧୧ | ଶାରଦ-୧ | ୦.୧୫ | ୦.୧୫ |
| | | | ୨୭୧୪ | ଶାରଦ-୧ | ୦.୦୪ | ୦.୦୨ |
| ୯୫ | ୨୨୫ | ହନୁ ସାହୁ, ପି- ହରି ସାହୁ, ଜା- ତେଲି, ବା-ନିଜଗାଁ। | ୨୩୬୮ | ଶାରଦ-୨ | ୦.୦୯ | ୦.୦୯ |
| | | | ୨୩୭୨ | ଶାରଦ-୨ | ୦.୦୪ | ୦.୦୪ |
| | | | ୨୩୭୩ | ଶାରଦ-୨ | ୦.୦୨ | ୦.୦୨ |
| | | | ୨୩୬୭/୩୧୮୩ | ଶାରଦ-୨ | ୦.୦୫ | ୦.୦୫ |
| ୯୬ | ୨୨୬ | ହାର ସାହୁ, ପାର ସାହୁ, ପି- ମୁଳି ସାହୁ, ଜା-ତେଲି, ବା- ନିଜଗାଁ, ଦୈତାରୀ ସାହୁ, ପି- ଗରି ସାହୁ, ମାତାଜୀ ସାହୁ, ପି- ଦୈତାରୀ ସାହୁ, ଜା- ତେଲି, ବା- ବାରିଗାଁ। | ୧୫୭୭ | ଶାରଦ-୨ | ୦.୧୨ | ୦.୦୨ |
| | | | ୧୬୭୫ | ଶାରଦ-୨ | ୦.୦୩ | ୦.୦୩ |
| ୯୭ | ୨୨୬/୬ | ଶ୍ରୀ ଚିନ୍ତାମଣି ସାହୁ, ପି- ଭୋଳାନାଥ ସାହୁ, ଜା- ତେଲି, ବା-ସରେଇଁ। | ୨୮୩୪ | ଶାରଦ-୨ | ୦.୦୯ | ୦.୦୫ |
| ୯୮ | ୨୨୬/୧୧ | ନାରାୟଣ ସାହୁ, କରୁଣାକର ସାହୁ, ମହେଶ୍ୱର ସାହୁ, ଦୈତାରୀ ସାହୁ, ସୁବାସ ଚନ୍ଦ୍ର ସାହୁ, ପି- ବାବାଜୀ ସାହୁ, ଜା- ତେଲି, ବା- ଭଗାନଇ। | ୪୬୬/୩୩୧୨ | ଶାରଦ-୨ | ୦.୦୨ | ୦.୦୨ |
| | | | ୧୫୭୬/୩୩୧୭ | ଶାରଦ-୨ | ୦.୦୨ | ୦.୦୨ |
| | | | ୧୫୭୬/୩୩୪୮ | ଶାରଦ-୨ | ୦.୦୫ | ୦.୦୫ |
| | | | ୧୬୧୯/୩୩୪୯ | ଶାରଦ-୨ | ୦.୦୧ | ୦.୦୧ |
| | | | ୧୬୨୫/୩୩୫୦ | ଶାରଦ-୨ | ୦.୦୧ | ୦.୦୧ |
| | | | ୧୬୩୭/୩୩୫୧ | ଶାରଦ-୨ | ୦.୦୨ | ୦.୦୨ |
| ୯୯ | ୨୨୬/୨୩ | ବାବାଜୀ ସାହୁ, ପି- ବୁରୁକୁ ସାହୁ, ଜା- ତେଲି, ବା- ଭଗାନଇ। | ୨୬୬୬ | ଶାରଦ-୧ | ୦.୦୭ | ୦.୦୧ |
| ୧୦୦ | ୨୨୬/୨୭ | ଜୟନ୍ତୀ ପଣ୍ଡା, ପି- ନାରାୟଣ ପଣ୍ଡା, ଜା- ବ୍ରାହ୍ମଣ, ବା- ନିଜଗାଁ। | ୨୩୦୩/୩୨୫୯ | ଶାରଦ-୨ | ୦.୦୮ | ୦.୦୮ |
| ୧୦୧ | ୨୨୬/୩୦ | ଚିନ୍ତାମଣି ସାହୁ, ନୀଳମଣି ସାହୁ, ପିତାମ୍ବର ସାହୁ, ଯୁଜେଇ ସାହୁ, ଜା- ତେଲି, ବା- ନିଜଗାଁ। | ୧୪୩୯ | ଶାରଦ-୨ | ୦.୧୫ | ୦.୦୯ |
| ୧୦୨ | ୨୨୬/୩୫ | ବାଇଧର ସାହୁ, ରାଇଚରଣ ସାହୁ, ବଳରାମ ସାହୁ, ପି- ବୀରବର ସାହୁ, ଜା- ତେଲି, ବା- ଭଗାନଇ। | ୨୩୦୪ | ଶାରଦ-୨ | ୦.୩୨ | ୦.୧୭ |
| ୧୦୩ | ୨୨୬/୫୬ | ମହେଶ୍ୱର ବେହେରା, ଗୟାଧର ବେହେରା, ପି: ନିଶାକର ବେହେରା, ଜା: କୁମ୍ଭାର, ବା: ଭଗାନଇ। | ୧୬୭୮ | ଶାରଦ-୨ | ୦.୦୪ | ୦.୦୪ |
| | | | ୧୭୪୦ | ଶାରଦ-୨ | ୦.୦୧ | ୦.୦୧ |
| | | | ୧୭୪୬ | ଶାରଦ-୨ | ୦.୦୩ | ୦.୦୩ |
| | | | ୧୭୫୭ | ଶାରଦ-୨ | ୦.୦୩ | ୦.୦୩ |
| | | | ୨୩୦୮ | ଶାରଦ-୨ | ୦.୧୦ | ୦.୦୮ |
| ୧୦୪ | ୨୨୬/୫୮ | ଖଗେଶ୍ୱର ସାହୁ, ପି- ସାଗର ସାହୁ, ଜା- କୁମ୍ଭାର, ବା- ମୁଗୁପୁର। | ୧୫୭୧ | ଶାରଦ-୨ | ୦.୧୦ | ୦.୦୨ |
| ୧୦୫ | ୨୨୬/୭୦ | କାଳନ୍ଦି ଚରଣ ସାହୁ, ପି- କାଙ୍ଗାଳି ସାହୁ, ଜା- ତେଲି, ବା- ଭଗାନଇ। | ୨୭୦୩ | ଶାରଦ-୨ | ୦.୦୮ | ୦.୦୮ |
| | | | ୨୭୦୫ | ଶାରଦ-୨ | ୦.୦୨ | ୦.୦୨ |
| | | | ୨୭୦୭ | ଶାରଦ-୨ | ୦.୦୨ | ୦.୦୨ |
| ୧୦୬ | ୨୨୬/୭୩ | ଶରତ କୁମାର ନାହାକ, ସୁଦାମ ଚରଣ ନାହାକ, ହିମାଂଶୁ ଶେଖର ନାହାକ, ପି- ପିତାମ୍ବର ନାହାକ, ଜା- ତେଲି, ବା- ସଟତୀରା। | ୨୩୫୦ | ଶାରଦ-୨ | ୦.୦୭ | ୦.୦୭ |
| | | | ୨୨୫୪/୩୪୦୮ | ଶାରଦ-୧ | ୦.୦୩ | ୦.୦୩ |
| ୧୦୭ | ୨୨୬/୮୨ | ଗୁରୁଚରଣ ପରିଡା, ପି- ନବଘନ ପରିଡା, ଜା- ଗୋପାଳ, ବା- ନିଜଗାଁ | ୨୭୫୬/୩୪୫୦ | ଘରବାରି | ୦.୧୨ | ୦.୧୧ |
| ୧୦୮ | ୨୨୬/୮୩ | ମୀନା କୁମାରୀ ସାହୁ, ସ୍ୱା- ଉତ୍ତମ ଚରଣ ସାହୁ, ଜା- ତେଲି, ବା: ନିଜଗାଁ। | ୨୭୫୮/୩୩୭୮ | ଘରବାରି | ୦.୧୫ | ୦.୧୫ |
| ୧୦୯ | ୨୨୬/୮୪ | କୁଳମଣି ସାହୁ, କୃଷ୍ଣଚନ୍ଦ୍ର ସାହୁ, ଜା: ତେଲି, ବା: ଭଗାନଇ। | ୨୩୨୫ | ଶାରଦ-୨ | ୦.୦୩ | ୦.୦୩ |
| | | | ୨୩୨୮ | ଶାରଦ-୨ | ୦.୦୨ | ୦.୦୨ |
| ୧୧୦ | ୨୨୬/୮୬ | ସରଦା ସାହୁ, ସ୍ୱା: ଦାଶରଥି ସାହୁ, ଜା: ତେଲି, ବା: ଭଗାନଇ। | ୨୩୫୨ | ଶାରଦ-୨ | ୦.୦୪ | ୦.୦୪ |
| ୧୧୧ | ୨୨୬/୮୭ | ଚିନ୍ତାମଣି ସାହୁ, ନୀଳମଣି ସାହୁ, ପିତାମ୍ବର ସାହୁ, ପି- ଜୁଲେଇ ସାହୁ, ଜା- ତେଲି, ବା- ନିଜଗାଁ। | ୧୫୧୨ | ଶାରଦ-୨ | ୦.୧୨ | ୦.୦୧ |
| ୧୧୨ | ୨୨୬/୮୮ | ଡମଣୀ ବେଓ୍ୱା, ସ୍ୱା- କଣ୍ଟୁରୀ ଗିରି, ଜା- ତନ୍ତି, ବା- ମୁଗୁପୁର। | ୧୭୩୨ | ଶାରଦ-୨ | ୦.୦୫ | ୦.୦୨ |
| | | | ୧୭୩୩ | ଶାରଦ-୨ | ୦.୦୮ | ୦.୦୮ |
| | | | ୧୭୩୭ | ଶାରଦ-୨ | ୦.୦୩ | ୦.୦୩ |
| ୧୧୩ | ୨୨୬/୮୯ | ମୁରଲୀଧର ସାହୁ, ପି- ଚକରା ସାହୁ, ଜା- ତେଲି, ବା- ନିଜଗାଁ। | ୨୭୫୬/୩୪୨୯ | ଶାରଦ-୧ | ୦.୦୭ | ୦.୦୨ |
| ୧୧୪ | ୨୨୬/୯୫ | ଭାସ୍କର ସାହୁ, ପି- ରାମ ସାହୁ, ଜା- ତେଲି, ବା- ନିଜଗାଁ | ୧୭୯୨ | ଶାରଦ-୨ | ୦.୦୫ | ୦.୦୫ |
| ୧୧୫ | ୨୨୬/୯୭ | ରତ୍ନାକର ସାହୁ, କଳାକର ସାହୁ, ଗୟାଧର ସାହୁ, ପି- ରାମଚନ୍ଦ୍ର ସାହୁ, ଜା- ତେଲି, ବା- ନିଜଗାଁ। | ୨୮୩୯/୩୪୫୩ | ଶାରଦ-୧ | ୦.୧୦ | ୦.୧୦ |
| ୧୧୬ | ୨୨୬/୧୦୪ | କୁଳମଣି ସାହୁ, ପି- କୃଷ୍ଣଚନ୍ଦ୍ର ସାହୁ, ଜା- ତେଲି, ବା- ନିଜଗାଁ | ୧୭୮୯ | ଶାରଦ-୨ | ୦.୦୫ | ୦.୦୫ |
| | | | ୧୭୯୪ | ଶାରଦ-୨ | ୦.୦୨ | ୦.୦୨ |
| | | | ୨୩୧୩ | ଶାରଦ-୨ | ୦.୧୦ | ୦.୧୦ |
| | | | ୨୩୧୪ | ଶାରଦ-୨ | ୦.୧୩ | ୦.୧୩ |
| ୧୧୭ | ୨୨୬/୧୦୫ | କୃଷ୍ଣଚନ୍ଦ୍ର ସାହୁ, ମନମୋହନ ସାହୁ, ପି- କପିଳ ସାହୁ, ଜା-ତେଲି, ବା- ନିଜଗାଁ। | ୪୬୩ | ଶାରଦ-୧ | ୦.୧୧ | ୦.୦୨ |
| | | | ୨୩୦୦ | ଶାରଦ-୨ | ୦.୦୩ | ୦.୦୩ |
| | | | ୧୫୦୦/୩୪୬୨ | ଶାରଦ-୨ | ୦.୧୪ | ୦.୧୪ |
| ୧୧୮ | ୨୨୬/୧୦୬ | କଳ୍ପନା ମଣ୍ଡଳ, ସ୍ୱା- ବିଦ୍ୟାଧର ମଣ୍ଡଳ, ଜା- ଗୋଲାତନ୍ତି, ବା- ବେଲବାହାଳୀ। | ୪୬୨/୩୪୬୭ | ଶାରଦ-୧ | ୦.୧୦ | ୦.୧୦ |
| | | | ୧୭୨୪/୩୪୬୯ | ଶାରଦ-୨ | ୦.୦୪୫ | ୦.୦୧ |
| | | | ୧୭୨୫/୩୪୭୦ | ଶାରଦ-୨ | ୦.୦୩ | ୦.୦୧ |
| | | | ୧୭୨୬/୩୪୭୧ | ଶାରଦ-୨ | ୦.୦୩୫ | ୦.୦୧ |
| ୧୧୯ | ୨୨୬/୧୦୭ | ଅର୍ଜୁନ ସାହୁ, ପି- ଅଇଁଠୁ ସାହୁ, ଜା- ତେଲି, ବା- ଷଟତୀରା। | ୨୮୩୮/୩୪୬୪ | ଶାରଦ-୧ | ୦.୧୩ | ୦.୧୩ |
| ୧୨୦ | ୨୨୬/୧୧୦ | ଗୁରୁ ସାହୁ, ସ୍ୱା- ଡାହାଳ ସାହୁ, ଶୁକଦେବ ସାହୁ, ପାଂଚଲି ସାହୁ, ପି- ଡାହାଳ ସାହୁ, ଜା- ତେଲି, ବା- ନିଜଗାଁ। | ୧୭୯୩ | ଶାରଦ-୨ | ୦.୦୨ | ୦.୦୨ |
| ୧୨୧ | ୨୨୬/୧୧୨ | ପ୍ରଫୁଲ କୁମାର ସାହୁ, ଛବିନ୍ଦ୍ର କୁମାର ସାହୁ, କବିନ୍ଦ୍ର କୁମାର ସାହୁ, ପି- ଅର୍ଜୁନ ସାହୁ, ଜା- ତେଲି, ବା- ସଟତୀରା। | ୧୪୯୬/୩୪୭୩ | ଶାରଦ-୩ | ୦.୧୨ | ୦.୦୨ |
| ୧୨୨ | ୨୪୧ | ଅନନ୍ତ ଚରଣ ସାମଲ, ପି- ଅଭିନ ସାମଲ, ଜା- ଖଣ୍ଡାୟତ, ବା- ସଟତୀରା। | ୨୮୩୮ | ଶାରଦ-୧ | ୦.୦୫ | ୦.୦୫ |
| ୧୨୩ | ୨୪୩ | ଚଇତନ ସାମଲ, ପି- ବନା ସାମଲ, ଜା- ଖଣ୍ଡାୟତ, ବା- ସଟତୀରା। | ୨୮୩୬ | ଶାରଦ-୧ | ୦.୧୩ | ୦.୧୩ |
| ୧୨୪ | ୨୪୪ | ଚିନ୍ତାମଣି ସାହୁ, ପି- ଚେମେଇ ସାହୁ, ମୂକ୍ଷି ସାହୁ, ସ୍ୱା- ଚେମେଇ ସାହୁ, ଜା- ତେଲି, ବା- ନିଜଗାଁ। | ୨୮୫୪ | ଶାରଦ-୧ | ୦.୦୭ | ୦.୦୫ |
| ୧୨୫ | ୨୪୮ | ଧରଣୀ ସାହୁ, ପି- ମୁଷେଇ ସାହୁ, ଜା- ତେଲି, ବା- ନିଜଗାଁ। | ୨୮୩୫ | ଶାରଦ-୧ | ୦.୦୬ | ୦.୦୬ |
| ୧୨୬ | ୨୫୧ | ବଂଶୀଧର ସାମଲ, ପି- ଶିବ ସାମଲ, ଜା- ଖଣ୍ଡାୟତ, ବା- ସଟତୀରା। | ୨୮୫୫ | ଶାରଦ-୧ | ୦.୦୭ | ୦.୦୫ |
| ୧୨୭ | ୨୫୬ | ରାମ ସାହୁ, ପି- ରଘୁ ସାହୁ, ଫଗୁ ସାହୁ, ପି- ବାସୁ ସାହୁ, ଜା-ତେଲି, ବା- ନିଜଗାଁ। | ୨୮୫୨ | ଶାରଦ-୧ | ୦.୦୨ | ୦.୦୨ |
| | | | ୨୮୫୩ | ଶାରଦ-୧ | ୦.୦୨ | ୦.୦୨ |
| | | | | | ୧୩୧.୮୭ | ୨୪.୪୫୫ |
| ଗୋଚର ପ୍ରତିବଦଳ | | | | | | |
| ୧୨୮ | ୨୪ | କାଙ୍ଗାଳି ବେହେରା, ପି: ରତନ ବେହେରା, ଜା: ରାଢ଼ୀ, ଅନୁ ସାହୁ, ପି: ନିଶେଇ ସାହୁ, ଜଗବନ୍ଧୁ ସାହୁ, ରଘୁ ସାହୁ, ପି: ବୁରୁଦୁ ସାହୁ, ଶ୍ୟାମ ସାହୁ, ଚିନ୍ତା ସାହୁ, ବକଟି ସାହୁ, ପି: ଚନ୍ଦୁ ସାହୁ, ହାର ସାହୁ, ପାର ସାହୁ, ପି: ମୂଳିଆ ସାହୁ, ଜା: ତେଲି, ଶିବେଇ ସା, କ୍ଷେତ୍ର ସା, ଶଙ୍କର ସା, ମକର ସା, ପି: ସନେଇ ସା, ଜା: କୁମ୍ଭାର, ବା: ନିଜଗାଁ। | ୧୫୪୦ | ଶାରଦ-୨ | ୦.୦୫ | ୦.୦୪ |
| | | | ୧୫୪୩ | ଶାରଦ-୨ | ୦.୧୩ | ୦.୦୯ |
| | | | ୧୫୪୪ | ଶାରଦ-୨ | ୦.୧୩ | ୦.୧୨ |
| | | | ୧୫୪୬ | ଶାରଦ-୨ | ୦.୧୨ | ୦.୧୨ |
| | | | ୧୫୪୯ | ଶାରଦ-୨ | ୦.୦୭ | ୦.୦୭ |
| ୧୨୯ | ୬୮ | ଚେମା ସାହୁ, ଅପର୍ତି ସାହୁ, ସୁମତୀ ସାହୁ, ପି: ମକର ସାହୁ, ଜା: ତେଲି, ବା: ନିଜଗାଁ। | ୧୫୪୭ | ଶାରଦ-୨ | ୦.୧୨ | ୦.୧୨ |
| ୧୩୦ | ୧୨୮ | ପୁରନ୍ଦର ସାହୁ, ପି: ମୁଷେଇ ସାହୁ, ଚମ୍ପା ସାହୁ, ସ୍ୱା: ମୁଷେଇ ସାହୁ, ଜା: ତେଲି, ବା: ନିଜଗାଁ। | ୪୬୯ | ଶାରଦ-୨ | ୦.୦୮ | ୦.୦୭ |
| ୧୩୧ | ୧୩୭ | ବାବାଜୀ ସାହୁ, ପି: ଉଦ୍ଧବ ସାହୁ, ଜା: ତେଲି, ବା: ନିଜଗାଁ | ୧୫୪୧ | ଶାରଦ-୨ | ୦.୧୩ | ୦.୦୫ |
| | | | ୧୫୪୮ | ଶାରଦ-୨ | ୦.୦୬ | ୦.୦୬ |
| ୧୩୨ | ୨୧୩ | ସାଗର ସାହୁ, ପି: ଭଗି ସାହୁ, ଜା: ତେଲି, ମଲ୍ଲି ସାହୁ, ସ୍ୱା: ସୁଦୁରୀ ସାହୁ, ଜା: ତେଲି, ବା: ନିଜଗାଁ | ୪୭୦ | ଶାରଦ-୨ | ୦.୩୦ | ୦.୨୯ |
| ୧୩୩ | ୨୨୦ | ଶୁକଦେବ ସାହୁ, ବାଞ୍ଛାନିଧି ସାହୁ, ପି: ଭଗବାନ ସାହୁ, ବରଜୁ ସାହୁ, ପି: ରାମ ସାହୁ, ଜା: ତେଲି, ବା: ନିଜଗାଁ। | ୧୫୪୨ | ଶାରଦ-୩ | ୦.୦୮ | ୦.୦୮ |
| | | | ୧୫୪୫ | ଶାରଦ-୨ | ୦.୦୮ | ୦.୦୮ |
| ୧୩୪ | ୨୨୫ | ହନୁ ସାହୁ, ପି: ହରି ସାହୁ, ଜା: ତେଲି, ବା: ନିଜଗାଁ। | ୪୭୧ | ଶାରଦ-୨ | ୦.୧୦ | ୦.୧୦ |
| | | | | | | ୧.୨୯ |
| ମୋଟ ଅଧିଗ୍ରହଣ ରକବା ଏ | | | | | | ୨୫.୭୪୫ |

24001/14/0111/1920



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା।

- କନ୍‌ଫୁସିଅସ୍



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବ୍ଲୋସମ୍ସ ସ୍କୁଲ ପକ୍ଷରୁ ବିଜ୍ଞାନମେଳା, ସ୍କୁଲ ପରିସର, ଭରତପୁର, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ମ୍ୟୁଜିକ ଏବଂ ଆର୍ଟ ଏକାଡେମୀ ପକ୍ଷରୁ ଲୋକ କଳା ମହୋତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟସ୍ତରୀୟ ଅଭିମୁଖୀକରଣ କାର୍ଯ୍ୟକ୍ରମ, ଓୟୁଏଟି, ପୂର୍ବାହ୍ନ ୧୦ଟା।
- ରାଜ୍ୟ ଭୂତତ୍ତ୍ୱ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ବୋର୍ଡ(ଏସ୍‌ଜିପିବି) ବିଭାଗର ୫୫ତମ ସଭା, ହୋଟେଲ ମେ ଫେୟାର, ପୂର୍ବାହ୍ନ ୧୦ଟା ୩୦।
- ଡିଏଭି ପବ୍ଲିକ ସ୍କୁଲରେ ଶପଥ ପାଠ ଉତ୍ସବ, ସ୍କୁଲ ପରିସର, ୟୁନିଟ-୮, ପୂର୍ବାହ୍ନ ୧୧ଟା।
- ଓଡ଼ିଆ ମିଡ଼ିଆ ପକ୍ଷରୁ ଓଡ଼ିଶା ଶିକ୍ଷା ସମ୍ମାନ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ 'ମୋହନ ସୁନ୍ଦର ଦେବଗୋସ୍ୱାମୀ' ଜୟନ୍ତୀ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ସାଧକ ଶିଳ୍ପୀ ଅସିମ ଅଖଣ୍ଡଙ୍କ ୧୬ତମ ସ୍ମୃତି ସମାରୋହର ଉଦ୍‌ଘାଟନ ଉତ୍ସବ, ବାରବାଟୀ ଷ୍ଟାଡିୟମ କ୍ଲବ ହାଉସ, ପୂର୍ବାହ୍ନ ୧୦ଟା ।
- ଫାଇଲେରିଆ ନିରାକରଣ ନିମନ୍ତେ ଔଷଧ ବିତରଣ ସଚେତନତା କାର୍ଯ୍ୟକ୍ରମ, ଜିଲା ସ୍ୱାସ୍ଥ୍ୟ ଭବନ, ପୂର୍ବାହ୍ନ ୧୦ଟା ୩୦।
- ତୁଳସୀ ସାହିତ୍ୟ ସଂସଦର ପ୍ରତିଷ୍ଠା ଉତ୍ସବର ଚତୁର୍ଥ ଦିବସ, ଶ୍ରୀରାମଚନ୍ଦ୍ର ଭବନ, ଟାଉନହଲ୍ ରୋଡ୍, ସନ୍ଧ୍ୟା ୬ଟା।

### ଆରମ୍ଭ ହେଲା ଅଦଳବଦଳ ପ୍ରକ୍ରିୟା

# ନନ୍ଦନକାନନ ଆସିଲେ ୩ ନୂଆ ଅତିଥି



**ବାରଙ୍ଗ,୭।୮(ଡି.ଏନ୍.ଏ.)**

ଚଳିତବର୍ଷର ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଆରମ୍ଭ ହୋଇଛି। ଅଗଷ୍ଟ ମାସରେ ୩ଟି ପର୍ଯ୍ୟାୟରେ ନନ୍ଦନକାନନକୁ ନୂଆ ଅତିଥି ଆସିବା ନେଇ ପୂର୍ବରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ପ୍ରଥମ ପର୍ଯ୍ୟାୟକୁ ଛାଡି ଦ୍ୱିତୀୟ ପର୍ଯ୍ୟାୟ ଅଦଳବଦଳ ପ୍ରକ୍ରିୟାରେ ନନ୍ଦନକାନନକୁ ୩ ନୂଆ ଅତିଥି ଆସିଥିବା ଦେଖିବାକୁ ମିଳିଛି। ଏଥିପାଇଁ ଗତ ୨ ତାରିଖରେ ନନ୍ଦନକାନନର ଏକ ଟିମ୍ ମଧ୍ୟପ୍ରଦେଶ ଯାଇଥିଲା। ଏହି ଟିମ୍ ମଧ୍ୟପ୍ରଦେଶ ଇନଡୋର ଚିଡିଆଖାନାରୁ ଗୋଟିଏ ମାଈ ଧୂସର ଗଧିଆ ଓ ଦୁଇଟି କୋକିଶିଆଳି ନେଇ ବୁଧବାର ରାତିରେ ନନ୍ଦନକାନନରେ ପହଞ୍ଚିଛନ୍ତି। ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ ପାଇଁ ୩ ପ୍ରାଣୀଙ୍କୁ ଡାକ୍ତରଖାନାର କ୍ୱାରେଣ୍ଟାଇନରେ ରଖାଯାଇଛି। ନୂଆ ଅତିଥି ଆସିବାପରେ ନନ୍ଦନକାନନରେ ଗୋଟିଏ ପ୍ରଜାତି ସଂଖ୍ୟା ବୃଦ୍ଧି ପାଇଥିବାବେଳେ ଜଣେ ସାଥିହରା ସାଥି ପାଇବାକୁ ଯାଉଛି। କୋକିଶିଆଳି ନନ୍ଦନକାନନ ପାଇଁ ନୂଆ ପ୍ରଜାତି ସାଜିଥିବାବେଳେ ଆଗରୁ ହଳେ ଧୂସର ଗଧିଆ ୨୯ ସେପ୍ଟେମ୍ବର ୨୦୧୮ରେ ମହୀଶୂରରୁ ଅଦଳବଦଳ ପ୍ରକ୍ରିୟାରେ ଏଠାକୁ ଆସିଥିଲା। ଆସିବାର



ସାଢେ ୫ମାସ ପରେ ମାଈ ଧୂସର ଗଧିଆଟି ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା। ସେହିଦିନଠାରୁ ଅଣ୍ଡିରା ଧୂସର ଗଧିଆଟି ଡାକ୍ତରଖାନାରେ ନିଃସଙ୍ଗ ଜୀବନ ଜିଇବାକୁ ଆରମ୍ଭ କରିଥିଲା। ନୂଆ ଅତିଥି ଆସିବାପରେ ଗଧିଆମାନଙ୍କ ବଂଶବୃଦ୍ଧି ହେବାର ଆଶା ରଖାଯାଇଛି। ଆରମ୍ଭ ହୋଇଥିବା ଏହି ଅଦଳବଦଳ ପ୍ରକ୍ରିୟାରେ ନନ୍ଦନକାନନରୁ ୨ଟି ଜଳହସ୍ତୀ ଦେବାକୁ ପଡିବ। ତେବେ ପ୍ରଥମ ପର୍ଯ୍ୟାୟରେ ମହୀଶୂରରୁ ଜିରାଫ ଆଣିବା ପାଇଁ ଏସିଏଫ ଅଞ୍ଜନ କୁମାର ମହାନ୍ତି ଓ ଡା.ଆଲୋକ କୁମାର ଦାସଙ୍କୁ ନେଇ ଗଠିତ ଦୁଇଜଣିଆ ଟିମ ଅଗଷ୍ଟ ୧ରେ ଫ୍ଲାଇଟ ଯୋଗେ ମହୀଶୂର ଯାଇ ସେଠାରେ ଜିରାଫ ବାଛି ୪ ତାରିଖରେ ଫେରିଥିଲେ। ତେବେ ମହୀଶୂରରୁ ଏକ ଟିମ ବଛାଯାଇଥିବା ଜିରାଫକୁ ସାଙ୍ଗରେ ନେଇ ନନ୍ଦନକାନନ ଅଭିମୁଖେ ମଙ୍ଗଳବାର ଯାତ୍ରା ଆରମ୍ଭ କରିବେ ବୋଲି ବିଶେଷସୂତ୍ରରୁ ଜଣାପଡିଛି। ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ୨ ତାରିଖରେ ରେଞ୍ଜ ଅଫିସର କୁମର ବେହେରାଙ୍କ ନେତୃତ୍ୱରେ ଏକ ୫ଜଣିଆ ଦଳ ୨ ଗାଡି ନେଇ ମଧ୍ୟପ୍ରଦେଶର ଇନ୍‌ଡୋର ଚିଡିଆଖାନା ଅଭିମୁଖେ ବାହାରିଥିଲେ। ୪ ତାରିଖରେ ଏହି ଟିମ ସେଠାରେ ପହଞ୍ଚି କର୍ତ୍ତୃପକ୍ଷଙ୍କ ସହ ଆଲୋଚନାକରି ବାଛିକରି ୩ ଅତିଥିଙ୍କୁ ସାଙ୍ଗରେ ଧରି ଆସିଥିଲେ।

### ପ୍ରତିବନ୍ଧକ ସାଜିଛି ପରିବର୍ତ୍ତିତ ପାଣିପାଗ

## କୃଷିକ୍ଷେତ୍ରରେ ନୂଆ ପ୍ରଯୁକ୍ତିବିଦ୍ୟା ଉପଯୋଗ ଉପରେ ଗୁରୁତ୍ୱ ଦିଆଯାଉଛି: ମନ୍ତ୍ରୀ

**ଭୁବନେଶ୍ୱର,୭।୮(ବ୍ୟୁରୋ)**

୨୦୨୨ ସୁଦ୍ଧା ରାଜ୍ୟରେ କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ଲକ୍ଷରେ 'ଅନନ୍ୟା' ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ମିଳିତ ସହଯୋଗରେ ବୁଧବାର କୃଷି ବିଶେଷଜ୍ଞଙ୍କ ଏକ ମତବିନିମୟ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ, ପାଣିପାଗ ପରିବର୍ତ୍ତନ ପାଇଁ ଚାଷ କାର୍ଯ୍ୟରେ ହେଉଥିବା ସମସ୍ୟାର ସମାଧାନ ଓ ପ୍ରତିବନ୍ଧକକୁ ସାମ୍ନା କରିବାକୁ ନୂଆ ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା ରହିଛି। ରାଜ୍ୟ ସରକାର ଏବେ ଏ ଦିଗରେ ଗୁରୁତ୍ୱାରୋପ କରୁଥିବାବେଳେ କମ୍ ଖର୍ଚ୍ଚରେ କିଭଳି ଚାଷୀମାନେ ଅଧିକ ଲାଭବାନ ହୋଇପାରିବେ ତାହାକୁ ପ୍ରାଥମିକତା ଦିଆଯାଉଥିବା ସେ କହିଥିଲେ।

କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଓୟୁଏଟି କୁଳପତି ଡ. ପବନ କୁମାର ଅଗ୍ରୱାଲ ଚାଷୀ ଆୟ ଦ୍ୱିଗୁଣିତ କରିବାକୁ ଓୟୁଏଟି ଦ୍ୱାରା ଉଦ୍ଭାବିତ ହୋଇଥିବା ଅତ୍ୟାଧୁନିକ କୃଷି ପ୍ରଯୁକ୍ତିବିଦ୍ୟା ଉପରେ ଆଲୋକପାତ କରିଥିଲେ। ଗ୍ରାମାଞ୍ଚଳର ଯୁବପିଢି ଚାଷକାର୍ଯ୍ୟକୁ ଗୁରୁତ୍ୱର ସହ ନେଇ ଏହାକୁ ଜୀବିକା ଉପାର୍ଜନର ମାଧ୍ୟମ କରିବାକୁ ସେ ପରାମର୍ଶ ଦେଇଥିଲେ। ପୁଣେସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କୋଅପରେଟିଭ୍ ମ୍ୟାନେଜମେଣ୍ଟର ନିର୍ଦ୍ଦେଶକ ଡ. କେ.କେ. ତ୍ରିପାଠୀ, ଅନନ୍ୟାର ଉପଦେଷ୍ଟା ଡ. ପି.କେ. ସାହୁ ଏହି ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ। ଅନନ୍ୟାର କାର୍ଯ୍ୟନିର୍ବାହୀ ସମ୍ପାଦକ ସୁକାନ୍ତ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ପରେ ବିଭିନ୍ନ ବିଷୟକୁ ନେଇ ଟେକ୍ନିକାଲ ସେସନ୍ ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ଅଧୀନ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ, ନିର୍ଦ୍ଦେଶକ, ଅଧିକାରୀ, କୃଷି ବୈଜ୍ଞାନିକ, ଶିକ୍ଷାବିତ୍, ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଏବଂ କୃଷକମାନେ ଯୋଗଦେଇଥିଲେ।




ମତବିନିମୟ କାର୍ଯ୍ୟକ୍ରମରେ ମନ୍ତ୍ରୀ ଅରୁଣ କୁମାର ସାହୁଙ୍କୁ ଓୟୁଏଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

## ଏମ୍‌ଡିଏଚ୍ ଅଧ୍ୟକ୍ଷଙ୍କୁ ଭେଟିଲେ ଅଚ୍ୟୁତ

## କନ୍ଧମାଳରେ ପ୍ରତିଷ୍ଠା ହେବ ମସଲା ପ୍ରକ୍ରିୟାକରଣ ୟୁନିଟ୍

**ଭୁବନେଶ୍ୱର, ୭।୮(ବ୍ୟୁରୋ):** ଭାରତ ପ୍ରସିଦ୍ଧ ମସଲା ଉତ୍ପାଦକ ଏମ୍‌ଡିଏଚ୍ କମ୍ପାନୀ କନ୍ଧମାଳରେ ଖୁବ୍‌ଶୀଘ୍ର ଏକ ମସଲା ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରିବ। କନ୍ଧମାଳ ଲୋକ ସଭା ଏମ୍‌ପି ଅଚ୍ୟୁତ ସାମନ୍ତ ବୁଧବାର ଏମ୍‌ଡିଏଚ୍ କମ୍ପାନୀର ଅଧ୍ୟକ୍ଷ ପଦ୍ମଭୂଷଣ ଧର୍ମପାଲ ଗୁଲାଟିଙ୍କୁ ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରି କନ୍ଧମାଳରେ ଏମ୍‌ଡିଏଚ୍ ପକ୍ଷରୁ ଏକ ମସଲା ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ପାଇଁ ଅନୁରୋଧ କରିଛନ୍ତି। ତାଙ୍କ ଅନୁରୋଧକ୍ରମେ କନ୍ଧମାଳରେ ଏମ୍‌ଡିଏଚ୍ ୟୁନିଟ୍ ସ୍ଥାପନ ନେଇ ଗୁଲାଟି ପ୍ରତିଶ୍ରୁତି ଦେଇଛନ୍ତି। କନ୍ଧମାଳ ହଳଦୀ ଜିଆଇ ଟ୍ୟାଗ୍ ହାସଲ୍ କରି ଭାରତ ପ୍ରସିଦ୍ଧ ହୋଇଥିବା ବେଳେ ଏହା ଦ୍ୱାରା କନ୍ଧମାଳର ଚାଷୀମାନେ ଉପକୃତ ହେବା ସହ ସେମାନଙ୍କ ଆର୍ଥିକ ଓ ସାମାଜିକ ଅଭିବୃଦ୍ଧି ଘଟିବ ବୋଲି ଏମ୍‌ପି ସାମନ୍ତ କହିଛନ୍ତି। ଆଲୋଚନାରେ ସେ କିସ୍ ଓ କିଟ୍ ସମ୍ପର୍କରେ ଜାଣିବା ପରେ ୯୭ ବର୍ଷ ବୟସ୍କ ଗୁଲାଟି ଆସନ୍ତା ମାସରେ ଏଠାକୁ ପରିଦର୍ଶନରେ ଆସିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ସେ କନ୍ଧମାଳକୁ ମଧ ପରିଦର୍ଶନରେ ଯିବେ ବୋଲି କହିଛନ୍ତି।




ଶ୍ରୀଜଗନ୍ନାଥ ସଂସ୍କୃତି ସମନ୍ୱୟ ପରିଷଦ ପକ୍ଷରୁ ବୁଧବାର ଭୁବନେଶ୍ୱର ସୂଚନା ଭବନରେ ଶ୍ରୀଜଗନ୍ନାଥଙ୍କ ଉପରେ ଆୟୋଜିତ କାର୍ଯ୍ୟକ୍ରମରେ ଭଜନ ପରିବେଷଣ କରାଯାଉଛି।

## ବିଜୁ ପଟ୍ଟନାୟକଙ୍କୁ ଭାରତ ରତ୍ନ ପ୍ରଦାନ ଦାବି

**ଭୁବନେଶ୍ୱର, ୭।୮(ବ୍ୟୁରୋ):** ବିଜୁବାବୁଙ୍କୁ ଭାରତରତ୍ନ ପ୍ରଦାନ କରିବାକୁ ଦାବି କରିଛି ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା। ଏହାର ସଭାପତି ଅଧିବକ୍ତା ଦିଲୀପ ଦାଶଶର୍ମା କହିଛନ୍ତି, ବିଜୁବାବୁ ଜମ୍ମୁ-କଶ୍ମୀର ସହିତ ଅନ୍ୟ ଦେଶରେ ନିଜର ଜୀବନକୁ ପାଣି ଛଡେଇ ବୀରତ୍ୱ ଦେଖାଇଛନ୍ତି। ଏଥିପାଇଁ ଅନେକ ଦେଶରୁ ସମ୍ମାନିତ ମଧ୍ୟ ହୋଇଛନ୍ତି। ବିଜୁବାବୁଙ୍କ ମରଶରୀରରେ ତିନି ତିନୋଟି ଦେଶର ଜାତୀୟ ପତାକା ଦିଆଯାଇଥିଲା ଯାହାକି ଅନ୍ୟ କୌଣସି ଭାରତୀୟଙ୍କ କ୍ଷେତ୍ରରେ ଦେଖାଯାଇନାହିଁ। ତେଣୁ ମରଣୋତ୍ତର ଭାବେ ତାଙ୍କୁ ଭାରତରତ୍ନ ସମ୍ମାନ ପ୍ରଦାନ କଲେ ଭାରତରତ୍ନର ଗୌରବ ବଢ଼ିବ ବୋଲି ସେ କହିଛନ୍ତି।

## ଧାରଣାରୁ ହଟିଲେ କାର୍ଡ ବ୍ୟାଙ୍କ୍ କର୍ମଚାରୀ ସଂଘ

**ଭୁବନେଶ୍ୱର,୭।୮(ବ୍ୟୁରୋ)**

ମଙ୍ଗଳବାର ଧାରଣାରେ ବସିଥିବା ଓଡ଼ିଶା କାର୍ଡ ବ୍ୟାଙ୍କ୍ କର୍ମଚାରୀ ସଂଘ ବୁଧବାର ହଟିଛନ୍ତି। ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହ ବୁଧବାର ସଂଘର ପ୍ରତିନିଧି ଭେଟି ଆଲୋଚନା କରିବା ପରେ ଧାରଣାରୁ ଓହରିଛି ସଂଘ। ଆଠ ବର୍ଷ ଧରି ଦରମା ପାଇ ନ ଥିବାରୁ ମଙ୍ଗଳବାର ସଂଘ ବିଭାଗୀୟ ମୁଖ୍ୟଙ୍କ କାର୍ଯ୍ୟାଳୟରେ ସମବାୟ ନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସଂଘ ସମୂହ ସ୍ୱେଚ୍ଛାକୃତ ଅବସର ଚାହୁଁଥିଲା। ନିବନ୍ଧକ ମନ୍ତ୍ରୀସ୍ତରୀୟ ବୈଠକରେ ଏହାର ସମାଧାନର ବାଟ ବାହାରିବ ବୋଲି କହିଥିଲେ।

## ଓଡିଏମ୍‌କୁ 'ନ୍ୟାଶନାଲ ସ୍କୁଲ୍ ଆୱାର୍ଡ-୨୦୧୯' ମାନ୍ୟତା

**ଭୁବନେଶ୍ୱର, ୭।୮(ବ୍ୟୁରୋ)**

ପଟିଆସ୍ଥିତ ଓଡ଼ିଏମ୍ ପବ୍ଲିକ୍ ସ୍କୁଲ୍‌କୁ ଚଳିତବର୍ଷର 'ନ୍ୟାଶନାଲ ସ୍କୁଲ୍ ଆୱାର୍ଡ (ଏନ୍‌ଏସ୍‌ଏ)-୨୦୧୯' ମାନ୍ୟତା ମିଳିଛି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ 'ନ୍ୟାଶନାଲ ସ୍କୁଲ୍ ଆୱାର୍ଡ' ସମାରୋହରେ ଓଡ଼ିଏମ୍ ସ୍କୁଲକୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଓଡ଼ିଏମ୍ ଶିକ୍ଷାନୁଷ୍ଠାନ ସମୂହର ସିଓଓ ସ୍ୱୟଂ ସତ୍ୟେନ୍ଦୁ ଦିଲ୍ଲୀ ଗସ୍ତ କରି ମଙ୍ଗଳବାର ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଦିଲ୍ଲୀର ବିଶେଷଜ୍ଞମଣ୍ଡଳୀ ଦ୍ୱାରା ବିଭିନ୍ନ ମାନଦଣ୍ଡରେ ମୂଲ୍ୟାଙ୍କନ କରାଯାଇ ତିନୋଟି ସ୍ତରରେ ଉଲ୍ଲେଖନୀୟ ସଫଳତା ପାଇଁ ଏହି ମାନ୍ୟତା ପ୍ରଦାନ କରାଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ଶିକ୍ଷାକ୍ଷେତ୍ରରେ ବଳିଷ୍ଠ ଅବଦାନ, ଭାରତର ଶ୍ରେଷ୍ଠ ଆବାସିକ ବିଦ୍ୟାଳୟ ତଥା ପ୍ରଥମ କରି ପ୍ରଯୁକ୍ତିବିଦ୍ୟାର ପ୍ରାୟୋଗିକ ସଫଳତା ପାଇଁ ଓଡିଏମ୍‌କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ, ଅଭିଭାବକ ତଥା ଛାତ୍ରୀଛାତ୍ର ସତ୍ୟେନ୍ଦୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଓଲଟି ଥିବା ଟ୍ରକ୍‌କୁ ଉଠାଇବାବେଳେ ଓଲଟିଲା କ୍ରେନ୍

**ବାଲିଅନ୍ତା,୭।୮(ଡି.ଏନ୍.ଏ.)**

ଭୁବନେଶ୍ୱର-କଟକ ୧୬ନଂ ଜାତୀୟ ରାଜପଥର ହଂସପାଳ ଢାବା ଛକରେ ମଙ୍ଗଳବାର ରାତିରେ ଏକ ସିମେଣ୍ଟ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା ତଳକୁ ଓଲଟି ପଡିଥିଲା। ବୁଧବାର ଅପରାହ୍ନରେ ମଞ୍ଚେଶ୍ୱର ପୋଲିସ ଓଲଟି ପଡିଥିବା ଟ୍ରକଟିକୁ କ୍ରେନ ଦ୍ୱାରା ଉଠାଇବା ବେଳେ ଏକ ଦୁର୍ଘଟଣା ଘଟିଥିଲା। ଟ୍ରକଟିକୁ ଉଠାଇବା ସମୟରେ କ୍ରେନଟି ଭାରସାମ୍ୟ ହରାଇ ରାସ୍ତା ଉପରକୁ ଓଲଟି ପଡିଥିଲା। ଫଳରେ କ୍ରେନ ଚାଳକଙ୍କ ସମେତ ସେଠାରେ ଉପସ୍ଥିତ ଥିବା ଜଣେ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଉଭୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ସେମାନଙ୍କୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ତେବେ କ୍ରେନକୁ ଉଠାଇବା ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଭୁବନେଶ୍ୱର ପଟୁ ଆସୁଥିବା ଗାଡିଗୁଡ଼ିକୁ ହଂସପାଳ ଛକରୁ ସର୍ଭିସ ରୋଡ ଦେଇ ଛଡ଼ାଯାଇଥିଲା। ତେବେ ଦୀର୍ଘ ୨ଘଣ୍ଟା ଧରି ଟ୍ରାଫିକ ଜାମ ହେବା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

## ପ୍ରାଚୀନ ବୃଷଭ ପ୍ରତିମୂର୍ତ୍ତିକୁ ଫିଙ୍ଗିଦେଲେ

**ପୁରୁଣା ଭୁବନେଶ୍ୱର, ୭।୮ (ଡି.ଏନ୍.ଏ.)**



**ଶ୍ରୀଲିଙ୍ଗରାଜ ମନ୍ଦିର**

- ଏସ୍‌ଏସ୍‌ଆଇ ଲେଖିଲା ଚିଠି
- ୧୪ ତାରିଖରେ ପୁଣି ହେବ ସ୍ଥାପନ

ଏକାମ୍ର କ୍ଷେତ୍ରର ଐତିହ୍ୟ ଓ ପୁରାତନ ମନ୍ଦିରଗୁଡ଼ିକ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ରକ୍ଷଣାବେକ୍ଷଣ ପାଇଁ ସରକାର ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ହେଁ କେତେଜଣଙ୍କ ପାଇଁ କୀର୍ତ୍ତିରାଜି କ୍ରମଶଃ ଧ୍ୱଂସ ହେବାରେ ଲାଗିଛି। ଏଭଳି ଅନେକ ଉଦାହରଣ ଏବେ ଦେଖିବାକୁ ମିଳୁଛି। ମନ୍ଦିର ପରିସରରେ ଜବରଦଖଲ ତ ଆଉ କିଏ ଠାକୁରଙ୍କୁ ଉଠାଇ ବ୍ୟବସାୟ ସ୍ଥଳ କଲେଣି। ଏହି ପରିପ୍ରେକ୍ଷୀରେ ରାଜ୍ୟର ଅନ୍ୟତମ ପ୍ରମୁଖ ଐତିହ୍ୟ ତଥା ଶୈବପୀଠ ଲିଙ୍ଗରାଜ ମନ୍ଦିରରେ ମଙ୍ଗଳବାର ଏକ ସମ୍ବେଦନଶୀଳ ଘଟଣା ନଜରକୁ ଆସିଥିଲଶ। ଗର୍ଭଗୃହ ଆଡ଼କାଠ ନିକଟରେ ଥିବା ପ୍ରଚୀନ ବୃଷଭ ପ୍ରତିମୂର୍ତ୍ତିକୁ ସେଠାରୁ ଉଠାଇ ବାହାରେ ରଖି ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦେଢ ଫୁଟ ଲମ୍ବ ଏକଫୁଟ ଓସାରର ଏହି ପ୍ରଚୀନ ବୃଷଭ ପ୍ରତିମୂର୍ତ୍ତିଟି ଖଣ୍ଡ ଲାଇଟ ପଥରରେ ନିର୍ମାଣ ହୋଇଥିଲା। ବର୍ଷ ବର୍ଷ ଧରି କ୍ଷୀର, କଦଳୀ, ପାଣି ସଂସ୍ପର୍ଶରେ ଆସି ଚଟାଣରେ ଲଗା ଯାଇଥିବା ପେଷ୍ଟ ଅବକ୍ଷୟ ହୋଇଯାଇଥିଲା। ମଙ୍ଗଳବାର ହଠାତ୍ ଏଏସଆଇର ବିନା ଅନୁମତିରେ କେହି ସେବାୟତ ବୃଷଭଙ୍କୁ ଟେକି ଆଣି ବାହାରେ ରଖି ଦେଇଥିଲେ। ଏହା ଜଣାପଡ଼ିବା ପରେ ଏଏସଆଇ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବିଭିନ୍ନ ବିଭାଗକୁ ଚିଠି ଲେଖାଯାଇଥିଲା। ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ଼, ଶ୍ରୀଲିଙ୍ଗରାଜ ଥାନାକୁ ମଧ୍ୟ ଅବଗତ କରାଯାଇଛି। ଖବର ନେବାରୁ ଜଣାଯାଇଛି ଶ୍ରାବଣ ମାସ ଯୋଗୁ କାଉଡ଼ିଆ ଭକ୍ତଙ୍କ ସେବା ବିଭ୍ରାଟ ନ ହେବା ପାଇଁ ସେଥିପ୍ରତି ଦୃଷ୍ଟି ଦିଆଯାଇ ଆସନ୍ତା ୧୪ ତାରିଖରେ ପୂର୍ବବତ୍ ନିର୍ଦ୍ଧାରିତ ସ୍ଥାନରେ ବୃଷଭଙ୍କୁ ସ୍ଥାନୀତ କରାଯିବ ବୋଲି ଏଏସ୍‌ଆଇ ସଂରକ୍ଷଣ ଅଧୀକ୍ଷକ ତୈଲୋକ୍ୟନାଥ ବେହେରା କହିଛନ୍ତି।

## ପୁଣି ୫ ଘରୋଇ ଶିକ୍ଷାନୁଷ୍ଠାନର ଏନ୍‌ଓସି ରଦ୍ଦ

**ଗୋପ,୭।୮(ଡି.ଏନ୍.ଏ.)**

ପୁରୀ ଜିଲା ଗୋପ ବ୍ଲକ୍ ଅଞ୍ଚଳରେ ଥିବା ବେଆଇନ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକର ଏନ୍‌ଓସି ରଦ୍ଦ କରାଯାଉଛି। ତେବେ ବୁଧବାର ଆଉ ୫ ଘରୋଇ ଶିକ୍ଷାନୁଷ୍ଠାନର ଏନଓସି ରଦ୍ଦ କରାଯାଇଥିବା ଗୋପ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ଏହି ବ୍ଲକ୍ ଅଞ୍ଚଳରେ ୫୦ରୁ ଊର୍ଦ୍ଧ୍ୱ ଘରୋଇ ଶିକ୍ଷାନୁଷ୍ଠାନ ବେଆଇନ ଚାଲିଥିବାବେଳେ ୨୫ଟି ଘରୋଇ ଶିକ୍ଷାନୁଷ୍ଠାନକୁ ସରକାରୀ ମାନଦଣ୍ଡକୁ ପୂରଣ କରି ନ ଥିବାରୁ ଏନ୍‌ଓସି ଦିଆଯାଇଛି। ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ ୭୫୧୫ ତା୧.୮.୨୦୧୯ରେ ୧୦ ଘରୋଇ ଶିକ୍ଷାନୁଷ୍ଠାନର ଏନ୍‌ଓସିକୁ ରଦ୍ଦ କରାଯାଇଥିବାବେଳେ ବୁଧବାର ପୁଣି କାର୍ଯ୍ୟାଳୟ ଚିଠି ନଂ. ୭୫୧୧ ତା୧.୮.୨୦୧୯ରେ ଆଉ ୫ଟି ଘରୋଇ ଶିକ୍ଷାନୁଷ୍ଠାନର ଏନ୍‌ଓସି ରଦ୍ଦ କରାଯାଇଛି। ଏହି ଶିକ୍ଷାନୁଷ୍ଠାନଗୁଡିକୁ ଶିକ୍ଷାବିଭାଗ ପକ୍ଷରୁ ଏନ୍‌ଓସି ଦିଆଯାଇଥିବାବେଳେ ଏମାନେ ସରକାରଙ୍କର ୩୨ଟି ମାନଦଣ୍ଡକୁ ଉଲ୍ଲଂଘନ କରିଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ୍ ଘୋଷ କହିଛନ୍ତି।

## ଫଟୋରେ ଖବର



ବୁଧବାର ଅପରାହ୍ନରେ ଭୁବନେଶ୍ୱରର ଏକ ସ୍କୁଲ୍‌ର ପିଲାମାନେ ଛୁଟି ପରେ ଝିପିଝିପି ବର୍ଷାରେ ଛତାଧରି ଘରକୁ ଫେରୁଛନ୍ତି।




ସାମାଜିକ ନ୍ୟାୟ ଦିବସ ପାଳନ ଅବସରରେ ବୁଧବାର ସାମାଜିକ ନ୍ୟାୟ ସାମ୍ମୁଖ୍ୟ ପକ୍ଷରୁ ବିଭିନ୍ନ ଦାବି ନେଇ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରା।



ସତ୍ୟ ହିଁ ବ୍ରହ୍ମ, ସତ୍ୟ ହିଁ ତପସ୍ୟା, ସତ୍ୟ ହିଁ ପ୍ରାଣୀମାନଙ୍କୁ ସୃଜନ କରେ, ସତ୍ୟ ଦ୍ୱାରା ହିଁ ସମସ୍ତ ଲୋକ ଧୃତ ହୋଇଥାଏ ଏବଂ ସତ୍ୟ ଦ୍ୱାରା ହିଁ ଶେଷରେ ମନୁଷ୍ୟ ସ୍ୱର୍ଗ ଲୋକ ପାଇଥାଏ।
- ସ୍ୱାମୀ ଶିବାନନ୍ଦ



## ସଂକ୍ଷେପରେ

### ପୂର୍ବଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର,୭।୮(ବ୍ୟୁରୋ): ଶହୀଦନଗର ଥାନା ଅଧୀନ ଭିଏସଏସନଗର ଅଞ୍ଚଳରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ବୁଧବାର ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇ ଖଣ୍ଡାରେ ଆକ୍ରମଣ କରବାରୁ ଦୁଇଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତଦ୍ୱୟ ହେଲେ ଉକ୍ତ ଅଞ୍ଚଳର ପ୍ଲଟ ନଂ ସିଏଲ ୨୩ରେ ରହୁଥିବା ପିନାକୀ ଅନୁପମ ସାମନ୍ତରାୟ, ସଂଗ୍ରାମ କେଶରୀ ଦାସ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଭିଏସଏସନଗର ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପିନାକୀ ଓ ଅନ୍ୟ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗିରହିଥିଲା। ବୁଧବାର ରାତି ପ୍ରାୟ ୧୧ଟା ବେଳକୁ ପାଣିଟାଙ୍କୀ ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ହଠାତ ଗୋଟିଏ ଗୋଷ୍ଠୀ ପିନାକୀଙ୍କ ଗୋଷ୍ଠୀ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ପିନାକୀ ଗୋଷ୍ଠୀର ଅନ୍ୟ ଯୁବକମାନେ ପଳାଇଯିବାରୁ ପିନାକୀ ଓ ସଂଗ୍ରାମ ଆକ୍ରମଣର ଶିକାର ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚି ଗୁରୁତରଙ୍କୁ ହସ୍ପିଟାଲ ପଠାଇଥିଲେ। ପିନାକୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

### ସାକ୍ଷୀଗୋପାଳ ବ୍ରାଞ୍ଚ କେନାଲ ଦକ୍ଷିଣ ପାର୍ଶ୍ୱ ରାସ୍ତା ଶୋଚନୀୟ

ପୁରୁଣା ଭୁବନେଶ୍ୱର,୭।୮(ଡି.ଏନ.ଏ.): ଉତ୍ତରା ସାକ୍ଷୀଗୋପାଳ ଦକ୍ଷିଣପାର୍ଶ୍ୱ କେନାଲ ରାସ୍ତା ଶୋଚନୀୟ ହୋଇପଡ଼ିଛି। ପ୍ରାୟ ୭ ବର୍ଷ ହେଲାଣି ଏହି ରାସ୍ତା ପ୍ରତି କାହାରି ଦୃଷ୍ଟି ପଡୁନାହିଁ।ଉତ୍ତରା ଛକଠାରୁ ଜେନା ସାହି ପର୍ଯ୍ୟନ୍ତ ହଜାର ହଜାର ପଥଚାରୀ ଏହି ରାସ୍ତା ଉପରେ ନିର୍ଭର କରୁଥିବାବେଳେ ୩ କିମି ରାସ୍ତା ଅଧିକ ଖାଲଖମା ହୋଇଛି। ପ୍ରତିଦିନ ଏହି ରାସ୍ତାରେ ସ୍କୁଲ ବସ୍, ଛାତ୍ରୀଛାତ୍ର, ୧୦୮ ଆମ୍ବୁଲାନ୍ସ, ଗାଡ଼ି ମଧ୍ୟ ଯିବା ଆସିବା କରୁଛି। ବିପଦସଙ୍କୁଳ ଏହି ରାସ୍ତା ମରଣଯନ୍ତା ପାଲଟିଛି। ଗ୍ରାମବାସୀ ଏ ନେଇ ବିଭାଗରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏ ନେଇ ଇରିଗେଶନ ବିଭାଗର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର କଦବା ସିଂ କୁହନ୍ତି, ମୁଁ ଏଠାରେ ନୂଆ କାର୍ଯ୍ୟଭାର ସମ୍ଭାଳିଛି। ଅଭିଯୋଗକୁ ଗ୍ରହଣ କଲା ପରେ ଯାହା କିଛି ପଦକ୍ଷେପ ନେବି।

### ସ୍କେଲ ବିକି ବନ୍ଧାହେଲେ ବୁଲା ବିକାଳି



ଭୁବନେଶ୍ୱର,୭।୮(ବ୍ୟୁରୋ): ରେଳ ଷ୍ଟେଶନ ଓ ଟ୍ରେନରେ ଫେରିବାଲା ବିକ୍ରିକୁ ବେଆଇନ କରାଯିବା ପରେ ନୂଆ ନୂଆ ରୂପରେ ଆସୁଛନ୍ତି ବୁଲା ବିକାଳି। ବୁଧବାର ଭୁବନେଶ୍ୱର ରେଳ ଷ୍ଟେଶନରେ ଏମିତି ଜଣେ ସ୍କେଲ ବିକାଳିଙ୍କୁ ଧରିଛି ଆରପିଏଫ୍। ସେ ହେଲେ କଲିକତାର ପ୍ରଶାନ୍ତ ସମଦର। ସୂଚନାଯୋଗ୍ୟ, ବାଙ୍ଗିରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସରେ ପ୍ରଶାନ୍ତ ଭଲ ପୋଷାକ ପିନ୍ଧି କାନ୍ଧରେ ବ୍ୟାଗ ପକାଇ ସ୍କେଲ ବିକ୍ରି କରୁଥିଲେ। ଟ୍ରେନରେ ବସିଥିବା ଯାତ୍ରୀମାନେ ଏହି ବ୍ୟକ୍ତିଙ୍କ ସମ୍ପର୍କରେ ଆରପିଏଫଙ୍କୁ ସୂଚନା ଦେବା ପରେ ଭୁବନେଶ୍ୱର ଷ୍ଟେଶନରେ ଆରପିଏଫ ବାହିନୀ ଜଗି ରହିଥିଲେ। ଟ୍ରେନରୁ ଓହ୍ଲାଇ ଯିବାବେଳେ ଆରପିଏଫ ଅଭିଯୁକ୍ତ ପ୍ରଶାନ୍ତଙ୍କୁ ଧରିଥିଲା। ଅଫିସ୍ ସମୟ ହେଲାଣି ବୋଲି କହି ଖସି ଯିବାକୁ ଉଦ୍ୟମ ବେଳେ ଆରପିଏଫ କାବୁ କରି ମାମଲା ରୁଜୁ କରିଥିଲା। ଯାତ୍ରୀଙ୍କ କହିବା ଅନୁସାରେ ଷ୍ଟେଶନ ପୂର୍ବରୁ ବ୍ୟାଗରେ ସ୍କେଲ ଲୁଚାଇ ପୋଷାକ ସଜାଡି ଭଦ୍ର ଲୋକ ଭଳି ବ୍ୟବହାର କରୁଥିଲେ। ଅଭିଯୁକ୍ତକୁ ମାମଲା ନଂ. ୧୧/୧୯ରେ ରେଳବାଇ ଧାରା ୧୪୪ରେ ମାମଲା ରୁଜୁ ହୋଇଥିଲା।

### ସୁଷମା ସ୍ୱରାଜଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୁଣା ଭୁବନେଶ୍ୱର,୭।୮(ଡି.ଏନ.ଏ.): ବରିଷ୍ଠ ଭାଜପା ନେତ୍ରୀ ସୁଷମା ସ୍ୱରାଜଙ୍କ ଦେହାନ୍ତରେ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଏକ ଶୋକସଭା ବୁଧବାର ଆୟୋଜନ ହୋଇଥିଲା। ସ୍ଥାନୀୟ ନନ୍ଦକିଶୋର ନଗରସ୍ଥିତ ମଞ୍ଚ କାର୍ଯ୍ୟାଳୟରେ ଆୟୋଜିତ ସଭାରେ ସ୍ୱରାଜଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ସ୍ମୃତି ଚାରଣ କରାଯାଇଥିଲା। ଏହି ଅବସରରେ ୨ ମିନିଟ୍ ନୀରବ ପ୍ରାର୍ଥନା ମଧ୍ୟ କରାଯାଇଥିଲା। ମଞ୍ଚ ଅଧକ୍ଷ ଭୀଷ୍ମ ନାରାୟଣ ନାୟକଙ୍କ ନେତୃତ୍ୱରେ ଏହି ସଂସ୍ଥାର ସଦସ୍ୟାସଦସ୍ୟମାନେ ଉପସ୍ଥିତ ଥିଲେ।

## ■ ଫେଲ୍ ମାରିବା ପରେ ବଦଳିଲା ସର୍ବକ୍ଷମା ଯୋଜନା

# ଅଧିକ ଲୋକଙ୍କୁ ସାମିଲ କରିବାକୁ ଲକ୍ଷ୍ୟ

ଭୁବନେଶ୍ୱର, ୭।୮(ବ୍ୟୁରୋ)

■ ୯ ଉନ୍ନୟନ କର୍ତ୍ତୃପକ୍ଷ ଅଞ୍ଚଳରେ ହେବ ଆବେଦନ

■ କୋହଳ ହେଲା ସବୁ ଶୁଳ୍କ




ସହରରେ ଘର କରିବାକୁ ହେଲେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କିମ୍ବା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ଠାରୁ ଅନୁମତି ନେବାକୁ ପଡ଼ିବ। ଯଦି ଘରଟି ବେନିୟମ ଭାବେ ନିର୍ମିତ ହୋଇଥାଏ ତାହା ହେଲେ ପରବର୍ତ୍ତୀ ସମୟରେ ତାହାକୁ ବିଡିଏ କିମ୍ବା ବିଏମ୍‌ସିର ଅନୁମୋଦନ କରିବା ଆବଶ୍ୟକ। ଯଦି ଅନୁମୋଦନ ନ ମିଳେ ତାହା ହେଲେ ତା'କୁ ଭଙ୍ଗାଯାଏ। ତେବେ ବିଏମ୍‌ସି, ବିଡିଏ କର୍ତ୍ତୃପକ୍ଷଙ୍କଠାରୁ ପ୍ଲାନ ନେଇ ଘର ନିର୍ମାଣ କରୁଥିବା ଲୋକଙ୍କ ଉପରେ ମାତ୍ରାଧିକ ବୋଝ ଲଦି ଦିଆଯାଉଛି। ଫଳରେ ଲୋକମାନେ ଏବେ ବିଡିଏ କିମ୍ବା ବିଏମ୍‌ସି କର୍ତ୍ତୃପକ୍ଷଙ୍କଠାରୁ ପ୍ଲାନ ନ ନେଇ ମୁହଁ ଫେରାଉଛନ୍ତି। ଫଳରେ ବେଆଇନ ନିର୍ମାଣକୁ ନିୟମିତ କରିବା ଯୋଜନା-୨୦୧୮ ବା ସର୍ବକ୍ଷମା ଯୋଜନା ୨୦୧୮ ଫେଲ ମାରିଥିଲା। ବିଡିଏ ଓ ବିଏମ୍‌ସି ଅଧିକାରୀ ଲୋକଙ୍କୁ ସହଯୋଗ କରୁ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଥିବା ବେଳେ ଏବେ ରାଜ୍ୟ ସରକାର ଏଥିରେ ବହୁ ମାତ୍ରାରେ ସଂଶୋଧନ ଆଣି ବେଆଇନ ନିର୍ମାଣକୁ ନିୟମିତ କରିବା ଯୋଜନା-୨୦୧୯ ବା ନୂଆ ସର୍ବକ୍ଷମା ଯୋଜନା ଆଣିଛନ୍ତି।

ଗତ ୬ ତାରିଖ ଦିନ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ୬ ମାସ ମଧ୍ୟରେ ରାଜ୍ୟର ୯ଟି ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଞ୍ଚଳର ଲୋକମାନେ ଏହି ଯୋଜନାରେ ଆବେଦନ କରିପାରିବେ ବୋଲି ଏଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ଗଢ଼ି ଉଠିଥିବା ବେଆଇନ ନିର୍ମାଣକୁ ଆଇନସମ୍ମତ କରାଇବାକୁ ପୂର୍ବ ଯୋଜନାକୁ ସଂଶୋଧିତ କରି ଏହି ନୂଆ ବିଜ୍ଞପ୍ତିକୁ ପ୍ରକାଶ କରାଯାଇଛି। ପୂର୍ବ ଯୋଜନାରେ ପୂର୍ବାପେକ୍ଷା ଆବେଦନ ହୋଇ ନ ଥିବାରୁ ଏହାକୁ ସଂଶୋଧିତ କରାଯାଇଛି ବୋଲି ବିଭାଗୀୟ କର୍ତ୍ତୃପକ୍ଷ ଜଣାଇଛନ୍ତି। ଅଧିକରୁ ଅଧିକ ଲୋକ ଯେପରି ସର୍ବକ୍ଷମା ଯୋଜନାରେ ସାମିଲ ହେବେ ସେଭଳି ଏହାକୁ ପ୍ରସ୍ତୁତ କରାଯାଇଛି। ଆବାସିକ ଘର, ବ୍ୟବସାୟିକ ଘର ଆଦିର ପାର୍କିଂ, କମ୍ପାଉଣ୍ଡିଂ ଚାର୍ଜ ଆଦିରେ କୋହଳ କରି ନୂଆ ବିଜ୍ଞପ୍ତି ପ୍ରକାଶ ପାଇଛି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ ଦେଲା ୩ କୋଟି




ଭୁବନେଶ୍ୱର,୭।୮

ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୩ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। କମ୍ପାନୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଅତୁଲ ସହାୟ, ମହାପ୍ରବନ୍ଧକ ଗୌରୀ ରାଜନ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ଉପମହାପ୍ରବନ୍ଧକ କଲ୍ୟାଣ କିଶୋର ମଜୁମଦାର, କ୍ଷେତ୍ରୀୟ ପ୍ରବନ୍ଧକ ଏଚ୍.କେ. ଭୋଇ ଏବଂ ପ୍ରବନ୍ଧକ ରଞ୍ଜନ କୁମାର ରାଉତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏଥି ସଂକ୍ରାନ୍ତ ଚେକ୍ ପ୍ରଦାନ କରିଥିଲେ। ବୀମା ସହାୟତା ପ୍ରଦାନ ଲାଗି କମ୍ପାନୀ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ଉପରେ ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା।

# ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ବିରୋଧ




ବିଭିନ୍ନ ସଙ୍ଗଠନ ପକ୍ଷରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ବିରୋଧ କରି ମାଷ୍ଟରକ୍ୟାଣ୍ଟିନ୍‌ଠାରେ ବିକ୍ଷୋଭ କରାଯାଉଛି।

ଭୁବନେଶ୍ୱର, ୭।୮(ବ୍ୟୁରୋ)

କେନ୍ଦ୍ର ସରକାର କଶ୍ମୀରରୁ ଧାରା ୩୭୦କୁ ଉଚ୍ଛେଦ କରି ଏକ କେନ୍ଦ୍ର ଶାସିତ ଅଞ୍ଚଳ କରିଛନ୍ତି। ଫଳରେ କଶ୍ମୀରବାସୀଙ୍କୁ ଆତ୍ମନିର୍ଣ୍ଣୟର ଅଧିକାରରୁ ବଞ୍ଚିତ କରିଛନ୍ତି। ଏ ନେଇ ସିପିଆଇ (ଏମ୍-ଏଲ୍) ରେଡ୍‌ଷ୍ଟାର ସମେତ ବିଭିନ୍ନ ଗଣତାନ୍ତ୍ରିକ ମାନବିକ ଅଧିକାର ସଙ୍ଗଠନ ପକ୍ଷରୁ ବୁଧବାର ମାଷ୍ଟରକ୍ୟାଣ୍ଟିନଠାରେ ବିରୋଧ ପ୍ରଦର୍ଶନ କରାଯାଇଛି। ୮୭ ବିଧାନସଭା ଓ ୬ ଲୋକସଭା ଅଞ୍ଚଳର ଦେଢ଼ କୋଟି ଜାମ୍ମୁ-କଶ୍ମୀରବାସୀ ଆଜି ବନ୍ଦୀ ଓ ନିଜ ନିଜ ଭିତରେ ଏବଂ ସମଗ୍ର ଦେଶଠାରୁ ସେମାନେ ବିଚ୍ଛିନ୍ନ ହୋଇଛନ୍ତି ବୋଲି ପ୍ରତିବାଦକାରୀମାନେ ଅଭିଯୋଗ କରିଛନ୍ତି।

ପୂର୍ବରୁ କଶ୍ମୀରରେ ଲକ୍ଷ ଲକ୍ଷ ସଶସ୍ତ୍ର ସେନା ମୁତୟନ କରାଯାଇଥିବା ବେଳେ, ଗତ ସପ୍ତାହରେ ଅତିରିକ୍ତ ୪୮ ହଜାର ସେନା ପଠାଯାଇଛି। ମୋବାଇଲ, ଇଣ୍ଟରନେଟ, ଲ୍ୟାଣ୍ଡ ଫୋନ, କେବୁଲ କନେକ୍ସନ ବନ୍ଦ କରି ଦିଆଯାଇଥିବା ବେଳେ ସମଗ୍ର ଅଞ୍ଚଳରେ କର୍ଫ୍ୟୁ ଲାଗୁ ହୋଇଛି। ଏପରିକି ଡାକ୍ତରଖାନାଠାରୁ ଆରମ୍ଭ କରି ସ୍କୁଲ, କଲେଜ ବିଶ୍ୱବିଦ୍ୟାଳୟ ସବୁ ବନ୍ଦ କରି ଦିଆଯାଇଛି। ସମଗ୍ର କଶ୍ମୀରବାସୀଙ୍କୁ ଅନ୍ଧକାରରେ ରଖି ସେମାନଙ୍କର ଇଚ୍ଛାକୁ ସମ୍ମାନ ନ ଦେଇ ଗୋଟିଏ ରାଜ୍ୟକୁ କେନ୍ଦ୍ର ଶାସିତ ଅଞ୍ଚଳରେ ପରିଣତ କରିବା ଓ ସମଗ୍ର ଦେଶରେ କଶ୍ମୀରବାସୀଙ୍କ ବିରୋଧରେ ଏକ ଯୁଦ୍ଧ ବିରୋଧୀ ଉନ୍ମାଦନା ସୃଷ୍ଟି କରିବା ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ କଦାପି ଗ୍ରହଣୀୟ ନୁହେଁ ବୋଲି ପ୍ରତିବାଦୀକାରୀମାନେ ପ୍ରକାଶ କରିଛନ୍ତି। ବିକ୍ଷୋଭରେ ସିପିଆଇ(ଏମ୍-ଏଲ୍) ରେଡ୍ ଷ୍ଟାର ରାଜ୍ୟ ସମ୍ପାଦକ ଶିବରାମ, ଗଣ ଆନ୍ଦୋଳନର ନେତା ନରେନ୍ଦ୍ର ମହାନ୍ତି, ମାନସ ପଟ୍ଟନାୟକ, ମାନବିକ ଅଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ, ଦେବ ରଞ୍ଜନ, ଶ୍ରୀମନ୍ତ ମହାନ୍ତି, ବିପ୍ଳବୀ କବି ଲେନିନ୍, ଲୋହିଆ ଏକାଡେ଼ମୀ ପକ୍ଷରୁ ଦେବ ପ୍ରସାଦ ରାୟ, ପ୍ରଦୀପ ସାହୁ ଆଦି ଯୋଗ ଦେଇଥିଲେ। ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଙ୍ଗଠନ, ଇନ୍‌ସାଫ, ସିଏସ୍‌ଡ଼ି, ବସ୍ତି ସୁରକ୍ଷା ମଞ୍ଚ, ଟିୟୁସିଆଇ ଆଦି ସଙ୍ଗଠନ ମଧ୍ୟ ସାମିଲ ହୋଇଥିଲେ।

## ଗାଁ ଦାଣ୍ଡରେ ଜମୁଛି ବର୍ଷାଜଳ

ବାଲିଅନ୍ତା,୭।୮(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଅଧୀନ ବେଣୁପୁର ପଞ୍ଚାୟତର ୬ନଂ ୱାର୍ଡ ଅଧୀନ ଦୁଲାଦେଇ ସାହି ରାସ୍ତା ଲଘୁଚାପ ବର୍ଷା ଯୋଗୁ ଜଳାର୍ଣ୍ଣବ ହୋଇପଡ଼ିଛି। ବର୍ଷାଜଳ ନିଷ୍କାସିତ ହୋଇ ନପାରି ଗାଁ ଛକସ୍ଥିତ ମୁଖ୍ୟ ରାସ୍ତାରେ ଲହଡି ଭାଙ୍ଗୁଛି। ଲୋକେ ସେହି ପାଣିରେ ପଶି ଯାତାୟାତ କରୁଥିବାବେଳେ ଅଙ୍ଗନୱାଡି ଓ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ବିଶେଷ ଅସୁବିଧା ସୃଷ୍ଟି ହୋଇଛି। ଛାତ୍ରୀଛାତ୍ରମାନେ ସ୍କୁଲକୁ ଆସିପାରୁନାହାନ୍ତି। ବର୍ଷାଜଳ ଜମି ରହୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ସହ ଗୋଡ଼ ଫୁଲି ରହୁଥିବା ଗ୍ରାମର ଶ୍ରୀଧର ମହାରଣା ଓ ରବୀନ୍ଦ୍ର କୁମାର ସାହୁ ଅଭିଯୋଗ କରିଛନ୍ତି। ଦୂଷିତ ବର୍ଷାଜଳ ଲୋକଙ୍କ କୂଅ ଓ ନଳକୂପରେ ମିଶୁଥିବାରୁ ପିଇବା ପାଣି ଦୂଷିତ ହେବାର ଆଶଙ୍କା ହେଲାଣି। ଏଥିପ୍ରତି ପ୍ରଶାସନ ଶୀଘ୍ର ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ନିର୍ମାଣ ହେବ ଉନ୍ନତ ଅଙ୍ଗନୱାଡି କେନ୍ଦ୍ର

ଭୁବନେଶ୍ୱର, ୭।୮(ବ୍ୟୁରୋ)

ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ବେଦାନ୍ତ ଲିମିଟେଡ୍‌ର 'ନନ୍ଦଘର' କାର୍ଯ୍ୟକ୍ରମର ମୁଖ୍ୟ ରିତୁ ଝିଙ୍ଗନ୍‌ଙ୍କ ସହ ରାଜ୍ୟରେ ଉନ୍ନତ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଛି। ବେଦାନ୍ତ ଲିମିଟେଡ୍‌ର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ପାଣ୍ଠିରୁ ଏହି ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ନିର୍ମାଣ କରାଯିବ ବୋଲି ଏହି ଅବସରରେ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମ ଅନୁଯାୟୀ ବେଦାନ୍ତ ଲିମିଟେଡ୍ ପାଇଖାନା, ରୋଷଘର, ପିଇବା ପାଣି, ବିଦ୍ୟୁତ୍ ବ୍ୟବସ୍ଥା ଓ ପରିବା ଉଦ୍ୟାନ ଆଦି ସମସ୍ତ ସୁବିଧା ସହ ରାଜ୍ୟରେ ୪୦୦ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରିବ। ପ୍ରଥମ ପର୍ଯ୍ୟାୟରେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୨୫୦ 'ନନ୍ଦଘର' ନିର୍ମାଣ କରିବାକୁ ସ୍ଥିର କରାଯାଇଛି। ଆସନ୍ତା ଆର୍ଥିକ ବର୍ଷରେ ଆଉ ୧୫୦ଟି ଏହିପରି କେନ୍ଦ୍ର ନିର୍ମାଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। 'ନନ୍ଦଘର' କାର୍ଯ୍ୟକ୍ରମ ଅନୁଯାୟୀ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ଶୀଘ୍ର ନିର୍ମାଣ କରି ପ୍ରାକ୍‌ବିଦ୍ୟାଳୟ ପିଲାମାନଙ୍କୁ ଖୁବ୍ କମ୍ ସମୟରେ ଉନ୍ନତ ମାନର ପୁଷ୍ଟି ଯୋଗାଇ ଦେବା ଉପରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ। କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ପାଣ୍ଠି, ଓଡ଼ିଶା ମିନେରାଲ୍ ବିୟରିଂ ଏରିଆ ଡେଭ୍‌ଲପ୍‌ମେଣ୍ଟ କର୍ପୋରେସନ୍ ଏବଂ ଡିଷ୍ଟ୍ରିକ୍ଟ ମିନେରାଲ୍ ଫଣ୍ଡ ପାଣ୍ଠିକୁ ମଧ୍ୟ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ଉନ୍ନତୀକରଣ କରିବାକୁ ଉପଯୋଗ କରାଯାଉଛି ବୋଲି ସେ କହିଥିଲେ।

## ■ ମାଇଁ ସିଟି ଆୱାର୍ଡସ୍‌ର ଦ୍ୱିତୀୟ ସଂସ୍କରଣ

# ୮ ବିଶିଷ୍ଟ ବ୍ୟକ୍ତି ସମ୍ବର୍ଦ୍ଧିତ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ମାଇଁ ସିଟି ଆୱାର୍ଡସ୍‌ର ଦ୍ୱିତୀୟ ସଂସ୍କରଣକୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୭।୮(ବ୍ୟୁରୋ)

ଓଡିଶାର ପ୍ରଥମ ଇଂରାଜୀ ପ୍ରକାଶନ ମାଇଁ ସିଟି ଲିଙ୍କସ୍ ପକ୍ଷରୁ ମାଇଁ ସିଟି ଆୱାର୍ଡସ୍‌ର ଦ୍ୱିତୀୟ ସଂସ୍କରଣ ବୁଧବାର ସ୍ଥାନୀୟ ହୋଟେଲ ସ୍ୱସ୍ତି ପ୍ରିମିୟମଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର, କଟକ ଓ ପୁରୀକୁ ନେଇ ଗଠିତ ସ୍ୱର୍ଣ୍ଣିମ ତ୍ରିଭୂଜର ନୂତନ ଚିନ୍ତାଧାରାର ବ୍ୟକ୍ତି ଓ ପ୍ରତିଷ୍ଠାନମାନଙ୍କୁ ମାଇଁ ସିଟି ଆୱାର୍ଡସ୍‌ରେ ସମ୍ବର୍ଦ୍ଧିତ କରାଯିବା ସହ ସମାଜ ପାଇଁ ଅଙ୍ଗୀକାରବଦ୍ଧତା ଓ ଉତ୍କୃଷ୍ଟ କାର୍ଯ୍ୟକଳାପ ନିମନ୍ତେ ସେମାନଙ୍କୁ ସମ୍ମାନିତ କରାଯାଇଛି। ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଶକ୍ତି, ଉଦ୍ୟୋଗ, ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ ତଥା ଗୃହ ବିଭାଗର ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଚଳିତ ସଂସ୍କରଣର ମାଇଁ ସିଟି ଆୱାର୍ଡସ୍‌ରେ ସ୍ୱସ୍ତି ଗ୍ରୁପ୍‌ର ପ୍ରତିଷ୍ଠାତା ଜିତେନ୍ଦ୍ର କୁମାର ମହାନ୍ତି, ମେ'ଫେୟାର ହୋଟେଲ, କଳା ଓ ହସ୍ତଶିଳ୍ପ ସଂଗ୍ରହାଳୟ କଳାଭୂମି, ଗୁପ୍ତା ପାୱାର ପରିଚାଳନା ନିର୍ଦ୍ଦେଶକ ମହେନ୍ଦ୍ର କୁମାର ଗୁପ୍ତା, ଅଳୀ ମହୋତ୍ସବର ଡ. ଶ୍ରୁତି ମହାପାତ୍ର, ମଦର୍ସ୍ ପବ୍ଲିକ୍ ସ୍କୁଲର ପଲ୍ଲୀ ପଟ୍ଟନାୟକ, ଅନୀଲ ଧୀର୍, ସୁପରିଚିତ ରଘୁ ଦହିବରା ଭାବେ ଜଣାଶୁଣା ରଘୁନାଥ ସାସମଲ୍, ଅଲିଭ୍ ରିଡ୍‌ଲେ କଇଁଛମାନଙ୍କର ସୁରକ୍ଷା ନିମନ୍ତେ ପୁରୀଠାରୁ ଏକ ଅଭିଯାନରେ ବାହାରିଥିବା ପ୍ରସିଦ୍ଧ ପରିବେଶବିତ୍ ଓ ସାମାଜିକ କର୍ମୀ ସୌମ୍ୟରଞ୍ଜନ ବିଶ୍ୱାଳ ଏବଂ ଦିଲୀପ କୁମାର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ଆକାଶ ଦାଶ ନାୟକ, ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ଅଭିନେତା କୁନା ତ୍ରିପାଠୀ, ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ପ୍ରମୁଖ ଯୋଗଦେଇଥିଲେ। ଏଥିମାଇଁ ସିଟି ଲିଙ୍କସ୍‌ର ସହକାରୀ ସମ୍ପାଦିକା ଦୀକ୍ଷା ତିୱାରୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଭୁବନେଶ୍ୱର ରନ୍ ୱେ ୱିକ୍ ନାମକ ଏକ ଫ୍ୟାଶନ ଶୋ'ର ଆୟୋଜନ କରାଯାଇଥିଲା।

# ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ, ୩ ଅଟକ

କଟକ ରୋଡ,୭।୮(ଡି.ଏନ୍.ଏ.)

**୨ ଖଣ୍ଡା, ବାଇକ୍ ଜବତ**



ଭୁବନେଶ୍ୱର ରେଲୱେ ଷ୍ଟେଶନ ଅଞ୍ଚଳ ଅସମାଜିକଙ୍କ ଆଡ୍ଡାସ୍ଥଳି ପାଲଟିଛି। ଷ୍ଟେଶନ ଓ ଏହାର ଆଖପାଖ ଅଞ୍ଚଳରେ ଅପରାଧୀଙ୍କୁ ଦମନ ପାଇଁ କମିଶନରେଟ ପୋଲିସ, ଜିଆରପି ଓ ରେଲୱେ ପ୍ରୋଟେକ୍ସନ ଫୋର୍ସ (ଆରପିଏଫ) ଥିଲେ ମଧ୍ୟ ୩ ବିଭାଗକୁ ଅପରାଧୀ ଖୋଲାଖୋଲି ଚ୍ୟାଲେଞ୍ଜ ଦେଉଛନ୍ତି। ଏଭଳି ଘଟଣାକ୍ରମେ ବୁଧବାର ରାତି ପ୍ରାୟ ୮ଟାରେ ରେଲୱେ ଷ୍ଟେଶନ ନିକଟ ମୋଚି ସାହି ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। କ୍ୟାପିଟାଲ ଥାନା ଅଧୀନ ଫାଳିକିଆ ବଜାର ବସ୍ତିରେ ରହୁଥିବା ୯ଜଣ ଯୁବକ ୩ବାଇକ୍‌ରେ ମୋଚି ସାହି ନିକଟରେ ପହଞ୍ଚିଥିଲେ। ଯୁବକମାନେ ଆସିବା ସମୟରେ ରେଲୱେ ଷ୍ଟେଶନ ରାସ୍ତାରେ ଖଣ୍ଡା ଘୋଷାଡି ଚାଲିଥିଲେ। ମୋଚି ସାହିରେ ପହଞ୍ଚିବା ପରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହି ଘଟଣାରେ ଆସିଥିବା ଯୁବକଙ୍କ ମଧ୍ୟରୁ ଅନ୍ୟମାନେ ଛତ୍ରଭଙ୍ଗ ଦେଇଥିବା ବେଳେ ସନ୍ତୋଷ ବେହେରା, କେ.କ୍ରିଷ୍ଣା, କାଶୀ ରାଉତଙ୍କୁ ନିସ୍ତୁକ ମାଡ଼ ମରାଯାଇଥିଲା। ସେମାନେ ଆସିଥିବା ଏକ ବାଇକ୍‌କୁ ଭଙ୍ଗାରୁଜା କରିଥିଲେ। ଏଭଳି ଘଟଣା ଦେଖି ଷ୍ଟେଶନକୁ ଆସିଥିବା ଯାତ୍ରୀ ଭୟଭୀତ ହୋଇପଡିଥିଲେ। ଖବରପାଇ ପିସିଆର ଭ୍ୟାନ କର୍ମଚାରୀ ପହଞ୍ଚିବା ସହ ଲକ୍ଷ୍ମୀସାଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ଫାଳିକିଆ ବସ୍ତିରୁ ଆକ୍ରମଣରେ ଶିକାର ହୋଇଥିବା ୩ଯୁବକଙ୍କୁ ଥାନାକୁ ଆଣି ଅଟକ ରଖିବା ସହ ୨ ଖଣ୍ଡା, ଗୋଟିଏ ବାଇକ୍ ଜବତ କରିଥିଲା। ସୂଚନାଥାଉକି, ଗତ ୩ଦିନ ପୂର୍ବେ ଫାଳିକିଆ ବଜାର ବସ୍ତିରେ ଥିବା ଜଣେ ମଦ ବ୍ୟବସାୟୀଙ୍କ ନିକଟକୁ ମୋଚି ସାହିର କେତେଜଣ ଯୁବକ ଯାଇଥିଲେ। ସେଠାରେ କୌଣସି କାରଣକୁ ନେଇ ମଦ ବ୍ୟବସାୟୀଙ୍କ ସହ ମୋଚି ସାହି ଯୁବକଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ପରବର୍ତ୍ତି ସମୟରେ ମୋଚି ସାହିର ଜଣେ ଯୁବକଙ୍କୁ ଏକ ମାରଣାସ୍ତ୍ରରେ ଆକ୍ରମଣ ହୋଇଥିଲା। ସମ୍ପୃକ୍ତ ଯୁବକ ଏବେ ବି ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜଣାପଡିଛି। ଏ ନେଇ କ୍ୟାପିଟାଲ ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣା ସମ୍ପର୍କରେ ଲକ୍ଷ୍ମୀସାଗର ଥାନା ଅଧିକାରୀ ଦୟାନିଧି ନାୟକ କୁହନ୍ତି, ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏଭଳି ଘଟଣା ଘଟିଛି। ତଦନ୍ତ ଜାରି ରହିଛି।

## ଆଫୋର୍ଡ ପକ୍ଷରୁ ଚାରାରୋପଣ




ଭୁବନେଶ୍ୱର,୭।୮

ଆସୋସିଏଶନ ଫର୍ ଓଡିଶା ରିୟଲ ଇଷ୍ଟେଟ ଡେଭଲପର୍ସ(ଆଫୋର୍ଡ) ପକ୍ଷରୁ ସାମାଜିକ ଅନୁଷ୍ଠାନ ସଜାଗ ସହଯୋଗରେ ଭୁବନେଶ୍ୱର-ପୁରୀ ରାଜପଥରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫନୀ ପରେ କ୍ଷତିଗ୍ରସ୍ତ ସବୁଜିମା ଫେରାଇ ଆଣିବା ଲାଗି ଏଭଳି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ବୋଲି ସଂଘର ସଭାପତି ନିଶୀଥ ନନ୍ଦ କହିଛନ୍ତି। ଆଫୋର୍ଡ ସହ ମିଳିତ ହୋଇ ଉକ୍ତ ପଦକ୍ଷେପ ହାତକୁ ନେଇଥିବାରୁ ଖୁସି ବୋଲି ସଜାଗର ଆବାହକ ପ୍ରଶାନ୍ତ ଆଦିତ୍ୟ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଆଫୋର୍ଡ ପକ୍ଷରୁ ଦେବକାନ୍ତ ପଟ୍ଟନାୟକ, ଶମ୍ଭୁନାଥ ପତି, ଅଂଶୁମାନ ଦାସ, ଅଭୟ ସ୍ୱାଇଁ, ଶୁଭେନ୍ଦୁ ତ୍ରିପାଠି, ବିଜୟ ମିଶ୍ର, ବିଜୟ ପାତ୍ର, ପ୍ରଦୀପ ସୂତାର, ଜଗତ କର, ଦେବାଶିଷ ପ୍ରଧାନ, ହରିଶ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ୬ ମାସରେ ୫୨୧ଥର ଅଯଥା ଚେନ୍ ପୁଲିଂ

ଭୁବନେଶ୍ୱର,୭।୮(ବ୍ୟୁରୋ)

■ ମାତ୍ରାଧିକ ଇନ୍ଧନ ସହ ବିଦ୍ୟୁତ୍ ଖର୍ଚ୍ଚ

■ ଭରଣାଠାରୁ ଜରିମାନା ମୂଲ୍ୟ ଯଥେଷ୍ଟ କମ୍

ଭାରତୀୟ ରେଲୱେ ସର୍ବଦା ବିଳମ୍ବରେ ପହଞ୍ଚିବା ଲାଗି ସମାଲୋଚିତ ହୋଇ ଆସିଛି। କିନ୍ତୁ ଏମିତି ଏକ ତଥ୍ୟ ମିଳିଛି, ଯେଉଁଥିରେ ଟ୍ରେନ ବିଳମ୍ବ ହେବାରେ ମୁଖ୍ୟ କାରଣ କେତେକ ଅସଚେତନ ଯାତ୍ରୀ ହିଁ ଦାୟୀ। ଭୁବନେଶ୍ୱର ରେଳ ଷ୍ଟେଶନ କର୍ତ୍ତୃପକ୍ଷଙ୍କ ନିକଟରୁ ଜାଣିବାକୁ ମିଳିଛି ଯେ, ପ୍ରତିଦିନ ଭୁବନେଶ୍ୱର ଷ୍ଟେଶନରୁ ଯାତ୍ରା ଆରମ୍ଭ କରୁଥିବା ୩ରୁ ୪ଟି ଟ୍ରେନରେ ଅପତ୍‌କାଳୀନ ଚେନ୍ ପୁଲିଂ କରି ଟ୍ରେନକୁ ରୋକାଯାଉଛି। ଆଉ ଚେନ୍ ଟାଣୁଥିବା ବ୍ୟକ୍ତି ଗୁରୁତ୍ୱହୀନ କାରଣ ଦର୍ଶାଉଛନ୍ତି। ଯେଉଁଥିପାଇଁ ସର୍ବନିମ୍ନ ୫ ମିନିଟ୍‌ରୁ ନେଇ ୨୦ ମିନିଟ୍ ଯାଏଁ ଟ୍ରେନ ଯାତ୍ରା ଆରମ୍ଭ କରିବାରେ ବିଳମ୍ବ ହେଉଛି। ଗତ ମାସରେ ୬୦ଟି ଚେନ୍ ପୁଲିଂ ହୋଇଛି। ଆଉ ଯାତ୍ରୀ ଦର୍ଶାଇଥିବା ସମସ୍ତ କାରଣ ଗୁରୁତ୍ୱହୀନ। ବିଗତ ୬ମାସ ଭିତରେ ୫୨୧ଥର ଚେନ୍ ପୁଲିଂ କରାଯାଇଛି। ସେ ଭିତରୁ ୪୧୮ ଜଣଙ୍କୁ ଗିରଫ କରାଯାଇଛି। ଆଉ ବଞ୍ଚିତ ୧୦୩ ଜଣ ଚେନ୍ ଟାଣି ଖସି ଯାଇଛନ୍ତି। ୫୨୧ଟି ପଞ୍ଜୀକୃତ ମାମଲା ମଧ୍ୟରୁ ମାତ୍ର ୨୦ଟି ଦର୍ଶଯାଇଥିବା କାରଣ ଯଥାର୍ଥ ବୋଲି ରେଲୱେ କର୍ତ୍ତୃପକ୍ଷଙ୍କ ନିକଟରୁ ଜଣାପଡିଛି। ସର୍ବାଧିକ ଦୂରକୁ ଯାଉଥିବା ଏକ୍ସପ୍ରେସଗୁଡିକରେ ହିଁ ଚେନ୍ ଟାଣି ଟ୍ରେନ ଅଟକାଯାଇଛି। ରେଲୱେ କର୍ତ୍ତୃପକ୍ଷ ଚେନ୍ ପୁଲିଂର କାରଣ କିଛି ତଦନ୍ତ କରି ଦର୍ଶାଇଛନ୍ତି। ସେଗୁଡିକ ହେଉଛି ଯାତ୍ରୀ ଡେରିରେ ଆସୁଛନ୍ତି, ସୂଚନା ନ ଶୁଣି ଭୁଲ୍ ଟ୍ରେନରେ ଚଢୁଛନ୍ତି, ଦ୍ୱାର ପାଖରେ ଠିଆ ହୋଇ ମୋବାଇଲ ତଳକୁ ଖସେଇ ଦେବା ଏଭଳି ସବୁ କାରଣ ସର୍ବାଧିକ ପଞ୍ଜୀକୃତ ହୋଇଛି। ଯେଉଁଥିପାଇଁ ଯାତ୍ରୀମାନଙ୍କୁ ଜରିମାନା ଓ ଦଣ୍ଡବିଧାନ ମଧ୍ୟ କରାଯାଇଛି। ଗୁରୁତ୍ୱହୀନ କାରଣ ଯୋଗୁ ଚେନ୍ ପୁଲିଂ କଲେ ୧ ହଜାର ଟଙ୍କା ଜରିମାନା ସହ ୧ ବର୍ଷ ଯାଏଁ ଜେଲ୍ ଯିବାର ନିୟମ ରହିଛି।

ଉଲ୍ଲେଖଯୋଗ୍ୟ, ଚେନ୍ ଟାଣି ଗାଡି ଅଟକାଇବା ଯୋଗୁ ସମ୍ପୃକ୍ତ ଟ୍ରେନ ସହ ପରବର୍ତ୍ତୀ ଟ୍ରେନଗୁଡିକରେ ମାତ୍ରାଧିକ ବିଳମ୍ବ ଘଟିଥାଏ। ଯାହା ରେଲୱେର ଏକ ବଡ ସମସ୍ୟା। ଆଉ ତା'ସହ ଥରେ ଟ୍ରେନଟି ଅଟକି ଆଉଥରେ ଗଡିବା ଲାଗି ମାତ୍ରାଧିକ ଇନ୍ଧନ ଓ ବିଦ୍ୟୁତ୍ ଖର୍ଚ୍ଚ ହୋଇଥାଏ। ଯାତ୍ରୀଙ୍କ ସାମାନ୍ୟ ହେୟଜ୍ଞାନ ଲାଗି ରେଲୱେକୁ ଗୁରୁତ୍ୱପୂର୍ଣ୍ଣ ସମୟ ସହ ବହୁମୂଲ୍ୟ ଅର୍ଥ ବ୍ୟୟ କରିବାକୁ ପଡ଼ିଥାଏ। ଯାହା ଯାତ୍ରୀଙ୍କଠାରୁ ଆଦାୟ କରାଯାଉଥିବା ଜରିମାନା ଅପେକ୍ଷା ଯଥେଷ୍ଟ ଅଧିକ। ତେବେ ରେଲୱେ ପକ୍ଷରୁ ସୂଚନାଫଳକ, ମାଇକ ଯୋଗେ ପ୍ରଚାର ଓ ସଚେତନତା କାର୍ଯ୍ୟକ୍ରମ କରାଯାଉଥିଲେ ବି ଯାତ୍ରୀଙ୍କଠାରେ କୌଣସି ସୁଫଳ ଦେଖିବାକୁ ମିଳୁନି। ଚଳିତବର୍ଷ ରେଳ ସୁରକ୍ଷା ବଳ ୬ଟି ଭିନ୍ନ ଭିନ୍ନ ଦିନରେ ସଚେତନତା କାର୍ଯ୍ୟକ୍ରମ କରି ଯାତ୍ରୀଙ୍କୁ ବୁଝାଇଛି। ଭୁବନେଶ୍ୱର ରେଳ ଷ୍ଟେଶନ ନିର୍ଦ୍ଦେଶକ ଚିତ୍ତରଞ୍ଜନ ନାୟକ ଓ ରେଳ ସୁରକ୍ଷା ବଳର ଥାନାଧିକାରୀ କାଲୁ ସେଠୀ ଯାତ୍ରୀଙ୍କୁ ଅଯଥା ଚେନ୍ ନ ଟାଣିବାକୁ ଅନୁରୋଧ କରିଛନ୍ତି। ଟ୍ରେନ ଛାଡିବାର ଆବଶ୍ୟକ ସମୟ ପୂର୍ବରୁ ଆସି ଯାତ୍ରା ଲାଗି ପ୍ରସ୍ତୁତ ରହିବାକୁ ଅନୁରୋଧ କରିଛନ୍ତି।




# ମୋତେ ଡୁପ୍ଲିକେଟ୍ ଅରୁଣ ମନ୍ତ୍ରୀ ବୋଲି ଭାବିଥିଲେ

**ଜଗତ୍‌ସିଂହପୁର ତିର୍ତ୍ତୋଲର ମଣିଜଙ୍ଗାରେ ଅରୁଣ ମନ୍ତ୍ରୀଙ୍କ ଜନ୍ମ। କଲେଜ ଜୀବନରୁ କବିତା ଲେଖା ଆରମ୍ଭ କରି ୨୦୦୦ମସିହାରେ 'କାଶିଆ କପିଳା' ଚଳଚ୍ଚିତ୍ରରେ ପ୍ରଥମ ଗୀତ ଲେଖି ସିନେ ଦୁନିଆରେ ପାଦ ଥାପିଥିଲେ ଅରୁଣ। କଲେଜରେ ପଢୁଥିବାବେଳେ ଆକାଶବାଣୀର ଯୁବବାଣୀ କାର୍ଯ୍ୟକ୍ରମରେ ତାଙ୍କର ଏକ ଲେଖା ଗୀତ ହୋଇ ବାଜିଥିଲା। ସେ ପଟେ ତୋ ଘର, ଏପଟେ ମୋ ଘର, ମଝିରେ ଅଳକା ନଈ..ର ନିର୍ଦ୍ଦେଶନା ଦେଇଥିଲେ ଶରତ ନାୟକ ଓ କଣ୍ଠଦାନ କରିଥିଲେ ସୁଶୀଲ ଦଉ। ତୁ ମୋ ଲଭ ଷ୍ଟୋରି, କେବେ ତୁମେ ନାହଁ -କେବେ ମୁଁ ନାହିଁ ଚଳଚ୍ଚିତ୍ର ନିମନ୍ତେ ଶ୍ରେଷ୍ଠ ଗୀତିକାର ଭାବେ ଦୁଇଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିବା ଅରୁଣ ମନ୍ତ୍ରୀଙ୍କ ଅନୁଭୂତିରୁ କିଛି।**

ଗୀତିକାରର ପରିଚୟ ବହୁତ କମ୍ ଥାଏ। ଲୋକେ ଗୀତ ଶୁଣନ୍ତି ଓ ଗୀତିକାରର ଲେଖାକୁ ପ୍ରଶଂସା କରନ୍ତି। ହେଲେ କେହି କେବେ ଗୀତିକାରର ମୁହଁ ବି ଦେଖିନଥାନ୍ତି। ଏମିତି ଘଟଣା ମୋ ସହ ବି ହୋଇଥିଲା। ବହୁତ ବର୍ଷ ପୂର୍ବରୁ ଯାତ୍ରା ପାର୍ଟିରେ ଗୀତ ଲେଖୁଥିଲି। ନିୟତି ଗଣନାଟ୍ୟର 'କଳାପଥର' ନାଟକ ନିମନ୍ତେ ଗୀତ ଲେଖିବାକୁ ମୋତେ ଡକାଗଲା। ପୂର୍ବରୁ କିଛି ଯାତ୍ରାରେ ମୋ ଗୀତ ସୁପରହିଟ୍ ହୋଇଥିଲା। ଏଣୁ କଳାପଥର ଯାତ୍ରାର ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଳିତ ମୋତେ ଗୀତ ଲେଖିବାକୁ ଡାକିଲେ। ସଙ୍ଗୀତ ନିର୍ଦ୍ଦେଶକଙ୍କ ସହ ଗୀତ ଲେଖାକୁ ନେଇ ଆଲୋଚନା ଚାଲିଥାଏ। କିଛି ସମୟ ପରେ ଗଣନାଟ୍ୟର ମାଲିକ ଟନ ବାବୁ ସେଠାରେ ପହଞ୍ଚିଲେ। ତାଙ୍କୁ ଖବର ଦିଆଯାଇଥିଲା ଯେ, କଳାପଥର ଯାତ୍ରାର ଗୀତ ଅରୁଣ ମନ୍ତ୍ରୀ ଲେଖିବେ। ଯେହେତୁ ମୋର କିଛି ଗୀତ ହିଟ୍ ହୋଇଥିଲା, ଅରୁଣ ମନ୍ତ୍ରୀ ଜଣେ ବୟସ୍କ ବ୍ୟକ୍ତି ହୋଇଥିବେ ବୋଲି ସେ ଭାବି ନେଇଥିଲେ। ଆମେ ବସିଥିବା ରୁମ୍ ଭିତରକୁ ଆସିବା ପରେ ସଙ୍ଗୀତ ନିର୍ଦ୍ଦେଶକ ପାଳିତଙ୍କୁ ଅରୁଣ ମନ୍ତ୍ରୀ କାହାନ୍ତି ବୋଲି ଟନ ବାବୁ ପଚାରିଥିଲେ। ପାଳିତ ସାର୍ ମୋ ଆଡକୁ ଅଙ୍ଗୁଳି ବଢ଼ାଇ ଦେଇଥିଲେ। ହେଲେ ଗୋଟେ ଯୁବକ ଏତେ ସବୁ ହିଟ୍ ଗୀତ ଲେଖୁଛି ବୋଲି ଟନ ବାବୁଙ୍କର ବିଶ୍ୱାସ ହେଲାନି। ଏପରିକି ସେ ଏ କଥା ଶୁଣି ହସିଥିଲେ ଓ ଡୁପ୍ଲିକେଟ ଅରୁଣ ମନ୍ତ୍ରୀଙ୍କୁ ଧରି ଆଣିଛ ବୋଲି କହିଥିଲେ। ହେଲେ ନିର୍ଦ୍ଦେଶକ ପାଳିତ କହିଥିଲେ, କିଛି ସମୟ ଅପେକ୍ଷା କର। ସେ କିଛି ଗୀତ ଲେଖି ସାରିବା ପରେ ତୁମର ଆପେଆପେ ବିଶ୍ୱାସ ହୋଇଯିବ ଯେ, ସେ ଅରିଜିନାଲ ନା ଡୁପ୍ଲିକେଟ ଅରୁଣ ମନ୍ତ୍ରୀ। ଯାତ୍ରାର ୪ଟି ଯାକ ଗୀତ ଲେଖିବା ପରେ ଯେତେବେଳେ ପାଳିତ ସାର୍ ସେସବୁ ଗୀତ ଶୁଣାଇଥିଲେ ସେତେବେଳେ ଟନବାବୁ ଖୁସିରେ ମୋତେ କୁଣ୍ଢାଇ ପକାଇଥିଲେ। ଏହା ପରଠାରୁ ନିୟତି ଗଣନାଟ୍ୟ ଥିବା ଯାଏ ସମସ୍ତ ଯାତ୍ରାର ଗୀତ ଲେଖିବା ଦାୟିତ୍ୱ ମୋତେ ମିଳିଥିଲା।

–କୁମାରଶ୍ରୀ

# ଆଉ ଥରେ ଜନ୍ମ ହେଲେ ଜଣେ ଦରଦୀ ଚିକିତ୍ସକ ହେବି



**ଡାକ୍ତର ଦୀନବନ୍ଧୁ ସାହୁଙ୍କ ଜନ୍ମ ଅନୁଗୋଳ ଜିଲା ଛେଣ୍ଡିପଦାରେ। ସେ ଏକାଧାରରେ ଜଣେ ଚିତ୍ରଶିଳ୍ପୀ, କବି, ଅଭିନେତା ଓ ବେହେଲା ବାଦକ। ପ୍ରାଚୀନ ଓଡ଼ିଆ ସାହିତ୍ୟ ଉପରେ ଗବେଷଣା ପ୍ରତି ରୁଚି ରଖୁଥିବା ଦୀନବନ୍ଧୁ ପାଲା ପରିବେଷଣ କରିବାକୁ ଭଲ ପାଆନ୍ତି। କଳାହାଣ୍ଡି ଜିଲା ସରକାରୀ ମୁଖ୍ୟ ଚିକିତ୍ସାଳୟ ଭବାନୀପାଟଣାରେ ଅବସ୍ଥାପିତ ଏହି ଭେଷଜ ବିଶେଷଜ୍ଞଙ୍କ ନିଜକଥା ସମ୍ପର୍କରେ...**


ଦୀନବନ୍ଧୁ ସାହୁ

## ନିଜ କଥା

**ସକାଳ କେମିତି ଆରମ୍ଭ ହୁଏ ?**

▶ ସକାଳ ପ୍ରାୟ ୬ଟା ପୂର୍ବରୁ ଶଯ୍ୟାତ୍ୟାଗ କରେ। ନିତ୍ୟକର୍ମ ସରିବା ପରେ କିଛି ସମୟ ପ୍ରାତଃ ଭ୍ରମଣ ଏବଂ ଶାରୀରିକ ବ୍ୟାୟାମ କରେ। ସକାଳ ୮ଟାରୁ ବୃତ୍ତିଗତ ଜୀବନ ଆରମ୍ଭ ହୋଇଯାଏ।

**କେଉଁ ଖାଦ୍ୟରେ ରୁଚି ରଖନ୍ତି ?**

▶ ଆଳୁ, ବାଇଗଣ, ଟମାଟୋ ପୋଡା, ବଡିଚୁରା ସହିତ ଦହି ପଖାଳ ମୋର ଅତି ପ୍ରିୟ।

**ପ୍ରଥମ ଦରମା କ'ଣ କରିଥିଲେ ?**

▶ ନବରଙ୍ଗପୁର ଜିଲା ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମୋର ଡାକ୍ତରୀ ଚାକିରି ଆରମ୍ଭ ହୋଇଥିଲା। ପ୍ରଥମ ଦରମା ୪୦୪୨ ଟଙ୍କା ପାଇଥିଲି। ପିଲାଦିନରୁ ବେହେଲା ବାଦନ ପ୍ରତି ମୋର ଦୁର୍ବଳତା ଥିଲା। ମୁଁ ରାୟପୁରରୁ ସେହି ଟଙ୍କାରେ ବେହେଲା କିଣିଥିଲି , ଯାହା ଆଜି ଯାଏଁ ମୋର ସୁଖଦୁଃଖର ସାଥୀ ହୋଇ ରହିଛି।

**ସିନେମା ଦେଖନ୍ତି କି ?**

▶ ହଁ, ତୃତୀୟ ଶ୍ରେଣୀରେ ପଢ଼ିବା ବେଳେ ବାପାଙ୍କ ସହ ଏକ ହିନ୍ଦୀ ସିନେମା ଦେଖିବାକୁ ସୁଯୋଗ ପାଇଥିଲି। କଳାତ୍ମକ, ଉଚ୍ଚମୂଲ୍ୟବୋଧଭିତ୍ତିକ ସିନେମା ମୋତେ ଭଲ ଲାଗେ।

**କେଉଁ କାମରେ ଆଗ୍ରହ ରହିଛି ?**

▶ ଡାକ୍ତରୀ ବୃତ୍ତିକୁ ବାଦ୍ ଦେଲେ ଚିତ୍ର ଆଙ୍କିବା, ଅଭିନୟ, ସାହିତ୍ୟ , ବହୁବିଧ ସ୍ୱରାନୁକରଣ, ବେହେଲା ବାଦନ ଆଦି ପ୍ରତି ମୋର ଆଗ୍ରହ ଓ ରୁଚି ରହିଛି।

**କେଉଁ ରଙ୍ଗ ପସନ୍ଦ କରନ୍ତି?**

▶ ଜଣେ ଚିତ୍ରଶିଳ୍ପୀ ଭାବେ ସବୁ ରଙ୍ଗ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ। ଆବଶ୍ୟକ ତଥା ସ୍ଥଳ ଓ ପ୍ରସଙ୍ଗ ବିଶେଷରେ ପ୍ରତିଟି ରଙ୍ଗର ମହତ୍ତ୍ୱ ଭିନ୍ନ ଭିନ୍ନ। ତେବେ ସବୁଜ ରଙ୍ଗ ମୋର ପ୍ରିୟ।

**ପତ୍ନୀଙ୍କର କେଉଁ ଗୁଣ ଭଲ ଲାଗେ ?**

▶ ମୋ ପତ୍ନୀ ନିବେଦିତା ଜଣେ ଚକ୍ଷୁ ବିଶେଷଜ୍ଞା। ଅପେକ୍ଷାକୃତ ସେ ମୋ ଠାରୁ ଟିକିଏ ଅଧିକ ବାସ୍ତବବାଦୀ। ତାଙ୍କର ସ୍ପଷ୍ଟବାଦିତା, ନିର୍ଭୀକତା, ପରିବାର ପ୍ରତି ତ୍ୟାଗ ଓ ସ୍ନେହ ମନୋଭାବ ମୋତେ ଅତି ଭଲ ଲାଗେ।

**ଜୀବନର କିଛି ଅଭୁଲା ସ୍ମୃତି ?**

▶ ୨୦୧୪ ମସିହାରେ ଶ୍ରୀକ୍ଷେତ୍ରରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଏବଂ ଲଳିତ କଳା ଏକାଡେମୀର ମିଳିତ ସହଯୋଗରେ ଆୟୋଜିତ ନୀଳଚକ୍ରର ଶୀର୍ଷକ ସର୍ବଭାରତୀୟ ଚିତ୍ରକଳା ଶିବିରରେ ଅଂଶଗ୍ରହଣ ମୋ ଜୀବନର ଏକ ଅଭୁଲାସ୍ମୃତି। ଚିତ୍ରଶିଳ୍ପୀ ବୁଝା ପ୍ରସାଦ ଦାସ, ଯତୀନ ଦାସ, ରାମଚନ୍ଦ୍ର ଜେବୀ ପ୍ରମୁଖ ଶିଳ୍ପୀଙ୍କ ସହ ଏକାଠି ହେବାର ଏକ ଅପ୍ରତ୍ୟାଶିତ ସୌଭାଗ୍ୟ ଥିଲା।

**ଆଉ ଜନ୍ମରେ କ'ଣ ହେବାକୁ ଚାହାନ୍ତି ?**

▶ କଷ୍ଟସାଧ୍ୟ ହେଲେ ବି ଡାକ୍ତରୀ ବୃତ୍ତି ମହନୀୟ। ମାନବ ସେବା ହିଁ ମାଧବ ସେବା। ଆଉ ଥରେ ଜନ୍ମ ହେଲେ ଜଣେ ଦକ୍ଷ, ଦରଦୀ, ମାନବବାଦୀ ଚିକିତ୍ସକ ହେବାକୁ ଚାହୁଁଛି।

–ସଞ୍ଜୀବ କୁମାର ଯୋଷୀ



# କଟି ମିର୍ଚି କା ମୁର୍ଗ

**ପୁରୀକୁ ପ୍ରତିଦିନ ଦେଶ ବିଦେଶର ପର୍ଯ୍ୟଟକ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରାଯାଏ। ତେବେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ କେତେକ ହୋଟେଲ ସର୍ବଦା ସେମାନଙ୍କ ଡିସ୍ ପରିବର୍ତ୍ତନ କରିଥାନ୍ତି। ସିଟି ରୋଡରେ ଥିବା ପ୍ରମୋଦ କନ୍‌ଭେନସନ ଆଣ୍ଡ୍ ବିଚ୍ ରିସର୍ଟରେ ଉଭୟ ଆମିଷ ଏବଂ ନିରାମିଷ ଖାଦ୍ୟ ଗ୍ରାହକଙ୍କୁ ପରଷା ଯାଇଥାଏ। ଏହାର ଅନ୍ୟତମ ଚାହିଦାଯୁକ୍ତ ଡିସ୍ କଟି ମିର୍ଚି କା ମୁର୍ଗର ପ୍ଲେଟ୍ ଦାମ୍ ୩୨୦ ଟଙ୍କା। କଟି ମିର୍ଚି କା ମୁର୍ଗର ପ୍ରସ୍ତୁତି ସମ୍ପର୍କରେ ପ୍ରମୋଦ କନ୍‌ଭେନସନ ବିଚ୍ ରିସର୍ଟର ମୁଖ୍ୟ ଶେଫ୍ ହିକ୍‌ମତ୍ ଖାନ୍ କହନ୍ତି...**

## ଆବଶ୍ୟକ ସାମଗ୍ରୀ

- ଚିକେନ: ୩୦୦ଗ୍ରାମ୍
- କଟା ପିଆଜ: ୩୦ଗ୍ରାମ୍
- କଟା ଟମାଟୋ: ୩୦ଗ୍ରାମ୍
- କାଜୁ ପେଷ୍ଟ: ୫୦ଗ୍ରାମ୍
- ଅଦା ପେଷ୍ଟ: ୨୦ଗ୍ରାମ୍
- ରସୁଣ ପେଷ୍ଟ: ୨୦ଗ୍ରାମ୍
- ରିଫାଇନ ତେଲ: ୬୦ଗ୍ରାମ୍
- ଦେଶୀଘିଅ: ୨୦ଗ୍ରାମ୍
- ଅମୁଲ କ୍ରିମ୍: ୨୦ଗ୍ରାମ୍
- ହଳଦୀ ପାଉଡ଼ର: ୧୦ଗ୍ରାମ୍
- ଲଙ୍କା ପାଉଡ଼ର: ୧୦ଗ୍ରାମ୍
- ଧନିଆପତ୍ର: ୧୫ ଗ୍ରାମ୍
- ପୋଦିନା ପତ୍ର: ୧୫ଗ୍ରାମ୍
- କଞ୍ଚାଲଙ୍କା: ୧୦ଟା
- ଗରମ ମସଲା: ୫ଗ୍ରାମ୍
- ସ୍ୱାଦ ଅନୁଯାୟୀ ଲୁଣ

ରିପୋର୍ଟ: ହେମନ୍ତ ନାୟକ




## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନକୁ ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ନିଆଁରେ କଡାଇ ବସାଇ ରିଫାଇନ ତେଲ ପକାନ୍ତୁ। ତେଲ ଗରମ ହୋଇଗଲା ପରେ ସେଥିରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ରଙ୍ଗ ବ୍ରାଉନ ହୋଇଗଲେ ସେଥିରେ ଅଦା, ରସୁଣ ପେଷ୍ଟ ପକାଇ ୧୦ ମିନିଟ୍ କଷିବା ପରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ ଓ କଟା ଟମାଟୋ ପକାନ୍ତୁ। ମସଲାରୁ ତେଲ ଛାଡିଗଲା ପରେ କାଜୁପେଷ୍ଟ ପକାଇ ଏହାର ୧୦ ମିନିଟ୍ ପରେ ଚିକେନ ପକାନ୍ତୁ ଓ ଭଲ ଭାବେ କଷି ଘୋଡାଇ ଦିଅନ୍ତୁ। ୧୫ ରୁ ୨୦ ମିନିଟ୍ ପରେ ଘୋଡଣୀ ଖୋଲି ସେଥିରେ ପୂର୍ବରୁ ଛେଚା ହୋଇଥିବା ଧନିଆପତ୍ର, ପୋଦିନାପତ୍ର ଓ କଞ୍ଚାଲଙ୍କା ପକାଇ ଗୋଳାନ୍ତୁ। ଏହାପରେ ସ୍ୱାଦ ଅନୁଯାୟୀ ଲୁଣ ଏବଂ ଗରମ ମସଲା ପକାନ୍ତୁ। ଶେଷରେ ଏହା ଉପରେ ଅମୁଲ କ୍ରିମ୍ ଓ ଦେଶୀ ଘିଅ ପକାଇ ତଳକୁ ଓହ୍ଲାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା କଟି ମିର୍ଚି କା ମୁର୍ଗ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfi/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com


ଦେବପ୍ରସାଦ


ଭବେଶ


ବନିତା


ସୁଦର୍ଶନ


ମାନସ


ଗୌରୀପ୍ରସାଦ


ସନ୍ତୋଷ


ନିରଞ୍ଜନ


ରଞ୍ଜନ

Dollar 70.89 ↑ 8 | Sensex ↓ 286.35 36,690.50 | Nifty ↓ 92.75 10,855.50 | Gold ↑ ₹1113 37,920.00 | Silver ↑ ₹650 43,670.00



“ ଦେଶ ନିର୍ମାଣରେ ସହାୟତା ପ୍ରଦାନ କରୁଥିବା ଅଦାନୀ ଗ୍ରୁପ୍‌ର ଫଳାଫଳ ଉତ୍ସାହଜନକ। କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଉଥିବା ପ୍ରତ୍ୟେକ ପଦକ୍ଷେପକୁ ଏହା ସହଯୋଗ କରୁଛି।

– ଗୌତମ ଅଦାନୀ, ଅଧ୍ୟକ୍ଷ, ଅଦାନୀ ଗ୍ରୁପ୍



“ ଷ୍ଟିଲ ସେକ୍ଟର ଏବେ ମାନ୍ଦାବସ୍ଥାର ଶିକାର ହୋଇଛି। ଏହା ଟାଟା ଷ୍ଟିଲ୍‌ର ପ୍ରଦର୍ଶନକୁ ପ୍ରଭାବିତ କରିଛି। ତଥାପି କମ୍ପାନୀ ଆଶାଜନକ ଭାବେ ନିଜର ବ୍ୟବସାୟ ବଜାୟ ରଖିଛି।

– ଟି.ଭି.ନରେନ୍ଦ୍ରନ, ଟାଟା ଷ୍ଟିଲ୍ ସିଇଓ ତଥା ଏମ୍‌ଡି

## ସଂକ୍ଷେପରେ

### ଏସ୍‌ବିଆଇ ଋଣ ସୁଧ ହାର ହ୍ରାସ

**ନୂଆଦିଲ୍ଲୀ,୭-୮:** ଦେଶର ସର୍ବବୃହତ ବ୍ୟାଙ୍କ ଏସ୍‌ବିଆଇ ବୁଧବାର ଋଣ ଉପରେ ସୁଧ ହାର ୦.୧୫% ହ୍ରାସ ଘୋଷଣା କରିଛି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ରେପୋ ରେଟକୁ ୦.୩୫% ହ୍ରାସ କରାଯିବା ପରେ ଏସ୍‌ବିଆଇର ଗୃହ ଓ ଅଟୋ ଋଣ ଉପରେ ସୁଧ ହାର କମାଇଛି। ଅଗଷ୍ଟ ୧୦ରୁ ଏହା ଲାଗୁ ହେବ। ଏସ୍‌ବିଆଇ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଏମ୍‌ସିଏଲ୍‌ଆର୍ ସୁଧ ହାର ୮.୪୦ରୁ ୮.୨୫ % ରହିବ। ଏହି ସୁଧ ହାର ହ୍ରାସ ଯୋଗୁ ରେପୋ ରେଟ ଆଧାରିତ ସୁଧ ହାର ସେପ୍ଟେମ୍ବର ୯ରୁ କ୍ୟାଶ କ୍ରେଡିଟ ଆକାଉଣ୍ଟ/ଓଭରଡ୍ରାଫ୍ଟ ଗ୍ରାହକଙ୍କ ଲାଗି ସୁଧ ହାର ୭.୬୫ ପ୍ରତିଶତ ରହିବ। ଏହି ସୁଧ ହାର ହ୍ରାସ ଯୋଗୁ ବ୍ୟାଙ୍କର ଗୃହ ଋଣ ଏପ୍ରିଲ ପରେ ୦.୩୫% ଶସ୍ତା ହୋଇଯିବ।

### ଡିସେମ୍ବରରୁ ୨୪ଘଣ୍ଟା ମିଳିବ ଏନ୍‌ଇଏଫ୍‌ଟି ସୁବିଧା

**ନୂଆଦିଲ୍ଲୀ,୭-୮:** ଭାରତୀୟ ରିଜର୍ଭ ବ୍ୟାଙ୍କ ବୁଧବାର ଜନସାଧାରଣଙ୍କ ପାଇଁ ଏକ ବଡ଼ ସୁବିଧା ଘୋଷଣା କରିଛି। ମୁଦ୍ରାନୀତି କମିଟି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଡିସେମ୍ବରରୁ ନ୍ୟାଶନାଲ ଇଲେକ୍ଟ୍ରୋନିକ ଫଣ୍ଡ ଟ୍ରାନ୍ସଫର(ଏନ୍‌ଇଏଫ୍‌ଟି) ୨୪ ଘଣ୍ଟା ବ୍ୟବହାର କରାଯାଇ ଫଣ୍ଡ ଟ୍ରାନ୍ସଫର କରାଯାଇପାରିବ। ବର୍ତ୍ତମାନ ଏହି ସେବା ମାସର ଦ୍ୱିତୀୟ ଓ ଚତୁର୍ଥ ଶନିବାରକୁ ଛାଡ଼ିଦେଲେ ପ୍ରତ୍ୟେକ କାର୍ଯ୍ୟଦିବସରେ ସକାଳ ୮ରୁ ରାତି ୭ ଯାଏ ଉପଲବ୍ଧ ହେଉଛି। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି ଯେ, ଡିସେମ୍ବରରୁ ୨୪x୭ ଏନ୍‌ଇଏଫ୍‌ଟି ଉପଲବ୍ଧ ହେବ। ଏହା ଜରିଆରେ ରିଟେଲ ପେମେଣ୍ଟ ସିଷ୍ଟମରେ କ୍ରାନ୍ତି ଆସିବ। ଏନ୍‌ଇଏଫ୍‌ଟି ଜରିଆରେ ଜଣେ ବ୍ୟାଙ୍କ ଗ୍ରାହକ ଦେଶର ଯେକୌଣସି ସ୍ଥାନରୁ ଗୋଟିଏ ବ୍ୟାଙ୍କରୁ ଅନ୍ୟ ବ୍ୟାଙ୍କକୁ ଟଙ୍କା ପଠାଇପାରୁଛି। ଗତଥର ଆର୍‌ବିଆଇ ଆର୍‌ଟିଜିଏସ୍(ରିୟଲ ଟାଇମ ଗ୍ରସ୍ ସେଟେଲମେଣ୍ଟ) ଏବଂ ଏନ୍‌ଇଏଫ୍‌ଟି ଜରିଆରେ ଟଙ୍କା ପଠାଇବାକୁ ଶୁଳ୍କମୁକ୍ତ ଘୋଷଣା କରିଥିଲା। ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ, ଏହା ପ୍ରିପେଡ୍ ରିଚାର୍ଜକୁ ଛାଡ଼ି ଅନ୍ୟ ସମସ୍ତ ପ୍ରକାର ବିଲ୍ ପ୍ରଦାନକୁ ଭାରତ ବିଲ୍ ପେମେଣ୍ଟ ସିଷ୍ଟମ(ବିବିପିଏସ୍) ଅଧୀନକୁ ଅଣାଯିବ। ବର୍ତ୍ତମାନ ବିବିପିଏସ୍ ମାଧ୍ୟମରେ ଡିଟିଏଚ୍, ବିଦ୍ୟୁତ୍, ଗ୍ୟାସ୍, ଟେଲିକମ ଓ ପାଣି ବିଲ୍ ପ୍ରଦାନ କରାଯାଇପାରୁଛି।

# ଜିଡିପି ଅନୁମାନ ହ୍ରାସ କଲା ଆର୍‌ବିଆଇ



**ମୁମ୍ବାଇ,୭-୮**

ଦେଶର ଅର୍ଥନୀତିକୁ ମାନ୍ଦାବସ୍ଥା ଘାରିଛି ବୋଲି ସ୍ୱୀକାର କରି ରିଜର୍ଭ ବ୍ୟାଙ୍କ ଜିଡିପି ଅନୁମାନକୁ ହ୍ରାସ କରିଛି। ଚଳିତ ଆର୍ଥିକ ବର୍ଷରେ ଦେଶର ଜିଡିପି ୬.୯ ପ୍ରତିଶତ ରହିବ ବୋଲି ଆର୍‌ବିଆଇ ଅନୁମାନ କରିଛି।

ଏମ୍‌ପିସି ବୈଠକ ଶେଷରେ ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ, ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ଜିଡିପି ଅଭିବୃଦ୍ଧି ୫.୮ରୁ ୬.୬ ପ୍ରତିଶତ ଏବଂ ଦ୍ୱିତୀୟାର୍ଦ୍ଧରେ ଏହା ୭.୩ରୁ ୭.୫ ପ୍ରତିଶତ ମଧ୍ୟରେ ରହିବାର ସମ୍ଭାବନା ରହିଛି। ବିଭିନ୍ନ କାରଣରୁ ଏହା ନିମ୍ନଗାମୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଜାରି ବିବୃତିରେ କୁହାଯାଇଛି। ଏଥିପୂର୍ବରୁ ଜୁନ୍ ବୈଠକରେ ରିଜର୍ଭ ବ୍ୟାଙ୍କ ଦେଶର ଜିଡିପି ଅଭିବୃଦ୍ଧି ହାର ୭.୨ ପ୍ରତିଶତରୁ ୭ ପ୍ରତିଶତକୁ ହ୍ରାସ କରିଥିଲା। ଏମ୍‌ପିସି ପକ୍ଷରୁ କୁହାଯାଇଛି ଯେ, ଅଗଷ୍ଟ ପ୍ରଥମ ସପ୍ତାହ ସୁଦ୍ଧା ମୌସୁମୀ ବର୍ଷା ହାରହାରି ୬ ପ୍ରତିଶତ କମ ହୋଇଛି। ଏହି କାରଣରୁ ଖରିଫ ଫସଲ ବୁଣାବୁଣି ଗତବର୍ଷ ତୁଳନାରେ ୬.୬% କମ ହୋଇଛି। ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ, ମାନୁଫାକ୍ଚରିଂ ଓ ମାଇନିଂରେ ଉତ୍ପାଦନ ହ୍ରାସ କାରଣରୁ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ(ଆଇଆଇପି) କମିଛି। କ୍ୟାପିଟାଲ ଗୁଡ୍ସ ଓ କଞ୍ଜ୍ୟୁମର ଡ୍ୟୁରେବଲ୍ ଉତ୍ପାଦନ ହ୍ରାସ ପାଇଛି। ତେବେ କଞ୍ଜ୍ୟୁମର ନନ୍ ଡ୍ୟୁରେବଲ୍ ଉତ୍ପାଦନ ବଢ଼ିଛି। ସର୍ଭିସ ସେକ୍ଟରରେ ମେ-ଜୁନ୍‌ରେ ମିଶ୍ରିତ ପ୍ରଭାବ ଦେଖିବାକୁ ମିଳିଛି। ଗାଡ଼ି ବିକ୍ରି କମିବା କାରଣରୁ ଅଟୋ ସେକ୍ଟରରେ ମାନ୍ଦାବସ୍ଥା ଦେଖାଯିବା ଚିନ୍ତାଜନକ। ସହରରେ କାର୍, ଗ୍ରାମାଞ୍ଚଳରେ ଟ୍ରାକ୍ଟର ଓ ବାଇକ ବିକ୍ରି କମିବାରେ ଲାଗିଛି।

**ବ୍ୟାଙ୍କ ଦେଇଛନ୍ତି ୨୯% ଫାଇଦା**

ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି ଯେ, କେନ୍ଦ୍ରୀୟ ବ୍ୟାଙ୍କ ତିନି ଥରରେ ୦.୭୫ ପ୍ରତିଶତ ରେପୋ ରେଟ୍ ହ୍ରାସ କରିଥିବା ବେଳେ ବ୍ୟାଙ୍କଗୁଡ଼ିକ ଏହାର ସମ୍ପୂର୍ଣ୍ଣ ଫାଇଦା ଗ୍ରାହକଙ୍କୁ ଦେଇନାହାନ୍ତି। ସେମାନେ ଅଦ୍ୟାବଧି ମାତ୍ର ୨୯ ପ୍ରତିଶତ ଲାଭ ଦେଇଛନ୍ତି। ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କୁ ପୂରା ଫାଇଦା ଦେବାକୁ ଦାସ ଆହ୍ୱାନ ଦେଇଛନ୍ତି। ଶସ୍ତା ଋଣ ନିବେଶ ବଢ଼ାଇବା ଏବଂ ଅର୍ଥନୀତି ଅଭିବୃଦ୍ଧିରେ ସହାୟତା କରିପାରିବ। ତେବେ ବ୍ୟାଙ୍କଗୁଡ଼ିକ କେତେ ପରିମାଣରେ ଫାଇଦା ଗ୍ରାହକଙ୍କୁ ଦେବାକୁ ଚାହୁଁଛନ୍ତି, ତାହା ସେମାନଙ୍କ ଉପରେ ନିର୍ଭର କରିବ ବୋଲି ଦାସ ସ୍ପଷ୍ଟ କରିଛନ୍ତି।

### କମିବ ଇଏମ୍‌ଆଇ

ଆର୍‌ବିଆଇ ପକ୍ଷରୁ ରେପୋ ରେଟ ହ୍ରାସ କରାଯିବା ପରେ ସମସ୍ତ ପ୍ରକାର ଋଣ ଉପରେ ଏହାର ସିଧାସଳଖ ପ୍ରଭାବ ପଡିବ। କାରଣ ବ୍ୟାଙ୍କ ପକ୍ଷରୁ ଋଣ ଉପରେ ସୁଧ ହାର ହ୍ରାସ କରିବାକୁ ବାଧ୍ୟ ରହିବେ। ତେବେ ସବୁ ବ୍ୟାଙ୍କ ଏହି ଲାଭ ଗ୍ରାହକଙ୍କୁ ସମ୍ପୂର୍ଣ୍ଣ ରୂପେ ଦେଇନାହାନ୍ତି ବୋଲି ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। ସୁଧ ହାର ହ୍ରାସ ହେଲେ ଗୃହ, କାର୍, ପାଠପଢ଼ା ଋଣ ସମେତ ସମସ୍ତ ପ୍ରକାର ଋଣ ସୁଧ ହାର(ଇଏମ୍‌ଆଇ) ଶସ୍ତା ହୋଇଯିବ। କାରଣ ବ୍ୟାଙ୍କଗୁଡ଼ିକର ମାର୍ଜିନାଲ କଷ୍ଟ ବେଷ୍ଟଡ ଲେଣ୍ଡିଂ ରେଟ୍(ଏମ୍‌ସିଏଲ୍‌ଆର୍) କମିଯିବ। ଗଭର୍ନର ଦାସ କହିଛନ୍ତି ଯେ, ଟ୍ରେଡ ୱାର୍, ବିଶ୍ୱ ଆର୍ଥିକ କ୍ଷେତ୍ରରେ ଧିମାପଣର ପ୍ରଭାବ ଭାରତର ଅର୍ଥନୀତି ଉପରେ ପଡିବା ଆରମ୍ଭ ହୋଇଛି। ଦେଶରେ ନିର୍ମାଣ ଶିଳ୍ପ ଧିମା ହୋଇଥିଲେ ସୁଦ୍ଧା ଖାଦ୍ୟ ତଥା ତୈଳକୁ ଛାଡ଼ି ଦେଲେ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଛି ବୋଲି ସେ କହିଛନ୍ତି। ମାନ୍ଦାବସ୍ଥାରୁ ବାହାରିବାକୁ ହେଲେ ଘରୋଇ ନିବେଶ, ଚାହିଦା ବୃଦ୍ଧିକୁ ପ୍ରାଥମିକତା ଦେବାକୁ ହେବ। ଏହାଛଡ଼ା ଏମ୍‌ଏମ୍‌ଏମ୍‌ଇଙ୍କ ଲାଗି ଋଣ ସୀମାକୁ ୧୫ରୁ ୨୦ ପ୍ରତିଶତକୁ ବୃଦ୍ଧି କରାଯିବା ଆବଶ୍ୟକ। ନିବେଶ ବୃଦ୍ଧି ଲାଗି ଏମ୍‌ଏସ୍‌ଏମ୍‌ଇଙ୍କ ଲାଗି ୨୦ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ଋଣ ପ୍ରଦାନ କରିବାକୁ ପ୍ରାଥମିକତା ଦେବାକୁ ହେବ ବୋଲି ସେ କହିଛନ୍ତି।

### ଖୁଚୁରା ମୁଦ୍ରାସ୍ଫୀତି ଅନୁମାନ ହ୍ରାସ

ରିଜର୍ଭ ବ୍ୟାଙ୍କ ଆର୍ଥିକ ବର୍ଷ ୨୦୨୦ର ପ୍ରଥମ ୬ ମାସ ଲାଗି ଖୁଚୁରା ମୁଦ୍ରାସ୍ଫୀତି ୩.୫ରୁ ୩.୭ ପ୍ରତିଶତ ରହିବ ବୋଲି ଅନୁମାନ କରିଥିବା ବେଳେ ଦ୍ୱିତୀୟ ୬ ମାସରେ ଏହା ୩.୧% ରହିବ ବୋଲି କହିଛି।

### ଜମ୍ମୁ-କଶ୍ମୀରକୁ ମିଳିବ ୧ ଲକ୍ଷ କୋଟିର ପ୍ୟାକେଜ

**ନୂଆଦିଲ୍ଲୀ,୭-୮:** କେନ୍ଦ୍ର ସରକାର ପାର୍ଲାମେଣ୍ଟ ଜରିଆରେ ଅନୁଚ୍ଛେଦ ୩୭୦କୁ ପ୍ରତ୍ୟାହାର କରିନେବା ପରେ ଜମ୍ମୁ-କଶ୍ମୀର ଓ ଲଦାଖକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିବର୍ତ୍ତନ କରିଛନ୍ତି। ତେବେ ଏହି ଦୁଇ ଅଞ୍ଚଳକୁ ୧ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଦେଇ ଆର୍ଥିକ ଦୃଷ୍ଟିରୁ ଶକ୍ତିଶାଳୀ କରିବା ଲାଗି ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୁବ୍‌ଶୀଘ୍ର ଘୋଷଣା କରିବେ।

### ସୁନା ଦର ୩୮ ହଜାର ନିକଟବର୍ତ୍ତୀ

**ନୂଆଦିଲ୍ଲୀ,୭-୮:** ଅନ୍ତର୍ଜାତୀୟ ଓ ଘରୋଇ ବଜାରରେ ସକାରାତ୍ମକ ସଙ୍କେତ କାରଣରୁ ଦେଶର ସର୍ରାଫା ବଜାରରେ ବୁଧବାର ସୁନା ଦର ଆକାଶଛୁଆଁ ହୋଇଛି। ଘରୋଇ ବଜାରରେ ସୁନା ଦର ପ୍ରତି ୧୦ ଗ୍ରାମ ୩୮ ହଜାର ଟଙ୍କା ନିକଟବର୍ତ୍ତୀ ହୋଇଛି। ଏହା ୧,୧୧୩ ଟଙ୍କା ବୃଦ୍ଧି ପାଇ ୩୭,୯୨୦ ଟଙ୍କାରେ ପହଞ୍ଚି ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି। ସେହିପରି ରୁପା ଦର ୬୫୦ ଟଙ୍କା କେଜି ପ୍ରତି ବଢ଼ି ୪୩,୬୭୦ ଟଙ୍କା ହୋଇଛି।

### କେନ୍ଦ୍ରକୁ ପ୍ୟାକେଜ ମାଗିଲା ଅଟୋ ଉଦ୍ୟୋଗ

**ନୂଆଦିଲ୍ଲୀ,୭-୮:** ଦେଶର ଅଟୋ ସେକ୍ଟର ଏବେ ବଡ଼ ଦୁର୍ଦ୍ଦିନ ଦେଇ ଗତି କରୁଛି। ଅର୍ଥନୀତି ଧିମା ହେବା କାରଣରୁ ଅଟୋ ସେକ୍ଟର ଏବେ ମାନ୍ଦାବସ୍ଥାର ସମ୍ମୁଖୀନ ହୋଇଛି। ଏଥିରୁ ବର୍ତ୍ତିବା ପାଇଁ ପ୍ରମୁଖ ଅଟୋ ନିର୍ମାତା ମୁଖ୍ୟ ବୁଧବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଭେଟିଛନ୍ତି। ଉଦ୍ୟୋଗର ବିକାଶ ଲାଗି ସରକାର ଏକ ପ୍ୟାକେଜ ଦେବାକୁ ସେମାନେ ଦାବି କରିଛନ୍ତି। ମାରୁତି ସୁଜୁକି ପକ୍ଷରୁ ଏହାର ଅଧ୍ୟକ୍ଷ ଆର୍.ସି.ଭାର୍ଗବ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପକ୍ଷରୁ ଏହାର ପ୍ରେସିଡେଣ୍ଟ(ଅଟୋମୋଟିଭ ସେକ୍ଟର) ରଞ୍ଜନ ୱାଧେରା ପ୍ରମୁଖ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଭେଟିଥିଲେ।

# ରାମଜୀ ଏଣ୍ଟରପ୍ରାଇଜେସ୍ ପକ୍ଷରୁ ମେଗା ସୁ କାର୍ନିଭାଲ




**ଭୁବନେଶ୍ୱର,୭-୮(ବ୍ୟୁରୋ)**

- ଯୋଗ ଦେଲେ ୧୧୦ ଡିଲର
- ୧୪ ଜାତୀୟ-ଅନ୍ତର୍ଜାତୀୟ ବ୍ରାଣ୍ଡ ସାମିଲ

ଜାତୀୟ ତଥା ଅନ୍ତର୍ଜାତୀୟ ବ୍ରାଣ୍ଡ ସୁ’ର ସୁପର ଷ୍ଟକିଷ୍ଟ ରାମଜୀ ଏଣ୍ଟରପ୍ରାଇଜେସ ପକ୍ଷରୁ ‘ମେଗା ସୁ କାର୍ନିଭାଲ’ ସ୍ଥାନୀୟ ଏକ ହୋଟେଲରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ରାମ୍‌ଜୀର ସ୍ୱତ୍ୱାଧିକାରୀ ସଞ୍ଜୟ ଲୋହିଆ ଉଦଘାଟନ କରିଥିଲେ। ଏଠାରେ ରାଜ୍ୟ ମଧ୍ୟରୁ ୧୧୦ ଡିଲର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ହିଲିୟସ, ସୋଲଥ୍ରେଡ, ନାଇକ୍,ସ୍କେଚର୍ସ, ଲିକୁପର, ଟ୍ରେସର, ଲିବର୍ଟି, ଏରୋକ୍ଲବ, ଡ୍ୟୁକ୍, ୱେଲକମ୍, ହିଟ୍‌ଜୀ, ଆଇଡି, ୧୩ ରିଜନ୍ସ, ଉଡ୍‌ଲ୍ୟାଣ୍ଡ, ରେଡ୍‌ଚିଫ ଭଳି ବ୍ରାଣ୍ଡ ଅଂଶଗ୍ରହଣ କରିଥିଲେ। ଗୋଟିଏ ଛାତତଳେ ଜାତୀୟ ତଥା ଅନ୍ତର୍ଜାତୀୟ ବ୍ରାଣ୍ଡଗୁଡିକୁ ଏକତ୍ର କରାଇ ଡିଲର ଏବଂ କମ୍ପାନୀଗୁଡିକ ମଧ୍ୟରେ ସମ୍ପର୍କକୁ ବଜଭୁତ କରିବା ଲାଗି ଏଭଳି କାର୍ଯ୍ୟକ୍ରମ ପ୍ରତିବର୍ଷ ଆୟୋଜନ କରାଯାଇଥିବା ରାମ୍‌ଜୀ ସ୍ୱତ୍ୱାଧିକାରୀ ସଞ୍ଜୟ ଲୋହିଆ କହିଛନ୍ତି। ଏଠାକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବ୍ୟବସାୟୀମାନେ ଆସି କମ୍ପାନୀଙ୍କଠାରୁ ସେମାନଙ୍କର ଆବଶ୍ୟକତା ମୁତାବକ ସାମଗ୍ରୀ ପରଖିବା ସହ ଅର୍ଡର କରିପାରୁଛନ୍ତି। ଡିଲରଙ୍କୁ ବିଭିନ୍ନ କମ୍ପାନୀ ପ୍ରତ୍ୟକ୍ଷ ଅଫର ମଧ୍ୟ ପ୍ରଦାନ କରୁଛନ୍ତି। ସେହିଭଳି ଡିଲରଙ୍କୁ ରାମ୍‌ଜୀ ପକ୍ଷରୁ ବିଭିନ୍ନ ରିହାତି ସହ ଫରେନଟ୍ରିପ୍ ସୁବିଧା କରାଯାଇଥିବା ସେ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଲିକୁପର କମ୍ପାନୀର ଆର୍‌ଏସ୍‌ଏମ୍ ସନ୍ତୋଷ ରାଉତ କହିଛନ୍ତି, ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବ୍ୟବସାୟୀଙ୍କୁ ଭେଟିବାରେ ଏଭଳି ଏକ କାର୍ଯ୍ୟକ୍ରମ ବିଶେଷ ସହାୟକ ହେଉଛି। ଏରୋକ୍ଲବ କମ୍ପାନୀର ଜାତୀୟ ସେଲ୍ସ ମୁଖ୍ୟ ବେଦ ପ୍ରକାଶ ଶର୍ମା କହିଛନ୍ତି, କମ୍ପାନୀର ପ୍ରଡକ୍ଟ ନେଇ ପ୍ରତ୍ୟକ୍ଷ ଭାବେ ଡିଲରଙ୍କ ଠାରୁ ଇନପୁଟ ଲାଭ କରୁଛୁ। ଏହା ଆଗକୁ ବିଭିନ୍ନ ପଦକ୍ଷେପ ନେବା ଦିଗରେ ସହାୟକ ହେଉଛି। ଏଥିରେ ଆଇଡି ଫୁଟୱେରର ଜିଏମ୍ ଯୋଜେଶ ଖୁଲବେ, ଡିଜିଏମ୍ ରମନ ଶର୍ମା, ୱେଲକମ୍ ଫୁଟୱେରର ଏଏସ୍‌ଏମ୍ ପ୍ରକାଶ ମିଶ୍ର, ୧୩ ରିଜନ୍ସର ଚିଫ୍ କନସଲଟାଣ୍ଟ ବିକାଶ ବାଗା,ରେଡ ଚିଫର ଏଏସ୍‌ଏମ୍ କ୍ରିଷ୍ଣା ଗୋପାଲ ସିଂ, ଓଡ଼ିଶା ଛତିଶଗଡ ଏସ୍‌ଓ ଫିରୋଜ ଓଝା, ସେଲ୍ସ ଅଫିସର ଦୀପକ ସିଂ, ଉଡଲ୍ୟାଣ୍ଡ ଏଏସ୍‌ଏମ୍ ପ୍ରତାପ କୁମାର ଦାସ, ଡ୍ୟୁକର ଏନଏସ୍‌ଏମ୍ ଶ୍ରୀ ପଙ୍କଜ, ଆର୍‌ଏସ୍‌ଏମ୍ ବ୍ରଜେଶ କୁମାର ଯାଦବ, ଏଏସ୍‌ଏମ୍ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଏରୋକ୍ଲବ ଆର୍‌ଏସ୍‌ଏମ୍ ଯଦବିନ୍ଦ ଶର୍ମା, ସ୍କେଚର୍ସ ସେଲ୍ସ ପ୍ରବନ୍ଧକ ମୋହିତ ଶର୍ମା ଉପସ୍ଥିତ ଥିଲେ।

# ରେଟିଂ ଦେଖି ବାଛନ୍ତୁ କମ୍ପାନୀ ସ୍ଥାୟୀ ଜମା

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM], CHARTERED WEALTH MANAGER
“Director, SmartFin Wealth Management Pvt. Ltd.”

‘ଧରିତ୍ରୀ’ ପକ୍ଷରୁ ‘ଅର୍ଥର ଅର୍ଥ’ ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**▶ ମୋ ବୟସ ୫୪ । ଚଳିତବର୍ଷ ଭିଆର୍‌ଏସ୍ ନେଇ ଅବସର ଗ୍ରହଣ କରିଛି। ଭାବୁଛି ମ୍ୟୁଚୁଆଲ୍ ଫଣ୍ଡରେ ୫୦ ଲକ୍ଷ ଟଙ୍କା ନିବେଶ କରି ମାସିକ ୫୦ ହଜାର ଟଙ୍କା ଆୟ କରିବି?**

**– ସଂଗ୍ରାମ ମିଶ୍ର, ବାଲୁଗାଁ**

❖ ମ୍ୟୁଚୁଆଲ୍ ଫଣ୍ଡରେ ୫୦ ଲକ୍ଷ ଟଙ୍କା ନିବେଶ କରି ୫୦ ହଜାର ଟଙ୍କା ଆୟ କରିବା, ଯାହାକି ପୂର୍ବ ଆୟକର ମାସିକ ଆୟ ହେବ। ଏହି ମାସିକ ଆୟ ପାଇବା ପାଇଁ ବାର୍ଷିକ ୧୨% ସୁଧ ହାର ରହିବା ଆବଶ୍ୟକ। ଏ କ୍ଷେତ୍ରରେ କେବଳ ଇକ୍ୟୁଟି ମ୍ୟୁଚୁଆଲ ଫଣ୍ଡ ସବୁ ଏହି ପ୍ରକାରର ଲାଭ ପ୍ରଦାନ କରିବା କ୍ଷମତା ରଖିଥାନ୍ତି। କିନ୍ତୁ ଇକ୍ୟୁଟି ମ୍ୟୁଚୁଆଲ ଫଣ୍ଡ ସବୁ ପୁଞ୍ଜି ବଜାରର ଦୋଳିୟମାନ ଅବସ୍ଥା ସହ ଜଡିତ। ଏହି କ୍ଷେତ୍ରରେ ଅଧିକ ରିସ୍କ ମଧ୍ୟ ରହିଥାଏ। ଆପଣ ନିୟମିତ ମାସିକ ଆୟ ପାଇବା ପାଇଁ ମ୍ୟୁଚୁଆଲ୍ ଫଣ୍ଡ ଡେଟ୍ ସ୍କିମ ସବୁରେ ନିବେଶ କରିପାରିବେ। ସେହିଭଳି ସିଷ୍ଟମେଟିକ ଉଇଥଡ୍ରୟାଲ ପ୍ଲାନ (ଏସ୍‌ଡବ୍ଲ୍ୟୁପି) ପସନ୍ଦ କରିପାରିବେ। ଏସ୍‌ଡବ୍ଲ୍ୟୁପି ମାଧ୍ୟମରେ ଜଣେ ନିବେଶକାରୀ ମାସିକ ଏକ ନିର୍ଦ୍ଦିଷ୍ଟ ରାଶି ଉଠାଣ କରିବାକୁ ସକ୍ଷମ ହେବେ। କିନ୍ତୁ ଏଠାରେ ଗୋଟିଏ କଥା ମନେ ରଖିବାକୁ ହେବ। ଯଦି ଆପଣଙ୍କ ମାସିକ ଉଠାଣ ରାଶି ମ୍ୟୁଚୁଆଲ ଫଣ୍ଡର ଲାଭ ପ୍ରଦାନ ରାଶି ଠାରୁ ଅଧିକ ରହିବ ତେବେ ମୂଳଧନ ରାଶି ତଳକୁ ଖସି ଆସିବ ବା କମ୍ ହୋଇଯିବ।

ଯଦି ଆପଣ କୌଣସି ନିମ୍ନ ରିସ୍କ ସ୍କିମ ସବୁ ଚୟନ କରନ୍ତି ଯଥା- ଲିକ୍ୟୁଡ ଫଣ୍ଡ କିମ୍ବା ସର୍ଟ ଟର୍ମ ଡେଟ୍ ଫଣ୍ଡ ସବୁ ତେବେ ଆପଣ ୭%ରୁ ୭.୫% ପାଖାପାଖି ଲାଭ ପ୍ରଦାନ ଆଶା କରି ପାରନ୍ତି। ଏହି ଉପାୟରେ ଏହା ଆପଣଙ୍କୁ ପ୍ରାୟ ୩୦ ହଜାର ଟଙ୍କା ମାସିକ ଉଠାଣ ସୁବିଧା ପ୍ରଦାନ କରିବ। ଏହା ଦ୍ୱାରା ଆପଣଙ୍କ ମୂଳଧନ କମ୍ ହେବାର ସମ୍ଭାବନା ମଧ୍ୟ କମ୍ ରହିଥାଏ। ଆୟକର ନିୟମକୁ ଦୃଷ୍ଟି ଦେଲେ ଜଣାଯିବ ଯେ ,କ୍ୟାପିଟାଲ ଗେନ୍ ଉପରେ ଆୟକର ପ୍ରଭାବ ରହିଥାଏ। ଅପରପକ୍ଷରେ ସମୁଦାୟ ଉଠାଣ ରାଶି ଉପରେ ଏହାର ପ୍ରଭାବ ରହିବ ନାହିଁ। ସମସ୍ତ ଦିଗକୁ ଦୃଷ୍ଟି ଦେଲେ ଜାଣି ପାରିବା ଯେ, କେତେ ଟଙ୍କା ଉଠାଣ କରିବେ ଓ ଏସ୍‌ଡବ୍ଲ୍ୟୁପି ଚୟନ କରିବା ଏହି ସବୁ ଦିଗ ଉପରେ ନିର୍ଭର କରିଥାଏ ଯଥା- ଆପଣଙ୍କ ଅନ୍ୟ ସବୁ ମାସିକ ଆୟର ଉତ୍ସ, କିଛି ବି ଋଣ ଅଛି କି, ଆୟକର ସ୍ତର ଓ ରିସ୍କ ବହନ କରିବା କ୍ଷମତା ଯାହାକି ଆପଣ ଲେଖି ନାହାନ୍ତି।

**▶ ଅବସରକାଳୀନ ପାଣ୍ଠିରୁ କିଛି ଟଙ୍କା କମ୍ପାନୀ ସ୍ଥାୟୀ ଜମା ସ୍କିମରେ ନିବେଶ କରିବାକୁ ଚାହୁଁଛି। ବ୍ୟାଙ୍କ ସୁଧହାର କମି ଗଲାଣି। କଣ ସବୁ କମ୍ପାନୀ ସ୍ଥାୟୀ ଜମା ରହିଛି ଓ ଏଥିରେ ସୁଧ ହାର କିଭଳି ରହିଛି। ଏଥିରେ ନିବେଶ କରିବା ଉଚିତ ହେବ କି?**

**– ମାଳତି ସାହୁ, ଅନୁଗୋଳ**

❖ ବ୍ୟାଙ୍କ ସ୍ଥାୟୀ ଜମା ସୁଧହାର କମି ଯାଇଛି। ଏବେ ପୁଞ୍ଜି ବଜାର ଅସ୍ଥିର ରହିଛି। ପ୍ରାୟତଃ ଅଧିକାଂଶ ନିବେଶକାରୀ କମ୍ପାନୀ ସ୍ଥାୟୀ ଜମାରେ ନିବେଶ କରିବା ଲାଗି ଇଚ୍ଛା କରୁଛନ୍ତି। ବଜାରରେ ଅନେକ କମ୍ପାନୀର ସ୍ଥାୟୀ ଜମା ରହିଛି। ଏଥି ଲାଗି କମ୍ପାନୀର ରେଟିଂ ଦେଖି ନିବେଶ କରିବା ଉଚିତ ହେବ। ବର୍ତ୍ତମାନ ବଜାରରେ ଉପଲବ୍ଧ ଥିବା ଏଲ୍‌ଆଇସି ହାଉସିଂ ଫାଇନାନ୍ସ, ପିଏନ୍‌ବି ହାଉସିଂ ଫାଇନାନ୍ସ, ଶ୍ରୀରାମ ଟ୍ରାନ୍ସପୋର୍ଟ ଫାଇନାନ୍ସ, ଶ୍ରୀରାମ ସିଟି ୟୁନିୟନ ଫାଇନାନ୍ସ, ବଜାଜ ଫାଇନାନ୍ସ, ଏଚ୍‌ଏଫ୍‌ଡିସି, ମହିନ୍ଦ୍ରା ଫାଇନାନ୍ସ, ଆଇସିଆଇସିଆଇ ହୋମ୍ ଫାଇନାନ୍ସ, ଗୃହ ଫାଇନାନ୍ସ ଏବଂ ଗୋଦରେଜ ଆଦି କମ୍ପାନୀର ସ୍ଥାୟୀ ଜମା ବଜାରରେ ଉପଲବ୍ଧ। କୌଣସି କମ୍ପାନୀର ସ୍ଥାୟୀ ଜମାରେ ନିବେଶ ପୂର୍ବରୁ କମ୍ପାନୀର ରେଟିଂ, କମ୍ପାନୀର ଆର୍ଥିକ ସ୍ଥିତି, ପରିଚାଳନା ବ୍ୟବସ୍ଥା ଭଲ ଭାବେ ବିଚାର କରି ନିବେଶ କରନ୍ତୁ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦**

No. DSPL-61

## ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା “ଏକ୍ୟୁ” ସିରିଜ୍

ରାଜ୍ୟ ସରକାରଙ୍କ ଦ୍ୱାରା ୨୦୧୯ କ୍ୟାଲେଣ୍ଡର ବର୍ଷ ପାଇଁ ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା “ଏକ୍ୟୁ” ସିରିଜ୍‌ର ପ୍ରଚଳନ କରାଯାଇଅଛି । ଏହି ଯୋଜନା ମାଧ୍ୟମରେ ସ୍ୱଳ୍ପ ସଞ୍ଚୟ ଜମାକାରୀ ମାନଙ୍କୁ ୱେବ୍ ଉତ୍ପନ୍ନ ପ୍ରୋତ୍ସାହନ କୁପନର ବିତରଣ ପକ୍ରିୟା ଆରମ୍ଭ ହୋଇଛି ଏବଂ ଏହା ଆସନ୍ତା ୨୯.୦୨.୨୦୨୦ ପର୍ଯ୍ୟନ୍ତ ବଳବତ୍ତର ରହିବ । ଏହି ଯୋଜନାରେ ଅଂଶ ଗ୍ରହଣ କରିବା ସମ୍ପୂର୍ଣ୍ଣ ଦେୟମୁକ୍ତ ଅଟେ । ଯେଉଁ ଜମାକାରୀମାନେ ଓଡିଶା ସ୍ଥିତ ଯେ କୌଣସି ଡାକଘର ବା ବ୍ୟାଙ୍କ୍ ମାନଙ୍କରେ ସ୍ୱଳ୍ପ ସଞ୍ଚୟ ଯୋଜନା ଅନ୍ତର୍ଗତ ୧. କିଷାନ ବିକାଶ ପତ୍ର, ୨. ସୁକନ୍ୟା ସମୃଦ୍ଧି ଜମା, ୩. ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା, ୪. ଜାତୀୟ ସଞ୍ଚୟ ସାର୍ଟିଫିକେଟ୍ ଅଷ୍ଟମ ଇସ୍ୟୁ, ୫. ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ, ୬. ଡାକଘର ମାସିକ ଆୟ ଯୋଜନା/ ଜାତୀୟ ସଞ୍ଚୟ ମାସିକ ଆୟ ଜମା, ୭. ଡାକଘର ପୌନଃପୁନିକ ଜମା / ଜାତୀୟ ସଞ୍ଚୟ ପୌନଃପୁନିକ ଜମା, ୮. ପାଞ୍ଚ ବର୍ଷିଆ ଡାକଘର ଅବଧି ଜମା / ପାଞ୍ଚ ବର୍ଷିଆ ଜାତୀୟ ସଞ୍ଚୟ ଅବଧି ଜମା ଯୋଜନା ମାନଙ୍କରେ ଅନ୍ୟୁନ ୨୦୦୦ ଟଙ୍କା ତା **୦୧.୦୧.୨୦୧୯ ରିଖ ଠାରୁ ତା ୩୧.୧୨.୨୦୧୯** ରିଖ ମଧ୍ୟରେ ନିବେଶ କରିବେ, ସେମାନେ ଚାହିଁଲେ ଏହି ପ୍ରୋତ୍ସାହନ ଯୋଜନାରେ ଅଂଶ ଗ୍ରହଣ କରିପାରିବେ । ଏଥିରେ ପ୍ରତ୍ୟେକ ୨୦୦୦ ଟଙ୍କା ଜମାରାଶି ପିଛା ଗୋଟିଏ ମାଗଣା କୁପନ ନମ୍ବର ଆବଣ୍ଟନ କରାଯିବାର ବ୍ୟବସ୍ଥା ରହିଛି । ଏହି କୁପନ ସମସ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ବ୍ଲକ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ । ଏହି ଯୋଜନାର ଏକ ରାଜ୍ୟସ୍ତରୀୟ ଉଠାଣ ଆସନ୍ତା ତା ୨୬.୦୪.୨୦୨୦ ରିଖରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ । ଏଥିରେ ସମୁଦାୟ ୭ଟି ବର୍ଗରେ ୭୪ ଲକ୍ଷ ଟଙ୍କା ମୂଲ୍ୟର ୨୪୨୮ ଗୋଟି ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଏହି ପ୍ରୋତ୍ସାହନ ଯୋଜନାରେ ଅଂଶଗ୍ରହଣ କରି ଆକର୍ଷଣୀୟ ପୁରସ୍କାର ରାଶି ବିଜୟୀ ହେବାର ସୁଯୋଗ ନେବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଅଛି ।

ବି:ଦ୍ର: କୁପନ ସଂଗ୍ରହ ସମୟରେ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଲିପିବଦ୍ଧ କରାଯାଉଥିବା ତଥ୍ୟର ସଠିକତା ଭଲଭାବେ ଯାଞ୍ଚ କରି କୁପନ ସଂଗ୍ରହ କରନ୍ତୁ । କୌଣସି ତ୍ରୁଟି ଦୃଷ୍ଟି ଗୋଚର ହେଲେ, କୁପନ ଇସ୍ୟୁ ଦିନଠାରୁ ୭ ଦିନ ମଧ୍ୟରେ ତାହା ଫେରସ୍ତ କରି, ସଂଶୋଧିତ କୁପନ ଗ୍ରହଣ କରିବା ଆବଶ୍ୟକ ଅଟେ । ତତ୍‌ପରେ ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ।

**ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ**
**ଅର୍ଥ ବିଭାଗ**
**ଓଡିଶା ସରକାର**

05001/13/0007/1920

“ ଏଜ୍‌ବାଷ୍ଟନରେ ଅନୁଷ୍ଠିତ ଆଶେସ ସିରିଜର ପ୍ରଥମ ଟେଷ୍ଟରେ ୨ଟି ଶତକ ହାସଲ କରି ଷ୍ଟିଭ୍ ସ୍ମିଥ୍ ମାନସିକ ଦୃଢ଼ତାର ପରିଚୟ ଦେଇଛନ୍ତି ।

–ଗ୍ଲେନ ମ୍ୟାକ୍‌ଗ୍ରା, ପୂର୍ବତନ ଅଷ୍ଟ୍ରେଲୀୟ ଦ୍ରୁତ ବୋଲର



“ ଯେତେବେଳେ ମୁଁ ରନ କରିପାରି ନ ଥାଏ ସେତେବେଳେ ନିରାଶ ହୋଇଥାଏ। କିନ୍ତୁ ପୂରା ଟିମ୍‌ର ଭରସା ମୋ ଉପରେ ରହିଥାଏ, ଯାହା ମୋତେ ସହାୟତା କରିଥାଏ ।

–ରିଷଭ ପନ୍ତ, ଭାରତୀୟ କ୍ରିକେଟର୍



## ସଂକ୍ଷେପରେ

### ସୁଷମା ସ୍ୱରାଜଙ୍କ ବିୟୋଗରେ ଶୋକାକୁଳ କ୍ରୀଡ଼ା ଜଗତ

ନୂଆଦିଲ୍ଲୀ,୭।୮- ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ତଥା ପୂର୍ବତନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ସୁଷମା ସ୍ୱରାଜଙ୍କ ବିୟୋଗ ପରେ ଶୋକାକୁଳ ହୋଇପଡ଼ିଛି ଦେଶର କ୍ରୀଡ଼ା ଜଗତ। ମଙ୍ଗଳବାର ହୃଦ୍‌ଘାତ ପରେ ୬୭ ବର୍ଷୀୟା ସ୍ୱରାଜଙ୍କ ମୃତ୍ୟୁ ଘଟିଥିଲା। ହଠାତ୍ ତାଙ୍କ ବିୟୋଗ ପରେ ବହୁ କ୍ରୀଡ଼ା ବ୍ୟକ୍ତିତ୍ୱ ସୋସିଆଲ ମିଡିଆରେ ନିଜ ଦୁଃଖ ପ୍ରକାଶ କରି ସ୍ୱରାଜଙ୍କ ସହ ତାଙ୍କ ଅନ୍ତିମ ସାକ୍ଷାତ୍‌କାରକୁ ମନେ ପକାଇଛନ୍ତି। ଭେଟେରାନ ଭାଜପା ନେତା ସୁଷମାଙ୍କ ବିୟୋଗରେ ମୁଁ ଅତ୍ୟନ୍ତ ଦୁଃଖିତ। ତାଙ୍କୁ ସମସ୍ତେ ଭଲ ପାଆନ୍ତି। ସେ ସର୍ବଦା ସାହାଯ୍ୟକାରୀ ରାଜନେତା ଭାବେ ସଭିଙ୍କ ମନେ ରହିବେ। ତାଙ୍କ ପରିବାର ଓ ବନ୍ଧୁଙ୍କ ପ୍ରତି ମୁଁ ସମବେଦନା ଜଣାଉଛି। ତାଙ୍କ ବିୟୋଗ ଦେଶରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ଟୁଇଟ୍ କରିଛନ୍ତି ପୂର୍ବତନ ଭାରତୀୟ ଓପ୍‌ନର ତଥା ଏବେକାର ଏମ୍‌ପି ଗୌତମ ଗମ୍ଭୀର। ଅନ୍ୟତମ ପୂର୍ବତନ ଓପ୍‌ନର ବୀରେନ୍ଦ୍ର ସେହ୍ୱାଗ ସ୍ୱରାଜଙ୍କ ଫଟୋ ପୋଷ୍ଟ କରିବା ସହ ଲେଖିଛନ୍ତି, ପରିବାର ଓ ବନ୍ଧୁଙ୍କ ସହ ମୋର ସମବେଦନା ରହିଛି। ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ତଥା ପୂର୍ବତନ କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର କହିଛନ୍ତି ଯେ, ସୁଷମାଙ୍କ ହଠାତ୍ ବିୟୋଗରେ ମୁଁ ଦୁଃଖିତ। ୫୦ ବର୍ଷର ଲମ୍ବା ରାଜନୈତିକ କ୍ୟାରିୟରରେ ସେ ନିଜର ଧୈର୍ଯ୍ୟ ଓ ସାହସ ଯୋଗୁ ବହୁ ହୃଦୟ ଛୁଇଁଛନ୍ତି। ଜଣେ ବହିର୍ବ୍ୟାପାର ମନ୍ତ୍ରୀ ଭାବେ ତାଙ୍କ କାର୍ଯ୍ୟ ସର୍ବଦା ମନେରହିବ। ଭେଟେରାନ ଭାଜପା ନେତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଥିବା ତାଲିକାରେ ସୁରେଶ ରାଇନା, ସାନିଆ ମିର୍ଜା, ଆକାଶ ଚୋପ୍ରା ଓ ମହମ୍ମଦ କୈଫଙ୍କ ଭଳି ଖେଳାଳି ରହିଛନ୍ତି।

### ଯୋଦ୍ଧା-ଥଲାଇଭାସ ମ୍ୟାଚ୍ ଟାଇ

ପାଟନା, ୭।୮ (ପି.ଟି.)- ପ୍ରୋ-କବାଡ଼ି ଲିଗ୍ (ପିକେଏଲ୍) ୭ମ ସଂସ୍କରଣରେ ବୁଧବାର ୟୁପି ଯୋଦ୍ଧା ଓ ତାମିଲ ଥଲାଇଭାସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଟାଇରେ ସମାପ୍ତ ହୋଇଛି। ନିର୍ଦ୍ଧାରିତ ସମୟ ସୀମା ସୁଦ୍ଧା ଉଭୟ ଦଳ ୨୮ ପଏଣ୍ଟ ଲେଖାଏ କରିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ଯୋଦ୍ଧା (୧୬-୧୧) ୫ ପଏଣ୍ଟ ଅଗ୍ରଣୀ ଲାଭ କରିଥିଲେ ମଧ୍ୟ ତାମିଲ ଖେଳାଳିଭାବେ ଦ୍ୱିତୀୟାର୍ଦ୍ଧରେ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲେ। ସେହିଭଳି ଦିବସରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ହରିୟାଣା ଷ୍ଟିଲର୍ସ ୩୫-୨୬ ପଏଣ୍ଟରେ ପାଟନା ପାଇରେଟ୍ସକୁ ପରାସ୍ତ କରିଛି।

### ଧୋନୀଙ୍କ ରେକର୍ଡ ଭାଙ୍ଗିଲେ ପନ୍ତ

ନୂଆଦିଲ୍ଲୀ,୭।୮- ଭାରତୀୟ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଭେଟେରାନ ମହେନ୍ଦ୍ର ସିଂ ଧୋନୀଙ୍କ ରେକର୍ଡ ଭାଙ୍ଗି ଦେଇଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଗୁୟାନାଠାରେ ଖେଳାଯାଇଥିବା ୩ୟ ଟି୨୦ ମ୍ୟାଚ୍‌ରେ ପନ୍ତ ୬୫ ରନ୍‌ର ବିଜୟୀ ଇନିଂସ ଖେଳିଥିଲେ। ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଏହା ଭାରତୀୟ ଉଇକେଟକିପରଙ୍କ ଲାଗି ସର୍ବାଧିକ ସ୍କୋର। ପୂର୍ବରୁ ଏହି ରେକର୍ଡ ଧୋନୀଙ୍କ ନାମରେ ଥିଲା। ତାଙ୍କ ଟି୨୦ କ୍ୟାରିୟରର ସର୍ବାଧିକ ସ୍କୋର ହେଉଛି ୫୬। ସେ ବେଙ୍ଗାଲୁରୁଠାରେ ଇଂଲଣ୍ଡ ବିପକ୍ଷରେ ୨୦୧୭ରେ ଏହି ଇନିଂସ ଖେଳିଥିଲେ। ଧୋନୀଙ୍କ ଅନୁପସ୍ଥିତିରେ ୱେଷ୍ଟଇଣ୍ଡିଜରେ ସମସ୍ତ ଫର୍ମାଟ ପାଇଁ ଦଳରେ ଚୟନ ହୋଇଥିବା ପନ୍ତ ଅଧିନାୟକ ବିରାଟ କୋହଲିଙ୍କ ସହ ମିଶି ୧୦୬ ରନ୍‌ର ଭାଗୀଦାରି କରିଥିଲେ।

# ପ୍ରଥମ ଦିନିକିଆ ଆଜି

ପ୍ରୋଭିଡେନ୍ସ (ଗୁୟାନା),୭।୮(ପି.ଟି.)



ବିରାଟ କୋହଲି



ଜାସନ ହୋଲ୍ଡର

ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡଠାରୁ ସେମିଫାଇନାଲରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହେବା ପରେ ଭାରତ ପ୍ରଥମଥର ପାଇଁ ଦିନିକିଆ ମ୍ୟାଚ୍ ଖେଳିବାକୁ ଯାଉଛି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍‌ରେ ଅବତୀର୍ଣ୍ଣ ହେବେ। ଟି୨୦ ସିରିଜରେ ୩–୦ରେ କ୍ଲିନ୍ ସୁଇପ୍ କରିବା ପରେ ବିଜୟରୁ ଦିନିକିଆ ସିରିଜ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। ସ୍ଥାନୀୟ ପ୍ରୋଭିଡେନ୍ସ ଷ୍ଟାଡିୟମ ଗୁରୁବାର ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଅଭିଜ୍ଞ ଓପନର ଶିଖର ଧାୱନ ଦିନିକିଆ ଫର୍ମାଟକୁ ପ୍ରତ୍ୟାବର୍ତ୍ତନ କରିବେ। କୋହଲି ଓ ରୋହିତ ଶର୍ମାଙ୍କ ପରେ ଧାୱନ ଭାରତ ତୃତୀୟ ଶ୍ରେଷ୍ଠ ଦିନିକିଆ ଖେଳାଳି ବିବେଚିତ ହେଉଛନ୍ତି। ୧୩୦ଟି ଦିନିକିଆ ମ୍ୟାଚ୍ ଖେଳି ଧାୱନ ୧୭ଟି ଶତକ ଅର୍ଜନ କରିଛନ୍ତି। ରୋହିତଙ୍କ ଧାୱନ ଇନିଂସ ଓପନ୍ କରିବେ। ଫଳରେ ଲୋକେଶ ରାହୁଲ ୪ ନମ୍ବରରେ ବ୍ୟାଟିଂ କରିବା ଆଶା କରାଯାଉଛି। କେଦାର ଯାଦବ ୫ କିମ୍ବା ୬ ନମ୍ବରରେ ବ୍ୟାଟିଂ କରିବାର ସୁଯୋଗ ହାସଲ କରିବେ। ତେବେ ଏହା ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ଅଧିନାୟକ କିପରି ବ୍ୟବହାର କରିବେ ତାହା ଉପରେ ନିର୍ଭର କରୁଛି। ମନୀଷ ପାଣ୍ଡେ ଓ ଶ୍ରେୟାସ ଆୟରଙ୍କ ମଧ୍ୟରୁ କିଏ ମିଡଲ ଅର୍ଡରରେ ବ୍ୟାଟିଂ କରିବ ତାହା କହିବା ଅବଶ୍ୟ କଷ୍ଟକର। ତେବେ ଟିମ୍ ମ୍ୟାନେଜମେଣ୍ଟ ଆୟରଙ୍କୁ ଅପେକ୍ଷାକୃତ ଅଧିକ ସୁଯୋଗ ଦେଇ ପରୀକ୍ଷା ନିରୀକ୍ଷା କରିବାକୁ ଚାହିଁବ।

ବୋଲିଂରେ ଭୁବନେଶ୍ୱର କୁମାର ଦୁଇଟି ଦେଶରେ ଗତ ସପ୍ତାହରେ ୩ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି। ଫଳରେ ତାଙ୍କୁ ବିଶ୍ରାମ ଦିଆଯାଇ ମହମ୍ମଦ ସାମିଙ୍କୁ ସୁଯୋଗ ଦିଆଯିବା ଆଶା କରାଯାଉଛି। ସେ ଦ୍ରୁତ ବୋଲି ବିଭାଗର ନେତୃତ୍ୱ ନେବେ। ନବଦୀପ ସଇନି ଦିନିକିଆରେ ପଦାର୍ପଣ କରିବା ନିଶ୍ଚିତ ମନେ ହେଉଛି। ଗତ ବିଶ୍ୱକପ୍‌ରେ ଭାରତ ହଟ୍ ଫେଭରାଇଟ୍ ମନେହେଉଥିଲେ ମଧ୍ୟ ଅପ୍ରତ୍ୟାଶିତ ଭାବେ ନ୍ୟୁଜିଲାଣ୍ଡଠାରୁ ହାରି ବିଦାୟ ନେଇଥିଲା। ତେବେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟି୨୦ ସିରିଜରେ କ୍ଲିନ୍ ସୁଇପ୍ କରି ଭାରତ ଲୟ ଫେରିପାଇଛି। ବିଶ୍ୱକପ୍ ବିପର୍ଯ୍ୟୟ ମନରୁ ଲିଭି ନ ଥିଲେ ମଧ୍ୟ ଭାରତ ବିସ୍ଫୋରକ ଓପନର କ୍ରିସ୍ ଗେଲ୍ ଉପସ୍ଥିତି ସତ୍ତ୍ୱେ ଟି୨୦ ଭଳି ଦିନିକିଆ ମଧ୍ୟ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି।

ତାରକା ଓପନର ରୋହିତ ଶର୍ମା ତାଙ୍କ ଦମ୍‌ଦାର ଫର୍ମ ଜାରି ରଖିବା ଆଶା କରାଯାଉଛି। ବିଶ୍ୱକପ୍‌ରେ ୫ଟି ଶତକ ହାସଲ କରି ସେ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ବିଶ୍ୱକପ୍‌ରେ ଧାୱନ ଅଷ୍ଟ୍ରେଲିଆ ବିପକ୍ଷରେ ଏକ ଚମତ୍କାର ଶତକ ହାସଲ କରିବା ପରେ ବୁଢ଼ା ଆଙ୍ଗୁଠିରେ ଆଘାତ ପାଇବା କାରଣରୁ ବିଶ୍ୱକପ୍‌ରୁ ବାଦ୍ ପଡିଥିଲେ। ବିଶ୍ୱକପ୍‌ରେ କୋହଲି ମଧ୍ୟ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ ଓ ଏହି ସିରିଜରେ ମଧ୍ୟ ତାହାକୁ ଦୋହରାଇବା ଲକ୍ଷ୍ୟରେ ରହିଛନ୍ତି। ବିଶ୍ୱକପ୍ ବିପର୍ଯ୍ୟୟ ପରେ ସୀମିତ ଓଭର ଫର୍ମାଟରେ ତାଙ୍କ ନେତୃତ୍ୱକୁ ନେଇ କେତେକ ପୂର୍ବତନ କ୍ରିକେଟର ପ୍ରଶ୍ନ ଉଠାଇଥିଲେ। ଗୋଟିଏ ଖରାପ ଦିନ ଓ ଇନିଂସ କୋହଲିଙ୍କ ବିଶ୍ୱକପ୍ ଆଶାକୁ ଧୂଳିସାତ୍ କରିଥିଲା। ଅବଶ୍ୟ ବିଶ୍ୱକପ୍ ଓ ୱେଷ୍ଟଇଣ୍ଡିଜ୍‌ରେ ଦିନିକିଆ ସିରଜ୍ ଖେଳିବା ଭିନ୍ନ କଥା। ଦଳର ଦମ୍‌ଦାର ପ୍ରଦର୍ଶନରେ କୋହଲି ନିଶ୍ଚିତ ସନ୍ତୁଷ୍ଟ ଥିବେ। ବ୍ୟାଟିଂରେ ପନ୍ତ ଓ ବୋଲିଂରେ କ୍ରୁନାଲ ପାଣ୍ଡ୍ୟାଙ୍କ ପ୍ରଦର୍ଶନରେ କୋହଲି ପ୍ରଭାବିତ ହୋଇଥିବେ। ଏହି ଦୁଇ ଖେଳାଳିଙ୍କର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ସେ କହିଛନ୍ତି। ଟି୨୦ ସିରିଜରେ କ୍ରୁନାଲ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

ଟି୨୦ ସିରିଜରେ ହ୍ୱାଇଟ୍‌ୱାସର ଶିକାର ହୋଇଥିଲେ ମଧ୍ୟ ଗେଲ ଦଳକୁ ଫେରିଥିବାରୁ ୱେଷ୍ଟଇଣ୍ଡିଜ୍ ଦିନିକିଆ ସିରିଜରେ ବାଜି ମାରିବା ଲକ୍ଷ୍ୟରେ ରହିଛି। ବିଶ୍ୱକପ୍ ଅବସରରେ ଗେଲ ଭାରତ ବିପକ୍ଷ ଦିନିକିଆ ସିରିଜ ତାଙ୍କର ଶେଷ ସିରିଜ ହେବ ବୋଲି ଘୋଷଣା କରିଥିଲେ। ବାମହାତୀ ଓପନର ଜନ୍ କ୍ୟାମ୍ପବେଲ୍, ରୋଷ୍ଟନ ଚେଜ ଓ ଅଲରାଉଣ୍ଡର କିମୋ ପଲ ୧୪ ଜଣିଆ ଦଳରେ ସାମିଲ ହୋଇଛନ୍ତି। ଦ୍ୱିତୀୟ ଓ ତୃତୀୟ ଦିନିକିଆ ଯଥାକ୍ରମେ ୧୧ ଓ ୧୪ ତାରିଖରେ ତ୍ରିନିଦାଦର କୁଇନ୍ସ ପାର୍କ ଓଭାଲ ଗ୍ରାଉଣ୍ଡରେ ଖେଳାଯିବ। ଘରୋଇ ପରିବେଶରୁ ଫାଇଦା ଉଠାଇ ୱେଷ୍ଟଇଣ୍ଡିଜ ଭାରତକୁ ଚକ୍‌ମା ଦେବା ଲକ୍ଷ୍ୟରେ ରହିଛି। ଫଳରେ ଏହି ସିରିଜ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

| ଭାରତୀୟ ଦଳ | ୱେଷ୍ଟଇଣ୍ଡିଜ ଦଳ |
| --- | --- |
| ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟର, ମନୀଷ ପାଣ୍ଡେ, ରିଷଭ ପନ୍ତ (ଉଇକେଟକିପର), ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମହମ୍ମଦ ସାମି, ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ ଓ ନବଦୀପ ସଇନି। | ଜାସନ ହୋଲ୍ଡର (ଅଧିନାୟକ), କ୍ରିସ୍ ଗେଲ, ଜନ କ୍ୟାମ୍ପବେଲ, ଏଭିନ ଲୁଇସ୍, ସାଇ ହୋପ୍, ଶିମରନ ହେଟମେୟର, ନିକୋଲାସ ପୁରନ, ରୋଷ୍ଟନ ଚେଜ୍, ଫାବିୟାନ ଆଲେନ, କାର୍ଲୋସ ବ୍ରାଥୱେଟ, କିମୋ ପଲ, ଶେଲଡନ କଟ୍ରେଲ, ଓଶେନ ଥୋମାସ ଓ କେମାର ରୋଚ୍। |

**ସ୍ଥାନ: ଗୁୟାନା, ସମୟ: ସନ୍ଧ୍ୟା ୭ଟା, ପ୍ରସାରଣ: ସୋନୀ ନେଟ୍‌ୱର୍କ**



ପାଟନା: ପ୍ରୋ–କବାଡ଼ି ଲିଗ୍‌ରେ ବୁଧବାର ୟୁପି ଯୋଦ୍ଧା ଓ ତାମିଲ ଥଲାଇଭାସ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ଆଇ–ଲିଗ୍ କ୍ଲବ୍‌ଗୁଡ଼ିକୁ ଫିଫାର ପରାମର୍ଶ

ନୂଆଦିଲ୍ଲୀ,୭।୮(ପି.ଟି.)

ସବୁ ପ୍ରକାର ସମସ୍ୟାର ସମାଧାନ ପାଇଁ ମିଳିମିଶି କାର୍ଯ୍ୟ କରିବାକୁ ବିଦ୍ରୋହ କରିଥିବା ଆଇ- ଲିଗ୍ କ୍ଲବଗୁଡିକୁ ବିଶ୍ୱ ଫୁଟବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ପରାମର୍ଶ ଦେଇଛି। କିଛି ବିବାଦ ପାଇଁ ଫୁଟବଲ ଭାରତରେ ସଂଘର୍ଷ କରୁଛି। ଏପରିସ୍ଥଳେ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ସହ ବିବେକପୂର୍ଣ୍ଣ ଢ଼ଙ୍ଗ ସହ ଦୂରଦୃଷ୍ଟି ସମ୍ପନ୍ନ ଆଭିମୁଖ୍ୟ ନେଇ କାର୍ଯ୍ୟ କରିବାକୁ ଆନ୍ଦୋଳନକାରୀ କ୍ଲବଗୁଡକୁ ଫିଫା ନିର୍ଦ୍ଦେଶ ଦେଇଛି।

ଘରୋଇ ସଂସ୍ଥା ଦ୍ୱାରା ପରିଚାଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)କୁ ଟପ୍ ଲିଗ୍‌ରେ ସ୍ଥାନ ଦେବା ନେଇ ଏଆଇଏଫ୍‌ଏଫ୍‌ର ନିଷ୍ପତ୍ତିକୁ କ୍ଲବଗୁଡିକ ବିରୋଧ କରିଥିଲେ।ଆଇ–ଲିଗ୍‌ଚାମ୍ପିୟନ ମିନର୍ଭା ପଞ୍ଜାବ ନେତୃତ୍ୱରେ ୬ଟି କ୍ଲବ ଏ ନେଇ ଆପତ୍ତି ଉଠାଇଥିଲେ। ଭାରତୀୟ ଫୁଟବଲ୍‌କୁ ନେଇ ଏଆଇଏଫ୍‌ଏଫ୍ ପ୍ରସ୍ତୁତ କରିଥିବା ରୋଡମ୍ୟାପ୍‌କୁ ଫିଫା ଅବଶ୍ୟ ସମର୍ଥନ କରିଛି। ଏ ସଂକ୍ରାନ୍ତରେ ଫିଫା ମିନର୍ଭା ପଞ୍ଜାବ, ଏଆଇଏଫ୍‌ଏଫ୍ ଓ ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି)କୁ ଚିଠି ଲେଖିଛି। ୨୦୧୮ ବର୍ଷ ନେଇ ହୋଇଥିବା ରିଭ୍ୟୁରେ କେତୋଟି ଜଟିଳ ସମସ୍ୟା ଥିବା କଥା ଫିଫା ସ୍ୱୀକାର କରିଛି। ୨୦୧୮ ବର୍ଷ ପାଇଁ ଦିଆଯାଇଥିବା ସୁପାରିସ୍‌ଗୁଡିକୁ ଏପର୍ଯ୍ୟନ୍ତ ବିଚାରକୁ ନିଆଯାଇ ନାହିଁ ବୋଲି ଫିଫାର କାର୍ଯ୍ୟକାରୀ ସାଧାରଣ ସମ୍ପାଦକ ମାଟିଆସ୍ ଗ୍ରାଫଷ୍ଟ୍ରୋମ କହିଛନ୍ତି।

ଜଏଣ୍ଟ ରିପୋର୍ଟ ଅନୁସାରେ ଆଗାମୀ ୨୦୧୯– ୨୦ ସେସନରେ ଆଇଏସ୍‌ଏଲ୍‌ରେ ପର୍ଯ୍ୟାୟ କ୍ରମେ ଆମକୁ ଏକାଠି କରିବାକୁ ଆଇ– ଲିଗ୍ କ୍ଲବ୍‌ଗୁଡିକ ଏଆଇଏଫ୍‌ଏଫ୍‌କୁ କହିଥିଲେ। ଏଆଇଏଫ୍‌ଏଫ୍ ସବୁ ସମସ୍ୟାର ସମାଧାନ କରିପାରିବ ବୋଲି ଫିଫା ବିଶ୍ୱାସ କରୁଛି। ଆବଶ୍ୟକ ପଡିଲେ ଏ ସଂକ୍ରାନ୍ତରେ ଏଆଇଏଫ୍‌ଏଫ୍‌କୁ ଫିଫା ଓ ଏଏଫ୍‌ସି ସହଯୋଗ କରିବ ବୋଲି କୁହାଯାଇଛି। ଫିଫାର ଏଭଳି ସମୟୋଚିତ ପଦକ୍ଷେପ ତଥା ଆଭିମୁଖ୍ୟକୁ ଏଆଇଏଫ୍‌ଏଫ୍ ସାଧାରଣ ସମ୍ପାଦକ କୁଶଲ ଦାସ ସ୍ୱାଗତ କରଛନ୍ତି। ତେବେ ବର୍ତ୍ତମାନ ଆଇଏସ୍‌ଏଲର ଦଳର ସଂଖ୍ୟାକୁ ୧୬କୁ ବୃଦ୍ଧି କରାଯିବା ସମ୍ଭାବନାକୁ ସେ ଏଡାଇ ଦେଇଛନ୍ତି।

ଗତମାସ ଆଗାମୀ ୨–୩ ବର୍ଷ ପାଇଁ ଦୁଇଟି ଲିଗ୍ ଚାଲୁ ରଖିବାକୁ ପଟେଲ୍ ଏଏଫ୍‌ସିକୁ ପ୍ରସ୍ତାବ ଦେଇଥିବା କଥା ପଟେଲ ଆଇ– ଲିଗ୍ କ୍ଲବ୍‌ଗୁଡିକୁ ଅବଗତ କରାଇଥିଲେ। ଏଥିରେ ଅବଶ୍ୟ କ୍ଲବ୍‌ଗୁଡିକ ସନ୍ତୁଷ୍ଟ ହୋଇ ନ ଥିଲେ। ଫିଫା ଓ ଏଏଫ୍‌ସିର ଦ୍ୱାରସ୍ଥ ହେବା ପୂର୍ବରୁ ବିଦ୍ରୋହୀ କ୍ଲବଗୁଡିକ ଏ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ କ୍ରୀଡ଼ା ମନ୍ତ୍ରଣାଳୟକୁ ଚିଠି ଲେଖିଥିଲେ।

## ମନସୁରଙ୍କ ବିରୋଧରେ ଫିକ୍ସିଂ ଅଭିଯୋଗ

କରାଚୀ,୭।୮

ବିବାଦୀୟ ପାକିସ୍ତାନ ବ୍ୟାଟ୍ସମ୍ୟାନ ଉମର ଆକମଲ ଆଉ ଏକ ମହା ଅଭିଯୋଗ ଆଣି ହଇଚଇ ସୃଷ୍ଟି କରିଛନ୍ତି। ଚଳିତ ଗ୍ଲୋବାଲ ଟି୨୦ କାନାଡ଼ାରେ ପୂର୍ବତନ ଟେଷ୍ଟ କ୍ରିକେଟର ମନସୁର ଅକ୍ତାର ଦୁର୍ନୀତିମୂଳକ ପ୍ରସ୍ତାବ ଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଏ ନେଇ ସେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଆଣ୍ଟି କରପଶନ ୟୁନିଟ୍ (ଏସିୟୁ) ସମେତ ଟୁର୍ନାମେଣ୍ଟ ଆୟୋଜକଙ୍କୁ ସେ ଅବଗତ କରାଇଛନ୍ତି। ଉମର ୱିନିଙ୍ଗ୍ ହକ୍ସ ଫ୍ରାଞ୍ଚାଇଜ୍ ପାଇଁ ଏହି ଟି୨୦ ଲିଗ୍ ଖେଳୁଛନ୍ତି। ଏହି ଦଳର ମ୍ୟାନେଜମେଣ୍ଟରେ ମନସୁର ମଧ୍ୟ କାର୍ଯ୍ୟ କରୁଛନ୍ତି। ତେବେ ମନସୁର ଲିଗ୍‌ର କେତୋଟି ମ୍ୟାଚ୍‌କୁ ଫିକ୍ସିଂ କରିବା ପାଇଁ ମୋତେ ପ୍ରବର୍ତ୍ତାଇ ଥିଲେ ବୋଲି ଉମର କହିଛନ୍ତି। ଏହି ଅଭିଯୋଗ ଆସିବା ପରେ ତାଙ୍କର ଉପସ୍ଥିତି ସମ୍ପର୍କରେ କୌଣସି ତଥ୍ୟ ମିଳିନାହିଁ। ବିଶ୍ୱକପ୍ ପାଇଁ ଦଳ ଚୟନରେ ଉମରଙ୍କୁ ଚୟନକର୍ତ୍ତାମାନେ ଅଣଦେଖା କରିଥିଲେ। ତେବେ ମାର୍ଚ୍ଚ–ଏପ୍ରିଲରେ ୟୁଏଇରେ ହେବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜରେ ତାଙ୍କୁ ସାମିଲ କରାଯାଇଥିଲା। ବିବାଦରେ ଛନ୍ଦି ହେବା ଉମରଙ୍କୁ ଅଭ୍ୟାସ ରହିଆସିଛି। ୨୦୧୫ ବିଶ୍ୱକପ୍ ଓ ହଂକଂ ସୁପର ସିକ୍ସେସ୍ ଅବସରରେ କେତେକ ବୁକ ମେକର ତାଙ୍କୁ ମ୍ୟାଚ୍ ଫିକ୍ସ କରିବାକୁ ପ୍ରସ୍ତାବ ଦେଇଥିଲେ ବୋଲି ସେ ଗତ ବର୍ଷ କହି ଚର୍ଚ୍ଚିତ ହୋଇଥିଲେ।

## ଭାରତ ଏ’ ୨୦୧ରେ ଅଲ୍‌ଆଉଟ୍

ତ୍ରିନିଦାଦ,୭।୮

**ତୃତୀୟ ଅନ୍‌ଅଫିସିଆଲ ଟେଷ୍ଟ**

ସ୍ଥାନୀୟ ବ୍ରାଏନ ଲାରା ଷ୍ଟାଡିୟମରେ ଚାଲିଥିବା ୱେଷ୍ଟଇଣ୍ଡିଜ୍–ଏ’ ବିପକ୍ଷ ତୃତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଭାରତ ଏ’ ପ୍ରଥମ ଇନିଂସରେ ୬୭.୫ ଓଭରରେ ୨୦୧ ରନକରି ଅଲଆଉଟ୍ ହୋଇଛି। ଜବାବରେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ ଆରମ୍ଭ କରି ଦ୍ୱିତୀୟ ଦିନ ଦ୍ୱିତୀୟ ସେସନ ସୁଦ୍ଧା ରିପୋର୍ଟ ଲେଖାହେଲା ବେଳକୁ ୪୯.୧ ଓଭରରେ ୫ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରିଛି। ଜେରେମି ସୋଲୋଜାନୋ ୪୩ ରନକରି ଅପରାଜିତ ରହିଛନ୍ତି। ସୁନୀଲ ଅମ୍ବ୍ରିସ ୪୩, ଜେର୍ମାଇନ୍ ବ୍ଲାକଉଡ୍ ୨୨ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଛନ୍ତି। ବୋଲିଂରେ ଭାରତ ତରଫରୁ ଉମେଶ ଯାଦବ ଓ କ୍ରିଷ୍ଣାପ୍ପା ଗୋଥାମ ୨ଟି ଲେଖାଏ, ଶିବମ ଦୁବେ ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ତରଫରୁ ରିଦ୍ଧମାନ ଶାହା ସର୍ବାଧିକ ୬୨, ଅଧିନାୟକ ହନୁମା ବିହାରୀ ୫୫, ମୟଙ୍କ ଅଗ୍ରୱାଲ ୩୩, ଶିବମ ଦୁବେ ୨୬ ରନକରି ଆଉଟ ହୋଇଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ଚେମର ହୋଲ୍ଡର ଓ ଅକିମ ଫ୍ରାଜର ୩ଟି ଲେଖାଏ, ୟାନିକ କାରିୟା ୨, ମିଗୁଏଲ କୁମିନ୍ସ ଓ ରେମନ ରେଇଫର ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

## ‘ଭାରତୀୟ କ୍ରିକେଟକୁ ଭଗବାନ ଭରସା’

ନୂଆଦିଲ୍ଲୀ,୭।୮



ହରଭଜନ ସିଂ

ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ମୁଖ୍ୟ ତଥା ପୂର୍ବତନ ଭାରତୀୟ ଅଧିନାୟକ ରାହୁଲ ଦ୍ରାବିଡ୍‌ଙ୍କ ନାମରେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ (କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ) ଅଭିଯୋଗ ଆସିଛି। ଏଥିନେଇ ପୂର୍ବତନ ଅଫ୍ ସ୍ପିନର ହରଭଜନ ସିଂ (ଭଜି) ଭାରତୀୟ କ୍ରିକେଟକୁ ଏବେ ଭଗବାନ ହିଁ ସାହା ବୋଲି ମନ୍ତବ୍ୟ ଦେଇଛନ୍ତି। ଦ୍ରାବିଡଙ୍କୁ ନୋଟିସ କରାଯିବା ଘଟଣା ଉପରେ ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ପ୍ରଥମେ ପ୍ରତିକ୍ରିୟା ରଖିଥିଲେ। କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ ଭାରତୀୟ କ୍ରିକେଟରେ ଏବେ ନୂଆ ଫ୍ୟାଶନ। ଏହା ଦ୍ୱାରା ଜଣେ ସହଜରେ ଖବରରେ ରହିପାରିବ। ଦ୍ରାବିଡ୍‌ଙ୍କୁ ବିସିସିଆଇ ଏଥିକ୍ସ ଅଫିସର ନୋଟିସ ଜାରି କରିବା ଦୁର୍ଭାଗ୍ୟଜନକ ବୋଲି ଗାଙ୍ଗୁଲି ଟୁଇଟ୍ କରିଛନ୍ତି। ତାଙ୍କ ମତକୁ ସମର୍ଥନ ଜଣାଇ ଭେଟେରାନ ସ୍ପିନର ଭଜି ଟୁଇଟ୍ କରିଛନ୍ତି, ଜଣାନାହିଁ କେଉଁଆଡ଼େ ଭାରତୀୟ କ୍ରିକେଟ ମୁହାଁଉଛି। ଏନ୍‌ସିଏ ଦାୟିତ୍ୱ ପାଇଁ ଦ୍ରାବିଡଙ୍କଠାରୁ କେହି ଭଲ ମିଳିବେ ନାହିଁ। ତାଙ୍କୁ ନୋଟିସ ପଠାଇବାର ଅର୍ଥ କିମ୍ବଦନ୍ତୀ ଖେଳାଳିଙ୍କ ଅପମାନ କରିବା। ଦେଶ କ୍ରିକେଟର ଉନ୍ନତି ପାଇଁ ସେମାନଙ୍କ ଦରକାର ରହିଛି। ଏବେ ଭଗବାନ ହିଁ ଭାରତୀୟ କ୍ରିକେଟକୁ ସାହା। ପୂର୍ବତନ ଭାରତୀୟ ଅଧିନାୟକ ଦ୍ରାବିଡ୍‌ଙ୍କୁ ଉତ୍ତର ଦେବା ପାଇଁ ଦୁଇ ସପ୍ତାହ ସମୟ ଦିଆଯାଇଛି। ବିସିସିଆଇ ଏଥିକ୍ସ ଅଫିସରଙ୍କ ଅନୁଯାୟୀ, ଏନ୍‌ସିଏ ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ଦ୍ରାବିଡ ଇଣ୍ଡିଆ ସିମେଣ୍ଟ ଗ୍ରୁପ୍‌ର ଉପ ସଭାପତି ପଦରେ ଅଛନ୍ତି, ଯାହାକି ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଫ୍ରାଞ୍ଚାଇଜର ମାଲିକ। ସମାନ ପ୍ରକାର ଅଭିଯୋଗ ପୂର୍ବତନ କ୍ରିକେଟର ଭିଭିଏସ୍ ଲକ୍ଷ୍ମଣ ଓ ସଚିନ ତେନ୍ଦୁଲକରଙ୍କ ନାମରେ ଆସିଥିଲା। କ୍ରିକେଟ ଉପଦେଷ୍ଟା କମିଟିର ସଦସ୍ୟ ଥିବା ଦୁଇ ପୂର୍ବତନ କ୍ରିକେଟର ଆଇପିଏଲ ଫ୍ରାଞ୍ଚାଇଜ ଯଥାକ୍ରମେ ସନରାଇଜର୍ସ ହାଇଦ୍ରାବାଦ ଓ ମୁମ୍ବାଇ ଇଣ୍ଡିଆନ୍ସ ଦଳର ମେଣ୍ଟର ପଦରେ ଥିଲେ। ସେମାନଙ୍କୁ ନୋଟିସ ହେବା ପୂର୍ବରୁ ଉଭୟ ଉପଦେଷ୍ଟା କମିଟି ପଦତ୍ୟାଗ କରିଥିଲେ। ଏହାସତ୍ତ୍ୱେ ଗାଙ୍ଗୁଲି ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ସଭାପତି ପଦରେ ଥିବାରୁ ତାଙ୍କୁ ନୋଟିସ ଜାରି ହୋଇଥିଲା। ହେଲେ ସେ କୌଣସି ସ୍ୱାର୍ଥନିହିତ ଜନିତ ମାମଲାରେ ଜଡ଼ିତ ନ ଥିବା ଉତ୍ତର ଦେଇଥିଲେ।

## କ୍ଷୟକ୍ଷତି ଅନୁଧ୍ୟାନ କଲା ଦେବ ମସ୍କୋ

କଟକ ଅଫିସ,୭।୮

**ବାରବାଟୀ ଷ୍ଟାଡିୟମ**

କିମ୍ବଦନ୍ତୀ କ୍ରିକେଟର କପିଳ ଦେବଙ୍କ କମ୍ପାନୀ ଦେବ ମସ୍କୋ ବୁଧବାର ବାରବାଟୀ ଷ୍ଟାଡିୟମର କ୍ଷୟକ୍ଷତି ଆକଳନ କରି ଫେରିଥିବା ଜଣାପଡ଼ିଛି। କମ୍ପାନୀର ୨ଜଣ ବରିଷ୍ଠ ଅଧିକାରୀ ଆକଳନ ଦାୟିତ୍ୱରେ ଆସିଥିଲେ। ବର୍ଷା ଯୋଗୁଁ ଏମାନେ ଷ୍ଟାଡିୟମର ସମସ୍ତ ଭାଗ ବୁଲି ପାରି ନଥିଲେ ହେଁ ଆକଳନ ଶେଷ କରିଛନ୍ତି ବୋଲି ଜଣାପଡ଼ିଛି। ତେବେ କ୍ଷୟକ୍ଷତି କେତେ ଘଟିଛି ସେ ରିପୋର୍ଟ ସେମାନେ ଫେରିବା ପରେ ମେଲ ଯୋଗେ ଓଡିଶା କ୍ରିକେଟ ଆସୋସିଏଶନ(ଓସିଏ) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)କୁ ଜଣାଇବେ। ସୂଚନା ଥାଉକି, ଗତ ଫନୀ ବାତ୍ୟାରେ ବାରବାଟୀ ଷ୍ଟାଡିୟମର ଫ୍ଲଡ ଲାଇଟ ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲା। ଦେବମସ୍କୋ କେବଳ ଏହି କ୍ଷୟକ୍ଷତି ଆକଳନ କରିଛି। ୨୦୦୩ରେ ବାରବାଟୀ ଷ୍ଟାଡିୟମରେ ଫ୍ଲଡଲାଇଟ ଉଦ୍‌ଘାଟନ ହୋଇଥିଲା। ୨୦୦୧ ମସିହାରୁ ଫ୍ଲଡ ଲାଇଟ ଲଗାଯିବା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏଥିରେ ୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା।

## ସିକିମ୍‌ର ଘରୋଇ ଗ୍ରାଉଣ୍ଡ ଡ୍ରିମ୍ସ

କଟକ ଅଫିସ,୭।୮

ଟାଙ୍ଗୀସ୍ଥିତ ଡ୍ରିମ୍ସକୁ ଘରୋଇ ଗ୍ରାଉଣ୍ଡ ଭାବେ ବ୍ୟବହାର କରିବ ସିକିମ କ୍ରିକେଟ ଆସୋସିଏଶନ(ଏସ୍‌ସିଏ)। ବିସିସିଆଇର ଆଗାମୀ ଘରୋଇ ଟୁର୍ନାମେଣ୍ଟ ଗୁଡ଼ିକରେ ଡ୍ରିମ୍ସ ଗ୍ରାଉଣ୍ଡରେ ସିକିମ୍ ଦଳ ଅନେକ ମ୍ୟାଚ୍ ଖେଳିବ। ଏ ନେଇ ଏସ୍‌ସିଏ ଓ ଡ୍ରିମ୍ସ ମଧ୍ୟରେ ବୁଧବାର ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଏସ୍‌ସିଏ ସମ୍ପାଦକ ସୋନମ୍ ପାଲଡେନ୍ ଭୁଟିଆ ଏବଂ ଡ୍ରିମ୍ସ ସ୍ପୋର୍ଟସ ଏକାଡେମୀର ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ ଏଥିରେ ସ୍ୱାକ୍ଷର କରିଛନ୍ତି। ରାଜିନାମା ଅନୁଯାୟୀ ସିକିମ୍ ଡ୍ରିମ୍ସ ଗ୍ରାଉଣ୍ଡରେ ନିୟମିତ କୋଚିଂ କ୍ୟାମ୍ପ ସହ ବିଭିନ୍ନ ମ୍ୟାଚ୍ ଖେଳିବ। ଡ୍ରିମ୍ସ ପକ୍ଷରୁ ଏହାର କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ସ୍ୱାକ୍ଷରିତ ବୁଝାମଣା ପତ୍ରକୁ ସିକିମ୍ କ୍ରିକେଟ ଆସୋସିଏଶନ କର୍ମକର୍ତ୍ତାଙ୍କୁ ହସ୍ତାନ୍ତର କରିଥିଲେ। ସୂଚନାଯୋଗ୍ୟ, ଡ୍ରିମ୍ସକୁ ଘରୋଇ ଗ୍ରାଉଣ୍ଡ କରିବା ପ୍ରସ୍ତାବ ପରିପ୍ରେକ୍ଷୀରେ ସ୍ଥିତି ଅନୁଧ୍ୟାନ ପାଇଁ ଗତ ମେ ୧୬ ତାରିଖରେ ସିକିମ୍ କ୍ରିକେଟ ଆସୋସିଏଶନର କର୍ମକର୍ତ୍ତା ଏଠାକୁ ଆସିଥିଲେ। ସେମାନେ ସେଠାକାର ଗ୍ରାଉଣ୍ଡ, ପିଚ୍, ଆର୍ଥ ଗ୍ୟାଲେରୀ, ଅମ୍ପାୟର ଓ ଅଫିସିଆଲ ରୁମ୍, ପ୍ରେସ ଗ୍ୟାଲେରୀ, ଜିମ୍, ସୁଇମିଂପୁଲ ଏବଂ ଅନ୍ୟାନ୍ୟ ସୁବିଧାସୁଯୋଗ ରହିଥିବା ନେଇ ସନ୍ତୋଷ ପ୍ରକାଶ କରିଥିଲେ।



ଏସ୍‌ସିଏ ଓ ଡ୍ରିମ୍ସ କର୍ମକର୍ତ୍ତାଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ।

“ଆଘାତଜନିତ ସମସ୍ୟାରୁ ମୁକୁଳି ଚଳିତ ଆଶେସ ସିରିଜ ଶେଷ ଭାଗରେ ଦଳକୁ ପ୍ରତ୍ୟାବର୍ତ୍ତନ କରିବି ବୋଲି ମୋର ପୂରା ଭରସା ରହିଛି ।

–ଜେମ୍ସ ଆଣ୍ଡରସନ, ଇଂଲଣ୍ଡ ଦ୍ରୁତ ବୋଲର



“ରିଷଭ ପନ୍ତ ଜଣେ ଟ୍ୟାଲେଣ୍ଟ ଖେଳାଳି ଏବଂ ତାଙ୍କ ପାଖରେ ବହୁ ଦକ୍ଷତା ରହିଛି। ସେ ଆମର ଭବିଷ୍ୟତ। କ୍ଷମତା ପ୍ରଦର୍ଶନ ପାଇଁ ତାଙ୍କୁ ସ୍ଥାନ ମିଳିବା ଜରୁରୀ।

–ବିରାଟ କୋହଲି, ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ



## ସଂକ୍ଷେପରେ

### ବାସନ୍ଦ ଜିମ୍ବାୱେ ସ୍ଥାନ ନେଲା ନାଇଜେରିଆ

ହରାରେ,୭।୮- ଅନ୍ତର୍ଜାତୀୟ କ୍ରିକେଟରୁ ଜିମ୍ବାୱେ ବାସନ୍ଦ ହେବା ଯୋଗୁ ନାଇଜେରିଆ ଲାଭବାନ ହୋଇଛି। ଆଫ୍ରିକା ପୁରୁଷ ଫାଇନାଲ୍ସରେ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳ ୟୁଏଇଠାରେ ଆସନ୍ତା ଅକ୍ଟୋବରରେ ପୁରୁଷ ବିଶ୍ୱ ଟି୨୦ ଯୋଗ୍ୟତା ପର୍ଯ୍ୟାୟରେ ୧୪ତମ ଦଳ ଭାବେ ଅଂଶଗ୍ରହଣ କରିବ। ଯେଉଁ ସ୍ଥାନରେ ଜିମ୍ବାୱେ ଖେଳିବାର ଥିଲା। ଆଇସିସି ଦ୍ୱାରା ସସ୍‌ପେଣ୍ଡ ହେବା ଦ୍ୱାରା କେନିୟା ଓ ନାମ୍ବିଆ ପରେ ୩ୟ ଆଫ୍ରିକାନ ଦଳ ଭାବେ ନାଇଜେରିଆ ଇଭେଣ୍ଟରେ ଖେଳିବ। ୟୁଏଇଠାରେ ଅନୁଷ୍ଠିତ ହେବାକୁ ଥିବା ଇଭେଣ୍ଟରେ ହଂକଂ, ଆୟର୍ଲାଣ୍ଡ, ଜର୍ସି, ନେଦରଲାଣ୍ଡ, ଓମାନ, ପପୁଆ ନ୍ୟୁଗିନି, ସ୍କଟଲାଣ୍ଡ, ସିଙ୍ଗାପୁର ଓ ଆମେରିକାନ ଫାଇନାଲର ଦୁଇ ଦଳ ଭାଗ ନେବେ।

### ଶ୍ରୀଲଙ୍କା କ୍ରିକେଟ କୋଚ୍ ନିଲମ୍ବିତ

କଲମ୍ବୋ, ୭।୮(ଏଏଫପି): ଶ୍ରୀଲଙ୍କାର କ୍ରିକେଟ କର୍ମକର୍ତ୍ତାମାନେ ବୁଧବାର ମୁଖ୍ୟ କୋଚ୍ ଚନ୍ଦିକା ହାଥୁରୁସିଙ୍ଘେଙ୍କୁ ନିଲମ୍ବିତ କରିଛନ୍ତି। ଆଗାମୀ ନ୍ୟୁଜିଲାଣ୍ଡ ଗସ୍ତ ପାଇଁ ପୂର୍ବତନ ଦ୍ରୁତ ବୋଲର ରୁମେଶ ରତ୍ନାଏକେଙ୍କୁ ଆନ୍ତରିଣ କୋଚ୍ ନିଯୁକ୍ତ କରାଯାଇଛି ବୋଲି କ୍ରିକେଟ ବୋର୍ଡ ଅଧ୍ୟକ୍ଷ ଶାମି ସିଲ୍‌ଭା ପ୍ରକାଶ କରିଛନ୍ତି। ହାଥୁରାସିଙ୍ଘେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ପାଇଁ କୋଚ୍‌ଭାବେ ଉପଲବ୍ଧ ହେବେନାହିଁ ବୋଲି ଶାମି ସିଲ୍‌ଭା ଖବରଦାତାଙ୍କୁ କହିଛନ୍ତି। ଗତ ଆଇସିସି ବିଶ୍ୱକପରେ ଶ୍ରୀଲଙ୍କାର ନୈରାଶ୍ୟଜନକ ପ୍ରଦର୍ଶନ ପରେ ହାଥୁରୁସିଙ୍ଘେ ଏବଂ ତାଙ୍କ ସହକାରୀମାନେ ପଦରୁ ଯିବେ ବୋଲି ପୂର୍ବାନୁମାନ କରାଯାଉଥିଲା।

### ପଏଣ୍ଟ ବାଣ୍ଟିଲେ ଭାରତ-ବାଂଲାଦେଶ

ବେକେନହାମ, ୭।୮ (ପି.ଟି.)- ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଦିନିକିଆ ତ୍ରି-ରାଷ୍ଟ୍ରୀୟ ସିରିଜରେ ବୁଧବାର ଭାରତ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବିନା ଫଳାଫଳରେ ଶେଷ ହୋଇଛି। ସିରିଜର ଏହି ୧୧ତମ ମ୍ୟାଚ୍‌ରେ ଟସ୍ ଜିତି ଭାରତୀୟ ଯୁବ ଦଳ ୪୯.୩ ଓଭରରେ ୨୪୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟକ ଶୁଭାଙ୍ଗ ହେଗ୍‌ଡେ ସର୍ବାଧିକ ୬୯ ରନ କରିଥିଲେ। ଜବାବରେ ବାଂଲାଦେଶ ୫.୫ ଓଭରରେ ୨ ଉଇକେଟ୍ ହରାଇ ୧୯ ରନ୍ ସଂଗ୍ରହ କରିଥିବାବେଳେ ଖରାପ ପାଗ ଯୋଗୁ ଖେଳ ଆଉ ସମ୍ଭବପର ହୋଇପାରି ନ ଥିଲା। ଫଳରେ ଉଭୟ ଦଳ ଏକ ପଏଣ୍ଟ ଲେଖାଏରେ ସନ୍ତୁଷ୍ଟ ରହିଥିଲେ।

# ‘ରକ୍ଷଣଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ’

ବେଙ୍ଗାଲୁରୁ, ୭।୮

ଚଳିତମାସ ୧୭ରୁ ୨୧ ପର୍ଯ୍ୟନ୍ତ ଜାପାନର ଟୋକିଓଠାରେ ହେବାକୁଥିବା ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ହକି ଟୁର୍ନାମେଣ୍ଟ ପାଇଁ ଭାରତୀୟ ସିନିୟର ମହିଳା ଓ ପୁରୁଷ ଦଳର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରକ୍ଷଣଭାଗ ଦୃଢ଼ ହେଲେ ଆଗାମୀ ଟୁର୍ନାମେଣ୍ଟରେ ବିଶ୍ୱର ୨ ନମ୍ବର ଦଳ ଅଷ୍ଟ୍ରେଲିଆ, ୧୧ ନମ୍ବର ଚାଇନା ଓ ୧୪ ନମ୍ବର ଜାପାନକୁ ଭାରତ କଡ଼ା ଟକ୍କର ଦେଇ ପାରିବ ବୋଲି ଅନୁଭବ କରୁଛନ୍ତି ଭାରତୀୟ ମହିଳା ଦଳର ଉପ-ଅଧିନାୟିକା ଗୋଲକିପର ସବିତା। ‘‘ଆମ ଦଳରେ ଏକାଧିକ ପ୍ରତିଭାଧର ଖେଳାଳି ରହିଛନ୍ତି। ସେମାନେ ଦୀର୍ଘଦିନ ଧରି ସାଥିହୋଇ ଖେଳିବାଦ୍ୱାରା ପଡ଼ିଆ ଭିତରେ ଓ ବାହାରେ ପରସ୍ପରକୁ ଭଲଭାବେ ବୁଝିଛନ୍ତି। ଏହା ମ୍ୟାଚ ସମୟରେ ଦଳଗତଭାବେ ଅନେକ କାମ ଦେଇଥାଏ। ଆମେ ପରସ୍ପରର ଶକ୍ତି ଓ ଦୁର୍ବଳତାକୁ ଅନୁଭବ କରିଛୁ। ତେଣୁ ଦଳଗତ ପ୍ରଦର୍ଶନ କ୍ଷେତ୍ରରେ ଆମେ କଠିନ ସମୟରେ ଏକ ହୋଇ ପରସ୍ପରକୁ ସାହାଯ୍ୟ କରିଥାଉ’’ ବୋଲି ୨୯ ବର୍ଷୀୟା ସବିତା ପ୍ରକାଶ କରିଛନ୍ତି।

ଆମେ ଖେଳିବାକୁଥିବା ଦଳ ଗୁଡ଼ିକ ମଧ୍ୟରେ ଅଷ୍ଟ୍ରେଲିଆ ସବୁଠାରୁ ଶକ୍ତିଶାଳୀ। ଗତବର୍ଷ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅବସରରେ ଆମେ ଏହି ଦଳକୁ ଭେଟିଥିଲୁ। ସେତେବେଳେ ଆମେ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଏକମାତ୍ର ଗୋଲରେ ହାରି ଯାଇଥିଲୁ। ତେବେ ଆମେ ଆମର ପ୍ରଦର୍ଶନକୁ ନେଇ ଗର୍ବିତ ଥିଲୁ। ଏବେ ଆମକୁ ଦୃଢ଼ ରକ୍ଷଣଭାଗ ସହ ଖେଳିବାକୁ ହେବ। ବିଶେଷ କରି ଅଷ୍ଟ୍ରେଲିଆକୁ ସହଜ ସୁଯୋଗ ନ ଦେବା ଆମର ମୁଖ୍ୟ ଲକ୍ଷ୍ୟ ରହିବ। ଟୋକିଓ ଟୁର୍ନାମେଣ୍ଟରେ ଯେଉଁ ଦଳର ରକ୍ଷଣଭାଗ ଯେତେ ଦୃଢ଼ ହେବ ସେହି ଦଳର ବିଜୟ ସମ୍ଭାବନା ସେତେ ଅଧିକ ରହିବ ବୋଲି ସବିତା ଅନୁଭବ କରୁଥିବା କହିଛନ୍ତି। ଭାରତୀୟ ଦଳ ଆଗାମୀ ରବିବାର ଟୋକିଓ ଯାତ୍ରା କରିବା କାର୍ଯ୍ୟକ୍ରମ ରହିଛି। ୧୭ ତାରିଖରେ ଜାପାନ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳି ଦଳ ଅଭିଯାନ ଆରମ୍ଭ କରିବ। ଇତିହାସ ଦେଖିଲେ ଏହି ମ୍ୟାଚରେ ଜାପାନର ପଲା ଭାରି ରହିଛି। ଉଭୟ ଦଳ ମଧ୍ୟରେ ୬୫ଟି ମ୍ୟାଚ ଖେଳାଯାଇଥିବାବେଳେ ଜାପାନ ୩୫ଟି ମ୍ୟାଚରେ ବିଜୟୀ ହୋଇଛି। ସେହି ତୁଳନାରେ ଦେଖିବାକୁ ଗଲେ ଭାରତ ମାତ୍ର ୧୫ ମ୍ୟାଚ ଜିତିବାକୁ ସକ୍ଷମ ହୋଇଛି। ଗତ ୧୦ଟି ମ୍ୟାଚକୁ ବିଚାରକୁ ନେଲେ ଜାପାନ ୪ ଓ ଭାରତ ୩ ମ୍ୟାଚ ଜିତିଥିବାବେଳେ ଅବଶିଷ୍ଟ ୩ ମ୍ୟାଚ ଡ୍ର ରହିଛି।



ସବିତା

‘ହିରୋଶିମାରେ ଅନୁଷ୍ଠିତ ଏଫଆଇଏଚ୍ ମହିଳା ସିରିଜ ଫାଇନାଲ୍ସ ଜିତିବାଦ୍ୱାରା ଖେଳାଳିଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ବଡ଼ ଦଳକୁ ହରାଇବା ସହ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଆଶା ବଢ଼ିଛି। ଗତ କିଛିବର୍ଷ ଧରି ମହିଳା ଦଳ ଅନେକ ମ୍ୟାଚ ଖେଳିବା ସୁଯୋଗ ପାଇଥିଲା। ମାତ୍ର ଆଶାନୁରୂପ ସଫଳତା ମିଳି ନ ଥିଲା। ମାତ୍ର ଏବେ ଆଶାତୀତଭାବେ ଦଳୀୟ ପ୍ରଦର୍ଶନରେ ଉନ୍ନତି ଘଟିଛି। ଏବେ ଆମେ ଅଷ୍ଟ୍ରେଲିଆର ସମକକ୍ଷ ବୋଲି ଅନୁଭବ କରୁଛୁ। ଏଫଆଇଏଚ୍ ମହିଳା ସିରିଜ ଫାଇନାଲ୍ସ ଜିତିବାସହ ଆମେ ବଡ଼ ମ୍ୟାଚରେ ବିଜୟୀ ହେବାର ଦକ୍ଷତା ରଖିଛୁ ବୋଲି ପ୍ରମାଣିତ କରିଛୁ। ସେତେବେଳେ ଆମେ ଜାପାନକୁ ଏହାର ଘରୋଇ ପରିବେଶରେ ୩-୧ ଗୋଲରେ ପରାସ୍ତ କରିଥିଲୁ। ଏହା ଏକ ବଡ଼ ଉପଲବ୍ଧି’’ ବୋଲି ସବିତା କହିଛନ୍ତି। ଭାରତ ପକ୍ଷରୁ ୧୯୩ ଅନ୍ତର୍ଜାତୀୟ ମ୍ୟାଚ ଖେଳି ସାରିଥିବା ଏହି ଗୋଲକିପର କହିଛନ୍ତି ଯେ, ଭାରତ ଏପରି ଏକ ଦଳରେ ପରିଣତ ହୋଇଛି ଯିଏକି ପରିସ୍ଥିତି ଅନୁସାରେ ଆକ୍ରମଣାତ୍ମକ କିମ୍ବା ରକ୍ଷଣାତ୍ମକ ଖେଳି ପାରିବ। ଜଣେ ଗୋଲକିପର ଭାବେ ମୁଁ ଆମ ରକ୍ଷଣଭାଗକୁ ଆବଶ୍ୟକ ପରାମର୍ଶ ଦେଇଥାଏ। ବିଶେଷ କରି ପ୍ରତିପକ୍ଷ ଦଳ ଯେପରି ପ୍ରଭାବ ବିସ୍ତାର କରି ନ ପାରିବ ତା’ ଉପରେ ମୁଁ ଧ୍ୟାନ ଦେଇଥାଏ। କଠିନ ପରିସ୍ଥିତିରେ ରକ୍ଷଣଭାଗ ଖେଳାଳିଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସବିତା ପ୍ରକାଶ କରିଛନ୍ତି।

■ ସର୍ବାଧିକ ଆୟକାରୀ ମହିଳା ଆଥ୍‌ଲେଟ

# ଫୋର୍ବସ ତାଲିକାରେ ସିନ୍ଧୁ ଏକମାତ୍ର ଭାରତୀୟ



ନ୍ୟୁୟର୍କ, ୭।୮

ଜଣାଶୁଣା ପତ୍ରିକା ଫୋର୍ବସ ପକ୍ଷରୁ ପ୍ରକାଶ କରାଯାଇଥିବା ବିଶ୍ୱରେ ସର୍ବାଧିକ ଆୟ କରୁଥିବା ମହିଳା ଆଥ୍‌ଲେଟଙ୍କ ତାଲିକାରେ ବ୍ୟାଡ୍‌ମିଣ୍ଟନ ଷ୍ଟାର ପି.ଭି. ସିନ୍ଧୁ ଏକମାତ୍ର ଭାରତୀୟ ଭାବେ ସ୍ଥାନ ପାଇଛନ୍ତି। ବାର୍ଷିକ ୫.୫ ନିୟୁତ ଡଲାର ଆୟ କରୁଥିବା ସିନ୍ଧୁ ୧୩ତମ ସ୍ଥାନରେ ରହିଛନ୍ତି। ଏହାର ଅର୍ଥ ଭାରତୀୟ ମୁଦ୍ରାରେ ତାଙ୍କ ବାର୍ଷିକ ଆୟ ୩୮.୮୩ କୋଟି। ସିନ୍ଧୁ ଭାରତର ସବୁଠୁ ଅଧିକ ଆୟକାରୀ ମହିଳା ଆଥ୍‌ଲେଟ। ସେ ଗତବର୍ଷ ପ୍ରଥମ ଭାରତୀୟ ଖେଳାଳି ଭାବେ ସିଜନ ଶେଷରେ ହେଉଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଫାଇନାଲ୍ସ ଜିତିଥିଲେ ବୋଲି ଫୋର୍ବସ ପତ୍ରିକା ପକ୍ଷରୁ କୁହାଯାଇଛି। ଏହି ତାଲିକାରେ ଆମେରିକାର କିମ୍ବଦନ୍ତୀ ମହିଳା ଟେନିସ୍ ଖେଳାଳି ସେରେନା ୱିଲିୟମ୍ସ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ବାର୍ଷିକ ଆୟ ସର୍ବାଧିକ ୨୯.୨ ନିୟୁତ ଡଲାର, ଯାହାକି ଭାରତୀୟ ମୁଦ୍ରାରେ ୨୦୬ କୋଟିରୁ ଊର୍ଦ୍ଧ୍ୱ। ତାଙ୍କ ପଛକୁ ଗତବର୍ଷର ୟୁଏସ୍ ଓପନ ଚାମ୍ପିୟନ ନାଓମି ଓସାକା (୨୪.୩ ନିୟୁତ ଡଲାର) ରହିଛନ୍ତି। ଖେଳାଳିଙ୍କୁ ମିଳୁଥିବା ଟୁର୍ନାମେଣ୍ଟର ପୁରସ୍କାର ରାଶି, ଦରମା, ବୋନସ, ବିଜ୍ଞାପନରୁ ହେଉଥିବା ଆୟ ଓ କୌଣସି ଇଭେଣ୍ଟରେ ଉପସ୍ଥିତ ରହିବା ବାବଦକୁ ୨୦୧୮, ଜୁନ୍‌ରୁ ଚଳିତବର୍ଷ ଏପର୍ଯ୍ୟନ୍ତ ମିଳିଥିବା ଆୟକୁ ଫୋର୍ବସ ହିସାବକୁ ନେଇ ଏହି ତାଲିକା କରିଛି।

# ହକି ଇଣ୍ଡିଆର ୩୧ ଲକ୍ଷ ଟଙ୍କା ସହାୟତା

ଭୁବନେଶ୍ୱର,୭।୮(ସ୍ପୋର୍ଟ୍ସ ବ୍ୟୁରୋ)

ପ୍ରଳୟଙ୍କରୀ ଫନୀ ବାତ୍ୟା ପାଇଁ ହକି ଇଣ୍ଡିଆ ତରଫରୁ ଓଡ଼ିଶା ସରକାରଙ୍କୁ ଅର୍ଥ ପ୍ରଦାନ କରାଯାଇଛି। ହକି ଇଣ୍ଡିଆ ଏଥିପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୩୧ ଲକ୍ଷ ଟଙ୍କା ପ୍ରଦାନ କରିଛି। ହକି ଇଣ୍ଡିଆ ଅଧ୍ୟକ୍ଷ ମୁସ୍ତାକ ଅହମ୍ମଦ ଓ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ମୁଖ୍ୟ ନରିନ୍ଦର ବାତ୍ରା ବୁଧବାର ମିଳିତ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚେକ୍ ପ୍ରଦାନ କରିଥିଲେ। ଜୁନ୍ ୬ରୁ ୧୫ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଏଫ୍‌ଆଇଏଚ୍ ପୁରୁଷ ହକି ସିରିଜ୍ ଫାଇନାଲ୍ସର ମ୍ୟାଚ୍ ଟିକେଟ ବିକ୍ରିରୁ ଏହି ପରିମାଣର ଅର୍ଥ ଉପଲବ୍ଧ ହୋଇଥିଲା। ପୂର୍ବରୁ ମଧ୍ୟ ଟିକେଟ ବିକ୍ରିରୁ ମିଳିବାକୁ ଥିବା ସବୁ ଅର୍ଥକୁ ଫନୀ ବାତ୍ୟା ପୀଡିତଙ୍କୁ ସାହାଯ୍ୟାର୍ଥେ ପ୍ରଦାନ କରିବାକୁ ହକି ଇଣ୍ଡିଆ ପ୍ରତିଶ୍ରୁତି ଦେଇଥିଲା। ଶେଷରେ ଏହାକୁ ହକି ଇଣ୍ଡିଆ ପୂରଣ କରିଛି। ଉଲ୍ଲେଖଥାଉ କି, ଚଳିତ ବର୍ଷ ଫନୀ ଯୋଗୁ ଓଡ଼ିଶା ଉପକୂଳରେ ପ୍ରଭୂତ କ୍ଷତି ହୋଇଥିଲା ଓ ରାଜ୍ୟର ଭିତ୍ତିଭୂମିକୁ ଦୋହଲାଇ ଦେଇଥିଲା। ରାଜ୍ୟର ୧୪ଟି ଜିଲାର ୧୫୯ଟି ବ୍ଲକର ଦେଢ଼ କୋଟି ଲୋକ ଏହାଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲେ। ତେବେ ଏହା ସତ୍ତ୍ୱେ ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ସଫଳତାର ସହ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହୋଇଥିଲା। ଓଡ଼ିଶା ସରକାରଙ୍କ ସହାୟତା ଓ ରାଜ୍ୟ ଲୋକଙ୍କ ଭଲ ପାଇବା ଯୋଗୁ ଏହି ଟୁର୍ନାମେଣ୍ଟ ସଫଳତାର ସହ ଆୟୋଜିତ ହୋଇଥିଲା ବୋଲି ହକି ଇଣ୍ଡିଆ କହିଛି।

### ଓଲି ଷ୍ଟୋନ୍ ବାଦ୍

ଲଣ୍ଡନ, ୭।୮

ଆଘାତଜନିତ ସମସ୍ୟା ଇଂଲଣ୍ଡ ଦ୍ରୁତ ବୋଲର ଓଲି ଷ୍ଟୋନ୍ ଲର୍ଡ୍ସରେ ଖେଳାଯିବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ୨ୟ ଆଶେସ ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। ୱର୍କଶାୟର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଷ୍ଟୋନ୍ ଏଜ୍‌ବାଷ୍ଟନରେ ଅଭ୍ୟାସ କରୁଥିବାବେଳେ ପିଠି ଯନ୍ତ୍ରଣାଜନିତ ଆଘାତ ପାଇଥିଲେ ଏବଂ ତାଙ୍କୁ ୨ ସପ୍ତାହ ଲାଗି ବିଶ୍ରାମ ଦିଆଯାଇଛି। ଫଳରେ ଅଗଷ୍ଟ ୧୪ରୁ ଆରମ୍ଭ ହେବାକୁ ଥିବା ଆଶେସ ସିରିଜର ୨ୟ ମ୍ୟାଚ୍‌ରୁ ସେ ବାଦ୍ ପଡ଼ିବା ନିଶ୍ଚିତ ହୋଇଛି।

# ଆନ୍ତଃ ସ୍କୁଲ ଫୁଟବଲ: ବିଜେଇଏମ୍ ବିଜୟୀ

ଭୁବନେଶ୍ୱର, ୭।୮(କ୍ରୀଡ଼ା ପ୍ରତିନିଧି)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୬ ନମ୍ବର ହାଇସ୍କୁଲ ପଡ଼ିଆରେ ଚାଲିଥିବା ୟୁନିଲାଇଟ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ବୁଧବାର ଗୋଟିଏ ମ୍ୟାଚ ଡ୍ର ରହିଥିବାବେଳେ ଅନ୍ୟ ମ୍ୟାଚରେ ବିଜେଇଏମ ସ୍କୁଲ ବିଜୟୀ ହୋଇଛି। ପ୍ରଥମ ମ୍ୟାଚଟି ମଦର୍ସ ପବ୍ଲିକ ସ୍କୁଲ ଏବଂ ଡିଏଭି ଚନ୍ଦ୍ରଶେଖରପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣଭାବେ ଶେଷ ହୋଇଥିବା ମ୍ୟାଚରେ ଉଭୟ ଦଳ କେତେକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଲକ୍ଷ୍ୟହୀନ ଶଟ୍ ଯୋଗୁ କୌଣସି ଗୋଲ ହୋଇପାରି ନ ଥିଲା। ଫଳରେ ମ୍ୟାଚଟି ଗୋଲଶୂନ୍ୟ ଡ୍ର ରହିଥିଲା। ଅନ୍ୟପକ୍ଷରେ ସମ୍ପୂର୍ଣ୍ଣ ଏକପାଖିଆଭାବେ ଶେଷ ହୋଇଥିବା ଦ୍ୱିତୀୟ ମ୍ୟାଚରେ ବିଜେଇଏମ ୫-୦ ଗୋଲରେ ଟାଇମ୍ସ ଗୁରୁକୁଳକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ପ୍ରଥମାର୍ଦ୍ଧର ୨ୟ, ୬ଷ୍ଠ ଓ ୧୦ମ ମିନିଟରେ ଯଥାକ୍ରମେ ସୌମେଶ ମହାନ୍ତି, ଜାଫିଲ ଅବଦୁଲା ଓ ସ୍ମୃତି ସ୍ୱାଗତ ନାୟକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧର ୫ମ ଓ ୬ଷ୍ଠ ମିନିଟରେ ସ୍ମୃତି ସ୍ୱାଗତ ଏବଂ ସୌମେଶ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ପ୍ରଥମ ମ୍ୟାଚରେ ୬ ନମ୍ବର ବାଳକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସୂଦନ ମଲିକ ଅତିଥିଭାବେ ଯୋଗଦେଇ ଡିଏଭି ଚନ୍ଦ୍ରଶେଖରପୁରର ଅଙ୍କୁର ମଲିକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦେଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ କିସ୍‌ର କ୍ରୀଡ଼ା ଅଧିକାରୀ ରୁଦ୍ରକେଶ ଜେନା ଅତିଥିଭାବେ ଯୋଗଦେଇ ବିଜେଇଏମ ସ୍କୁଲର ସ୍ୱାଗତ ନାୟକଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ ଦ୍ୱୟକୁ ସରୋଜ ମହାରଣା, ଶେଖାଓ୍ୱତ ଖାଁ, ଦିବ୍ୟଜ୍ୟୋତି ସିଂ, ଚନ୍ଦ୍ରକାନ୍ତ ବାରିକ, ଦୁର୍ଗା ଆଚାର୍ଯ୍ୟ, ଅମିତ ନାୟକ, ରାଜେନ୍ଦ୍ର ବାରିକ ଓ ଟି. ମୋହନ ରାଓ ପରିଚାଳନା କରିଥିଲେ।



ଅଙ୍କୁର ମଲିକ (ଡାହାଣ) ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ପଦକ ଧରି ଫେରିଲେ ଡିସକସ୍ କୁଇନ୍ ପାର୍ବତୀ

କଟକ ଅଫିସ,୭।୮

ଇଟାଲୀର ଟୋରିନୋ ସହରରେ ଶେଷ ହୋଇଥିବା ୟୁରୋପିଆନ ମାଷ୍ଟର୍ସ ଗେମ୍ସରେ ଭାରତ ପାଇଁ ଡବଲ ପଦକ ବିଜୟୀ ହୋଇ ଫେରିଛନ୍ତି ଅନ୍ତର୍ଜାତୀୟ ଆଥଲେଟ ପାର୍ବତୀ ସେଠୀ। ବୁଧବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପାର୍ବତୀଙ୍କୁ ଭବ୍ୟ ସ୍ୱାଗତ ଜଣାଯାଇଥିଲା। ସ୍ପ୍ରିଣ୍ଟ କୁଇନ ଦୂତୀ ଚାନ୍ଦ, ପାର୍ବତୀଙ୍କ କୋଚ ଅରୁଣ ଦାସ, ମାଷ୍ଟର ଗେମ୍ସ ଆସୋସିଏଶନର ସମ୍ପାଦକ ଶିବପ୍ରସାଦ ମିଶ୍ର, ପୂର୍ବତଟ ରେଲୱେର ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ପାର୍ବତୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ରେଳମନ୍ତ୍ରୀ ପୀୟୂଷ ଗୋଏଲ, ଭାଜପା ବରିଷ୍ଠ ନେତା ବୈଜୟନ୍ତ ପଣ୍ଡା, କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ ମଧ୍ୟ ଟୁଇଟର ମାଧ୍ୟମରେ ପାର୍ବତୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ସଫଳତାର ଶ୍ରେୟ ପାର୍ବତୀ ନିଜ କୋଚ୍ ଓ ପରିବାର ଲୋକଙ୍କୁ ଦେଇଥିବା ବେଳେ ଆଗାମୀ ଦିନରେ ସ୍ୱର୍ଣ୍ଣ ବିଜୟୀ ହେବାର ଲକ୍ଷ୍ୟ ରଖିଥିବା କହିଥିଲେ। ଚାଇନାରେ ହେବାକୁ ଥିବା ବିଶ୍ୱ ମାଷ୍ଟର୍ସ ଚାମ୍ପିୟନଶିପ-୨୦୨୦ ନିମନ୍ତେ ଏବେଠାରୁ ନିଜକୁ ପ୍ରସ୍ତୁତ କରିବେ। ଇଟାଲୀରେ ଶେଷ ହୋଇଥିବା ଟୁର୍ନାମେଣ୍ଟରେ ଯେଉଁ କେତୋଟି ଛୋଟ ତ୍ରୁଟି ରହିଥିଲା ସେ ଦିଗରେ ଧ୍ୟାନ ଦେବେ ବୋଲି ପାର୍ବତୀ ନିଜ ପ୍ରତିକ୍ରିୟାରେ କହିଛନ୍ତି। ପୁଅ ଆଦିତ୍ୟ ବେହେରାଙ୍କର ବୁଧବାର ଜନ୍ମଦିନ ଥିବାବେଳେ ଏହି ଦିନ ପ୍ରତ୍ୟାବର୍ତ୍ତନ କରିଥିବାରୁ ପାର୍ବତୀଙ୍କ ଖୁସି ଦ୍ୱିଗୁଣିତ ହୋଇଥିଲା। ସୂଚନାଥାଉ କି ୟୁରୋପିଆନ ମାଷ୍ଟର୍ସ ଗେମ୍ସ ଶଟପୁଟ ବିଭାଗର ଫାଇନାଲରେ ୧୦.୧୬ ମିଟର ଫିଙ୍ଗି ପାର୍ବତୀ ବ୍ରୋଞ୍ଜ ପଦକ ଜିତିଥିଲେ। ଅଳ୍ପ ବ୍ୟବଧାନରେ ପାର୍ବତୀ ରୌପ୍ୟ ପଦକରୁ ବଞ୍ଚିତ ହୋଇଥିଲେ। ନିଜ ମୁଖ୍ୟ ଇଭେଣ୍ଟ ଡିସକସରେ ପାର୍ବତୀ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ୪୫.୫୫ ମିଟର ଫିଙ୍ଗି ପାର୍ବତୀ ଡିସ୍‌କସ୍‌ରେ ଏହି ସଫଳତା ପାଇଥିଲେ।


ଡିସକସ୍ କୁଇନ୍ ପାର୍ବତୀ ସେଠୀଙ୍କ ସହ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ।

■ ନ୍ୟାଶନାଲ୍ ମୋଟର ରେସିଂ

# ହୋଣ୍ଡାର ଡବଲ୍ ବିଜୟ

ଭୁବନେଶ୍ୱର, ୭।୮(ସ୍ପୋର୍ଟ୍ସ ବ୍ୟୁରୋ)

ଚେନ୍ନାଇଠାରେ ଚାଲିଥିବା ଇଣ୍ଡିଆନ ନ୍ୟାଶନାଲ ମୋଟର ରେସିଂ ଚାମ୍ପିୟନଶିପର ତୃତୀୟ ରାଉଣ୍ଡରେ ଆଇଡିମିତ୍‌ସୁ ହୋଣ୍ଡା ରେସିଂ ଇଣ୍ଡିଆର ଚାଳକମାନେ ସର୍ବାଧିକ ୧୦ ପୋଡିୟମ୍ ଫିନିସ୍ କରିଛନ୍ତି। କ୍ରମାଗତ ଚତୁର୍ଥ ବିଜୟ ସହ ରାଜୀବ ସେଥୁ ପ୍ରୋଷ୍ଟକ ୧୬୫ ସିସି ଚାମ୍ପିୟନ୍‌ଶିପରେ ଅଗ୍ରଣୀ ହାସଲ କରିଛନ୍ତି। ସରଥଙ୍କ ଡବଲ୍ ପୋଡିୟମ୍ ଫିନିସ୍ ଯୋଗୁ ହୋଣ୍ଡା ତୃତୀୟ ସ୍ଥାନ ଅଧିକାର କରିଛି।

ପ୍ରୋଷ୍ଟକ୍ ୨୦୧-୩୦୦ ସିସି ବର୍ଗରେ ଆଇଡିମିତ୍‌ସୁ ହୋଣ୍ଡା ଟେନ୍ ୧୦ ରେସିଂ ଟିମ୍‌ର ତିନି ଚାଳକ ଅନିଶ ସେଟ୍ଟି (ପ୍ରଥମ), ଅଭିଷେକ ଭି. (ଦ୍ୱିତୀୟ) ଓ ଅରବିନ୍ଦ ବି. (ତୃତୀୟ) ପ୍ରଥମ ତିନିସ୍ଥାନରେ ରହିଛନ୍ତି। କାର୍ତ୍ତିକ ହବିବ୍‌ଙ୍କ ସହ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା କରି ମହମ୍ମଦ ମିକାଇଲ ପ୍ରଥମ ସ୍ଥାନ ହାସଲ କରି ଆଇଡିମିତ୍‌ସୁ ହୋଣ୍ଡା ଟ୍ୟାଲେଣ୍ଟ କପ୍ ଏନ୍‌ଏସ୍‌ଏଫ୍ ୨୫୦ଆର୍ ବର୍ଗରେ ଅଗ୍ରଣୀ ରହିଛନ୍ତି। କେଭିନ୍ କ୍ୱିଷ୍ଟାଲ୍ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଆଇଡିମିତ୍‌ସୁ ହୋଣ୍ଡା ଟ୍ୟାଲେଣ୍ଟ କପ୍ ସିବି୧୫୦ଆର୍ ରେସ୍ ବର୍ଗରେ ସାମୁଏଲ ମାର୍ଟିନ୍ ପ୍ରଥମ, ଲାଲ୍ ନୁନ୍‌ସାଙ୍ଗ ଦ୍ୱିତୀୟ ଓ ଦୀପକ କୁମାର ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହି ରାଉଣ୍ଡ ଶେଷ ହେବା ସହ ହୋଣ୍ଡା ରେସିଂ ଇଣ୍ଡିଆ ଟିମ୍ ଚାଇନାର ଜୁହାଇ ଯାତ୍ରା କରିବ। ସେଠାରେ ଏସିଆର ଶ୍ରେଷ୍ଠ ଚାଳକମାନଙ୍କ ସହିତ ସପ୍ତାହ ଶେଷରେ ଏସିଆ ରୋଡ୍ ରେସିଂ ଚାମ୍ପିୟନ୍‌ଶିପ୍‌ରେ ଅଂଶଗ୍ରହଣ କରିବ ବୋଲି ବ୍ରାଣ୍ଡ୍ ଆଣ୍ଡ୍ କମ୍ୟୁନିକେସନ, ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଉପସଭାପତି ପ୍ରଭୁ ନାଗରାଜ ପ୍ରକାଶ କରିଛନ୍ତି।


ରେସ୍ ଅବସରରେ ରାଜୀବ ସେଥୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୮/୨୦୧୯ Bhubaneswar, Thursday, August 8/ 2019

## ସଂକ୍ଷେପରେ

### ଉନ୍ନୟନ ପାଣ୍ଠି ହଡ଼ପ ଘଟଣା ୨ ପିଇଓ ନିଲମ୍ବିତ

ନିଆଳି,୭।୮(ଡି.ଏନ୍.ଏ.): ନିଆଳି ବ୍ଲକ ଅନ୍ତର୍ଗତ କପାସୀ ପଞ୍ଚାୟତର ଉନ୍ନୟନ ପାଣ୍ଠି ହଡ଼ପ ଘଟଣାରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ବୁଧବାର ସମ୍ପୃକ୍ତ ଦୁଇଜଣ ପିଇଓଙ୍କୁ ନିଲମ୍ବିତ କରିଛନ୍ତି। ସେମାନେ ହେଲେ ବର୍ତ୍ତମାନର ପିଇଓ ଛାୟାକାନ୍ତ ଜରାଇ ଓ ପୂର୍ବରୁ ଏହି ପଞ୍ଚାୟତ ଦାୟିତ୍ୱରେ ଥିବା ପିଇଓ ଧ୍ରୁବ ଚରଣ ଦେହୁରୀ। ଏହା ସହ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ରଞ୍ଜନ କୁମାର ଜେନା ନିଲମ୍ବିତ ଦୁଇ ପିଇଓ ଓ ସରପଞ୍ଚଙ୍କ ନାମରେ ନିଆଳି ଥାନାରେ ଏତଲା ଦେଇଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୧୭୫/୧୯)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ପଞ୍ଚାୟତରେ ସର୍ବସାଧାରଣଙ୍କ ବିକାଶ ଉଦ୍ଦେଶ୍ୟରେ ଆସିଥିବା ବିଭିନ୍ନ ଅର୍ଥକୁ ସ୍ଥାନୀୟ ସରପଞ୍ଚ ଓ ଦୁଇ ଜଣ ପିଇଓ ବେଆଇନ ଭାବେ ଅର୍ଥ ଉଠାଇ ହଡ଼ପ କରୁଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହେଉଥିଲା। ଏହାର ତଦନ୍ତ ପରେ ଜଣାପଡିଥିଲା ଯେ, ପଞ୍ଚାୟତର କୌଣସି ଉନ୍ନୟନମୂଳକ କାର୍ଯ୍ୟ କରା ନ ଯାଇ ୪୨ଲକ୍ଷ ଟଙ୍କା ହଡପ ହୋଇଥିବା ଜଣାପଡିଥିଲା।

### ସାଇଫନ୍‌ରେ ଭାସି ମଇଁଷିଆଳ ମୃତ

ଟାଙ୍ଗୀ(କଟକ),୭।୮(ଡି.ଏନ୍.ଏ.): ଟାଙ୍ଗୀଥାନା ଅନ୍ତର୍ଗତ ଉଚ୍ଛପଦାସ୍ଥିତ ହାଇଲେବଲ କେନାଲର ନିକଟରେ ଥିବା ନଅ ମାଇଲ ସାଇଫନ୍‌ରେ ଭାସି ବୁଧବାର ଅପରାହ୍ଣରେ ଜଣେ ମଇଁଷିଆଳ(ମଇଁଷି ରଖୁଆଳ)ଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଝାଡ଼େଶ୍ୱର କଡ଼େଇ ଗ୍ରାମର ଗୁରୁଚରଣ ଦାସ(୫୫)। ଶୌଚ ପାଇଁ ଯୋରକୁ ଓହ୍ଲାଉ ଥିବାବଳେ ଗୋଡ ଖସିଯିବାରୁ ସାଇଫନ୍‌ରୁ ବାହାରୁ ଥିବା ପାଣି ସୁଅରେ ଭାସି ଯାଇଥିଲେ। ସାଇଫନ୍‌ର ଅପର ପାର୍ଶ୍ୱରେ ବାହାରିବା ବେଳେ ଅଚେତ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ପୋଲିସକୁ ଖବର ଦେଇଥିଲେ। ଏହା ପରେ ମୃତକଙ୍କ ସାନଭାଇ ପ୍ରଭାକର ଦାସଙ୍କ ଅଭିଯୋଗକ୍ରମେ ଟାଙ୍ଗୀ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫/୧୯)ରୁଜୁ କରିଛି। ବ୍ୟବଚ୍ଛେଦ ପାଇଁ ମୃତଦେହକୁ କଟକ ବଡ଼ ଡାକ୍ତରଖାନା ପଠାଯାଇଥିବା ଥାନା ଅଧିକାରୀ ବିମଳ ବାରିକ କହିଛନ୍ତି।







ବରିଷ୍ଠ ଭାଜପା ନେତା ସୁଷମା ସ୍ୱରାଜଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ପୂର୍ବକ ପୁରୀ ବେଳାଭୂମିରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଓ ମାନସ ସାହୁ ତିଆରି କରିଥିବା ବାଲୁକା କଳାକୁ ବୁଧବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ବୁଲି ଦେଖୁଛନ୍ତି।

# ବାଲୁକା କଳା, ଦୀପଦାନରେ ସୁଷମା ସ୍ୱରାଜଙ୍କୁ ଶ୍ରଦ୍ଧାଞ୍ଜଳି

**ପୁରୀ ଅଫିସ, ୭।୮**

ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ସୁଷମା ସ୍ୱରାଜଙ୍କ ପରଲୋକରେ ପୁରୀର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ପୁରୀ ଜିଲା ଭାଜପା ପକ୍ଷରୁ ଦଳୀୟ କାର୍ଯ୍ୟାଳୟଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀ ନଗର ସଭାପତି ନାରାୟଣ ପାତ୍ର ଅଧ୍ୟକ୍ଷତା କରିଥିଲେ। ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ମହିଳା ମୋର୍ଚ୍ଚା ସଭାପତି ଜ୍ୟୋତି ମହାପାତ୍ର, ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ ଦାଶ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ସ୍ମୃତି ଚାରଣ କରିଥିଲେ। ସେହିପରି ଏମ୍.କେ. ଜୁଡୋ ଗ୍ରୁପ୍ ପକ୍ଷରୁ ମନୋଜ କୁମାର ସାହୁଙ୍କ ନେତୃତ୍ୱରେ ସିଂହଦ୍ୱାର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ବେଳାଭୂମିରେ ବାଲୁକା କଳା ମାଧ୍ୟମରେ ସୁଷମାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏବଂ ମାନସ କୁମାର ସାହୁ। ୩୭୦ ଅନୁଚ୍ଛେଦ ଉଚ୍ଛେଦ ପରେ ସୁଷମା ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲେଖିଥିବା ଶେଷ ଟୁଇଟ୍ 'ଆଇ ୱାଜ୍ ୱେଟିଂ ଟୁ ସି ଦିସ୍ ଡେ ଇନ୍ ମାଇଁ ଲାଇଫ୍‌ଟାଇମ'କୁ ବାଲୁକା କଳାରେ ଉଲ୍ଲେଖ କରିଥିଲେ ସୁଦର୍ଶନ। ଏହାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସପରିବାର ଦେଖିବା ସହ ସୁଷମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ବାଲୁକା ଶିଳ୍ପୀ ମାନସ ୧୫ଟନ୍ ବାଲି ବ୍ୟବହାର କରି ୧୫ଫୁଟ ଓସାରର ବାଲୁକା କଳା ତିଆରି କରିଥିଲେ।

## ଗଠନ ହେବ ଶିକ୍ଷା ପରାମର୍ଶଦାତା ପରିଷଦ

**ଭୁବନେଶ୍ୱର, ୭।୮(ବ୍ୟୁରୋ)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆଇଆଇଟି ଭୁବନେଶ୍ୱରଠାରେ ଆୟୋଜିତ ଶିକ୍ଷା ପ୍ରଶାସନ ଅଧିକାରୀଙ୍କ ତିନିଦିନିଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଉଦ୍‌ଯାପନ ଉତ୍ସବରେ ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ରାଜ୍ୟରେ ଗୁଣାତ୍ମକ ଶିକ୍ଷା ହାସଲ ନିମନ୍ତେ ଶିକ୍ଷା ପ୍ରଶାସକମାନେ ବ୍ଲକ୍‌ଠାରୁ ଆରମ୍ଭ କରି ଜିଲା ପର୍ଯ୍ୟନ୍ତ ଅଭିଭାବକ ଓ ଗୋଷ୍ଠୀ ସହଯୋଗକ୍ରମେ ସକରାତ୍ମକ ମନୋଭାବ ସୃଷ୍ଟି କରନ୍ତୁ। ମୁଖ୍ୟମନ୍ତ୍ରୀଙ୍କ ୫-ଟି ମନ୍ତ୍ର ଆଧାରରେ ରାଜ୍ୟରେ ଉପଯୁକ୍ତ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଶିକ୍ଷାର ମୁଖ୍ୟ ସୋତ୍ରରେ ରାଜ୍ୟର ସବୁ ପିଲାଙ୍କୁ ସାମିଲ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ତଦନୁଯାୟୀ ବିଶେଷଜ୍ଞମାନଙ୍କୁ ନେଇ ଶିକ୍ଷା ପରାମର୍ଶଦାତା ପରିଷଦ ଗଠନ କରାଯିବାକୁ ପ୍ରସ୍ତାବ ରହିଥିବା ସେ କହିଛନ୍ତି। ଏହି ସମ୍ମିଳନୀରେ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ବିଶ୍ୱନାଥ ପ୍ରଧାନ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିରରେ ରାଜ୍ୟପାଳ

### ସୁଷମାଙ୍କ ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ

**ପୁରୀ ଅଫିସ, ୭।୮**

ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତ୍ରୀ ସୁଷମା ସ୍ୱରାଜଙ୍କ ପରଲୋକରେ ଦେଶବ୍ୟାପୀ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମଧ୍ୟ ସୁଷମାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ବୁଧବାର ଅପରାହ୍ଣରେ ସପରିବାର ରାଜ୍ୟପାଳ ଶ୍ରୀମନ୍ଦିରକୁ ଆସି ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବା ସହ କଳ୍ପବଟ ମୂଳରେ ବସି କିଛି ସମୟ ପ୍ରାର୍ଥନା କରିଥିଲେ। ପ୍ରାୟ ଅଧଘଣ୍ଟା ପରେ ରାଜ୍ୟପାଳ ଶ୍ରୀମନ୍ଦିରରୁ ବାହାରି ଗଣମାଧ୍ୟମକୁ କହିଥିଲେ, ସୁଷମା ତାଙ୍କର ପ୍ରିୟ ଭଉଣୀ ଥିଲେ। ଏହିପରି ଜଣେ ମହୀୟସୀଙ୍କୁ ମହାପ୍ରଭୁ ଏ ପୃଥିବୀକୁ ଆହୁରି ସୁନ୍ଦର କରିବା ଲାଗି ପଠାଇଥିଲେ। ସେହି ସୁନ୍ଦର ମଣିଷଙ୍କୁ ଠାକୁର ପୁଣି ନିଜ ପାଖକୁ ନେଇଗଲେ। ସୁଷମାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରିବା ଲାଗି ସପରିବାର ଆସିଥିବା ରାଜ୍ୟପାଳ କହିଥିଲେ। ତାଙ୍କ ସହ ଏକ ସ୍ମୃତିକୁ ମନେ ପକାଇ ରାଜ୍ୟପାଳ କହିଥିଲେ, ଯେତେବେଳେ ମୁଁ ଓଡ଼ିଶାର ରାଜ୍ୟପାଳ ଭାବେ ନିଯୁକ୍ତି ପାଇଲି ସେତେବେଳେ ସୁଷମାଙ୍କୁ ସାକ୍ଷାତ୍ କରିବାକୁ ଚାହିଁଥିଲି। କିନ୍ତୁ ସେ କହିଥିଲେ ଆପଣ ଶପଥ ନେଇ ସାଥୀରେ ଏଡିସିଙ୍କୁ ଆଣି ଆସିଲେ ମୁଁ ସାକ୍ଷାତ୍ କରିବି। ଏହାପରେ ମୁଁ ଶପଥ ନେଇ ଏଡିସିଙ୍କୁ ସାଙ୍ଗରେ ଧରି ଯାଇଥିଲି। ସୁଷମା ବହୁତ ସ୍ନେହୀ ଏବଂ ମେଳାପୀ ଥିଲେ ବୋଲି ରାଜ୍ୟପାଳ କହିଥିଲେ।

# କୀଟଦମନ ପାଇଁ ମୋବାଇଲ ଆପ୍ ଲୋକାର୍ପିତ

**ଭୁବନେଶ୍ୱର, ୭।୮(ବ୍ୟୁରୋ)**




ରୋଗପୋକ ସର୍ବେକ୍ଷଣ ଫସଲ ସୁରକ୍ଷା ଏବଂ କୀଟନାଶକ ଔଷଧର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ମାଷ୍ଟର ଟ୍ରେନରମାନଙ୍କର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର କୃଷି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗଦେଇ ରୋଗପୋକର ଆକ୍ରମଣରୁ ଫସଲକୁ ରକ୍ଷା କରିବା ଓ କୀଟଦମନ ପାଇଁ ଏକ ନୂତନ ମୋବାଇଲ ଆପ୍ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ସାହୁ କହିଲେ, ଫସଲରେ କୀଟ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଓ ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ଅତିଶୀଘ୍ର ବ୍ୟାପୁଥିବାରୁ ଏହାର ଦମନ ନିମନ୍ତେ ତୁରନ୍ତ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ଗ୍ରାମ କୃଷି କର୍ମଚାରୀ, ଜିଲା କୃଷି ଅଧିକାରୀ, ଉପନିର୍ଦ୍ଦେଶକ କୃଷି, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ବିଶେଷଜ୍ଞ ସମସ୍ତେ ଏହି ଆପ୍ ମାଧ୍ୟମରେ ପରସ୍ପର ସହିତ ସଂଯୋଗରେ ରହି କୀଟଦମନ ପାଇଁ ମିଳିତ ଉଦ୍ୟମ କରିବେ। ଏହି ଆପ୍ ମାଧ୍ୟମରେ ଚାଷୀ ଓ କ୍ଷେତ୍ର କର୍ମଚାରୀ ଫସଲରେ ଲାଗିଥିବା ରୋଗପୋକର ଫଟୋ ଉଠାଇ ସିଧାସଳଖ ବିଶେଷଜ୍ଞଙ୍କ ନିକଟକୁ ପଠାଇଲେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଉପଦେଶାବଳୀ ପାଇପାରିବେ। ରାଜ୍ୟସ୍ତରରେ ମଧ୍ୟ କୃଷିର ସ୍ଥିତି ଉପରେ ନିରୀକ୍ଷଣ କରାଯିବ। ଏହି ନୂତନ ମୋବାଇଲ ଆପ୍ ରାଜ୍ୟର କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ। ପୋକ ଦମନ ନିମନ୍ତେ ବ୍ୟବହୃତ କୀଟନାଶକର ଠିକ୍ ମାତ୍ରା, ଠିକ୍ ଫସଲ, ଠିକ୍ ସମୟରେ ସୁରକ୍ଷିତ ବ୍ୟବହାର ସମ୍ପର୍କରେ ଚାଷୀମାନେ ଜାଣିବାର ଆବଶ୍ୟକତା ଦୃଷ୍ଟିରୁ ଚାଷୀମାନଙ୍କୁ ତାଲିମ ନେବାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ରାଜ୍ୟର ୩ଲକ୍ଷ ୪୦ ହଜାର ୫୦୦ ଚାଷୀଙ୍କୁ ତାଲିମ ଦେବାର କାର୍ଯ୍ୟକ୍ରମ ରହିଛି। ଭାରତରେ ଏହିପରି ସଚେତନତା ଅଭାବରୁ ପ୍ରତିବର୍ଷ ପ୍ରାୟ ୧୦ ହଜାର ଲୋକଙ୍କର ଚର୍ମ, ଆଖି, କିଡ୍‌ନୀ, ସ୍ନାୟୁଯନ୍ତ୍ର ଆଦି ରୋଗର ଶିକାର ହୋଇ ମୃତ୍ୟୁ ଘୁଟୁଛି। ଏଥି ନିମନ୍ତେ ରାଜ୍ୟ, ଜିଲା ଏବଂ ପଞ୍ଚାୟତସ୍ତରରେ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତ ସମ୍ପ୍ରସାରଣ ଅଧିକାରୀ ଓ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

- ରୋଗପୋକର ଫଟୋ ପଠାଇ ପରାମର୍ଶ ନେବେ ଚାଷୀ
- ୩ଲକ୍ଷ ଚାଷୀଙ୍କୁ ଦିଆଯିବ ତାଲିମ
- ପ୍ରଶିକ୍ଷଣ ନେଲେ ମାଷ୍ଟର ଟ୍ରେନର

ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କୃଷି ଉତ୍ପାଦନ କମିଶନର ଗଗନ କୁମାର ଧଳ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଶାସନ ସଚିବ ସୌରଭ ଗର୍ଗ, ଓୟୁଏଟି କୁଳପତି ପବନ କୁମାର ଅଗ୍ରୱାଲ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ପ୍ରମୁଖ ଉପସ୍ଥିତ ଥିଲେ।




## ୫ ସିନେମା ପ୍ରେକ୍ଷାଳୟକୁ କମିଶନରେଟ୍ ପୋଲିସର ନୋଟିସ

**ଭୁବନେଶ୍ୱର, ୭।୮(ବ୍ୟୁରୋ)**

ଲାଇସେନ୍ସ ନବୀକରଣ ହୋଇ ନ ଥିବା ନେଇ କମିଶନରେଟ ପୋଲିସ ଅଧୀନ ଭୁବନେଶ୍ୱର ଓ କଟକର ୫ ଟି ପେକ୍ଷାଳୟକୁ ସ୍କ୍ରିନିଂ ବନ୍ଦ କରିବାକୁ ବୁଧବାର କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ପୋଲିସ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ନୋଟିସ୍ ଜାରି ହୋଇଛି।

ପୂର୍ବରୁ ରାଜଧାନୀରେ ବିଭିନ୍ନ ବଡ ବଡ ହସ୍ପିଟାଲରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଉପରେ ଚଢାଉ କରାଯାଇ ଯାଞ୍ଚ କରାଯିବା ପରେ ବିଭିନ୍ନ ବେସରକାରୀ କୋଚିଂ ସେଣ୍ଟରଗୁଡିକ ଉପରେ ମଧ୍ୟ ପୋଲିସ ଚଢାଉ କରି ଅଗ୍ନି ନିର୍ବାପକ ବ୍ୟବସ୍ଥା ଉପରେ ଯାଞ୍ଚ କରିଥିଲେ। ତେବେ ବର୍ତ୍ତମାନ ପ୍ରେକ୍ଷାଳୟଗୁଡିକ ଉପରେ ପୋଲିସର ନଜର। ରାଜଧାନୀ ଭୁବନେଶ୍ୱର ଓ କଟକର ଚର୍ଚ୍ଚିତ ୫ଟି ପ୍ରେକ୍ଷାଳୟର ଲାଇସେନ୍ସ ନବୀକରଣ ଏବଂ ଫାୟାର ସେଫ୍‌ଟି ସାର୍ଟିଫିକେଟ୍ ନ ଥିବା ନେଇ ନୋଟିସ୍ ଜାରି କରାଯାଇଛି। ଏହି ନୋଟିସ୍ କମିଶନରେଟ୍ ପୋଲିସ ପକ୍ଷରୁ ହଲ୍‌ମାନଙ୍କୁ ଦିଆଯାଇଛି। ପ୍ରେକ୍ଷାଳୟଗୁଡିକ ହେଲା ଭୁବନେଶ୍ୱର ସ୍ୱାତି, ସ୍ତୁତି, ମହାରାଜ, କେଶରୀ ଓ କଟକର ବୃନ୍ଦାବନ। ବାରମ୍ବାର ତାଗିଦ୍ ସତ୍ତ୍ୱେ ଏହି ପ୍ରେକ୍ଷାଳୟଗୁଡିକର ଫାୟାର ଏନ.ଓ.ସି ନ ଥିବାରୁ ଲାଇସେନ୍ସ ନବୀକରଣ ହୋଇପାରିନାହିଁ। ତେଣୁ ଲାଇସେନ୍ସ ନ ଥାଇ ସେମାନେ ପ୍ରେକ୍ଷାଳୟରେ ଫିଲ୍ମ ସ୍କ୍ରିନିଂ ଜାରି ରଖିଛନ୍ତି।

୨୦୧୯ ଫେବୃୟାରୀରେ ହାଇକୋର୍ଟ ୮ ସପ୍ତାହ ଭିତରେ ଫାୟାର ସେଫ୍ଟି ସାର୍ଟିଫିକେଟ୍ ଗ୍ରହଣ କରିବାକୁ ଉକ୍ତ ହଲ୍‌ଗୁଡିକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ସମୟ ଅତିବାହିତ ହୋଇଯାଇଥିବାରୁ କମିଶନରେଟ୍ ପୋଲିସ ପକ୍ଷରୁ ଏହି ନୋଟିସ ଜାରି ହୋଇଛି। ସେହିପରି ଗ୍ରାଣ୍ଡ, ଏକାମ୍ର ଓ ଜୟଶ୍ରୀ ସିନେମା ହଲ୍ ୨୦୧୫ରେ ହାଇକୋର୍ଟରେ କରାଯାଇଥିବା ପିଟିସନ ଅନୁଯାୟୀ ଅନ୍ତରୀଣ ସୁରକ୍ଷାରେ ଅଛନ୍ତି।

## ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

**କଟକ ସଦର,୭।୮(ଡି.ଏନ୍.ଏ.)**

ଗଞ୍ଜେଇ ବିକ୍ରି ଅଭିଯୋଗରେ ବୁଧବାର ୪୨ମୌଜା ଫାଣ୍ଡି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଝିଙ୍କିରିଆ ଗ୍ରାମର ଅତିଥି ନନ୍ଦ(୨୭)। ତାଙ୍କ ଠାରୁ ୧କେଜି ୧୦୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏ ନେଇ କଟକ ସଦର ଥାନାରେ ଏକ ମାମଲା (ନଂ.୩୪୬/୧୯)ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଅତିଥି ଦୋକାନରେ ଗଞ୍ଜେଇ ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଥିଲା। କଟକ ସଦର ଥାନା ଅଧିକାରୀ ସୁଧାଂଶୁ ଜେନା ଓ ଫାଣ୍ଡି ଅଧିକାରୀ ତୁଷାର ସେଠୀ ଅପରାହ୍ଣରେ ଦୋକାନରେ ଚଢ଼ାଉ କରି ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସତ୍ୟ ହିଁ ବ୍ରହ୍ମ, ସତ୍ୟ ହିଁ ତପସ୍ୟା, ସତ୍ୟ ହିଁ ପ୍ରାଣୀମାନଙ୍କୁ ସୃଜନ କରେ, ସତ୍ୟ ଦ୍ୱାରା ହିଁ ସମସ୍ତ ଲୋକ ଧୃତ ହୋଇଥାଏ ଏବଂ ସତ୍ୟ ଦ୍ୱାରା ହିଁ ଶେଷରେ ମନୁଷ୍ୟ ସ୍ୱର୍ଗ ଲୋକ ପାଇଥାଏ।
-ସ୍ୱାମୀ ଶିବାନନ୍ଦ



## ସଂକ୍ଷେପରେ

### ପରୀ-୩ ଅପରେଶନ କାର୍ଯ୍ୟକ୍ରମ: ୨ ନାବାଳକ ଉଦ୍ଧାର

**ସାଲେପୁର, ୭।୮(ଡି.ଏନ୍.ଏ):** ସାଲେପୁର ଥାନା ପୋଲିସ୍ ପକ୍ଷରୁ ବୁଧବାର ପରୀ-୩ ଅପରେଶନ୍ କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ସହରର ବିଭିନ୍ନ ହୋଟେଲ୍, ଢ଼ାବା ଓ ଜଳଖିଆ ଦୋକାନରେ ଚଢ଼ାଉ କରାଯାଇ ୨ ଜଣ ନାବାଳକଙ୍କୁ ଉଦ୍ଧାର କରାଯାଇଛି। ସାଲେପୁରସ୍ଥିତ ହୋଟେଲ୍ ମାରିୟନ୍‌ରୁ ଜଣେ ନାବାଳକଙ୍କୁ ଓ କୈବଲ୍ୟ ଟିଫିନ୍ ଶପ୍‌ରୁ ଅନ୍ୟଜଣଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ଘର କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଅଞ୍ଚଳରେ ବୋଲି ପୋଲିସ କହିଛି। ଉଭୟଙ୍କୁ ପୋଲିସ ପକ୍ଷରୁ ଶିଶୁକଲ୍ୟାଣ କମିଟିକୁ ହସ୍ତାନ୍ତର କରାଯାଇଛି ବୋଲି ଏଏସ୍‌ଆଇ ତ୍ରିଲୋଚନ ନାୟକ ସୂଚନା ଦେଇଛନ୍ତି।

### ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା

**ରଘୁନାଥପୁର, ୭।୮ (ଡି.ଏନ.ଏ.):** ରଘୁନାଥପୁର ତହସିଲ ବରାଗୋଲ ପଞ୍ଚାୟତ ଅଧୀନ ଗୋଠିଣା ଗାଁରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ବାସଗୃହ ଓ ବଖରାଏ ଗୁହାଳ ଜଳି ଯାଇଥିଲା। ଡମ୍ବରୁ ସେଠୀଙ୍କ ପୁଅ ଶମ୍ଭୁନାଥ ଓ ବିବାହିତ ଝିଅ କୁନି ନିଜ ଘରେ ଶୋଇଥିବା ବେଳେ କୌଣସି କାରଣରୁ ଘରେ ନିଆଁ ଲାଗି ଜଳି ଉଠିଥିଲା। ପଡୋଶୀ ଲୋକ ଏହା ଦେଖି ପାଟି କରିବାରୁ ଘର ଭିତରେ ଶୋଇଥିବା ଲୋକେ ବାହାରକୁ ଚାଲି ଆସିଥିଲେ। ପରିବାର ଲୋକେ ନିରାପଦ ରହିଥିଲେ ବି ନିଆଁରେ ସମ୍ପୂର୍ଣ୍ଣ ଘର ପୋଡି ପାଉଁଶ ହୋଇ ଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ଆସି ପାଣି ପକାଇ ନିଆଁ ଲିଭାଇଥିଲେ। ନିଆଁରେ ଭାଉଣୀ ଭାଇଙ୍କ ସମସ୍ତ ଆସବାବପତ୍ର ସହ ଧାନ, ଚାଉଳ ପୋଡି ଯାଇଥିଲା। ଗୁହାଳରେ ଥିବା ଦୁଇଟି କୁକୁଡା ପୋଡିଯାଇଥିବା ବେଳେ ଗୋଟିଏ ଛେଳି ଆହତ ହୋଇଛି। ଦୁଇ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି।

### ଅଭୟପାଦ ବାର୍ଷିକ ଉତ୍ସବର ପ୍ରସ୍ତୁତି ବୈଠକ

**ବାଙ୍କୀ, ୭।୮(ସ୍ୱ.ପ୍ର.):** ଆଧାତ୍ମିକ ସଂଗଠନ ଅଭୟପାଦ ବିଶ୍ୱଗୁରୁ ଶ୍ରୀନିମାଇଁ ଚରଣ ପରମହଂସ ଦେବ ଅଚିହ୍ନା ଠାକୁରଙ୍କ ୧୯ତମ ବାର୍ଷିକ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏନେଇ ବାଙ୍କୀ ଏନ୍ଏସି ଅନ୍ତର୍ଗତ ଭୂତନାଥଦେବଙ୍କ ପରିସରରେ ଏକ ବୈଠକରେ ଆୟୋଜିତ ହୋଇଯାଇଛି। ଅଧାପକ ସୁଶାନ୍ତ ତ୍ରିପାଠୀ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ସମ୍ପାଦକ ସୁଦର୍ଶନ ସାହୁ, କିଶୋର ଚନ୍ଦ୍ର ନାୟକ, ସୁବାସ ଚନ୍ଦ୍ର ପ୍ରହରାଜ, ସକୁନ୍ତଳା ମଲ୍ଲିକ, ଶୁଭେନ୍ଦୁ କୁମାର ମହାପାତ୍ର, ପ୍ରଧାପକ ମନୋଜ କୁମାର ମହାପାତ୍ର, ଦୀପକ କୁମାର ସାମନ୍ତରା, ସଦାନନ୍ଦ ଖଟୁଆ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବାର୍ଷିକ ଉତ୍ସବ ଅବସରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଅଭୟପାଦ ସମ୍ମାନରେ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ ବୋଲି ସମ୍ପାଦକ ସାହୁ ସୂଚନା ଦେଇଥିଲେ। ଶେଷରେ ସାଧୁ ବୁଲୁବାବା ଧନ୍ୟବାଦ ଦେଇଥିଲେ।

■ ପାଣି ପାଇଁ ୨ ଗାଁରେ ଗୋଷ୍ଠୀସଂଘର୍ଷ ଘଟଣା

# ଉଭୟ ପକ୍ଷରୁ ୮ ଗିରଫ

■ଗିରଫ ଭୟରେ ଉଭୟ ଗ୍ରାମରୁ ବହୁ ଲୋକେ ଫେରାର
■ବିଭିନ୍ନ ସ୍ଥାନରେ ଏବେବି ଚାପା ଉତ୍ତେଜନା ଲାଗି ରହିଛି
■ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ଫୋର୍ସ ମୁତୟନ

**ନରସିଂହପୁର, ୭।୮ (ସ୍ୱ.ପ୍ର./ଡି.ଏନ୍.ଏ)**

ଚାଷଜମିରେ ପାଣି ମଡ଼ାଇବାକୁ କେନ୍ଦ୍ର କରି ଗତ ୪ ତାରିଖରେ ନରସିଂହପୁର ବ୍ଲକ ଅନ୍ତର୍ଗତ ସାଗର ଓ ପାଞ୍ଚଗୋଛିଆ ଗ୍ରାମ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏଥିରେ ତୀରମାଡ଼ରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ଘଟଣାରେ ପୋଲିସ ବୁଧବାର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଆଠଗଡ ଏସ୍‌ଡିପିଓ ଆଲୋକ ରଞ୍ଜନ ରାୟଙ୍କ ତତ୍ତ୍ୱାବଧାନରେ ନରସିଂହପୁର ପୋଲିସ୍ ମଙ୍ଗଳବାର ପାଞ୍ଚଗୋଛିଆ ଗ୍ରାମର ସିନିବାସ ପ୍ରଧାନ, ରଘୁନାଥ ସାହୁ, ବନିତା ପ୍ରଧାନ, ଲକ୍ଷ୍ମୀ ନାୟକଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିବାବେଳେ ବୁଧବାର ସାଗର ଗ୍ରାମର ସନ୍ତୋଷ ବେହେରା, ଦେବାର୍ଚ୍ଚନ ଜେନା, ମନୋରଞ୍ଜନ ସାହୁ ଓ ପ୍ରଫୁଲ କୁମାରଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରିଛି। ଏଭଳି ଭାବେ ଉଭୟ ଗ୍ରାମରୁ ଅଦ୍ୟାବଧି ୮ ଜଣଙ୍କୁ ଗିରଫ କରାଯାଇଛି। ଏନେଇ ଉଭୟ ଗ୍ରାମ ପକ୍ଷରୁ ନରସିଂହପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ସାଗର ଗ୍ରାମବାସୀଙ୍କ ପକ୍ଷରୁ ମାମଲା ନଂ.୧୦୦/୧୯ ଓ ପାଞ୍ଚଗୋଛିଆ ଗ୍ରାମବାସୀଙ୍କ ପକ୍ଷରୁ ମାମଲା ନଂ.୧୦୧/୧୯ ରୁଜୁ କରାଯାଇଛି ବୋଲି ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା ସୂଚନା ଦେଇଛନ୍ତି। ଏହିଘଟଣାକୁ କେନ୍ଦ୍ରକରି ଉଭୟ ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଛି। ଗିରଫ ଭୟରେ ଉଭୟ ଗ୍ରାମରୁ ବହୁ ଲୋକ ଫେରାର ହୋଇଯାଇଛନ୍ତି। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଉଭୟ ଗ୍ରାମରେ ଫୋର୍ସ ମୁତୟନ କରାଯାଇଛି। ଗିରଫ ହୋଇଥିବା ପାଞ୍ଚଗୋଛିଆ ଗ୍ରାମର ଅଭିଯୁକ୍ତଙ୍କ ଜାମିନ୍ ନାମଞ୍ଜୁର ହେବାରୁ ସେମାନଙ୍କୁ ନରସିଂହପୁର ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ସେହିଭଳି ସାଗର ଗ୍ରାମର ଗିରଫ୍ ବ୍ୟକ୍ତିଙ୍କୁ କଟକ ଜିଲାର ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଛି। ସେଠାରେ ସେମାନଙ୍କର ଜାମିନ ନାମଞ୍ଜୁର ହୋଇଥିବା ନେଇ ପୋଲିସ୍ ପକ୍ଷରୁ ସୂଚନା ଦିଆଯାଇଛି।



ପ୍ରଧାନମନ୍ତ୍ରୀଙ୍କ ସହ ଏମ୍‌ପି ଅନୁଭବ ମହାନ୍ତି ଓ ୨ ଛାତ୍ରନେତା।

ମହାନଦୀ ଜଳବିବାଦ ସମାଧାନ ପାଇଁ ସାଇକେଲରେ ଦିଲ୍ଲୀ ଯାତ୍ରା

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ୨ ଛାତ୍ରନେତା

**ମାହାଙ୍ଗା,୭।୮(ସ୍ୱ.ପ୍ର.)**

ମହାନଦୀ ଜଳ ବିବାଦ ସମାଧାନ ନିମନ୍ତେ ସାଇକେଲରେ କଟକରୁ ଦିଲ୍ଲୀ ଯାତ୍ରା କରିଛନ୍ତି କଟକ ଜିଲା ଅନ୍ତର୍ଗତ ମାହାଙ୍ଗା ବ୍ଲକର ଛାତ୍ରନେତା ତଥା ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର କ୍ରିଷ୍ଣକାନ୍ତ ଷଡ଼ଙ୍ଗୀ ଓ କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳର ଛାତ୍ରନେତା ଶୁଭ୍ରଜିତ ବାରିକ। କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତିଙ୍କ ସହଯୋଗରେ ଏହି ୨ ଛାତ୍ରନେତା ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ଏହି ଅବସରରେ ସେମାନେ ମହାନଦୀ ଜଳବିବାଦର ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି ସେମାନଙ୍କ ସାହସିକତାକୁ ପ୍ରଶଂସା କରିବା ସହ ଓଡ଼ିଆ ଜାତି ପାଇଁ ୨ ଛାତ୍ରନେତା ଦେଖିଥିବା ସ୍ୱପ୍ନକୁ ସାକାର କରାଯିବ ବୋଲି କହିଥିଲେ। ଦୀର୍ଘଦିନ ଧରି ସେମାନଙ୍କ ସାଇକେଲ ଯାତ୍ରା କେବେ ବିଫଳ ହେବନାହିଁ। ଏହା ଉପରେ ବିଚାର କରାଯିବ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ। ବିନା ସଂଘର୍ଷରେ କୌଣସି କାର୍ଯ୍ୟ ସମ୍ଭବ ନୁହେଁ। ଏଣୁ ଆଜିର ଯୁବପିଢି ସଂଘର୍ଷର ସହ ଦେଶ ଓ ଜାତି ପାଇଁ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ପରେ ମୋଦି ଏମ୍‌ପି ଅନୁଭବ ମହାନ୍ତି ଓ ୨ ଛାତ୍ର ନେତାଙ୍କୁ ଧନ୍ୟବାଦ ଜଣାଇଥିଲେ। ପ୍ରକାଶ ଯେ, ଷଡ଼ଙ୍ଗୀ ଓ ବାରିକ ଜୁଲାଇ ୧ରେ ସାଇକେଲ୍‌ରେ କଟକରୁ ବାହାରି ଜୁଲାଇ ୩୦ରେ ଦିଲ୍ଲୀରେ ପହଞ୍ଚିଥିଲେ। ସେଠାରେ ପ୍ରବାସୀ ଓଡ଼ିଆମାନେ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।



ବିଶ୍ୱ ସ୍ତନ୍ୟପାନ ଦିବସ ଉପଲକ୍ଷେ ତିଗିରିଆ ବ୍ଲକ ନିଜିଗଡ଼ ଅଞ୍ଚଳରେ ଆୟୋଜିତ ସଚେତନତା ରାଲି।

## ବିଶ୍ୱ ସ୍ତନ୍ୟପାନ ଦିବସ

**ତିଗିରିଆ, ୭।୮ (ଡି.ଏନ୍.ଏ.)**

ତିଗିରିଆ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ନିଜିଗଡ଼ ଅଙ୍ଗନବାଡ଼ି କେନ୍ଦ୍ରରେ ବୁଧବାର ବ୍ଲକସ୍ତରୀୟ ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ ହୋଇଯାଇଛି। ତିଗିରିଆ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମମତା ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବ୍ଲକ ଅଧକ୍ଷା ରୂପା ଦଳେଇ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ଉପାଧ୍ୟକ୍ଷ ଗୌରହରି ପରିଡ଼ା, ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଦେବାନନ୍ଦ ତୁଙ୍ଗ, ଆୟୁଷ ଡାକ୍ତର ପ୍ରିୟଦର୍ଶିନୀ ଷଡ଼ଙ୍ଗୀ, ପରିଦର୍ଶିକା କାମିନୀବାଳା ମିଶ୍ର, ରେବତୀ ଦେଇ ଓ ସୁଚିସ୍ମିତା ବେହେରା ପ୍ରମୁଖ ଯୋଗଦେଇଥିଲେ। ଉପସ୍ଥିତ ଅତିଥିମାନେ ଶିଶୁ ପାଇଁ ସ୍ତନ୍ୟପାନର ଆବଶ୍ୟକତା ଏବଂ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ତନ୍ୟପାନକୁ ନେଇ ଅଧିକ ସଚେତନତା ସୃଷ୍ଟି କରିବାକୁ ସେମାନେ କହିଥିଲେ। ଏହି ଅବସରରେ ଏକ ରାଲି ଆୟୋଜନ କରାଯାଇ ନିଜିଗଡ ଅଞ୍ଚଳ ପରିକ୍ରମା କରିଥିଲା। ଏଥିସହ ଏସମ୍ପର୍କିତ ଏକ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ନିଜିଗଡ଼ ଅଙ୍ଗନବାଡ଼ି କର୍ମୀ ପ୍ରତିମାବାଳା ନାୟକଙ୍କ ସହ ତିଗିରିଆ ବ୍ଲକର ସମସ୍ତ ଅଙ୍ଗନବାଡ଼ି କର୍ମୀ, ସହାୟିକା ଓ ଆଶା କର୍ମୀମାନେ ଯୋଗଦେଇଥିଲେ।

## ବଜ୍ରପାତରେ ପୁଣି ଜଣେ ମୃତ

**ନିଶ୍ଚିନ୍ତକୋଇଲି,୭।୮(ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ମଙ୍ଗଳବାର ବଜ୍ରପାତ ଘଟି ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହୋଇଥିଲେ। ଏହି ବଜ୍ରପାତ ଯୋଗୁ ପୁଣି ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଫଳରେ ମୃତ୍ୟୁ ସଂଖ୍ୟା ୩ରେ ପହଞ୍ଚିଛି। ମୃତକ ଜଣକ ହେଲେ ଏହି ବ୍ଲକର ନରେନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ବେହେରାସାହିର କିଶୋର କୁମାର ବେହେରା(୩୭)। ସକାଳେ ସେ ବିଲକୁ କାମ କରିବାକୁ ଯାଇଥିଲେ। ମାତ୍ର ସନ୍ଧ୍ୟା ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ଓ ଗ୍ରାମବାସୀ ତାଙ୍କୁ ଖୋଜାଖୋଜି କରିଥିଲେ। ଶେଷରେ ବିଲରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ମୃତଦେହକୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ପରେ ବ୍ରଜପାତ ଯୋଗୁ ବେହେରାଙ୍କ ମୃତ୍ୟୁ ଘଟିଛି ବୋଲି ଡାକ୍ତର କହିଥିଲେ। ଏନେଇ ନେମାଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ସୂଚନାଯୋଗ୍ୟ, ବ୍ରଜପାତରେ ଓରତି ପଞ୍ଚାୟତ ଅନ୍ତର୍ଗତ ନରାଜପୁର ଗ୍ରାମର ମହେଶ୍ୱର କାଣ୍ଡି ଓ ପାଳନ୍ଦା ପଞ୍ଚାୟତସ୍ଥିତ ପାଳନ୍ଦା ଗ୍ରାମର ଜଳଧର ଦାସଙ୍କର ମୃତ୍ୟୁ ଘଟିଥିଲା।

## ବିଶ୍ୱବ୍ୟାଙ୍କ ମୁଖ୍ୟଯନ୍ତ୍ରୀଙ୍କ ତାରପୁର ବ୍ରିଜ୍ ପରିଦର୍ଶନ



ବିଶ୍ୱବ୍ୟାଙ୍କ ମୁଖ୍ୟଯନ୍ତ୍ରୀ ଓ ଅନ୍ୟମାନେ ତାରପୁର ବ୍ରିଜର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

**ରଘୁନାଥପୁର, ୭।୮ (ଡି.ଏନ.ଏ.)**

ବିଶ୍ୱବ୍ୟାଙ୍କ ମୁଖ୍ୟଯନ୍ତ୍ରୀଙ୍କ ଟିମ୍ ମଙ୍ଗଳବାର ଅପରାହ୍ନରେ ରଘୁନାଥପୁର ବ୍ଲକ ତାରପୁର ସ୍ଥିତ ମହାନଦୀ ବ୍ରିଜ ପରିଦର୍ଶନ କରି ଫେରି ଯାଇଛନ୍ତି। ମହାନଦୀ ଉପରେ ଥିବା ବ୍ରିଜ୍‌ଟି ଅବିଭକ୍ତ କଟକ ଜିଲାର ଜଗତ୍‌ସିଂହପୁର, କଟକ, କେନ୍ଦ୍ରାପଡା ଓ ଯାଜପୁରକୁ ଯାତାୟାତ ପାଇଁ ଏକ ମାଧ୍ୟମ ପାଲଟିଛି। ଦୀର୍ଘବର୍ଷ ଧରି ଉକ୍ତ ବ୍ରିଜ୍‌ର ପିଲରରୁ ପିଲର ସଂଯୋଗ କରୁଥିବା ଜଏଣ୍ଟ ସ୍ଥାନରେ କଂକ୍ରିଟ ଉଠି ବଡ ବଡ ଗର୍ତ୍ତ ସୃଷ୍ଟି ହେଉଛି। ଫଳରେ ଗାଡି ମୋଟରଠାରୁ ଆରମ୍ଭ କରି ସାଧାରଣ ପଥଚାରୀଙ୍କ ଯାତାୟାତ ପାଇଁ ସମସ୍ୟା ସୃଷ୍ଟି କରୁଛି। ବର୍ଷକ ତଳେ ଆରଆଣ୍ଡବି ପକ୍ଷରୁ ଏହାର ମରାମତି କରାଯାଇଥିଲା। ହେଲେ ପୂର୍ବ ଭଳି କଂକ୍ରିଟ ଉଠି ଏହା ମଧ୍ୟରେ ଥିବା ରଡ ଉପରକୁ ବାହାରି ପଡୁଛି। ବିଶ୍ୱ ବ୍ୟାଙ୍କ ମୁଖ୍ୟଯନ୍ତ୍ରୀ ଅନିଲ ତ୍ରିପାଠୀ, ଡିଜାଇନ୍ ମୁଖ୍ୟଯନ୍ତ୍ରୀ ବିଜୟ ସାହୁ ଓ ଆସିଥିବା ଅନ୍ୟାନ୍ୟ ଯନ୍ତ୍ରୀ ସମୂହ ଏ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ତେବେ ବ୍ରିଜର ବିୟରିଂ ଉପରେ ସନ୍ଦେହ ପ୍ରକଟ କରାଯିବା ସହ ଡ୍ରୋନ କ୍ୟାମେରାରେ ଫଟୋଗ୍ରାଫି କରାଯାଇ ଏହାର ସ୍ଥିତି ସମ୍ପର୍କରେ ଜାଣିହେବ ବୋଲି ମୁଖ୍ୟଯନ୍ତ୍ରୀ ତ୍ରିପାଠୀ ସୂଚନା ଦେଇଥିବାର ଜଇପୁର କନିଷ୍ଠ ଯନ୍ତ୍ରୀ ବିନୟ କୁମାର ସାହୁ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବିୟରିଂରେ ଆସୁଥିବା ପରିଲକ୍ଷିତ ହେଲେ ଗାଡି ମୋଟର ଯାତାୟାତ ସମୟରେ ଗୋଟିଏ ସ୍ଥାନ ଆଉ ଗୋଟିଏ ସ୍ଥାନରେ ମାଡ ହୋଇ ଏପରି ଅବସ୍ଥା ସୃଷ୍ଟି ହେଉଥିବାର ଅନୁମାନ କରାଯାଉଛି ବୋଲି ସୂଚନା ମିଳିଛି। ପରିଦର୍ଶନ ସମୟରେ ଏସ୍‌ଡିଓ ରତିକାନ୍ତ ବେହେରା ଓ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ନିମାଇ ଚରଣ ଦାସ ଉପସ୍ଥିତ ଥିଲେ।

## ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ତାଲିମ ଶିବିର

**ଆଠଗଡ, ୭।୮(ସ୍ୱ.ପ୍ର.)**

ଆଠଗଡ଼ ବ୍ଲକରେ ଅଗଷ୍ଟ ୧ରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଲାଗି ମଙ୍ଗଳବାର ବୁଥ୍‌ସ୍ତରୀୟ ଅଧିକାରୀ ଓ ସୁପରଭାଇଜମାନଙ୍କ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ଏହି ଶିବିରରେ ଆଠଗଡ ବ୍ଲକ୍ ଓ ଏନଏସିର ୧୫୭ ଜଣ ବ୍ଲକସ୍ତରୀୟ ଅଧିକାରୀ ଓ ସୁପରଭାଇଜରଙ୍କୁ ୨ଟି ପର୍ଯ୍ୟାୟରେ ତାଲିମ ପ୍ରଦାନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ତହସିଲଦାର ତପନ କୁମାର ଖୁଣ୍ଟିଆ ଏବଂ ୨ୟ ପର୍ଯ୍ୟାୟରେ ବିଡିଓ ଅଜାମ୍ବର ମହାନ୍ତି ସେମାନଙ୍କୁ ତାଲିମ ଦେଇଥିଲେ। ଏହି ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଅନୁଯାୟୀ, ଆସନ୍ତା ୨୦୨୦ ଜାନୁୟାରୀ ୧ତାରିଖ ସୁଦ୍ଧା ୧୮ବର୍ଷ ପୂରଣ କରୁଥିବା ବ୍ୟକ୍ତି ନୂତନ ଭାବେ ଭୋଟର ତାଲିକାରେ ନାମ ପଞ୍ଜିକରଣ କରିପାରିବେ। ଏଥିସହ ମୃତ, ବିବାହିତ, ସ୍ଥାନାନ୍ତରିତ ଭୋଟରଙ୍କୁ ତାଲିକାରୁ ବାଦ୍ ଦେବା ସହ ଅନ୍ୟାନ୍ୟ ଆବଶ୍ୟକୀୟ ସଂଶୋଧନ କିପରି ସଫଳତାର ସହ କରାଯିବ ସେ ବିଷୟରେ ତହସିଲଦାର ଖୁଣ୍ଟିଆ ଓ ବିଡିଓ ମହାନ୍ତି ବିଏଲଓ ଏବଂ ସୁପରଭାଇଜରଙ୍କୁ ବୁଝାଇଥିଲେ। ଏହି ଶିବିର ପରିଚାଳନାରେ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗଗନ ବିହାରୀ ଷଡ଼ଙ୍ଗୀ ଏବଂ ବରିଷ୍ଠ ଶିକ୍ଷକ ନୀଳମଣି ନାୟକ ସହଯୋଗ କରିଥିଲେ।

## ହଂସରାଳି ପକ୍ଷୀ ସହ ୧୦ ଛୁଆ ଉଦ୍ଧାର

**ବାଙ୍କୀ, ୭।୮(ସ୍ୱ.ପ୍ର)**

ଡମପଡ଼ା ବ୍ଲକ ଅନ୍ତର୍ଗତ ବାଙ୍କୀଗଡ଼ର କୃଷ୍ଣଚନ୍ଦ୍ର ବେହେରାଙ୍କ ଘରୁ ଗୋଟିଏ ହଂସରାଳି ପକ୍ଷୀ ସହ ୧୦ଟି ଛୁଆକୁ ବୁଧବାର ଉଦ୍ଧାର କରାଯାଇଛି। ଖବରପାଇ ସ୍ନେକ ହେଲ୍ପଲାଇନ ସଂଯୋଜକ ଲଳିତ ମୋହନ ପଣ୍ଡା ଏବଂ ସଦସ୍ୟ ଦୁର୍ଗାମାଧବ ମହାପାତ୍ର ସେଠାରେ ପହଞ୍ଚି ଏହି ପକ୍ଷୀ ଓ ତାର ଛୁଆଗୁଡିକୁ ଚିହ୍ନଟ କରିଥିଲେ। ଏହି ହଂସରାଳି ପକ୍ଷୀର ଇଂଲିଶ୍ ନାମ ଲେସର ହ୍ୱିସିଲିଙ୍ଗଟିଲି ବୋଲି ସେମାନେ କହିଥିଲେ। ଏହାପରେ ପକ୍ଷୀଗୁଡିକୁ ଉଦ୍ଧାର କରାଯାଇ ବାଙ୍କୀ ନିକଟସ୍ଥ ଅରାଚଣ୍ଡୀପାଟରେ ଛାଡ଼ି ଦିଆଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ବର୍ଷା ସମୟରେ ଏହି ପକ୍ଷୀ ଓ ତା'ଛୁଆମାନେ ବେହେରାଙ୍କ ଘର ଭିତରକୁ ପଶି ଆସିଥିଲେ। ଘରେ ପକ୍ଷୀ ଓ ଛୁଆଗୁଡିକୁ ଦେଖି କୃଷ୍ଣଚନ୍ଦ୍ର ସକାଳେ ସ୍ନେକ ହେଲପ୍ ଲାଇନ୍‌ରେ ଖବର ଦେଇଥିଲେ।



ଉଦ୍ଧାର ହୋଇଥିବା ହଂସରାଳି ପକ୍ଷୀ ଓ ଛୁଆ।

## ପାରାଲିଗାଲ୍ ସ୍ୱେଚ୍ଛାସେବୀ ତାଲିମ ଶିବିର ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ଆଠଗଡ, ୭।୮(ସ୍ୱ.ପ୍ର.)–** ଆଠଗଡ ତାଲୁକ୍ ଆଇନସେବା ସମିତି ଆନୁକୂଲ୍ୟରେ ପାରାଲିଗାଲ୍ ସ୍ୱେଚ୍ଛାସେବୀଙ୍କ ପାଇଁ ଆୟୋଜିତ ୨ ଦିନିଆ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ଏହି ତାଲିମ ଶିବିରକୁ ଆଇନସେବା ସମିତିର ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଉଦ୍‌ଘାଟନ କରିଥିଲେ। ବୁଧବାର ଉଦ୍‌ଯାପନୀ ଉତ୍ସବରେ ସେ ଅଧକ୍ଷତା କରି ଅସହାୟ ଓ ଗରିବ ଶ୍ରେଣୀର ଲୋକଙ୍କୁ ସୁବିଧାରେ ଆଇନସେବା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ଦେୱାନୀ ବିଚାରପତି ଶରତ କୁମାର ଜେନା, ଏସ୍‌ଡିଜେଏମ ଶାଶ୍ୱତୀ ମିଶ୍ର ଏବଂ ଜେଏମଏଫସି ସୌମ୍ୟଶଙ୍କର ମହନ୍ତ ସମ୍ମାନିତବକ୍ତା ଭାବେ ଯୋଗଦେଇ ଆଇନସେବା ସଂସ୍ଥାରେ ପାରାଲିଗାଲ ସ୍ୱେଚ୍ଛାସେବୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକ, ପ୍ରଶାନ୍ତ କୁମାର ମିଶ୍ର, ସୁଶାନ୍ତ ମିଶ୍ର, ପ୍ରେମାନନ୍ଦ ସେନାପତି, ପ୍ରତାପ ଚନ୍ଦ୍ର ପଟ୍ଟନାୟକ ଓ ପଦାରବିନ୍ଦ ଜେନା ପ୍ରମୁଖ ଉପସ୍ଥିତ ରହି ସମ୍ବିଧାନରେ ଥିବା ବିଭିନ୍ନ ଆଇନ ସମ୍ପର୍କରେ ବୁଝାଇଥିଲେ। ଆଇନସେବା ସମିତିର ସହାୟିକା ରାଜଶ୍ରୀ ମହଲା ଓ ଅନ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଲଗାଣ ବର୍ଷାରେ ବହୁ ସ୍ଥାନ ଜଳମଗ୍ନ

**ମାହାଙ୍ଗା/ସାଲେପୁର, ୭।୮(ସ୍ୱ.ପ୍ର./ଡି.ଏନ୍.ଏ.)**

ଲଗାଣ ବର୍ଷା ହେତୁ ମାହାଙ୍ଗା ଓ ସାଲେପୁର ବ୍ଲକର ବିଭିନ୍ନ ଅଞ୍ଚଳ ବୁଧବାର ଜଳମଗ୍ନ ହୋଇଯାଇଛି। ଫଳରେ ବହୁ ସ୍ଥାନରେ ଫସଲ ନଷ୍ଟ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଗତ କିଛି ଦିନ ହେବ ବର୍ଷା ହେଉ ନଥିବାରୁ ଉଭୟ ବ୍ଲକର ଅଞ୍ଚଳର ଅନେକ ଚାଷ କାର୍ଯ୍ୟ ଆଗେଇ ପାରି ନଥିଲା। ଏପରିକି ଚାଷୀମାନେ ବହୁ ଖର୍ଚ୍ଚାନ୍ତ ହୋଇ ବହୁ ଖାଲ ଖମା,ନଦୀ ନାଳରୁ ମୋଟର ସାହାଯ୍ୟରେ ପାଣି ମଡାଇ ଚାଷ କାର୍ଯ୍ୟ କରୁଥିଲେ। ବର୍ଷା ହେବା ପରେ ସେମାନେ ଆଶ୍ୱସ୍ତ ଲାଭ କରିଥିଲେ। ମାତ୍ର ବର୍ଷା ନ ଛାଡିବାରୁ ଏବେ ବହୁ ଚାଷଜମି ଓ ତଳି ଘେରାଗୁଡିକ ଜଳମଗ୍ନ ହୋଇଯାଇଛି। ଏନେଇ ଚାଷୀମାନେ ଚିନ୍ତିତ ହୋଇଯାଇଛନ୍ତି। ବର୍ଷା ଜଳ ନିଷ୍କାସନ ନ ହେଲେ ଆଗାମୀ ଦିନରେ ଫସଲ ନଷ୍ଟ ହୋଇପାରେ ବୋଲି ସେମାନେ ଆଶଙ୍କାବ୍ୟକ୍ତ କରିଛନ୍ତି। ସେହିପରି ରାସ୍ତାଘାଟରେ ପାଣି ଜମି ରହିଥିବା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିଯୋଗୁ ସାଲେପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଉପସ୍ଥାପନା କମ୍ ରହିଥିବା ଜଣାପଡିଛି।



ସାଲେପୁରର ଏକ ବିଲରେ ବର୍ଷା ପାଣି ଜମି ରହିଛି।



ସତ୍ୟ ହିଁ ବ୍ରହ୍ମ, ସତ୍ୟ ହିଁ ତପସ୍ୟା, ସତ୍ୟ ହିଁ ପ୍ରାଣୀମାନଙ୍କୁ ସୃଜନ କରେ, ସତ୍ୟ ଦ୍ୱାରା ହିଁ ସମସ୍ତ ଲୋକ ଧୃତ ହୋଇଥାଏ ଏବଂ ସତ୍ୟ ଦ୍ୱାରା ହିଁ ଶେଷରେ ମନୁଷ୍ୟ ସ୍ୱର୍ଗ ଲୋକ ପାଇଥାଏ।
- ସ୍ୱାମୀ ଶିବାନନ୍ଦ



## ସଂକ୍ଷେପରେ

### ସରକାରୀ ବିହନରୁ ବାହାରୁନି ଗଜା

**କଟକ ସଦର,୭।୮(ଡି.ଏନ୍.ଏ):** ୪୨ମୌଜା ଅନ୍ତର୍ଗତ କୂଳସରିଚୁଆଁ ଓ କଳପଡ଼ା ପଞ୍ଚାୟତର ବହୁ ଚାଷୀ ମୋରାଲିନ ଓ ପୂଜା ଧାନ ବିହନ ସ୍ଥାନୀୟ ସମବାୟ ସମିତିରୁ କିଣି ତଳି ପକାଇଥିଲେ। ନିର୍ଦ୍ଧାରିତ ସମୟ ବିତିଯାଇଥିଲେ ମଧ ବିହନରୁ ଗଜା ନ ବାହାରିବା ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଧାନ ରୋଇବା ସମୟ ଅତିବାହିତ ହେବାକୁ ଥିବାବେଳେ ତଳି ମିଳୁ ନ ଥିବାରୁ ବହୁ ଚାଷୀ ହତାଶ ହୋଇପଡିଛନ୍ତି ବୋଲି କୂଳସରିଚୁଆଁ ଗ୍ରାମର ବିଦ୍ୟାଧର ସାହୁ ଅଭିଯୋଗ କରିଛନ୍ତି। କୂଳସରିଚୁଆଁ ସେବା ସମବାୟ ସମିତିରୁ ବିଦ୍ୟାଧର ୨ ପ୍ୟାକେଟ ମୋରାଲିନ ଓ ପୂଜା ବିହନ କିଣିଥିଲେ। ଏହା ପରେ ଗଜା ହୋଇ ନ ଥିବା ସେ କହିଛନ୍ତି। ଟାଇଁକଣା ଗ୍ରାମର କେଦାର ସ୍ୱାଇଁ, ମନୋରଞ୍ଜନ ସ୍ୱାଇଁ, ପିତାମ୍ବର ସ୍ୱାଇଁ, ରଣଜିତ୍ ସ୍ୱାଇଁ ଓ ଚିତ୍ତରଞ୍ଜନ ସ୍ୱାଇଁ ନେଇଥିବା ବିହନରୁ ଗଜା ହୋଇ ନ ଥିବା ଜଣାପଡିଛି। ଏ ସମ୍ପର୍କରେ ବ୍ଲକ ସହକାରୀ କୃଷି ଅଧିକାରୀ ବନଲତା ବେହେରା କୁହନ୍ତି, ରାଜ୍ୟ ବିହନ ନିଗମ ପକ୍ଷରୁ ଧାନ ବିହନ ଯୋଗାଇ ଦିଆଯାଇଥିଲା। ବିହନ କିଣି ତଳି ପକାଇବା ପୂର୍ବରୁ ଅଖାର ପ୍ୟାକିଂ ନ ଭାଙ୍ଗି ସେଥିରୁ କିଛି ଧାନ ବିହନ କାଢି ପରୀକ୍ଷା କରିବା ପାଇଁ ସମବାୟ ସମିତିମାନଙ୍କୁ କୁହାଯାଇଥିଲା। ପ୍ୟାକିଂ ଭାଙ୍ଗି ନ ଥିବା ଚାଷୀଙ୍କୁ କ୍ଷତିପୂରଣ ଦେବାର ବ୍ୟବସ୍ଥା ରହିଛି ସେ ବୋଲି କହିଥିଲେ।

### ବାତଜ୍ୱର ନିରାକରଣ ସଚେତନତା ସଭା

**କଟକ ଅଫିସ, ୭।୮:** ବିକାଶନଗର ସ୍ୱୟଂଶ୍ରୀ ମହିଳା ସମବାୟ ସମିତି କାର୍ଯ୍ୟାଳୟରେ ବାତଜ୍ୱର ନିରାକରଣ ପାଇଁ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଭୂତି ଭୂଷଣ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ତୃପ୍ତୀରାଣୀ ନାୟକ, ଦିପ୍ତୀରଞ୍ଜନ ମହାପାତ୍ର, ଶରତ ଚନ୍ଦ୍ର ପାତ୍ରଙ୍କ ସମେତ ସମବାୟ ସମିତିର ଅଧିକାରୀମାନେ ଉପସ୍ଥିତ ଥିଲେ। ଡା. ମୃତ୍ୟୁଞ୍ଜୟ ମହାପାତ୍ର ଯୋଗଦେଇ ଫାଇଲେରିଆ ରୋଗର ଭୟାବହତା ଓ ନିରାକରଣ ପାଇଁ ସାମୂହିକ ବାତଜ୍ୱର ଔଷଧ (ଡିଇସି ଓ ଆଲବେନଡାଜୋଲେ) ସେବନ କରିବା ନିହାତି ଜରୁରି ବୋଲି କହିଥିଲେ। ଆସନ୍ତା ୮ରୁ ୧୦ ତାରିଖ ମଧରେ ହେବାକୁ ଥିବା ସାମୂହିକ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିବା ସହ ଜନସାଧାରଣଙ୍କୁ ସଚେତନ କରାଇବା ଦାୟିତ୍ୱ ସମସ୍ତ ସ୍ୱୟଂଶ୍ରୀ ମହିଳା ସମବାୟ ସମିତିର କର୍ମକର୍ତ୍ତାମାନଙ୍କର ରହିଛି ବୋଲି କହିଥିଲେ। ସ୍ୱୟଂଶ୍ରୀ ମହିଳା ସମବାୟ ସମିତିର କାର୍ଯ୍ୟନିର୍ବାହୀ ଅଧିକାରୀ ନୟନା ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧମରେ ସଫଳ ରୂପାୟନ କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଜିଲା ସଂଯୋଜକ ପ୍ରଭାସ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।

### ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ କର୍ମଶାଳା ଉଦ୍‌ଯାପିତ

**କଟକ ଅଫିସ, ୭।୮:** କଟକ ମହାନଗର ନିଗମ(ସିଏମ୍‌ସି) ଏବଂ ରାଷ୍ଟ୍ରୀୟ ଉତ୍ପାଦକ ପରିଷଦ (ଏନ୍‌ପିସି)ର ମିଳିତ ସହଭାଗିତାରେ ସ୍ଥାନୀୟ ଏକ ହୋଟେଲରେ ୨ ଦିନ ଧରି ଚାଲିଥିବା ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ କର୍ମଶାଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କ ସମେତ ସିଏମ୍‌ସିର ଅଧିକାରୀ, ଯନ୍ତ୍ରୀ, ପୂର୍ବତନ କର୍ପୋରେଟର ଯୋଗଦେଇଥିଲେ। ବାୟୋମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟକୁ କିପରି ପରିଚାଳନା କରାଯିବ ଏବଂ ବାୟୋମେଡିକାଲ ରୁଲ୍-୨୦୧୬ ଉପରେ ଆଲୋକପାତ କରାଯାଇଥିଲା। ବିଶେଷକରି ସହରର ବିଭିନ୍ନ ଚିକିତ୍ସାଳୟରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ଗୋଟିଏ ଜାଗାରେ ରଖାଯାଇ ଯେପରି ନଷ୍ଟ କରାଯାଇପାରିବ ସେ ଦିଗରେ ଆଲୋଚନା କରାଯାଇଥିଲା। ବିପଜ୍ଜନକ ବର୍ଜ୍ୟବସ୍ତୁକୁ କିପରି ରିସାଇକ୍ଲିଂ କରାଯାଇ କାମରେ ବ୍ୟବହାର କରାଯିବ ନଚେତ ନଷ୍ଟ କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା।





ଲଗାଣ ବର୍ଷାରେ ଦେଉଳସାହି ମୁଖ୍ୟରାସ୍ତା, ଲିଙ୍କରୋଡ଼ ଅଞ୍ଚଳ ଓ କେଶରପୁର କେନାଲ ରୋଡ଼ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲ।

# ରାସ୍ତାରେ ଖାଲ, ଯାତାୟାତରେ ସମସ୍ୟା

**ଲଗାଣ ବର୍ଷା**

**କଟକ ଅଫିସ, ୭।୮**

କଟକ ସହରରେ ମଙ୍ଗଳବାରଠାରୁ ବର୍ଷା ଲାଗି ରହିଛି। ମୁଖ୍ୟତଃ ଡ୍ରେନ୍‌ଗୁଡିକରେ ବର୍ଷାଜଳ ଠିକ୍ ଭାବେ ନିଷ୍କାସନ ନ ହୋଇପାରିବାରୁ ଏହା ରାସ୍ତା ଉପରେ ଜମି ରହିଛି। ଫଳରେ ସହରର ମୁଖ୍ୟରାସ୍ତା ସମେତ ସମସ୍ତ ୱାର୍ଡରେ ରାସ୍ତା ଅବସ୍ଥା ଏବେ ଶୋଚନୀୟ ହୋଇପଡିଛି। ଲିଙ୍କ୍‌ରୋଡଠାରୁ ବାଦାମବାଡି ପର୍ଯ୍ୟନ୍ତ ରାସ୍ତା ମରଣଜନ୍ତା ପାଲଟିଛି। ରାସ୍ତାର ଅଧିକାଂଶ ସ୍ଥାନରେ ବଡ ବଡ ଖାଲ ହୋଇଥିବାବେଳେ ବର୍ଷାଜଳ ସେଥିରେ ଜମି ରହିଛି। ଫଳରେ ବାଇକ୍‌ଆରୋହୀ ଏହା ମଧରେ ପଡି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ମୋଟାମୋଟି ଭାବେ ଲୋକଙ୍କ ଯାତାୟାତ ସମେତ ଗାଡି ଚଳାଚଳରେ ସମସ୍ୟା ହେଉଛି। ଏହାକୁ ନେଇ ଲୋକମାନଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ପକ୍ଷରୁ ବର୍ଷା ସମୟରେ ତରବରିଆ ଭାବେ ରାସ୍ତାରେ ହୋଇଥିବା ଖାଲକୁ ଜେସିବି ମାଧମରେ ସମତୁଲ କରାଯାଉଥିବା ଦେଖିବାକୁ ମିଳିଥିଲା।



ପାଲାମଣ୍ଡପ ନିକଟ ରାସ୍ତା ବର୍ଷାରେ ଧୋଇଯାଇଛି।

ଜଳ ନିଷ୍କାସନ କରା ନ ଯିବା ଫଳରେ ବିଭିନ୍ନ ଅଞ୍ଚଳର ରାସ୍ତାରେ ଖାଲ ହୋଇ ପାଣି ଜମି ରହୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସହରର କେନାଲରୋଡ, ଶଙ୍କରପୁର, ଓଏମ୍‌ପି ଛକ, ଶିଖରପୁର, କନିକା ଛକ, ମାଲଗୋଦାମ, ପିଠାପୁର, ଜଗତ୍‌ପୁର, କଲେଜଛକ, କେଶରପୁର, ମଠସାହି, ଅରୁଣୋଦୟନଗର ଅଞ୍ଚଳ, ମଙ୍ଗଳାବାଗ, ପୀଠାପୁର ଆଦି ସ୍ଥାନରେ ଜାଇକା କାମ କରିବା ଦ୍ୱାରା ରାସ୍ତାରେ ଖାଲ ହୋଇଛି। ଫଳରେ ବର୍ଷାଜଳ ନିଷ୍କାସନ ନ ହୋଇପାରି ସେଠାରେ ଜମି ରହିଛି। ଏଥିସହ ଡ୍ରେନେଜ ସଫେଇ ନ ହେବା ଫଳରେ ପାଣି ନିଷ୍କାସନ ହୋଇପାରୁନାହିଁ। ସହରରେ ବହୁ ତଳିଆ ଅଞ୍ଚଳରେ ଏବେ ବି ବର୍ଷାପାଣି ଜମି ରହିଛି। ମୋଟାମୋଟି ଭାବେ ସହରବାସୀ ଜଳଘେରରେ ଥିବା ଦେଖିବାକୁ ମିଳିଛି।

**ଏମାନେ କ’ଣ କୁହନ୍ତି...**



ଆମ ଅଞ୍ଚଳରେ ମଙ୍ଗଳବାର ବର୍ଷା ହେବା ଫଳରେ ବିଭିନ୍ନ ଲୋକଙ୍କ ଘରେ ପାଣି ପଶି ରହିଥିଲା। ବର୍ଷା ଟିକେ କମିଥିବାରୁ ପାଣି କମିଛି। କିନ୍ତୁ ଏବେ ବି ଆମେ ପାଣିରେ ରହିଛୁ। ଆମ ଅଞ୍ଚଳର ଡ୍ରେନ୍ ସଫା କରାଯାଉନାହିଁ। ବର୍ଷାପାଣି ସହ ଡ୍ରେନ୍‌ର ଅପରିଷ୍କାର ପାଣି ଏଥିରେ ମିଶି ରାସ୍ତା ଉପରେ ଜମି ରହିଛି। ରାସ୍ତାରେ ହୋଇଥିବା ଖାଲରେ ଏହି ପାଣି ଜମି ରହିଛି।

**- ସେଖ୍ ବାବୁ, କେଶରପୁର ବାସିନ୍ଦା**



ଆମ ୱାର୍ଡରେ ରାସ୍ତାଘାଟ ସମ୍ପୂର୍ଣ୍ଣ ଭାବେ ଖାଲଖମାରେ ଭର୍ତ୍ତି ହୋଇଛି। ଡ୍ରେନ ଠିକ୍ ଭାବେ ସଫା କରାଯାଉନାହିଁ। ଖାଲି ଡ୍ରେନର ଉପରୁ ସଫା କରି ପଳାଉଛନ୍ତି। ଡ୍ରେନ ମାଟିରେ ଭର୍ତ୍ତି ହୋଇଥିବାବେଳେ ତାହାକୁ ମଧ କଢାଯାଉନାହିଁ। ବର୍ଷା ହେଲେ ପାଣି ନିଷ୍କାସନ ହୋଇ ନ ପାରି ଘରେ ପଶୁଛି। ଯାହାଦ୍ୱାରା ଆମେ ଅସୁବିଧାର ସମ୍ମୁଖୀନ ହେଉଛୁ। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଅନୁରୋଧ।

**- ଆଦିଲ ଖାନ, କେଶରପୁର ବାସିନ୍ଦା**



ବର୍ଷା ପରଠାରୁ ଆମେ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛୁ। ବର୍ଷା ଟିକେ କମିଥିବାରୁ ବିଭିନ୍ନ ଅଞ୍ଚଳରେ ପାଣି କମିଯାଇଛି। କାଁ ଭାଁ ଅଞ୍ଚଳରେ ଜମି ରହିଥିବା ପାଣିକୁ ପମ୍ପସେଟ୍ ଦ୍ୱାରା ନିଷ୍କାସନ କରାଯାଉଛି। ଜଳ ନିଷ୍କାସନ ପାଇଁ ୨୨ରୁ ଊର୍ଦ୍ଧ୍ୱ ପମ୍ପସେଟ୍ ବିଭିନ୍ନ ସ୍ଥାନରେ ନିୟୋଜିତ କରାଯାଇଛି। ବିଭିନ୍ନ ଅଞ୍ଚଳରେ ରାସ୍ତା ସମସ୍ୟା ରହିଛି, ଖୁବ୍‌ଶୀଘ୍ର ଏହାର ସମାଧାନ କରିବାକୁ ସିଏମ୍‌ସି ପକ୍ଷରୁ ଉଦ୍ୟମ କରାଯିବ।

**- ଅନନ୍ୟା ଦାସ, ସିଏମ୍‌ସି କମିଶନର**



ସହରର ରାସ୍ତା ସମସ୍ୟାରେ ସୁଧାରିବା ଆଣିବା ପାଇଁ ପ୍ରଶାସନ ପଦକ୍ଷେପ ଗ୍ରହଣ କରୁଛି। ସହରରେ ଖରାପ ହୋଇଥିବା ରାସ୍ତାଗୁଡ଼ିକର ଏକ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ସିଏମ୍‌ସିକୁ କୁହାଯାଇଛି। ରିପୋର୍ଟ ମିଳିବା ପରେ ପ୍ରଶାସନ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

**- ଭବାନୀ ଶଙ୍କର ଚୟନୀ, ଜିଲାପାଳ**

### ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉଦ୍‌ଯାପିତ

**କଟକ ଅଫିସ, ୭।୮**

ଡ୍ରିମ୍‌ସ ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂ ପରିସରସ୍ଥ ରାଣୀଦେବୀ ଅଡିଟୋରିୟମଠାରେ ବୁଧବାର ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉଦ୍‌ଯାପିତ ହୋଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ‘ଡ୍ରିମ୍‌ସ’ର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଯୋଗଦେଇ କହିଥିଲେ, ସ୍ତନ୍ୟପାନ ଶିଶୁର ମୌଳିକ ଅଧିକାର। ତାକୁ କୌଣସି ପରିସ୍ଥିତରେ ସେଥିରୁ ବଞ୍ଚିତ କରାଯିବା ଉଚିତ ନୁହେଁ। ଏଥିରେ ମୁଖ୍ୟବକ୍ତା ଭାବେ ଏକାଡେମିକ୍ ନିର୍ଦ୍ଦେଶକ ପ୍ରଫେସର ଲୋକନାଥ ବେହେରା ଓ ସମ୍ମାନିତ ଅତିଥି ଭାବେ କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ଓ ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ଯୋଗଦେଇଥିଲେ। ଡ୍ରିମ୍‌ସର ଅଧ୍ୟକ୍ଷା ପ୍ରଫେସର ଅନସୂୟା ପଟ୍ଟନାୟକ ସ୍ତନ୍ୟପାନ ସପ୍ତାହ ପାଳନର ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। ଏମ୍‌ଏସସି ନର୍ସିଂ ପ୍ରଥମବର୍ଷର ଛାତ୍ରୀ ସ୍ୱାଗତିକା ପ୍ରଧାନ ଓ ଗାଙ୍ଗୁଲି ରାଉତରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧାପକ ପବିତ୍ର ରେଡ୍ଡୀ ଧନ୍ୟବାଦ ଦେଇଥିଲେ।

### ଚକ୍ଷୁ ପରୀକ୍ଷା ଶିବିର

**କଟକ ଅଫିସ, ୭।୮**

ରାଜସ୍ୱ ପର୍ଷଦ ଚିତ୍ତବିନୋଦନ କ୍ଲବ ଆନୁକୂଲ୍ୟରେ ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଜସ୍ୱ ପର୍ଷଦର ସ୍ଥାୟୀ ସଭାପତି ସୁରେନ୍ଦ୍ର କୁମାର ମୀନା ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। କ୍ଲବ ଉପସଭାପତି ଅନନ୍ଦ ଚରଣ ପ୍ରଧାନ, ସମ୍ପାଦକ ଶଶୀଭୂଷଣ ଆରଣ, କୋଷାଧକ୍ଷ ଗଗନ ବିହାରୀ ପଟ୍ଟନାୟକ, ଯୁଗ୍ମ ସଚିବ ବସନ୍ତ ହାତୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ।




ବିଭିନ୍ନ ଦାବି ନେଇ କସ୍ ବୋର୍ଡ ଇଣ୍ଡଷ୍ଟ୍ରିଜ୍ ଶ୍ରମିକ ୟୁନିୟନ ପକ୍ଷରୁ ବୁଧବାର କଟକ ଜିଲାପାଳଙ୍କ ଅଫିସ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

### ■ ନାବାଳିକା ଅପହରଣ ଘଟଣା

## ହାଇକୋର୍ଟରେ ମାମଲା ରୁଜୁ

**କଟକ ଅଫିସ,୭।୮**

ବେଣ୍ଟକାର ଫାଣ୍ଡି ଅଞ୍ଚଳରୁ ଅପହରଣ କରାଯାଇଥିବା ନାବାଳିକାଙ୍କୁ ତୁରନ୍ତ ଉଦ୍ଧାର କରିବା ପାଇଁ ଆଇନ ସେବା ସଂସ୍ଥା କ୍ଲାପ ପକ୍ଷରୁ ଆବେଦନକାରୀ ନୃସିଂହ ଚରଣ ବାରିକ ହାଇକୋର୍ଟରେ ଏକ ହେବିୟସ୍ କର୍ପସ ମାମଲା ରୁଜୁ କରିଛନ୍ତି। ଉକ୍ତ ଘଟଣାରେ କୋର୍ଟ ତୁରନ୍ତ ହସ୍ତକ୍ଷେପ କରିବାକୁ ଆବେଦନପତ୍ରରେ ଦର୍ଶାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବେଣ୍ଟକାର ଫାଣ୍ଡି ଅଞ୍ଚଳରୁ ଉକ୍ତ ନାବାଳିକାଙ୍କୁ ଗତ ଫେବୃୟାରୀ ୧୮ରେ ଆଠଗଡ଼ ଥାନା ଅନ୍ତର୍ଗତ ଜେନାପଡ଼ା ଅଞ୍ଚଳର ସତ୍ୟବ୍ରତ ରଣା ଅପହରଣ କରି ନେଇଛନ୍ତି। ଏ ନେଇ ନାବାଳିକାଙ୍କ ବାପା ଘଟଣାର ପରଦିନ ବେଣ୍ଟକାର ଫାଣ୍ଡିରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାର କରି ପାରି ନ ଥିଲା। ଏବେ ନାବାଳିକାଙ୍କ ଜୀବନ ପ୍ରତି ବିପଦ ରହିଥିବାବେଳେ ପୋଲିସ ତାଙ୍କୁ ଉଦ୍ଧାର କରିବା ଲାଗି ଆଦୌ ତତ୍ପରତା ପ୍ରକାଶ କରୁନାହିଁ। ଏ ନେଇ ନାବାଳିକାଙ୍କ ବାପା ଏପ୍ରିଲ ୩୦ରେ ଡିସିପିଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ମଧ ସୁଫଳ ମିଳିନାହିଁ। ଫଳରେ ନାବାଳିକାଙ୍କ ବାପା ଆଇନ ସହାୟତା ପାଇଁ କ୍ଲାପକୁ ନିବେଦନ କରିଥିଲେ। କ୍ଲାପ ପକ୍ଷରୁ ଆଇନଜୀବୀ ବିଜୟ ମିଶ୍ର ମାମଲା ପରିଚାଳନା କରୁଛନ୍ତି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**କଣ୍ଟାପଡ଼ା,୭।୮(ଡି.ଏନ୍.ଏ.)**

ଗୋବିନ୍ଦପୁର ଥାନା ଅନ୍ତର୍ଗତ ଶଙ୍ଖୁଆ ଗ୍ରାମର ଜଣେ ଯୁବକଙ୍କ ବୁଧବାର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ଜିତେନ୍ଦ୍ର ସ୍ୱାଇଁ(୨୧)। ସୂଚନା ଅନୁଯାୟୀ, ଜିତେନ୍ଦ୍ର ବୁଧବାର ସକାଳେ ଘର ନିକଟସ୍ଥ କେନାଲ ବନ୍ଧକୁ ଶୌଚ ପାଇଁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। କେନାଲ ନିକଟରେ ଥିବା ଏକ ବିଲ ଭିତରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକ ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ମଇଧରପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କଟକ ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଇଛି।

### ଶୌଚାଳୟ ସମ୍ମୁଖରୁ ଜବରଦଖଲ ଉଚ୍ଛେଦ

**ନିଆଳି,୭।୮(ଡି.ଏନ୍.ଏ.)**

ନିଆଳି ବଜାରରେ ନିର୍ମାଣ ହୋଇଥିବା ଶୌଚାଳୟ ସମ୍ମୁଖରେ ଥିବା ଜବରଦଖଲକାରୀ ଦୋକାନକୁ ବୁଧବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଏହି ଜବରଦଖଲ ଉଚ୍ଛେଦ ବେଳେ ତହସିଲଦାର ରଞ୍ଜନ କୁମାର ଜେନା, ନିଆଳି ଥାନା ଆଇଆଇସି ଓ ପୋଲିସ ଫୋର୍ସ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରାୟ ୧୨ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ଶୌଚାଳୟ ନିର୍ମାଣ ହୋଇଥିଲେ ମଧ ଅଦ୍ୟାବଧି ଜନସାଧାରଣଙ୍କ ସେବାରେ ଲାଗି ପାରି ନାହିଁ। ଫଳରେ ମହିଳା, ଛାତ୍ରୀଛାତ୍ର, ଯାତ୍ରୀ, ବ୍ୟବସାୟୀ ଓ ବରିଷ୍ଠ ନାଗରିକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜୁଲାଇ ୧୭ରେ ଖବରଦାତା ମଧୁସ୍ମିତା ସାହୁ, ନିଆଳି ବ୍ଲକ ମା’ ଘର ଶାଖାର ସଭାନେତ୍ରୀ କନକଲତା ସାହୁ ଉକ୍ତ ଶୌଚାଳୟକୁ କାର୍ଯ୍ୟକ୍ଷମ କରିବା ଉଦ୍ଦେଶ୍ୟରେ ତହସିଲ ଅଫିସ ଆଗରେ ଧାରଣା ଦେଇଥିଲେ। ଅଗଷ୍ଟ ୧୫ତାରିଖ ଭିତରେ ଉକ୍ତ ଶୌଚାଳୟ ସମ୍ମୁଖରେ ଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ସହ ସର୍ବ ସାଧାରଣଙ୍କ ଉଦ୍ଦେଶ୍ୟରେ ଏହାକୁ କାର୍ଯ୍ୟକ୍ଷମ କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ସିଂହ କୁହନ୍ତି, ଉକ୍ତ ଶୌଚାଳୟକୁ ପଞ୍ଚାୟତ ପକ୍ଷରୁ ଅର୍ଥ ଖର୍ଚ୍ଚ କରାଯାଇ ଏକ ଆଦର୍ଶ ଶୌଚାଳୟ କରାଯିବ।

## ରୋଲିଂ ମିଲ୍ ୟୁନିଟ୍ ଉଦ୍‌ଘାଟିତ

### ୩ ଶହ ବେକାର ଯୁବତୀଯୁବକ ନିଯୁକ୍ତି ପାଇବେ




ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା କାରଖାନାର ଅଧିକାରୀ ଓ ଅନ୍ୟମାନେ।

**ଖୁଣ୍ଟୁଣୀ,୭।୮(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଥାନା ଅଧୀନ ଆରତୀ ଷ୍ଟିଲ ଲିମିଟେଡ କାରଖାନା ପରିସରରେ ଏକ ନୂତନ ରୋଲିଂ ମିଲ୍ ୟୁନିଟକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ପ୍ରାୟ ୩ଶହ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ରୋଲିଂ ମିଲରୁ ବାର୍ଷିକ ୨ଲକ୍ଷ ମେଟ୍ରିକ ଟନ ବିଭିନ୍ନ ସେକ୍ଟରରେ ବ୍ୟବହୃତ ଯନ୍ତ୍ରାଂଶ ଉତ୍ପାଦନ ହେବ ବୋଲି କାରଖାନା ସଭାପତି ଲାଲା ତରୁଣ ପ୍ରକାଶ ନାରାୟଣ କହିଛନ୍ତି। ଏହି ରୋଲିଂ ମିଲ ୩ଶହ ମିଟର ଲମ୍ବ ଓ ଦେଢ ଶହ ମିଟର ପ୍ରସ୍ଥ ବିଶିଷ୍ଟ ଭୂମି ଉପରେ ନିର୍ମିତ ହୋଇଛି। ଏଥିରୁ ଉତ୍ପାଦିତ ସାମଗ୍ରୀ ଭାରତୀୟ ରେଲୱେ ବିଭାଗ, ସାମରିକ ବିଭାଗ ଆଦି ସେକ୍ଟରରେ ବ୍ୟବହୃତ ହେବାର ଲକ୍ଷ୍ୟ ରଖାଯାଇଛି। କାରଖାନା ଏସ୍.ଏମ୍.ଏସ୍ ରୁ ବାହାରୁଥିବା ବିଲେଟ ଏହି ନୂତନ ରୋଲିଂ ମିଲରେ ରୋଲ କରାଯାଇ ଏଥିରୁ ରାଉଣ୍ଡସ, ଆରସିଏମ, ବେରିଂ, ଫ୍ଲାଟ ଆଦି ଉତ୍ପାଦିତ ହେବ ବୋଲି ସଭାପତି ନାରାୟଣ କହିଛନ୍ତି। ଏଥିରେ ପ୍ରତ୍ୟକ୍ଷ ଭାବେ ୨ଶହ ଓ ପରୋକ୍ଷରେ ୩ଶହରୁ ଊର୍ଦ୍ଧ୍ୱ ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦିଆଯିବ। ଏହି ଉଦ୍‌ଘାଟନୀ ଉତ୍ସବରେ ଭାଇସ ପ୍ରେସିଡେଣ୍ଟ ଆର୍ଜେଶ ମିଶ୍ରା, ପରିଚାଳକ ସରୋଜ ଜେନା, ଲୋକସମ୍ପର୍କ ଅଧିକାରୀ ଶରତ ନିଶାଙ୍କ, ରୋଲିଂ ମିଲର ମୁଖ୍ୟ ବି.ଏସ. ମଞ୍ଜୁନାଥ, ଭି.ପି. ନରେଶ ବଂଶାଲ, ଶ୍ରୀନିବାସ ନାୟକ, ଏନ୍. ଶ୍ରୀନିବାସନ, ଇଡକୋ ଅଧିକାରୀ ଲକ୍ଷ୍ମଣ ମଲ୍ଲିକ, ଏଭିପି(ଅର୍ଥ) ବଳଜିତ୍ ସିଂ, ମନଦୀପ ମଜୁମଦାର, ରମେଶ ତଲୱାର, କଟକ ଜିଲା ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ, ଖୁଣ୍ଟୁଣୀ ଥାନା ଅଧିକାରୀ ସୁଚିତ୍ର ବିର୍ଯ୍ୟ ଦାସ ଓ କାରଖାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।






ଲଗାଣ ବର୍ଷା ଯୋଗୁ କଟକ ଜଗନ୍ନାଥବଲ୍ଲଭ ତନ୍ତୀ ସାହି ଲେନ୍, କାଜିବଜାର ଓ ବିଡ଼ାନାସୀ ଲକ୍ଷ୍ମୀନଗର ଅଞ୍ଚଳ ରାସ୍ତାରେ ଜମି ରହିଥିବା ପାଣି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୮ ଅଗଷ୍ଟ, ୨୦୧୯



ସତ୍ୟ ହିଁ ବ୍ରହ୍ମ, ସତ୍ୟ ହିଁ ତପସ୍ୟା, ସତ୍ୟ ହିଁ ପ୍ରାଣୀମାନଙ୍କୁ ସୃଜନ କରେ, ସତ୍ୟ ଦ୍ୱାରା ହିଁ ସମସ୍ତ ଲୋକ ଧୃତ ହୋଇଥାଏ ଏବଂ ସତ୍ୟ ଦ୍ୱାରା ହିଁ ଶେଷରେ ମନୁଷ୍ୟ ସ୍ୱର୍ଗ ଲୋକ ପାଇଥାଏ।
-ସ୍ୱାମୀ ଶିବାନନ୍ଦ



## ସଂକ୍ଷେପରେ

### ଅପହୃତ କାର ଖଣ୍ଡପଡ଼ାରୁ ଉଦ୍ଧାର



ବୋଲଗଡ଼,୭।୮(ଡି.ଏନ.ଏ.)- ବୋଲଗଡ଼ ଥାନା ପୋଲିସ ବୁଧବାର ଏକ ଅପହୃତ କାରକୁ ଖଣ୍ଡପଡ଼ା, ସୁନାମୁହଁ ନିକଟରୁ ଉଦ୍ଧାର ପରେ ଜବତ କରିଛି। ଥାନା ଆଇଆଇସି ଶେଖ୍ ଆକବର ଅଲ୍ଲୀଙ୍କଠାରୁ ପ୍ରକାଶ , ମଙ୍ଗଳବାର ଏକ ଓଲା କାର(ନଂ-ଓଡି ୦୨ ବିଡି ୪୨୭୭) ଫୁଲବାଣୀରୁ ଭୁବନେଶ୍ୱର ଅଭିମୁଖେ ୫୭ନଂ ଜାତୀୟ ରାଜପଥରେ ଯାଉଥିଲା । ରାତିରେ ରାଜସୁନାଖଳା ନିକଟରେ ୨ଟି ବାଇକ୍‌ରେ ୪ଜଣ ଯୁବକ ଆସି କାରଟିକୁ ଅଟକାଇଥିଲେ। ଦୁର୍ବୃତ୍ତମାନେ ଡ୍ରାଇଭର ଚିନ୍ମୟ ସାହୁଙ୍କୁ କାହିଁକି ସାଇଡ଼ ମାରିଲୁ ବୋଲି ଧମକପୂର୍ଣ୍ଣ ଭାବେ କହିଥିଲେ। ପରେ ଦୁର୍ବୃତ୍ତ ଭୁଜାଲି ଦେଖାଇ କାର୍ ଭିତରେ ଥିବା ଡ୍ରାଇଭର ଓ ମଙ୍ଗୁଲି ବେହେରାଙ୍କୁ ବାହାର କରିଦେବା ସହ ଏହାକୁ ଅପହୃତ କରିନେଇ ଥିବା ଚିନ୍ମୟ ଥାନାରେ ଅଭିଯୋଗ କରିଥିଲେ। କାର୍‌ଟିକୁ ଉଦ୍ଧାର କରାଯାଇଥିଲେ ସୁଦ୍ଧା ତେବେ ଅପହରଣକାରୀ ଏଯାବତ ଧରାପଡି ନ ଥିବା ପୋଲିସ ସୂଚନା ଦେଇଛି । ଏ ସଂକ୍ରାନ୍ତରେ ବୋଲଗଡ଼ ଥାନାରେ ଅଭିଯୋଗକ୍ରମେ କେସ୍ ନଂ ୫୨/୧୯ରେ ପୋଲିସ ତଦନ୍ତ ଜାରି ରଖିଛି।

### ଶ୍ରଦ୍ଧାଞ୍ଜଳି ସଭାରେ ସୁଷମାଙ୍କ ସ୍ମୃତିଚାରଣ

ଖୋର୍ଦ୍ଧା ଅଫିସ,୭।୮:ଖୋର୍ଦ୍ଧା ବ୍ଲକର ମଳିପଡାଠାରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପାର ବରିଷ୍ଠ ନେତ୍ରୀ ତଥା ପୂର୍ବତନ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କର ସ୍ମୃତିଚାରଣ କରାଯାଇଥିଲା। ଏଥିରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଦକ୍ଷିଣ ମଣ୍ଡଳ ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱ ଓ ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜଙ୍କ ସଞ୍ଚାଳନରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଜିଲା ସଭାପତି ସୁବାଶ ଜେନା ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଭାଜପା ନେତା କାଳୁ ଚରଣ ଖଣ୍ଡେଇତରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଶ୍ମି ରଞ୍ଜନ ମହାପାତ୍ର, ରାଜ୍ୟ ଓବିସି ମୋର୍ଚ୍ଚା ସମ୍ପାଦକ କେଳୁ ଚରଣ ଜଗଦେବ ପ୍ରମୁଖ ଯୋଗ ଦେଇଥିଲେ।

### ନାବାଳିକାଙ୍କୁ ଅସଦାଚରଣ: ଯୁବକ ଗିରଫ

ପୁରୀ ଅଫିସ, ୭।୮: ଜନୈକା ୧୫ବର୍ଷୀୟା ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ସଦର ଥାନା ପୋଲିସ ବିନ୍ଧେଇବସ୍ତର ଆଲୋକ ମାଛୁଆଙ୍କୁ ଗିରଫ କରିଛି। ଅସଦାଚରଣ ନେଇ ନାବାଳିକାଙ୍କ ବାପା ଥାନାରେ ଏତଲା ଦେଇଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଥିଲା।

■ ଆଦର୍ଶ ଥାନା ମାନ୍ୟତାର ୭ ମାସ

# ବଦଳିଲାନି ଖୋର୍ଦ୍ଧା ଟାଉନ ଥାନାର ରୂପ

ଖୋର୍ଦ୍ଧା ଅଫିସ,୭।୮



ମହିଳା ଓ ଶିଶୁ ଡେସ୍କ ଗୃହରେ ତାଲା ପଡିରହିଛି ।



ଅଭ୍ୟର୍ଥନା କକ୍ଷରେ ପୋଲିସ ବାରାକ୍ ଚାଲିଛି ।

ଖୋର୍ଦ୍ଧା ଟାଉନ ଥାନା ଆଦର୍ଶ ଥାନାର ମାନ୍ୟତା ପାଇବାର ପ୍ରାୟ ୭ ମାସରୁ ଊର୍ଦ୍ଧ୍ୱ ବିତିଯାଇଛି। ହେଲେ ଥାନାର ବଦଳିଲାନି ରୂପରେଖ। ସେହିଭଳି ନିୟୋଜିତ ପୋଲିସ କର୍ମଚାରୀଙ୍କର ଆଚରଣ, ଉଚ୍ଚାରଣରେ ମଧ୍ୟ ପରିବର୍ତ୍ତନ ହେଲାନି ବୋଲି ଅଭିଯୋଗ ଉଠିଛି। ଅନ୍ୟପକ୍ଷେ ମହିଳା ଓ ଶିଶୁ ଡେସ୍କରେ ସବୁବେଳେ ତାଲା ଝୁଲୁଛି। ଅଭ୍ୟର୍ଥନା କକ୍ଷ ବାରାକ ହୋଇଯାଇଛି। ଏଠାରେ ସବୁବେଳେ ଚାଲିଛି ଭୋଜିଭାତର ଆସର। ଲୋକଙ୍କ ପାଇଁ ଉଦ୍ଦିଷ୍ଟ ସେବା ମିଳୁ ନ ଥିବାର ଅଭିଯୋଗ ହେଉଛି। ଗତ ୨୦୧୮ ନଭେମ୍ବର ୨୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରଠାରେ ଓଡ଼ିଶାର ୩୩ ପୋଲିସ ଜିଲାରେ ୩୩ ଟି ଆଦର୍ଶ ଥାନାକୁ ଏକ ସମୟରେ ଲୋକାର୍ପିତ କରିଥିଲେ। ଏହି ୩୩ ଥାନା ଭିତରେ ଖୋର୍ଦ୍ଧା ଟାଉନ ଥାନା ରହିଥିଲା। ସେହି ଦିବସରେ ଖୋର୍ଦ୍ଧା ଟାଉନ ଥାନା ପରିସରରେ ଆଦର୍ଶ ଥାନାର ନାମଫଳକକୁ ତତ୍କାଳୀନ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ଉନ୍ମୋଚନ କରିଥିଲେ। ଉନ୍ମୋଚନ ପରେ ଅନୁଷ୍ଠିତ ସଭାରେ ତତ୍କାଳୀନ ଏସ୍‌ପି ଦୀପ୍ତି ରଞ୍ଜନ ରାୟ ଓ ଏସ୍‌ଡିପିଓ ଯୁଗଳ ଦାସ ନିଜ ବକ୍ତବ୍ୟରେ କହିଥିଲେ, ଅଭିଯୋଗକାରୀ ଯେପରି ଉପେକ୍ଷିତ ହେବାର ଅନୁଭବ କରିବ ନାହିଁ ତା'ର ବ୍ୟବସ୍ଥା କରାଯାଇଛି। ସେହିପରି ମହିଳା ଓ ଶିଶୁ ଡେସ୍କ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କଲା। ମହିଳା ଓ ଶିଶୁ ଉନ୍ନତମାନର ସେବା ପାଇବେ। ଟାଉନ ଥାନାକୁ ଏକ ନୂଆ ବୋଲେରୋ ମିଳିବା ପରେ ପିସିଆର ସଂଖ୍ୟା ୩ରେ ପହଞ୍ଚିଥିବାରୁ ପାଟ୍ରୋଲିଂରେ ସୁବିଧା ହେବ। ସେହିପରି ୨ ବାଇକ ମଧ୍ୟ ସରକାର ଯୋଗାଇ ଦେଇଛନ୍ତି। ଅନ୍ୟପକ୍ଷେ

■ ମହିଳା ଓ ଶିଶୁ ଡେସ୍କରେ ଝୁଲୁଛି ତାଲା

■ ଅଭ୍ୟର୍ଥନା କକ୍ଷ ପୋଲିସଙ୍କ ବାରାକ

ଜିମ୍ ପ୍ରତିଷ୍ଠା ହେବ ସହ ଔଷଧୀୟ ବଗିଚା ହେବ। ହେଲେ ଆଦର୍ଶ ଥାନା ଉଦ୍‌ଘାଟନ ହେବାର ୭ ମାସ ବିତି ଯାଇଥିଲେ ମଧ୍ୟ ସଭାରେ କୁହାଯାଇଥିବା ଅଧିକାଂଶ ସୁବିଧା ଉପଲବ୍ଧ ହେଉନାହିଁ। ୩ଟି ପିସିଆର ମଧ୍ୟରୁ ୨ଟିକୁ ଦେଖିବାକୁ ମିଳୁଛି। ତାହା ପୁଣି ସବୁ ଅଞ୍ଚଳରେ ପାଟ୍ରୋଲିଂ ହେଉନାହିଁ। ଆଗ ଅପେକ୍ଷା ପାଟ୍ରୋଲିଂ କମି ଯାଇଛି। ସରକାର ଯେଉଁ ୨ଟି ବାଇକ୍ ଯୋଗାଇଛନ୍ତି ତାହା ମଧ୍ୟ ବ୍ୟବହାରରେ ଆସୁ ନ ଥିବା ଅଭିଯୋଗ ରହିଛି। ଜିମ୍ ପ୍ରତିଷ୍ଠା ହୋଇନାହିଁ। ଅଭିଯୋଗକାରୀଙ୍କ ବସିବା ପାଇଁ ସିଟ୍ ଟିଏ ମିଳୁନାହିଁ। ଅଭିଯୋକାରୀ ଯେତିକି ଆତିଥ୍ୟ ପାଇବାର ବ୍ୟବସ୍ଥା ରହିଛି ତାହା ଏଠାରେ ସ୍ୱପ୍ନ। ମହିଳା ଓ ଶିଶୁ ଡେସ୍କରେ ତାଲା ଝୁଲୁଥିବାରୁ ପୂର୍ବ ପ୍ରଚଳିତ ଢାଞ୍ଚାରେ ଅଭିଯୋଗ ହୋଇଆସୁଛି। ଅଭ୍ୟର୍ଥନା କକ୍ଷରେ ବାରାକ୍ ଚାଲିଥିବାରୁ ଥାନାକୁ ଆସୁଥିବା ଲୋକ ବସିବା ପାଇଁ ଜାଗା ମଧ୍ୟ ପାଉନାହାନ୍ତି। ଥାନାରେ ଅବ୍ୟବସ୍ଥାକୁ ଛାଡିଲେ ଆଉ କିଛି ମିଳେନା। ସେହିଭଳି ଆଦର୍ଶ ଥାନା କାର୍ଯ୍ୟାଳୟ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହୋଇଥିବା ଆଇଆଇସି, ଏସ୍‌ଡିପିଓ ବିଭିନ୍ନ ସଭାରେ, ଖବରଦାତା ସମ୍ମିଳନୀରେ କହୁଛନ୍ତି। ତେବେ ଆଦର୍ଶ ଥାନା କାର୍ଯ୍ୟାଳୟ ଏଯାବତ ଆରମ୍ଭ ହୋଇପାରୁନାହିଁ। ଏଣୁ ଆଦର୍ଶ ଥାନା କେବଳ ସରକାରୀ କାଗଜାତରେ ଆଦର୍ଶରେ ହିଁ ରହିଛି। ଥାନାର କ'ଣ ଆଦର୍ଶ ଗୁଣ ମିଳିଲା ଲୋକେ ବୁଝି ପାରୁନାହାନ୍ତି।

### ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପୁରୀ ଅଫିସ, ୭।୮

ତାଳବଣିଆ ଥାନା ଅଧୀନ ସିଦ୍ଧମହାବୀର ଅଟାକଳ ଲେନ୍‌ରୁ ବୁଧବାର ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ଉଦ୍ଧାର କରିଛି। ମୃତ ମହିଳା ହେଲେ ନୟାଗଡ ଅଞ୍ଚଳର ସୁଜାତା ଖୁଣ୍ଟିଆ। ସେ ଏଠାରେ ସ୍ୱାମୀଙ୍କ ସହ ରହୁଥିଲେ। ସୁଜାତା ସ୍ଥାନୀୟ ଏକାଧିକ ଏସ୍‌ଏସ୍‌ଜିରୁ ଲକ୍ଷାଧିକ ଟଙ୍କାର ଋଣ ନେଇଥିଲେ। ଋଣଭାରରେ ସେ ଭାରକ୍ରାନ୍ତ ହୋଇ ପଡ଼ିଥିଲେ। ଏସ୍‌ଏସ୍‌ଜିଗୁଡ଼ିକ ଟଙ୍କା ଫେରସ୍ତ ଲାଗି ତାଙ୍କୁ ବାରମ୍ବାର ତାଗିଦ୍ କରିଥିଲେ। ଅନ୍ୟପଟେ ପାରିବାରିକ ସମସ୍ୟା ଯୋଗୁ ସେ ଠିକ୍ ସମୟରେ ଋଣ ଶୁଝିପାରି ନ ଥିଲେ। ଶେଷରେ ଋଣଭାରରେ ଭାରକ୍ରାନ୍ତ ହୋଇ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ବୋମାମାଡ଼ ଘଟଣାରେ ଜଣେ ଗିରଫ

ପୁରୀ ଅଫିସ, ୭।୮

ବାସେଳି ସାହି ଥାନା ଅଧୀନ ପଣ୍ଡାଗ୍ରିଆ ଲେନ୍‌ଠାରେ ଯାତ୍ରୀ ଗୁମାସ୍ତା ଶିବରାମ ପାତ୍ରଙ୍କୁ ବୋମାମାଡ଼ ଘଟଣାରେ ପୋଲିସ ବୁଧବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦନପୁର ଜିରାଖଣ୍ଡିର ଅକ୍ଷୟ ରାଉତ।

## ଜନତା ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ



ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରୀ ପୁରସ୍କୃତ ହେଉଛନ୍ତି।

ନିରାକାରପୁର/ଟାଙ୍ଗୀ(ଖୋର୍ଦ୍ଧା), ୭।୮(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା କୁହୁଡ଼ିସ୍ଥିତ ଜନତା ମହାବିଦ୍ୟାଳୟର ୩୪ତମ ପ୍ରତିଷ୍ଠା ଦିବସ ବୁଧବାର କଲେଜ ପରିସରରେ ପାଳିତ ହୋଇଯାଇଛି । ଆୟୋଜିତ ସଭାରେ ଏହାର ଅଧ୍ୟକ୍ଷ ଡ. ସଞ୍ଜୟ କୁମାର ମହାପାତ୍ର ପୌରୋହିତ୍ୟ କରିଥିବାବେଳେ ସଂସ୍କୃତ ଅଧ୍ୟାପକ ବଟକୃଷ୍ଣ ମିଶ୍ର ବେଦପାଠ କରିଥିଲେ । ଓଡିଆ ପ୍ରାଧ୍ୟାପକ ଡ.ଚନ୍ଦ୍ରଶେଖର ଦାଶ ମୁଖ୍ୟବକ୍ତା ଭାବେ ଉଦ୍‌ବୋଧନ ଦେଇଥିଲେ। ମଞ୍ଚାସୀନ ଅତିଥି ଛାତ୍ରୀଛାତ୍ରଙ୍କୁ ସଫଳତା ପ୍ରାପ୍ତି ନିମନ୍ତେ ଦିଗ୍‌ଦର୍ଶନ ଦେଇଥିଲେ। ନବାଗତ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ୩ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ଅଧ୍ୟାପିକା ଅର୍ପିତା ବେହେରା, ଉତ୍ତମ କୁମାର ପାଇକରାୟ, ବ୍ରଜ କିଶୋର ଷଡ଼ଙ୍ଗୀ ଓ ପ୍ରମୋଦ କୁମାର ଶୁକ୍ଳା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଧ୍ୟାପକ ଟୁକୁନା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭିଜିଲାନ୍ସ ଦ୍ୱାରା ଗିରଫ ପରେ ଘରର ମୂଲ୍ୟ ଆକଳନ

ଖୋର୍ଦ୍ଧା ଅଫିସ/ବୋଲଗଡ, ୭।୮(ଡି.ଏନ୍.ଏ.)

ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିବା ବୋଲଗଡ ବ୍ଲକର ଆରିକମା ପ୍ରାଥମିକ ସମିତିର ସମ୍ପାଦକଙ୍କ ଘରର ମୂଲ୍ୟ ଆକଳନ ହୋଇଛି। ଭିଜିଲାନ୍ସର ଇଞ୍ଜିନିୟରିଂଙ୍କ ଟିମ୍ ଦ୍ୱାରା ଏହି ଯାଞ୍ଚ କରାଯାଇଥିଲା। ଜଣେ ଚାଷୀଙ୍କୁ ମିଳିଥିବା ଶସ୍ୟ ବୀମା ଅର୍ଥକୁ ତାଙ୍କ ପାସବୁକ୍‌କୁ ଟ୍ରାନ୍ସଫର କରି ଦେବା ପାଇଁ ୨ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଆରିକମା ପ୍ରାଥମିକ ସମିତିର ସମ୍ପାଦକ ଭିଜିଲାନ୍ସ ଜାଲରେ ଧରାପଡି ଗିରଫ ହୋଇଥିଲେ।

### ମିଶନ ପରୀ-୩ : ୭ ନାବାଳକ ଉଦ୍ଧାର

ବାଲୁଗାଁ,୭।୮(ଡି.ଏନ.ଏ.)

ରାଜ୍ୟରେ ନିଖୋଜ ଓ ଅସୁରକ୍ଷିତ ଶିଶୁଙ୍କ ଉଦ୍ଧାର ପାଇଁ ମିଶନ ପରୀ-୩ ଅଭିଯାନ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବାଲୁଗାଁ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୭ ନାବାଳକଙ୍କୁ ଉଦ୍ଧାର କରାଯାଇଛି ।

ଶିଶୁଙ୍କ ସୁରକ୍ଷା ଓ ଯତ୍ନ ପାଇଁ ରାଜ୍ୟ ସରକାର ବ୍ୟାପକ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ପାରିବାରିକ ଆର୍ଥିକ ସମ୍ବଳ ଅଭାବରୁ ବାଧ୍ୟ ହୋଇ ଶିଶୁମାନେ ସ୍ୱଳ୍ପ ଦରମାରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି। ଏପରିକି, କେତେକାଂଶରେ ଶିଶୁଙ୍କୁ ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରାଯିବା ସହ ନିର୍ଯାତନା ଦିଆଯାଉଛି। ଏପରି ଅସୁରକ୍ଷିତ ଶିଶୁଙ୍କୁ ଉଦ୍ଧାର କରିବା ପାଇଁ ସ୍ଥାନୀୟ ପୋଲିସ ସହାୟତାରେ ଶ୍ରମ ବିଭାଗ ଓ ଚାଇଲ୍ଡ ହେଲ୍ପଲାଇନ୍ ପକ୍ଷରୁ ମିଳିତଭାବେ ଦୁଇଦିନ ହେଲା ବାଲୁଗାଁ ଏନ୍‌ଏସି ଅଞ୍ଚଳର ବିଭିନ୍ନ ହୋଟେଲ୍, ମାଛ ଗୋଦାମ ଓ ବ୍ୟବସାୟ ପ୍ରତିଷ୍ଠାନରେ ଚଢ଼ାଉ ଜାରି ରହିଥିଲା । ମୋଟ୍ ୭ଜଣ ନାବାଳକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ସେମାନଙ୍କୁ ଜିଲା ଶିଶୁ ସୁରକ୍ଷା କମିଟି, ଖୋର୍ଦ୍ଧାକୁ ହସ୍ତାନ୍ତର କରାଯାଇଛି ବୋଲି ବାଲୁଗାଁ ଆଇଆଇସି ରମାକାନ୍ତ ମାହାଲିକ ସୂଚନା ଦେଇଛନ୍ତି । ଭବିଷ୍ୟତରେ କୌଣସି ବ୍ୟବସାୟ ପ୍ରତିଷ୍ଠାନ କିମ୍ବା ବ୍ୟକ୍ତି ବିଶେଷ ଏପରି ଶିଶୁ ଓ ନାବାଳକଙ୍କୁ କର୍ମରେ ନିୟୋଜିତ କରିଲେ ସେମାନଙ୍କ ବିରୋଧରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ଓ ଶ୍ରମବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ରାସ୍ତାରେ ମାଟି, ପଥର ଗଦା : ବଢୁଛି ଦୁର୍ଘଟଣା

ଖୋର୍ଦ୍ଧା ଅଫିସ,୭।୮:

ଖୋର୍ଦ୍ଧା ସହରର ହଡାଛକଠାରୁ ମାଛ ମାର୍କେଟ ରାସ୍ତାର ମସ୍‌ଜିଦ୍ ନିକଟସ୍ଥ ସରକାରୀ ପାଇଖାନା ସମ୍ମୁଖରେ ଓ ବରୁଣେଇ ସାହିର ପୁରୁଣା ଦମକଳ ଛକ ଯିବା ରାସ୍ତାରେ ମାଟି ଓ ପଥର ଗଦା ହୋଇରହିଛି। ପ୍ରାୟ ବର୍ଷେ ହେଲା ମାଟି ଓ ପଥର ଗଦା ରାସ୍ତାକୁ ସଙ୍କୁଚିତ କରି ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ହେଲେ ଖୋର୍ଦ୍ଧା ମ୍ୟୁନିସିପାଲିଟି ପକ୍ଷରୁ କୌଣସି ପ୍ରତିକାର କରାଯାଉ ନ ଥିବାର ଅଭିଯୋଗ ହେଉଛି। ଉଭୟ ରାସ୍ତାରେ ଡ୍ରେନ ମୁକୁଳା ପଡିଛି। କେତେଜଣ ଲୋକ ଡ୍ରେନ ଭିତରେ ବି ଖସି ପଡୁଛନ୍ତି। ଉପରୋକ୍ତ ଦୁଇ ସ୍ଥାନରେ ପ୍ରାୟ ବର୍ଷେ ଭିତରେ ୩୦ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟି ସାରିଲାଣି। ହେଲେ ଏଥିପ୍ରତି ନଜର ନ ଦେବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



ରାସ୍ତା ଉପରେ ମାଟି, ପଥର ଗଦା ହୋଇଛି ।

■ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସର୍ଭେ

## ଲାଞ୍ଚ ନ ଦେବାରୁ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍

■ ଦଲାଲ ନେଲେ ଲାଞ୍ଚ, ତଦନ୍ତକାରୀ ଅଫିସର ଚଢ଼ାଇଲେ ନାଁ

■ ଜିଲାପାଳଙ୍କୁ ଫେରାଦ୍ ପରେ ପୁନର୍ବାର ହେବ ସର୍ଭେ

ଖୋର୍ଦ୍ଧା ଅଫିସ,୭।୮

ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା ପରି ଗ୍ରାମୀଣ ଆବାସ ଯୋଜନା ଗରୀବ ଲୋକଙ୍କ ପାଇଁ ଅପହଞ୍ଚ ହୋଇ ରହି ଯାଉଛି। ଏଥିରେ ସାମିଲ ହେବାଠାରୁ ଆରମ୍ଭ କରି କାର୍ଯ୍ୟାଦେଶ ପାଇବା ପର୍ଯ୍ୟନ୍ତ ଲାଞ୍ଚ କାରବାର ଯୋଗୁଁ ଯୋଗ୍ୟ ହିତାଧିକାରୀ ବାଦ୍ ପଡୁଥିବା ଅଭିଯୋଗ ହୋଇଆସୁଛି। ଏଭଳିସ୍ଥିତିରେ ଜଟଣୀ ବ୍ଲକ ବେଣାପଞ୍ଜରୀ ପଞ୍ଚାୟତ ବୁଢ଼ାଙ୍ଗରାପାଟଣା ଗାଁରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନାଁ ସାମିଲ କରିବାକୁ ହେଉଥିବା ସର୍ଭେରେ ୧ ହଜାର ଟଙ୍କା ଲାଞ୍ଚ ମଗାଯାଇଥିଲା। ଗତ ସୋମବାର ଏପରି ଘଟଣା ଘଟିଥିଲା। ଲାଞ୍ଚ ନ ଦେବାରୁ ଏଠାର ଯୋଗ୍ୟ ହିତାଧିକାରୀ ବାଦ୍ ପଡି ଯାଇଛନ୍ତି। ଦଲାଲ ଏଠାରେ ଲାଞ୍ଚ ଆଦାୟ କରି ନେବା ପରେ ତଦନ୍ତକାରୀ ଅଫିସର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବାକୁ ନାଁକୁ ସାମିଲ କରିଥିଲେ। ଏପରିପ୍ରେକ୍ଷୀରେ ଲାଞ୍ଚକୁ ପ୍ରତିବାଦ କରି ବୁଢ଼ାଙ୍ଗରାପାଟଣା ବାସିନ୍ଦା ବୁଧବାର ଜିଲାପାଳଙ୍କୁ ଭେଟି ଫେରାଦ ହୋଇଛନ୍ତି। ଅଭିଯୋଗ ଶୁଣିବା ପରେ ପୁଣି ଥରେ ନାଁ ସର୍ଭେ କରାଯିବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ୱାର୍ଡମେମ୍ବର କିଶୋର କାଳିଆଙ୍କ ଅଭିଯୋଗ ଅନୁସାରେ, ବୁଢ଼ାଙ୍ଗରାପାଟଣା ଗାଁକୁ ଗତ ସୋମବାର ଅନ୍ୟ ପଞ୍ଚାୟତର ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀ ଆସି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସର୍ଭେ କରିଥିଲେ। ହେଲେ ସର୍ଭେ ଗାଁର କେତେଜଣ ଦଲାଲଙ୍କୁ ନେଇ କରାଯାଇଥିଲା। ଦଲାଲମାନେ ୧ ହଜାର ଟଙ୍କା ଲେଖାଏ ନେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗାଁର କେତେଜଣ ଲୋକଙ୍କ ନାଁ ସାମିଲ କରିଥିଲେ। ନାଁ ସାମିଲ୍ ପାଇଁ ଲାଞ୍ଚ କ'ଣ ନିହାତି ଦରକାର ବୋଲି ପଚରାଯିବାରୁ ଉତ୍ତର ମିଳିଥିଲା ନ ଦେଲେ ତାଲିକାରେ ନାଁ ରହିବ ନାହିଁ। ସତକୁସତ ଟଙ୍କା ଦେଇ ନ ଥିବା ହିତାଧିକାରୀଙ୍କ ନାଁ ନ ଥିଲା। ଏ ଘଟଣା ଜଣାପଡିବା ପରେ ଜିଲାପାଳଙ୍କୁ ଫେରାଦ୍ ଦିଆଗଲା। ବୁଢ଼ାଙ୍ଗରାପାଟଣା ଗାଁର ସାମାଜିକ କର୍ମୀ ସୁଶାନ୍ତ ପ୍ରଧାନ କୁହନ୍ତି, ଯେଉଁ କର୍ମଚାରୀ ଆସି ସର୍ଭେ ନାଁରେ ଟଙ୍କା ଆଦାୟ କରୁଥିଲେ ତାଙ୍କୁ ନିଲମ୍ବନ କରାଯାଉ। ଅନ୍ୟପକ୍ଷେ ସର୍ଭ ଅନିୟମିତତା ଉପରେ ଜିଲାପାଳ ଅଭିଯୋଗ ଶୁଣି ଜଟଣୀ ବିଡିଓଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ପୁଣି ସର୍ଭେ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି। ସୋମନାଥ ମହାରଣା କୁହନ୍ତି, ଯେଉଁମାନେ ପୂର୍ବରୁ ଇନ୍ଦିରାଆବାସ ଯୋଜନାରେ ୪୫ ହଜାର ଟଙ୍କା ଅନୁଦାନ ପାଇଥିଲେ ସେମାନଙ୍କର ନାଁ ସର୍ଭେରେ ରହିଛି। ୧ ହଜାର ଟଙ୍କା ଲାଞ୍ଚ ଦେଇଥିବା କୌଣସି ଲୋକ ବାଦ୍ ପଡିନାହାନ୍ତି। ଯେଉଁମାନେ ଲାଞ୍ଚ ଦେଲେନି ସେମାନେ ଉପେକ୍ଷିତ ହୋଇ ରହିଗଲେ। ବୁଢ଼ାଙ୍ଗରା ଗାଁର ୫୦ ହିତାଧିକାରୀ ବାଦ୍ ପଡିବା ପରେ ଜିଲାପାଳଙ୍କୁ ଭେଟି ନିଜର ଦୁଃଖ କହିଛନ୍ତି।

■ ଲଗାଣବର୍ଷା, ସମସ୍ତ ଅଞ୍ଚଳ ଜଳମୟ

## ଜେସିବି ଯୋଗେ ଗ୍ରାମବାସୀ ନିର୍ମାଣ କଲେ ଡ୍ରେନ୍



ଜେସିବି ଦ୍ୱାରା ଡ୍ରେନ୍ ନିର୍ମାଣ।



ଜଳରେ ଉବୁଟୁବୁ ଗାଁ ଦାଣ୍ଡ।

କୃଷ୍ଣପ୍ରସାଦ,୭।୮(ଡି.ଏନ.ଏ.)

କୃଷ୍ଣପ୍ରସାଦ ବ୍ଲକରେ ଗତ ୨ ଦିନ ଧରି ଲଗାଣ ବର୍ଷା ଯୋଗୁ ସମସ୍ତ ଅଞ୍ଚଳ ଜଳମୟ ହୋଇଉଠିଛି। ବର୍ଷା ପାଣିରେ ଗାଁ ଦାଣ୍ଡ ଉବୁଟୁବୁ ହେଉଛି। ବର୍ଷା ଲାଗି ରହିବାରୁ ଏହା ବିଶେଷ ଭାବେ କୃଷି ଓ କୃଷକଙ୍କ ନିମନ୍ତେ ଅନୁକୂଳ ପରିବେଶ ସୃଷ୍ଟି କରିଥିଲେ ମଧ୍ୟ ସାଧାରଣ ଜୀବନ ବ୍ୟାହତ ହୋଇଛି। ଘରୁ ବାହାରିଲେ କେବଳ ଜଳ ହିଁ ଜଳ ଦୃଷ୍ଟିଗୋଚର ହେଉଛି। ମାଲୁଦ ଅଞ୍ଚଳର କରଣ ସାହି, ପାଇକ ସାହି, ରାଜାବଜାର କିଛି ଘର ଭିତରକୁ ପାଣି ପଶିଯିବାରୁ ଲୋକେ ହଇରାଣ ହୋଇଥିବା ସୂଚନା ମିଳିଛି। ସେହିଭଳି ପାରିକୁଦ, ଅଲ୍ଲୀପୁର, ପାଟନାସୀ, ଶ୍ରୀରାମପୁର, ରସକୁଦି ଅଞ୍ଚଳର ଗାଁ ଦାଣ୍ଡରେ ବର୍ଷା ଜଳ ପ୍ରବାହିତ ହେଉଛି। ଚିଲିକା ଜଳ ବଢ଼ି ଗାଁ ମୁହାଁ ହେବାରୁ କେତେଜଣ ଆତଙ୍କ ଓ ଆଶଙ୍କା ମଧ୍ୟରେ ଦିନ ବିତାଉଛନ୍ତି। ମାଲୁଦ ରାସ୍ତା ମଧ୍ୟ ଜଳରେ ବୁଡିଯାଇଥିବାରୁ ଲୋକଙ୍କ ଯାତାୟତରେ ଘୋର ସମସ୍ୟା ସୃଷ୍ଟି ହୋଇଛି। ବର୍ଷାଋତୁରେ ଜନସାଧାରଣ ହଇରାଣ ହେଉଥିବାରୁ ଏଠାରେ ଡ୍ରେନ ନିର୍ମାଣ ନିମନ୍ତେ ଦୀର୍ଘବର୍ଷ ଧରି ଦାବି ହୋଇଆସୁଛି। ତେବେ ପ୍ରଶାସନ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ମାଲୁଦ ଗ୍ରାମବାସୀ ଜେସିବି ଦ୍ୱାରା ଅସ୍ଥାୟୀ ଡ୍ରେନ୍ କରି ଜଳ ନିଷ୍କାସନ କରିଥିବା ସୂଚନା ମିଳିଛି।

■ ଭଡ଼ାରେ ଚାଲିଛି ରେଲୱେ କ୍ୱାର୍ଟର୍ସ

## କର୍ମଚାରୀଙ୍କୁ ମିଳୁନି ସରକାରୀ ବାସଗୃହ

ନିରାକାରପୁର,୭।୮(ଡି.ଏନ.ଏ.)

**କର୍ତ୍ତୃପକ୍ଷଙ୍କ ପକ୍ଷରୁ ଯାଞ୍ଚ ନାହିଁ**



ସରକାରୀ ଗୃହକୁ ଭଡାରେ ଦିଆଯାଇଛି ।

କର୍ମଚାରୀମାନେ ସୁବିଧାରେ ରହି କାମ କରିବା ନିମନ୍ତେ ରେଳ ବିଭାଗ ପକ୍ଷରୁ କ୍ୱାର୍ଟର୍ସ (ସରକାରୀ ବାସଗୃହ) ଯୋଗାଇ ଦିଆଯାଇଛି । ହେଲେ କେତେଜଣ କର୍ମଚାରୀ କ୍ୱାର୍ଟର୍ସରେ ନ ରହି ଏହାକୁ ଅଧିକ ଟଙ୍କାରେ ଅନ୍ୟକୁ ଭଡ଼ା ସୂତ୍ରରେ ଦେଉଥିବା ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ନିରାକାରପୁର ଷ୍ଟେଶନରେ ଦେଖିବାକୁ ମିଳିଛି। ଏଠାରେ ଇଞ୍ଜିନିୟରିଂ, ସିଗ୍ନାଲ, କମର୍ସିଆଲ ଅପରେଟିଂ ଆଦି ଉପବିଭାଗ ଓ ସୁରକ୍ଷା ବଳ ଫାଣ୍ଡି ରହିଛି । କର୍ମଚାରୀଙ୍କ ପାଇଁ ଥିବା ୨୮ କ୍ୱାର୍ଟର୍ସ ମଧ୍ୟରୁ କେତେକରେ ବାହାର ଲୋକ ଭଡ଼ାରେ ରହୁଥିବାବେଳେ ଆଉ କେତେକ ସ୍ଥାନୀୟ ଅଞ୍ଚଳର ପ୍ରଭାବଶାଳୀ ଲୋକ ନିଜ କବ୍‌ଜାରେ ରଖିଥିବା ଜଣାପଡ଼ିଛି। କିଛି ସରକାରୀ ବାସଗୃହ ବ୍ୟବହାର ଅନୁପଯୋଗୀ ହୋଇଥିବା ଦର୍ଶାଇ ବିଭାଗୀୟ କର୍ମଚାରୀମାନେ ରହୁ ନ ଥିବାବେଳେ ବାହାର ଲୋକ ଭଡ଼ା ଦେଇ କିଭଳି ରହୁଛନ୍ତି ତାହା ସାଧାରଣରେ ଏବେ ପ୍ରଶ୍ନବାଚୀ ସୃଷ୍ଟିକରିଛି । ଜଣେ ଭଡ଼ାଟିଆଙ୍କୁ ଏ ବିଷୟରେ ପଚାରିବାରୁ ସେ ନିଜ ନାମ ଗୋପନ ରଖି କହିଥିଲେ, ଆମକୁ କେହି ଏଠାରେ ରହିବା ବିଷୟରେ ପଚାରିଲେ ସମ୍ପର୍କୀୟ ବୋଲି ପରିଚୟ ଦେବାକୁ କୁହାଯାଇଛି। ଯଦି ରେଲ୍‌ୱେ ପକ୍ଷରୁ ଧରପଗଡ଼ ହେଉଥାନ୍ତା ତେବେ ଭଡ଼ା ଦେବାକୁ କିମ୍ବା ଭଡ଼ା ନେବାକୁ କେହି ସାହସ କରିପାରି ନ ଥାନ୍ତେ ବୋଲି ସେ କହିଥିଲେ। କ୍ୱାର୍ଟର୍ସରେ ପାଚେରି, ସୁରକ୍ଷା କର୍ମଚାରୀ ନ ଥିବାରୁ ଏହା ଅସୁରକ୍ଷିତ ଓ ନିଶାଖୋର, ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଅଭିଯୋଗ ହେଉଛି। ଆପ୍ରୋଚ ରୋଡ଼ରେ ଭଲ ଲାଇଟ୍ ବ୍ୟବସ୍ଥା ନାହିଁ। ତେଣୁ ଏଥିପ୍ରତି କର୍ତ୍ତୃପକ୍ଷ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏନେଇ ନିରାକାରପୁର ଷ୍ଟେଶନ ପରିଚାଳକ ସୁବ୍ରତ କୁମାର ପଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, ମୁଁ ନୂତନ ଭାବେ ଏହି ଷ୍ଟେଶନରେ ଦାୟିତ୍ୱ ଗ୍ରହଣ କରିଛି। ଆମ ଅଧୀନରେ ୪ କ୍ୱାର୍ଟର୍ସ ରହିଥିବାବେଳେ ଗୋଟିକରେ ଷ୍ଟେଶନ ମାଷ୍ଟର, ୩ଟିରେ ଟିଟିମାନେ ରହୁଛନ୍ତି । ଅନ୍ୟଗୁଡ଼ିକ ଇନ୍ସପେକ୍ଟର ୱାର୍କସ୍ (ବାଲୁଗାଁ)ଅଧୀନରେ ଥିବାରୁ ସେ ବିଷୟରେ ସୂଚନା ଦେଇ ପାରିବେ ନାହିଁ ବୋଲି କହିଥିଲେ । ରେଳବାଇ ସୁରକ୍ଷା ବଳ(ଜିଆର୍‌ପିଏଫ୍) ଫାଣ୍ଡି ଅଧିକାରୀ ଲିଙ୍ଗରାଜ ସେଠୀ ଏ ନେଇ କହିଥିଲେ, ଆମ ଅଧୀନରେ ବାଲୁଗାଁ ରହିଥିବାରୁ ଆମର ମୋଟ ୭ ଜଣ ଷ୍ଟାଫ୍ ମଧ୍ୟରୁ ବାଲୁଗାଁରେ ୨ ଜଣ, ନିରାକାରପୁରରେ ୪ ଜଣ ରହୁଛନ୍ତି। ଆଉ ଜଣେ ଷ୍ଟାଫ୍‌ଙ୍କ ଅଭାବ ରହିଛି । ତେବେ ବିଭାଗ ପକ୍ଷରୁ ୪ଟି କ୍ୱାର୍ଟର୍ସ ମିଳିଛି। ୨ଟି ରହିବା ଅନୁପଯୋଗୀ ହୋଇଥିବାବେଳେ ଆଉ ୨ଟି ଖରାପ ଅବସ୍ଥାରେ ପଡିରହିଛି । ଏହାକୁ ମରାମତି କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଆବେଦନ କରାଯାଇଛି। କ୍ୱାର୍ଟର୍ସ ମିଳି ନ ଥିବାରୁ କେତେଜଣ କର୍ମଚାରୀଙ୍କୁ କାର୍ଯ୍ୟାଳୟ ଭିତରେ ରହିବାକୁ ପଡୁଛି ବୋଲି ସେଠୀ ସୂଚନା ଦେଇଥିଲେ।



ସତ୍ୟ ହିଁ ବ୍ରହ୍ମ, ସତ୍ୟ ହିଁ ତପସ୍ୟା, ସତ୍ୟ ହିଁ ପ୍ରାଣୀମାନଙ୍କୁ ସୃଜନ କରେ, ସତ୍ୟ ଦ୍ୱାରା ହିଁ ସମସ୍ତ ଲୋକ ଧୃତ ହୋଇଥାଏ ଏବଂ ସତ୍ୟ ଦ୍ୱାରା ହିଁ ଶେଷରେ ମନୁଷ୍ୟ ସ୍ୱର୍ଗ ଲୋକ ପାଇଥାଏ।

- ସ୍ୱାମୀ ଶିବାନନ୍ଦ



## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ପୁରୀ ଅଫିସ, ୭।୮:** ତାଳବଣିଆ ଥାନା ଅଧୀନ ସିଦ୍ଧମହାବୀର ଅଟାକଳ ଲେନ୍‌ରୁ ବୁଧବାର ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ଉଦ୍ଧାର କରିଛି। ମୃତ ମହିଳା ହେଲେ ନୟାଗଡ ଅଞ୍ଚଳର ସୁଜାତା ଖୁଣ୍ଟିଆ। ସେ ଏଠାରେ ସ୍ୱାମୀଙ୍କ ସହ ରହୁଥିଲେ। ସୁଜାତା ସ୍ଥାନୀୟ ଏକାଧିକ ଏସ୍‌ଏସ୍‌ଜିରୁ ଲକ୍ଷାଧିକ ଟଙ୍କାର ଋଣ ନେଇଥିଲେ। ଋଣଭାରରେ ସେ ଭାରକ୍ରାନ୍ତ ହୋଇ ପଡ଼ିଥିଲେ। ଏସ୍‌ଏସ୍‌ଜିଗୁଡ଼ିକ ଟଙ୍କା ଫେରସ୍ତ ଲାଗି ତାଙ୍କୁ ବାରମ୍ବାର ତାଗିଦ୍ କରିଥିଲେ। ଅନ୍ୟପଟେ ପାରିବାରିକ ସମସ୍ୟା ଯୋଗୁ ସେ ଠିକ୍ ସମୟରେ ଋଣ ଶୁଝିପାରି ନ ଥିଲେ। ଶେଷରେ ଋଣଭାରରେ ଭାରକ୍ରାନ୍ତ ହୋଇ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ବୋମାମାଡ଼ ଘଟଣାରେ ଜଣେ ଗିରଫ

**ପୁରୀ ଅଫିସ, ୭।୮:** ବାସେଳି ସାହି ଥାନା ଅଧୀନ ପଣାପ୍ରିୟା ଲେନ୍‌ଠାରେ ଯାତ୍ରୀ ଗୁମାସ୍ତା ଶିବରାମ ପାତ୍ରଙ୍କୁ ବୋମାମାଡ଼ ଘଟଣାରେ ପୋଲିସ ବୁଧବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦନପୁର ଜିରାଖଣ୍ଡିର ଅକ୍ଷୟ ରାଉତ। ସୂଚନାଯୋଗ୍ୟ, ଜୁନ ୧୫ତାରିଖରେ ପଣାପ୍ରିୟା ଲେନ୍ ପାଖରେ ଶିବରାମ ଠିଆ ହୋଇଥିବାବେଳେ ଦୁଇଜଣ ଦୁର୍ବୃତ୍ତ ତାଙ୍କ ଉପରକୁ ବୋମାମାଡ଼ କରି ଫେରାର ହୋଇଯାଇଥିଲେ। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏ ନେଇ ସେ ଥାନାରେ ଏତଲା ଦେଇଥିଲେ। ଏହି ଘଟଣାରେ ପୂର୍ବରୁ ଜଣେ ଅଭିଯୁକ୍ତ କୋର୍ଟରେ ଆତ୍ମସର୍ମପଣ କରିଥିଲେ।

### ଟ୍ରକ୍ ଧକ୍କାରେ ଜଣେ ମୃତ

**କାକଟପୁର,୭।୮(ଡି.ଏନ୍.ଏ.):** ଟ୍ରକ୍ ଧକ୍କାରେ ବୁଧବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାକଟପୁର ବ୍ଲକ ଲତାହରଣ ହାଟସାହି ଗ୍ରାମର ଗଜେନ୍ଦ୍ର ସ୍ୱାଇଁ(୪୫)। ସୂଚନା ଅନୁଯାୟୀ, ହାଟସାହିଠାରେ ଗଜେନ୍ଦ୍ର ଘର ସମ୍ମୁଖରେ ଛିଡା ହୋଇଥିବା ବେଳେ କାକଟପୁରରୁ ଲତାହରଣ ଯାଉଥିବା ଏକ ଟ୍ରକ୍(ଓଆର ୦୨ ଏଜେ ୭୬୫୧) ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇବା ପରେ ଟ୍ରକ୍ ଛାଡି ଚାଳକଜଣଙ୍କ ଫେରାର ହୋଇଯାଇଥିଲା। ଖବରପାଇ କାକଟପୁର ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଚାରିଛକ ଡାକ୍ତରଖାନାକୁ ପଠାଇଛି। ଗଜେନ୍ଦ୍ର ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

### ମା’ ଚର୍ଚ୍ଚିକାଙ୍କ ପଥର ମୂର୍ତ୍ତି ଚୋରି

**ଡେଲାଙ୍ଗ,୭।୮(ଡି.ଏନ୍.ଏ.):** ବେରବୋଇ ବ୍ରହ୍ମେଶ୍ୱର ମହାଦେବ ମନ୍ଦିର ବେଢ଼ାରେ ଥିବା ମା’ ଚର୍ଚ୍ଚିକାଙ୍କ ପଥର ମୂର୍ତ୍ତିକୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ଅତିରିକ୍ତ ଏସ୍‌ପି ପ୍ରତାପ ସ୍ୱାଇଁ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ଡେଲାଙ୍ଗ ଥାନାରେ ଏକ ମାମଲା (ନଂ.୧୩୭/୧୯)ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ମା’ ଚର୍ଚ୍ଚିକା-ମନ୍ଦିରର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ସୋମାବର ବିଳମ୍ବିତ ରାତିରେ ମା’ଙ୍କ ପଥର ମୂର୍ତ୍ତିକୁ ଚୋରି କରି ନେଇଛନ୍ତି। ମନ୍ଦିର ଭିତରେ ଥିବା ମା’ଙ୍କ ରୁପା ଅଳଙ୍କାର ଥିବା ସତ୍ତ୍ୱେ ଦୁର୍ବୃତ୍ତ ନେଇ ନ ଥିବାରୁ କୌଣସି ତାନ୍ତ୍ରିକ ଏହି ମୂର୍ତ୍ତି ଚୋରାଇ ନେଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।

### ନାବାଳିକାଙ୍କୁ ଅସଦାଚରଣ: ଯୁବକ ଗିରଫ

**ପୁରୀ ଅଫିସ, ୭।୮:** ଜନୈକା ୧୫ ବର୍ଷୀୟା ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ସଦର ଥାନା ପୋଲିସ ବିନ୍ଧେଇବସ୍ତିର ଆଲୋକ ମାଛୁଆଙ୍କୁ ଗିରଫ କରିଛି। ଅସଦାଚରଣ ନେଇ ନାବାଳିକାଙ୍କ ବାପା ଥାନାରେ ଏତଲା ଦେଇଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଥିଲା।

■ ଏସ୍‌ସିଏସ୍ କଲେଜ: ୧୦ ବର୍ଷ ହେଲା ହୋଇନି ୩ ହଷ୍ଟେଲର ଅଡିଟ୍

# ୪କୋଟିର ଅନିୟମିତତା ଅଭିଯୋଗ

**ପୁରୀ ଅଫିସ, ୭।୮**

■ ୩ ବର୍ଷରେ ଗଲେଣି ୫ ଅଧ୍ୟକ୍ଷ

■ କେବଳ କମିଟି ଗଢ଼ି ସମସ୍ତେ ଥିଲେ ଚୁପ୍

ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧୀନ ୩ଟି ହଷ୍ଟେଲର ଆଭ୍ୟନ୍ତରୀଣ ଅଡିଟ୍ ଗତ ୧୦ବର୍ଷ ହେଲା ହୋଇନାହିଁ। ଏହି ୩ଟି ହଷ୍ଟେଲରେ ୪କୋଟି ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଗତ ୩ବର୍ଷ ମଧ୍ୟରେ ୫ଜଣ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ସରିଲାଣି। ଅଥଚ କେବଳ ଅଡିଟ ଲାଗି କମିଟି ଗଠନ କରି ସମସ୍ତେ ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ଦେଇଥିଲେ। ଅନ୍ୟପଟେ ମାନବାଧିକାର କର୍ମୀ ପ୍ରସନ୍ନ କୁମାର ଦାଶ ୩ ହଷ୍ଟେଲରେ ୪କୋଟି ଟଙ୍କାର ଅନିୟମିତତା ହୋଇଥିବା ନେଇ ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଲାଗି ସେ ଦାବି ଜଣାଇଛନ୍ତି। ଅନ୍ୟପଟେ ବର୍ତ୍ତମାନ କଲେଜର ଅଡିଟ୍ ଚାଲିଥିବା ଜଣାପଡ଼ିଛି। ପ୍ରାୟ ୧କୋଟି ୪୦ଲକ୍ଷ ଟଙ୍କା ଆୟବ୍ୟୟର ହିସାବ ମିଳୁ ନ ଥିବା କୁହାଯାଉଛି। ତେବେ ଏ ନେଇ କଲେଜ କର୍ତ୍ତୃପକ୍ଷ ମୁହଁ ଖୋଲିବାକୁ ନାରାଜ।

ଏସ୍‌ସିଏସ୍ କଲେଜ ଅଧୀନରେ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ରହିବା ଲାଗି ଦୁଇଟି ବାଳକ ଏବଂ ଗୋଟିଏ ବାଳିକା ହଷ୍ଟେଲ ରହିଛି। ଏହି ୩ ହଷ୍ଟେଲରେ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ରହୁଛନ୍ତି। କେତେଜଣ ଛାତ୍ର କହିଛନ୍ତି, ଛାତ୍ରାବାସରେ ରହିବା ଲାଗି ପ୍ରତି ପିଲା ମାସକୁ ୫୦୦ ଟଙ୍କା ହିସାବରେ ବର୍ଷକ ଲାଗି ୬୦୦୦ ଟଙ୍କା ଏବଂ ମେଣ୍ଟେନାନ୍ସ ବାବଦକୁ ୧୨୦୦ ଟଙ୍କା ଫି’ ଦେଇଥାନ୍ତି। ଏତଦ୍‌ବ୍ୟତୀତ ପ୍ରତ୍ୟେକ ମାସରେ ମେସ୍ ବାବଦକୁ ପ୍ରାୟ ୧୫ଶହ ଟଙ୍କା ପଇଠ କରିଥାନ୍ତି। ତେବେ ମେସ୍ ବାବଦକୁ ଆଦାୟ ହେଉଥିବା ଟଙ୍କାର ରସିଦ୍ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଦିଆଯାଉନାହିଁ। ପୁଣି ପ୍ରତ୍ୟେକ ମାସରେ କେଉଁ ବାବଦକୁ କେତେ ଖର୍ଚ୍ଚ କରାଗଲା, ତାହାର କୌଣସି ହିସାବକିତାବ ମଧ୍ୟ ରଖାଯାଉନାହିଁ।

ପ୍ରକାଶ ଯେ, ୨୦୧୬ରୁ ୨୦୧୮ ମସିହା ମଧ୍ୟରେ ପ୍ରଫେସର ରାମନାଥ ଦାଶ, ସୌଦାମିନୀ ରାୟ, ତପନ କୁମାର କାନୁନଗୋ, ଲକ୍ଷ୍ମୀଧର ମିଶ୍ର ଏବଂ ପ୍ରଫୁଲ୍ଲ କୁମାର ମହାନ୍ତି ଅଧ୍ୟକ୍ଷ ପଦରୁ ଅବସର ନେଇସାରିଛନ୍ତି। ଏହି ସମୟରେ ୩ଟି ହଷ୍ଟେଲର ଆଭ୍ୟନ୍ତରୀଣ ଅଡିଟ ପ୍ରତି ଗୁରୁତ୍ୱ ଦିଆଯାଇ ନ ଥିଲା। ୨୦୧୮ରେ ଏହି ଘଟଣା ସାମ୍ନାକୁ ଆସିଥିଲା। ଏ ନେଇ ବିଭିନ୍ନ ଛାତ୍ର ସଙ୍ଗଠନ ଆନ୍ଦୋଳନ କରିଥିଲେ। ଆଭ୍ୟନ୍ତରୀଣ ଅଡିଟ କରାଯାଇ ନ ଥିବା ସେତେବେଳେ କଲେଜ ଅଧ୍ୟକ୍ଷ ଲକ୍ଷ୍ମୀଧର ମିଶ୍ର ସ୍ୱୀକାର କରିଥିଲେ। ଅଡିଟ କରାଯାଇ ନ ଥିବାରୁ ହଷ୍ଟେଲଗୁଡ଼ିକରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଛି। ୨୦୧୮ ମସିହାରେ ୨୦ଲକ୍ଷ ଟଙ୍କାର ଖେଳ ଉପକରଣ କିଣାଯାଇଥିଲା। ଏଥିରେ ପ୍ରାୟ ୧୦ଲକ୍ଷ ଟଙ୍କାର ହେରଫେର ହୋଇଥିବା କୁହାଯାଉଛି। ବର୍ତ୍ତମାନ ସୁଦ୍ଧା ଏହି ଉପକରଣଗୁଡ଼ିକ କାମରେ ନ ଲାଗି ଅଡିଟୋରିୟମ୍ ହଲରେ ପଡ଼ିରହିଛି। ଏ ସମ୍ପର୍କରେ ବର୍ତ୍ତମାନର କଲେଜ ଅଧ୍ୟକ୍ଷା ପ୍ରଫେସର ସୁଜାତା ମିଶ୍ର କହିଛନ୍ତି, ମୁଁ ୨୦୧୯ ମାର୍ଚ୍ଚ ପହିଲାରୁ ଦାୟିତ୍ୱ ଗ୍ରହଣ କରିଛି। ଏହାର କିଛି ମାସ ପରେ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟମାନଙ୍କୁ ଆଭ୍ୟନ୍ତରୀଣ ଅଡିଟ ରିପୋର୍ଟ ପ୍ରସ୍ତୁତ କରିବା ଲାଗି ନିର୍ଦ୍ଦେଶ ଦେଇଛି। ଏ ନେଇ ଏକ କମିଟି ଗଠନ କରାଯିବ। ଏହି କମିଟି ଅଡିଟ ରିପୋର୍ଟ ଯାଞ୍ଚ କରିବ। ସେହିପରି କ୍ରୀଡ଼ା ସାମଗ୍ରୀ କିଣା ହେବା ସମୟରେ ମୁଁ ଏଠାରେ ଅଧ୍ୟକ୍ଷ ନ ଥିଲି। ତେବେ ଏହି ଘଟଣାର ତଦନ୍ତ କରାଯିବ ବୋଲି ଅଧ୍ୟକ୍ଷା ମିଶ୍ର ପ୍ରକାଶ କରିଛନ୍ତି।



ବିଦ୍ୟାଳୟ ପରିସରରେ ବର୍ଷାପାଣି ଜମି ରହିଛି।

## ପାଣିରେ ପଶି ବିଦ୍ୟାଳୟ ଯାଉଛନ୍ତି ଛାତ୍ରୀଛାତ୍ର

**ସାକ୍ଷୀଗୋପାଳ,୭।୮(ଡି.ଏନ.ଏ.)**

ଗତ କିଛିଦିନ ହେବ ଲାଗିରହିଥିବା ଲଘୁଚାପ ଜନିତ ଲଗାଣ ବର୍ଷାରେ ବୁଡିଯାଇଛି ସତ୍ୟବାଦୀ ବ୍ଲକ କାଦୁଆ ପ୍ରାଥମିକ ବିଦ୍ୟାଳୟ ରାସ୍ତା। ଫଳରେ ବର୍ଷାପାଣି କମୁ ନ ଥିବାରୁ ଛାତ୍ରୀଛାତ୍ରମାନେ ସେଥିରେ ପଶି ବିଦ୍ୟାଳୟକୁ ଯାଉଛନ୍ତି। ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସଂଘ ପରିସରକୁ ଲାଗି ରହିଥିବା କାଦୁଆ ପଞ୍ଚାୟତରେ ଅବସ୍ଥିତ ଏହି ପୁରୁଣା ବିଦ୍ୟାଳୟଟି ପୁରୀ ରାଜପଥକୁ ଲାଗି ରହିଛି। ରାଜପଥ ସମ୍ପ୍ରସାରଣ ପରେ ଉଦବୃତ୍ତ ଜଳ ନିଷ୍କାସନରେ ବାଧାସୃଷ୍ଟି ହୋଇଛି। ଫଳରେ ବିଦ୍ୟାଳୟ ରାସ୍ତାରେ ବର୍ଷାପାଣି ଜମି ରହୁଛି। ବିକଳ୍ପ ରାସ୍ତା ନ ଥିବାରୁ ପିଲାମାନେ ବର୍ଷାପାଣିରେ ପଶି ପାଠ ପଢ଼ିବା ପାଇଁ ଯିବାକୁ ବାଧ୍ୟ ହେଉଛନ୍ତି ବୋଲି ଅଭିଭାବକମାନେ କହିଛନ୍ତି। ଏହି ସମସ୍ୟା ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ବି କିଛି ସୁଫଳ ମିଳୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏପରିକି ବିଦ୍ୟାଳୟ ରାସ୍ତା କିମ୍ବା ଜମି ବିଦ୍ୟାଳୟ ନାମରେ ନାହିଁ। କାଦୁଆ ଆଶ୍ରମ ନାମରେ ରହିଥିବା ଜମିରେ ଆଶ୍ରମ ପରିଚାଳନା କମିଟିର ଅନୁମତି ବିଦ୍ୟାଳୟଟି ୧୯୩୧ ମସିହାରେ କସ୍ଥାପନ କରାଯାଇଛି। ବିଦ୍ୟାଳୟର ଉନ୍ନୟନ କାମ ପାଇଁ ଆଶ୍ରମ କର୍ତ୍ତୃପକ୍ଷଙ୍କ ଅନୁମତି ନେଇ କାମ କରିବାକୁ ପଡିଥାଏ ବୋଲି ସେମାନେ କହିଛନ୍ତି। ମାଟି ପକାଇ ରାସ୍ତା ଉଚ୍ଚ କରିବା ସହିତ ପିଲାମାନଙ୍କର ସୁରକ୍ଷା ନିମନ୍ତେ ପ୍ରାଚୀର ନିର୍ମାଣ କରିବା ଜରୁରୀ ହୋଇଛି।

■ ପୁରୀ ରେଳଷ୍ଟେଶନ ସୂଚନା ବୋର୍ଡରେ ଭୁଲ୍ ଶବ୍ଦ

# ଓଡ଼ିଆ ଭାଷାକୁ ଉପହାସ

**ପୁରୀ ଅଫିସ, ୭।୮**





ଷ୍ଟେଶନ ଆରକ୍ଷଣ କାର୍ଯ୍ୟାଳୟରେ ଲାଗିଥିବା ସୂଚନା ବୋର୍ଡ।

ସରକାରୀ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବେସରକାରୀ ବ୍ୟବସାୟ ପ୍ରତିଷ୍ଠାନ ସବୁଠି ରହିବ ଓଡ଼ିଆ ଭାଷା। ଏହାଦ୍ୱାରା ଓଡ଼ିଆ ଭାଷା ଆହୁରି ସମୃଦ୍ଧ ଏବଂ ଲୋକପ୍ରିୟ ହେବ। ଓଡ଼ିଆ ଭାଷା ପ୍ରତି ଲୋକଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ପୁରସ୍କାର ଏବଂ ପ୍ରୋତ୍ସାହନ ମଧ୍ୟ ରହିଛି। ତଥାପି ଦେଖିବାକୁ ମିଳୁଛି କେଁ । ସରକାରଙ୍କ ଓଡ଼ିଆ ଭାଷା ପ୍ରୀତି ଉପରେ ଭାରିପଡ଼ିଛି ପୁରୀ ରେଳଷ୍ଟେଶନରେ ଲାଗିଥିବା ସୂଚନା ବୋର୍ଡ। ଷ୍ଟେଶନରେ ଟିକେଟ ଆରକ୍ଷଣ କାଉଣ୍ଟର ସମ୍ମୁଖରେ ଯାତ୍ରୀଙ୍କ ଅବଗତି ନିମନ୍ତେ ବୋର୍ଡ ଲଗାଯାଇଛି। ଏଥିରେ ହିନ୍ଦୀ ଏବଂ ଇଂଲିଶ ଶବ୍ଦ ନିର୍ଭୁଲ ରହିଥିବା ବେଳେ ଓଡ଼ିଆ ଶବ୍ଦ ଭୁଲ୍ ଲେଖାଯାଇଛି। ହିନ୍ଦୀରେ ଆରକ୍ଷଣ କାର୍ଯ୍ୟାଳୟ ଏବଂ ଇଂଲିଶରେ ରିଜର୍ଭେସନ ଅଫିସ ଉଲ୍ଲେଖ ଥିବାବେଳେ ଓଡ଼ିଆରେ ଆରକ୍ଷଣ ସ୍ଥାନରେ ଅରାକ୍ଷଣ କାର୍ଯ୍ୟାଳୟ ବୋଲି ଲେଖାଯାଇଛି, ଯାହାକି ଓଡ଼ିଆ ଭାଷାକୁ ଉପହାସ ବୋଲି ବୁଦ୍ଧିଜୀବୀ କହିଛନ୍ତି। ଏହାକୁ ରେଳ କର୍ତ୍ତୃପକ୍ଷ ତୁରନ୍ତ ସଂଶୋଧନ କରି ଲେଖିବା ପାଇଁ ସେମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ କହିଛନ୍ତି, ଭୁଲ ଯେଉଁଠି ହେଉଛି ତୁରନ୍ତ ସମ୍ପୃକ୍ତ ଅଧିକାରୀଙ୍କ ନଜରକୁ ଆଣି ଏହାକୁ ସଂଶୋଧନ କରାଯାଉ। କିଛିଦିନ ନିଷ୍ଠାର ସହିତ ଯଦି ଏଭଳି ଉଦ୍ୟମ ଜାରି ରୁହେ ତେବେ ଭୁଲ୍ କମିଯିବ। କେବଳ ରେଳଷ୍ଟେଶନ ନୁହେଁ, ଅନେକ ଜାଗାରେ ଓଡ଼ିଆ ଭାଷା ଭୁଲ୍ ଭାବେ ଲେଖାଯାଉଛି। ସେହିପରି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ଓଡ଼ିଆ ଭାଷାକୁ ରେଳ ବିଭାଗ ଗୁରୁତ୍ୱ ନ ଦେଲା ପରି ମନେହୁଏ । କେବଳ ପୁରୀରେ ନୁହେଁ, ଓଡ଼ିଶାର ବହୁ ଜାଗାରେ ଷ୍ଟେଶନର ନାମଗୁଡ଼ିକ କିମ୍ଭୁତ କିମ୍ବାକାର ଆକାରରେ ଲେଖାଯାଇଛି। ଓଡ଼ିଆ ଭାଷାକୁ କାହିଁକି ଏପରି ହତାଦର କରାଯାଉଛି ବୋଲି ସେ ପ୍ରଶ୍ନ କରିବା ସହ ଏ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି।

### ଫିସ୍‌କୋ ଫେଡ୍ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**କୋଣାର୍କ,୭।୮(ଡି.ଏନ୍.ଏ.)**

କୋଣାର୍କ ଯାତ୍ରୀ ନିବାସଠାରେ ବୁଧବାର ଫିସଫେଡ ଓ ଫିସକୋ ଫେଡ ଅଧ୍ୟକ୍ଷ ଟି. ପ୍ରସାଦ ରାଓ ଦୋରାଙ୍କୁ ପୁରୀ ଜିଲା କେନ୍ଦ୍ର ମତ୍ସ୍ୟ ସମବାୟ ସଂଘ ସଭାପତି ମଧୁସୂଦନ ପ୍ରଧାନଙ୍କ ନେତୃତ୍ୱରେ ବିଭିନ୍ନ ସମବାୟ ସମିତିର ୨୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଯାତ୍ରୀନିବାସ ସମ୍ମେଳନ କକ୍ଷରେ ବୈଠକ ହୋଇଥିଲା। ଚନ୍ଦ୍ରଭାଗା ତେଲୁଗୁ ବସ୍ତିରେ ବରଫକଳ, ଡିଜେଲ ଆଉଟଲେଟ୍, ଡ୍ରାଏଫିସ ୟୁନିଟ ପ୍ରତିଷ୍ଠା ପାଇଁ ଅଧ୍ୟକ୍ଷଙ୍କୁ ଅନୁରୋଧ କରାଯାଇଥିଲା। ଏହି ପ୍ରସ୍ତାବକୁ ସରକାରଙ୍କ ମଞ୍ଜୁର କରାଇ ଶୀଘ୍ର କାର୍ଯ୍ୟ ତ୍ୱରାନିତ କରିବା ପାଇଁ ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିଲେ। ସୁବଳଚନ୍ଦ୍ର ମହାନ୍ତି, ଡେପୁଟି ଡାଇରେକ୍ଟର ଫିସରିଜ୍ ପୁରୀ ଜୋନ ଫିସଫେଡ ଓଡ଼ିଶାର ପ୍ରହ୍ଲାଦ ଚୌଧୁରୀ, ତ୍ରିଭୁବନ ମହାପାତ୍ର, ପ୍ରଭାତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମା’ ଭଗବତୀ ମହିଳା ପ୍ରାଥମିକ ସମବାୟ ସମିତି ସଭାପତି ପ୍ରିୟଦର୍ଶନୀ ରଥ, ବାବୁଲି ସାହୁ, ବିଶ୍ୱନାଥ ବେହେରା, ଜଟାଧାରୀ ବେହେରା, ବସନ୍ତ ବେହେରା, ପ୍ରିୟରଞ୍ଜନ ରଥ ସଭା ପରିଚାଳନା କରିଥିଲେ।

## ମୃତବ୍ୟକ୍ତିଙ୍କ ନାଁରେ ଖାଉଟି ଦ୍ରବ୍ୟ ହଡ଼ପ

**ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ**

**ସାକ୍ଷୀଗୋପାଳ,୭।୮(ଡି.ଏନ୍.ଏ.)**

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଗରିବ ହିତାଧିକାରୀଙ୍କୁ ସ୍ୱଳ୍ପ ଦରରେ ସରକାର ଖାଦ୍ୟ ସାମଗ୍ରୀ ଯୋଗାଇ ଦେଉଛନ୍ତି। ହେଲେ ଏହାର ଚୟନ ପ୍ରକ୍ରିୟା ଠିକ ଭାବେ ହେଉ ନ ଥିବାରୁ କେତେକ ଅସାଧୁ ଲୋକ ମୃତବ୍ୟକ୍ତିଙ୍କ ନାଁରେ ରାସନ କାର୍ଡ କରି ଖାଦ୍ୟ ସମଗ୍ରୀ ହଡପ କରୁଛନ୍ତି। ସତ୍ୟବାଦୀ ବ୍ଲକ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ୨୦ଜଣ ମୃତବ୍ୟକ୍ତିଙ୍କ ନାମରେ ଜାଲିଆତି କରି ଦୀର୍ଘ ୨ବର୍ଷରୁ ଊର୍ଦ୍ଧ୍ୱ ହେବ ଖାଦ୍ୟ ସାମଗ୍ରୀ ନିୟମିତ ଉଠାଉଥିବା ଅଭିଯୋଗ ହୋଇଛି। ଫନୀ ବାତ୍ୟାରେ ସରକାରଙ୍କ ତରଫରୁ ଦିଆଯାଉଥିବା ରିଲିଫ ସହାୟତା ରାଶି ୩ ହଜାର ଟଙ୍କା ଓ ୫୦ କେଜି ଚାଉଳ ଉକ୍ତ ପଞ୍ଚାୟତର ୨୦ଜଣ ବ୍ୟକ୍ତି ନେବାପାଇଁ ନ ଆସିବାରୁ ଏହାର କାରଣ ନେଇ ଖୋଳତାଡ ଆରମ୍ଭ କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଦ୍ୱାରା ଏହି ଲୋକମାନଙ୍କ ପାଖକୁ ଖବର ଦେବାକୁ ପଠାଇ ଥିବାବେଳେ ସେମାନଙ୍କ ମୃତ୍ୟୁ ହୋଇଥିବା ଜଣାପଡିଥିଲା। ତେବେ ମୃତବ୍ୟକ୍ତିଙ୍କ ରାଶନ କାର୍ଡରେ କିଏ ଖାଦ୍ୟ ସାମଗ୍ରୀ ନେଉଛନ୍ତି ନା ଯେଉଁ ଖୁଚୁରା ଯୋଗାଣକାରୀଙ୍କୁ ଏହି ବଣ୍ଟନ ଦାୟିତ୍ୱ ଦିଆଯାଇଛି ସେ ନିଜେ ହଡପ କରିଛନ୍ତି। ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସମିତିସଭ୍ୟ କୃଷ୍ଣପ୍ରସାଦ ତ୍ରିପାଠୀ ପୁରୀ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାସହ ମୃତବ୍ୟକ୍ତିଙ୍କ ତାଲିକା ସତ୍ୟବାଦୀ ବିଡିଓ, ଯୋଗାଣ ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ସତ୍ୟବାଦୀ ବ୍ଲକ ଯୋଗାଣ ନିରୀକ୍ଷକ ଜୟନ୍ତୀ ହରିଚନ୍ଦନ କୁହନ୍ତି, ଏହି ଅଭିଯୋଗର ତଦନ୍ତ କରିବା ପରେ ଅନିୟମିତତା ହୋଇଥିବା ଜଣାପଡିଛି। ରିପୋର୍ଟ ଉଚ୍ଚ ଅଧିକାରୀଙ୍କୁ ପ୍ରଦାନ କରିବା ସଙ୍ଗେସଙ୍ଗେ ଯୋଗାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

## ଛତୁଆ ଯୋଗାଣକାରୀ ଏସ୍‌ଏଚ୍‌ଜି ପରିବର୍ତ୍ତନ ଦାବି

**କାକଟପୁର,୭।୮(ଡି.ଏନ୍.ଏ.)**

କାକଟପୁର ବ୍ଲକ ସମ୍ମିଳନୀ ଗୃହରେ ବୁଧବାର ପଞ୍ଚାୟତ ସମିତି ବୈଠକ ବ୍ଲକ ଅଧ୍ୟକ୍ଷା ମନୋରମା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଏମ୍‌ପି ରାଜଶ୍ରୀ ମଲ୍ଲିକ, ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋର୍ତିମୟ ଦଳାଇ, ବିଡିଓ ସୁଧିର କୁମାର ନାୟକଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଓ ପଞ୍ଚାୟତ ଲୋକପ୍ରତିନିଧି ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ଓ ଛତୁଆ ପ୍ରସଙ୍ଗକୁ ନେଇ ଲୋକପ୍ରତିନିଧିମାନେ ବିଧାୟକ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମା’ ମଙ୍ଗଳାଙ୍କ ମନ୍ଦିରର ଉନ୍ନତି ଓ ଏଠାକୁ ଆସୁଥିବା ପର୍ଯ୍ୟଟକ ହଇରାଣ ହେଉଥିବା ଅଭିଯୋଗ କରିବା ସହ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସରପଞ୍ଚ ସୌଦାମିନୀ ବରାଳ ଅନୁରୋଧ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ବିଶେଷଜ୍ଞ ଡାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ଦାବି ହେଉଥିବା ବେଳେ ଛତୁଆ ଯୋଗାଣକାରୀ ମହିଳା ଏସଏଚ୍‌ଜିଙ୍କୁ ପରିବର୍ତ୍ତନ କରିବାକୁ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଦାବି କରିଥିଲେ।

### ୩୦ ୟୁନିଟ୍ ରକ୍ତ ସଂଗ୍ରହ

**ପୁରୀ ଅଫିସ, ୭।୮**

ସମର୍ପଣ ଓ ଶ୍ରୀଜଗନ୍ନାଥ ଆଶ୍ରମ ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ ଆଶ୍ରମ ଅଧ୍ୟକ୍ଷ ଡ. ସ୍ୱାମୀ ନାରାୟଣା ନନ୍ଦଜୀ ମହାରାଜ ଉଦ୍‌ଘାଟନ କରିଥିଲେ। ସମର୍ପଣ ଅଧ୍ୟକ୍ଷ ପ୍ରଫେସର ଅଭିମନ୍ୟୁ ଭୂୟାଁ, ଦୁଃଖିଶ୍ୟାମ ପଟ୍ଟନାୟକ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

## ସଂସ୍କୃତ ଭାଷାଭିତ୍ତିକ ଆଲୋଚନାଚକ୍ର

**ପିପିଲି,୭।୮(ଡି.ଏନ୍.ଏ.)**

ସଂସ୍କୃତ ଭାଷାକୁ ଦେଶର ରାଷ୍ଟ୍ର ଭାଷା ଭାବେ ଗ୍ରହଣ କରା ନ ଯାଇଛି ସେ ପର୍ଯ୍ୟନ୍ତ ଦେଶର ବିକାଶ ସମ୍ଭବ ନୁହେଁ। ଭାରତବର୍ଷକୁ ଗୌରବ ମଣ୍ଡିତ କରିବାର ଏକମାତ୍ର ସାଧନ ହେଉଛି ସଂସ୍କୃତ ଭାଷା ବୋଲି ବୁଧବାର ଡ. ପ୍ରକାଶ ଚନ୍ଦ୍ର ମିଶ୍ର କହିଛନ୍ତି। ପିପିଲି ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ପରିସରରେ ଆୟୋଜିତ ସଂସ୍କୃତ ଭାଷାଭିତ୍ତିକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ଡ. ମିଶ୍ର ଯୋଗଦେଇ ଏହା କହିଛନ୍ତି। ଏଥିରେ ପ୍ରତିଷ୍ଠାନର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଦାଶ ସଭାପତିତ୍ୱ କରିଥିଲେ। ଲୋକଭାଷା ପ୍ରଚାର ସମିତିର ସମ୍ପାଦକ ବିଭୂତି ନାରାୟଣ କର, ଅଧ୍ୟାପକ ବିନାୟକ ପ୍ରଧାନ, ଅଧ୍ୟାପିକା ମମତା ନାୟକ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସଂସ୍କୃତ ଭାଷାକୁ ଲୋକାଭିମୁଖୀ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

■ ଗୋସ୍ୱାମୀ ତୁଳସୀ ଦାସଙ୍କ ଜୟନ୍ତୀ ପାଳିତ

## ଆଧ୍ୟାତ୍ମିକ ଓ ଭକ୍ତି ମାର୍ଗ ହିଁ ଶ୍ରେଷ୍ଠ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ପୁରୀ ଅଫିସ, ୭।୮**

ଭାଷା ସୁରକ୍ଷା ପ୍ରତିଷ୍ଠାନ ପକ୍ଷରୁ ସ୍ଥାନୀୟ ପଦ୍ମିନୀ ସଭାକକ୍ଷରେ ବୁଧବାର ଗୋସ୍ୱାମୀ ତୁଳସୀ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ପ୍ରତିଷ୍ଠାନର ସମ୍ପାଦକ ଅଧ୍ୟାପକ ବଳରାମ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର କାର୍ତ୍ତିକ କୁମାର ଦାସ ଯୋଗଦେଇ କହିଥିଲେ, ଭକ୍ତି ଓ ସମର୍ପଣ ଭାବ ରହିଲେ ଈଶ୍ୱରଙ୍କ ସାନ୍ନିଧ୍ୟ ପ୍ରାପ୍ତ ହୋଇପାରିବ। ତୁଳସୀ ଦାସଙ୍କ ରଚିତ ରାମଚରିତ ମାନସ ଆଜି ଘରେ ଘରେ ପରିଚିତ। ସେ ସର୍ବଦା ଭାରତୀୟଙ୍କ ହୃଦୟରେ ରହିବେ। ବାରାଣସୀରେ ଗଙ୍ଗାନଦୀର ଏକ ଘାଟ ତାଙ୍କ ନାମାନୁସାରେ ତୁଳସୀଘାଟ ଭାବେ ପରିଚିତ। ତାଙ୍କ ଦ୍ୱାରା ସେଠାରେ ସଙ୍କଟମୋଚନ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ମୁଖ୍ୟବକ୍ତା ଭାବେ ପ୍ରଫେସର ଅଭିମନ୍ୟୁ ଭୂୟାଁ ଯୋଗଦେଇ ତୁଳସୀ ଦାସଙ୍କ ଧାର୍ମିକ ବିଚାର ଧାରା ଉପରେ ଆଲୋକପାତ କରି ଆଧ୍ୟାତ୍ମିକ ଓ ଭକ୍ତି ମାର୍ଗ ହିଁ ଶ୍ରେଷ୍ଠ ମାର୍ଗ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ହରେକୃଷ୍ଣ ପ୍ରଧାନୀ, ଦୟାନିଧି ତ୍ରିପାଠୀ, ହଟ୍ଟକିଶୋର ମଲିକ, ତୃପ୍ତୀ ପଣ୍ଡା, ଭବାନୀ ବଳିୟାର ସିଂ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଜୁପିଟର ଦାସ, ଜୟନ୍ତୀ ମହାପାତ୍ର, ପବିତ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଶୋକ କୁମାର ଆଢ୍ୟ ଧନ୍ୟବାଦ ଦେଇଥିଲେ।

■ ଉଠାଦୋକାନୀ-ପ୍ରଶାସନ ଆଲୋଚନା

# ଜଣେ ଲୋକ ପକାଇପାରିବେନି ଏକାଧିକ ଖଟ

**ପୁରୀ ଅଫିସ, ୭।୮**



ଉଠା ଦୋକାନୀଙ୍କ ସହ ଉପଜିଲାପାଳ ଆଲୋଚନା କରୁଛନ୍ତି।

ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ ନୋ ପାର୍କିଂ ଓ ନୋ ଭେଣ୍ଡିଂ ଜୋନ୍ ଏବଂ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଅଞ୍ଚଳକୁ ବ୍ୟାରିକେଡିଂ କରାଯାଇଛି। ଫଳରେ ଶତାଧିକ ଉଠାଦୋକାନୀଙ୍କୁ ପ୍ରଶାସନ ହଟାଇ ଦେଇଛି। ଏ ନେଇ ଅସନ୍ତୋଷ ଲାଗିରହିଛି। ବୁଧବାର ଉଠାଦୋକାନୀଙ୍କ ସହ ପ୍ରଶାସନ ଆଲୋଚନା କରିଛି। ସିଂହଦ୍ୱାର ସମ୍ମୁଖ ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ହଟାଇ ଦିଆଯାଇଥିବା ଉଠାଦୋକାନୀ କିପରି ଥଇଥାନ ହେବେ ସେ ନେଇ ଆଲୋଚନା ହୋଇଛି। ବଡ଼ଦାଣ୍ଡରେ ଜଣେ ଜଣେ ବ୍ୟକ୍ତି ଏକାଧିକ ଖଟ ପକାଇ ଭଡ଼ା ଆଦାୟ କରୁଛନ୍ତି। ଏଣିକି ଜଣେ ବ୍ୟକ୍ତିଙ୍କର ଏକାଧିକ ଖଟ ପଡ଼ିପାରିବ ନାହିଁ ବୋଲି ପ୍ରଶାସନ କହିଛି। ଯଦି କୌଣସି ବ୍ୟକ୍ତି ଏହାକୁ ଅବମାନନା କରନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରଶାସନିକ ଅଧିକାରୀ ରୋକ୍‌ଠୋକ୍ ଶୁଣାଇଛନ୍ତି।

ଟାଉନ ଥାନା ପରିସରରେ ଉପଜିଲାପାଳ ଭବତାରଣ ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଏଥିରେ ବଡ଼ଦାଣ୍ଡରେ ବସୁଥିବା ୪ଟି ଉଠାଦୋକାନୀ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ମନ୍ଦିର ଚତୁଃପାର୍ଶ୍ୱ ଓ ସିଂହଦ୍ୱାର ସମ୍ମୁଖରୁ ଉଚ୍ଛେଦ ହୋଇଥିବା ଉଠାଦୋକାନୀଙ୍କୁ ବଡ଼ଦାଣ୍ଡର ଅନ୍ୟ ସ୍ଥାନରେ ଆଡ୍‌ଜଷ୍ଟ କରିବା ଲାଗି କୁହାଯାଇଥିଲା। ଏଥିରେ ଅନ୍ୟ ସଂଘମାନେ ରାଜି ହୋଇ ନ ଥିଲେ। ଉଠାଦୋକାନୀଙ୍କ ଥଇଥାନ ଲାଗି ସ୍ଥାୟୀ ବ୍ୟବସ୍ଥା କରାଯାଉଛି। ତେଣୁ ସେ ପର୍ଯ୍ୟନ୍ତ ସେମାନଙ୍କୁ ସହଯୋଗ କରିବା ଲାଗି ଉପଜିଲାପାଳ କହିଥିଲେ। ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ବସୁଥିବା ଉଠାଦୋକାନୀ ରାସ୍ତା ଉପରକୁ ଅଧିକ ମାଡ଼ି ଆସୁଛନ୍ତି। ଫଳରେ ଟ୍ରାଫିକ ସମସ୍ୟା ଉପୁଜୁଛି। ତେଣୁ ଏଣିକି କେହି ରାସ୍ତା ଉପରକୁ ମାଡ଼ି ବସିବେ ନାହିଁ। ଉଭୟ ପାର୍ଶ୍ୱର ଡ୍ରେନ୍‌ଠାରୁ ରାସ୍ତା ପଟକୁ ୫ଫୁଟ ଭିତରେ ବସିବା ଲାଗି କୁହାଯାଇଛି। ଜଣେ ଉଠାବ୍ୟବସାୟୀ ରାସ୍ତା ପାର୍ଶ୍ୱକୁ ୫ଫୁଟ ଏବଂ ଚଉଡ଼ା ୬ଫୁଟରେ ହିଁ ବସିବେ। ଉଠାଦୋକାନୀଙ୍କର ଡାଟା ବେସ୍ ପ୍ରସ୍ତୁତ କରିବ ପ୍ରଶାସନ। ସେମାନଙ୍କୁ ପରିଚୟପତ୍ର ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ଅନ୍ୟପକ୍ଷରେ ବୁଧବାର ରାଜ୍ୟ ସରକାର ପୁରୀ ସହରର ଭିତ୍ତିଭୂମି ବିକାଶ ପାଇଁ ୫ଟି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏଥିରେ ୧୨୫ଟି ଦୋକାନ ଘର ନିର୍ମାଣ ଲାଗି ନିଷ୍ପତ୍ତି ହୋଇଛି। ତେଣୁ ଉଠାଦୋକାନୀଙ୍କ ସମସ୍ୟା ରହିବନାହିଁ ବୋଲି ଉପଜିଲାପାଳ କହିଛନ୍ତି। ଏହି ବୈଠକରେ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଶ୍ୟାମସୁନ୍ଦର ମହାରଣାଙ୍କ ସମେତ ଟାଉନ ଥାନା ଓ ସିଂହଦ୍ୱାର ଥାନା ଅଧିକାରୀ ଏବଂ ଉଠାଦୋକାନୀ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ ।